ଧରିତ୍ରୀ
DHARITRI
ଭୁବନେଶ୍ୱର, ବୁଧବାର, ସେପ୍ଟେମ୍ବର ୧୩/୨୦୨୩ (୧୬ ପୃଷ୍ଠା) Bhubaneswar, Wednesday, September 13/2023 Page 16 ₹ 7.00
୪୯ଶ ଭାଗ ୨୮୯ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 49 ISSUE 289 ମୂଲ୍ୟ ₹୭/-



## ଦିନିକିଆରେ ରୋହିତଙ୍କ ୧୦ ହଜାର ରନ

ଭାରତୀୟ କ୍ରିକେଟ ଦଳର ଅଧିନାୟକ ରୋହିତ ଶର୍ମା ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟରେ ୧୦ ହଜାର ରନ ପୂରଣ କରିଛନ୍ତି।

୧୬

୧୨

## କପୁର ମହିଳାଙ୍କୁ ଫିଲ୍ମ ପାଇଁ ନ ଥିଲା ଅନୁମତି

କପୁର ପରିବାରରେ ଝିଅ ବା ବୋହୂଙ୍କୁ ଫିଲ୍ମରେ କାମ କରିବାକୁ ଅନୁମତି ନ ଥିବା ନେଇ ଅଭିନେତ୍ରୀ କରୀନା କପୁର ଏକ ସାକ୍ଷାତ୍କାରରେ କହିଛନ୍ତି।



# ଭାରତ ପାଇଁ ମହଙ୍ଗା ରୁଷିଆ ସାର

**ମାନବାଧିକାରଗୁଡ଼ିକୁ ସମ୍ମାନ ଦେଇ ଗଣମାଧ୍ୟମର ସ୍ୱାଧୀନତା ବଜାୟ ରଖିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ପରାମର୍ଶ ଦେଇଥିବା ସୋମବାର ଭିଏଟ୍‌ନାମରେ କହିଛନ୍ତି। ଏହାପୂର୍ବରୁ ସେପ୍ଟେମ୍ବର ୯ ଓ ୧୦ରେ ନୂଆଦିଲ୍ଲୀରେ ଅନୁଷ୍ଠିତ ଜି୨୦ ସମ୍ମିଳନୀରେ ଯୋଗଦେଇଥିବା ବାଇଡେନ୍‌ଙ୍କ ସମେତ ଅନ୍ୟ ରାଷ୍ଟ୍ର ନେତାମାନଙ୍କୁ ଗଣମାଧ୍ୟମକୁ ଭେଟିବାର ସୁଯୋଗ ଦିଆଯାଇ ନ ଥିଲା। ଫଳରେ ଭାରତ ସମ୍ପର୍କରେ ସେମାନଙ୍କ ମତ କ’ଣ ଏବେ ତାହା ପଦାକୁ ଆସିବାରେ ଲାଗିଛି, ଯାହାକି ଭିଏଟନାମ୍‌ରେ ବାଇଡେନ୍‌ଙ୍କ ଉପରୋକ୍ତ ମନ୍ତବ୍ୟରୁ ପରିପ୍ରକାଶ ହେଉଛି। ସେହିପରି ଜି୨୦ ସମ୍ମିଳନୀରେ ଯୋଗଦେଇଥିବା ରୁଷିଆର ବହିର୍ବ୍ୟାପାର ମନ୍ତ୍ରୀ ସର୍ଗେଇ ଲାଭ୍ରୋଭ୍ ସ୍ୱଦେଶକୁ ଫେରିଯିବା ପରେ ମସ୍କୋର ଭିନ୍ନ ଆଭିମୁଖ୍ୟ ଦେଖିବାକୁ ମିଳିଛି। ରୁଷିଆରୁ ଭାରତକୁ ରପ୍ତାନି କରାଯାଉଥିବା ସାର ମୂଲ୍ୟ ହଠାତ୍ ବଢ଼ିଯାଇଛି। ଏହି ସମିଟ୍‌ରେ ଚାଇନା ପ୍ରଧାନମନ୍ତ୍ରୀ ଲି କିଆଙ୍ଗ୍ ଯୋଗଦେବା ପୂର୍ବରୁ ବେଜିଂ ନୂଆ ମାନଚିତ୍ର ଜାରି କରି ଭାରତର ଲଦାଖ ଓ ଅରୁଣାଚଳ ପ୍ରଦେଶକୁ ନିଜର ଦର୍ଶାଇଥିଲା। ତେଣୁ ଆମେରିକା, ରୁଷିଆ ଓ ଚାଇନା ଆଗକୁ ଆହୁରି ନକାରାତ୍ମକ ପଦକ୍ଷେପ ନେଲେ ସେଥିରେ ଆଶ୍ଚର୍ଯ୍ୟ ହେବାର ନାହିଁ।**

## ଜି୨୦ ସମ୍ମିଳନୀ ପରେ ବଦଳୁଛି ସଦସ୍ୟ ରାଷ୍ଟ୍ରଙ୍କ ଆଭିମୁଖ୍ୟ



ମୁମ୍ବାଇ/ଲଣ୍ଡନ୍/ମସ୍କୋ,୧୨।୯
(ପ୍ରସ୍ତୁତି: ଦୁର୍ଯ୍ୟୋଧନ ମିଶ୍ର)

ଭାରତ ଭଳି କୃଷି ପ୍ରଧାନ ଦେଶରେ ଚାଷକାର୍ଯ୍ୟ ପାଇଁ ସାର ଅପରିହାର୍ଯ୍ୟ। କିନ୍ତୁ ଦେଶରେ ଆବଶ୍ୟକ ପରିମାଣର ସାର ଉତ୍ପାଦନ ହେଉ ନ ଥିବାରୁ ଭାରତ ଅନ୍ୟ ରାଷ୍ଟ୍ରଗୁଡ଼ିକ ଉପରେ ନିର୍ଭରଶୀଳ। ଗତବର୍ଷ ରୁଷିଆରୁ ସର୍ବାଧିକ ସାର ଆମଦାନୀ କରିଥିବା ଦେଶ ହେଉଛି ଭାରତ। ରସାୟନ ଶିଳ୍ପ ଓ ସାର ମନ୍ତ୍ରଣାଳୟର ତଥ୍ୟ ଅନୁସାରେ ଗତ ମାର୍ଚ୍ଚରେ ଶେଷ ହୋଇଥିବା ୨୦୨୨-୨୩ ଆର୍ଥିକ ବର୍ଷରେ ରୁଷିଆରୁ ଭାରତର ସାର ଆମଦାନୀ ୨୪୬% ବୃଦ୍ଧି ପାଇ ୪୩ ନିୟୁତ ଟନ୍‌ରେ ପହଞ୍ଚିଥିଲା। ୟୁକ୍ରେନ୍ ଆକ୍ରମଣ ପରେ ରୁଷିଆରେ ସୃଷ୍ଟି ହୋଇଥିବା ଆର୍ଥିକ ଅଚଳାବସ୍ଥା ମଧ୍ୟରେ ଭାରତ ଆମଦାନୀ କରୁଥିବା କ୍ରୁଡ୍ ଅଏଲ୍ ଏବଂ ସାର ମସ୍କୋ ପାଇଁ ଇନ୍ଧନ ସାଜିଥିଲା। କିନ୍ତୁ ଏବେ ବିଶ୍ୱ ବଜାରରେ ସାର ଯୋଗାଣ ପ୍ରଭାବିତ ହୋଇଥିବା ଦର୍ଶାଇ ସେହି କମ୍ପାନୀଗୁଡ଼ିକ ରିହାତି ମୂଲ୍ୟରେ ଆଉ ଦେଇହେବ ନାହିଁ ବୋଲି କୁଣ୍ଠା ପ୍ରକାଶ କରିଛନ୍ତି। ଫଳରେ ଭାରତୀୟ କମ୍ପାନୀଗୁଡ଼ିକ ଏଣିକି ଡାଇ-ଆମୋନିୟମ୍ ଫସ୍‌ଫେଟ୍ (ଡିଏପି), ୟୁରିଆ ଏବଂ ନାଇଟ୍ରୋଜେନ୍, ଫସ୍‌ଫରସ୍, ପୋଟାସିୟମ୍ (ଏନ୍‌ପିକେ) ସମେତ ଅନ୍ୟ ସାରଗୁଡ଼ିକ ଚଢ଼ା ଦରରେ କିଣିବାକୁ ବାଧ୍ୟ ହେବେ।

ଭାରତୀୟ ବଜାରରେ କାରବାର କରୁଥିବା କମ୍ପାନୀଗୁଡ଼ିକୁ ପୂର୍ବରୁ ରୁଷୀୟ କମ୍ପାନୀଗୁଡ଼ିକ ଡିଏପି ଟନ୍ ପିଛା ୮୦ ଆମେରିକୀୟ ଡଲାର ରିହାତିରେ ସାର ଦେଉଥିଲେ। କିଛିଦିନ ପୂର୍ବେ ଜି୨୦ ସମ୍ମିଳନୀରେ ରୁଷିଆର ୟୁକ୍ରେନ୍ ଆକ୍ରମଣକୁ ନିନ୍ଦାକରି ପ୍ରସ୍ତାବ ଅଣାଯିବ ବୋଲି ଆମେରିକା ଓ ବ୍ରିଟେନ୍ ସମେତ ଆଉ କେତେକ ଦେଶ ଆଶା କରୁଥିଲେ। ସେତେବେଳେ ଭାରତର ଆଭିମୁଖ୍ୟକୁ ରୁଷିଆ ମଧ୍ୟ ଅପେକ୍ଷା କରିଥିଲା। ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ନ୍ୟୁକ୍ଲିୟର ୱେପନ୍‌ର ଭୟ ଦେଖାଉଥିବାବେଳେ ‘ନୂଆଦିଲ୍ଲୀ ଘୋଷଣାନାମା’ରେ ୟୁକ୍ରେନ୍ ବିରୋଧରେ ଆଣବିକ ଅସ୍ତ୍ର ପ୍ରୟୋଗ କିମ୍ବା ବ୍ୟବହାର ନେଇ ଧମକ ☞ ପୃଷ୍ଠା-୪

ଭିତର ପୃଷ୍ଠାରେ...
ଲିବ୍ୟାରେ ଜଳ ପ୍ରଳୟ: ୫ ହଜାର ମୃତ
କେରଳ: ନିପା ଭୂତାଣୁ ସଂକ୍ରମଣରେ ୨ ମୃତ
ସ୍କ୍ରବ୍ ଟାଇଫସ୍‌କୁ ନେଇ ବଢ଼ୁଛି ଚିନ୍ତା
ବିଚାର ପ୍ରକ୍ରିୟାରେ ବାଧା ଦିଆଯାଇପାରିବ ନାହିଁ: ସୁପ୍ରିମକୋର୍ଟ
ଆଜିର ସମ୍ପାଦକୀୟ ସକାରାତ୍ମକ ବାର୍ତ୍ତା ଆସୁ









# ଲିବ୍ୟାରେ ଜଳପ୍ରଳୟ
# ୫ ହଜାର ମୃତ, ୧୦,୦୦୦ ନିଖୋଜ


ଆକାଶମାର୍ଗରୁ ଜଳମଗ୍ନ ଡେର୍ନା ସହରର ଦୃଶ୍ୟ।

**ତ୍ରିପୋଲି,୧୨।୯**

ଉତ୍ତର ଆଫ୍ରିକୀୟ ରାଷ୍ଟ୍ର ଲିବ୍ୟାରେ ପ୍ରଳୟଙ୍କରୀ ବନ୍ୟା ତାଣ୍ଡବ ରଚିଛି। ଏଥିରେ ପ୍ରାୟ ୫,୦୦୦ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୧୦,୦୦୦ରୁ ଊର୍ଦ୍ଧ୍ୱ ନିଖୋଜ ହୋଇଯାଇଛନ୍ତି। ରବିବାର ରାତିରେ ଆସିଥିବା ଭୂମଧ୍ୟସାଗରୀୟ ଝଡ଼ 'ଡାନିଏଲ୍' ଲିବ୍ୟାର ପୂର୍ବାଞ୍ଚଳ ସହରଗୁଡ଼ିକୁ ଜଳମଗ୍ନ କରିଦେଇଛି। ସବୁଠୁ ଅଧିକ ପ୍ରଭାବିତ ହୋଇଛି ଡେର୍ନା ସହର, ଯେଉଁଠି ଲଗାଣ ବର୍ଷାଜନିତ ବନ୍ୟା ଯୋଗୁ ଡ୍ୟାମ୍‌ଗୁଡ଼ିକ ଭୁଶୁଡ଼ିପଡ଼ିଛି। ଯେଉଁଆଡ଼େ ଚାହିଁଲେ କୁଢ଼ କୁଢ଼ ମୃତଦେହ ଭାସୁଛି। ବିପନ୍ନଙ୍କ ଆର୍ତ୍ତ ଚିତ୍କାରରେ ଫାଟିପଡୁଛି ସହର। ହସ୍ପିଟାଲ ବାରଣ୍ଡାଗୁଡ଼ିକରେ ଲୋକେ ଗଦ୍ଦୁଛନ୍ତି, ଯାହାଙ୍କ ମଧ୍ୟରୁ ଅଧିକାଂଶ ମୃତ। ଡେର୍ନାକୁ ବିପର୍ଯ୍ୟୟପ୍ରବଣ ଅଞ୍ଚଳ ରୂପେ ଘୋଷଣା କରାଯାଇଥିବା ଲିବ୍ୟାର ପୂର୍ବାଞ୍ଚଳ ସରକାରରେ ସ୍ୱାସ୍ଥ୍ୟମନ୍ତ୍ରୀ ଥିବା ଓଥମନ୍ ଅବ୍‌ଦୁଲଜଲିଲ ସୂଚନା ଦେଇଛନ୍ତି।




କେବଳ ଡେର୍ନାରେ ୩,୦୦୦ରୁ ଊର୍ଦ୍ଧ୍ୱ ଜଣଙ୍କ ମୃତ୍ୟୁ ଘଟିଥିବା ଆମ୍ବୁଲାନ୍ସ ଆଣ୍ଡ ଏମର୍ଜେନ୍ସି ଅଟର୍ଟି ପକ୍ଷରୁ କୁହାଯାଇଛି। ଲିବ୍ୟାର ଇଣ୍ଟରନ୍ୟାଶନାଲ ଫେଡେରେଶନ୍ ଅଫ୍ ରେଡ୍ କ୍ରସ୍ ଏବଂ ରେଡ୍ କ୍ରସ୍ ସୋସାଇଟି ପ୍ରତିନିଧି ତମେର ରାମାଦାନ୍ କହିଛନ୍ତି, ଏହି ଅଭୂତପୂର୍ବ ବନ୍ୟାରେ ୧୦,୦୦୦ ଲୋକ ନିଖୋଜ ହୋଇଯାଇଛନ୍ତି। ଏହି ସଂଖ୍ୟା ଆଗକୁ ଆହୁରି ବଢ଼ିପାରେ। ଉତ୍ତର ଆଫ୍ରିକାର ଅପରପାର୍ଶ୍ୱରେ ଘଟିଥିବା ଭୂକମ୍ପଠାରୁ ଲିବ୍ୟା ସ୍ଥିତି ଆହୁରି ଖରାପ ହୋଇଯାଇଛି। ଲିବ୍ୟା ପୂର୍ବାଞ୍ଚଳ ସରକାରର ପ୍ରଧାନମନ୍ତ୍ରୀ ଓସାମା ହମାଦ କହିଛନ୍ତି, ବନ୍ୟା ଯୋଗୁ ୨ଟି ଡ୍ୟାମ୍ ଭୁଶୁଡ଼ିବା ପରେ ବହୁ ଲୋକ ଭାସିଯାଇଛନ୍ତି। ଲୋକେ ବିପର୍ଯ୍ୟୟର ଦୃଶ୍ୟକୁ ସୋସିଆଲ୍ ମିଡିଆରେ ପୋଷ୍ଟ କରୁଛନ୍ତି। ବଡ଼ ବଡ଼ କୋଠାଗୁଡ଼ିକ ଭୁଶୁଡ଼ି ପାଣିରେ ଭାସିଯାଉଥିବା ଦେଖିବାକୁ ମିଳିଛି। ଏଭଳି ସ୍ଥିତି ଅନ୍ତର୍ଜାତୀୟ ସହାୟତା ଜରୁରୀ ହୋଇପଡ଼ିଛି ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ ଓଥମନ୍ ଅବ୍‌ଦୁଲଜଲିଲ କହିଛନ୍ତି। ଉଦ୍ଧାର କାର୍ଯ୍ୟରେ ସେନା, ସରକାରୀ କର୍ମଚାରୀ, ସ୍ୱେଚ୍ଛାସେବୀମାନେ ନିୟୋଜିତ ହୋଇଛନ୍ତି। କିନ୍ତୁ ଉପଯୁକ୍ତ ମାଧ୍ୟମ ଅଭାବରୁ ଉଦ୍ଧାରକାର୍ଯ୍ୟ ଧିମେଇଯାଇଛି। ବନ୍ୟା ପ୍ରଭାବିତ ବୟଦା, ସୁସା, ମାର୍ଜ ଏବଂ ଶାହଟ ସହରରେ ମଧ୍ୟ ବହୁ ଲୋକଙ୍କ ମୃତ୍ୟୁ ଘଟିଛି। ଅନେକ ପରିବାର ବାସହରା ହୋଇ ପୂର୍ବ ଲିବ୍ୟାର ବେଘାଜିସ୍ଥିତ ସ୍କୁଲ ଓ ସରକାରୀ ଅଫିସଗୁଡ଼ିକରେ ଆଶ୍ରୟ ନେଇଛନ୍ତି। ଇଜିପ୍ଟ, ଟ୍ୟୁନିସିଆ, ଅଲ୍‌ଜେରିଆ, ତୁର୍କୀ ଏବଂ ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ) ପକ୍ଷରୁ ମାନବୀୟ ସହାୟତା ତଥା ଉଦ୍ଧାରକାରୀ ଟିମ୍‌ଗୁଡ଼ିକୁ ପଠାଇଛି। ଆମେରିକା ସର୍ବାଧିକ ପ୍ରଭାବିତ ଅଞ୍ଚଳଗୁଡ଼ିକରେ ସହାୟତା ପହଞ୍ଚାଇବା ପାଇଁ ଜାତିସଂଘ ଓ ଲିବ୍ୟା ଅଧିକାରୀମାନଙ୍କ ସହ ଯୋଗାଯୋଗ କରୁଥିବା ୱାଶିଂଟନ୍ ପକ୍ଷରୁ କୁହାଯାଇଛି।


ବନ୍ୟା ଜଳରେ ଡେର୍ନାର କୋଠାଗୁଡ଼ିକ ଭୁଶୁଡିପଡ଼ିଛି।

### ଇଟାଲୀ ସ୍ଥାପନ କରିଥିଲା ଡେର୍ନା ସହର

➡ ୧ ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ଧରି ଲିବ୍ୟାରେ ଅରାଜକତା ଲାଗିରହିଥିବାବେଳେ ଦୁଇଟି ପ୍ରତିଦ୍ୱନ୍ଦ୍ୱୀ ପ୍ରଶାସନ ଚାଲିଛି। ଦୁଇ ପ୍ରଶାସନକୁ ଭିନ୍ନ ଭିନ୍ନ ମିଲିସିଆ ଗୋଷ୍ଠୀ ଏବଂ ବିଦେଶୀ ସରକାରଗୁଡ଼ିକ ସମର୍ଥନ କରୁଛନ୍ତି। ସଂଘର୍ଷ ଯୋଗୁ ଏହି ତୈଳ ପ୍ରାଚୁର୍ଯ୍ୟ ଉତ୍ତର ଆଫ୍ରିକୀୟ ରାଷ୍ଟ୍ର ସବୁ କ୍ଷେତ୍ରରେ ପଛେଇଯାଇଛି।

➡ ରାଜଧାନୀ ତ୍ରିପୋଲିରୁ ୯୦୦ କି.ମି. ପୂର୍ବରେ ଅବସ୍ଥିତ ଡେର୍ନା ସହର ଧଳାରଙ୍ଗରେ ଚିତ୍ରିତ ଘର ଓ ତାଳ ବଗିଚା ପାଇଁ ପରିଚିତ। ଶକ୍ତିଶାଳୀ ସେନା କମାଣ୍ଡର ଖଲିଫା ହିଫ୍‌ଟରଙ୍କ ଦ୍ୱାରା ଏହି ସହର ପରିଚାଳିତ, ଯିଏକି ପୂର୍ବ (ଲିବ୍ୟା) ସରକାର ସହିତ ରହିଛନ୍ତି। ପଶ୍ଚିମରେ ଚାଲିଥିବା ପ୍ରତିଦ୍ୱନ୍ଦ୍ୱୀ ସରକାର ଅନ୍ୟ ଏକ ଗୋଷ୍ଠୀର ସମର୍ଥନ ପ୍ରାପ୍ତ।

➡ ବିଂଶ ଶତାବ୍ଦୀର ପ୍ରଥମାର୍ଦ୍ଧରେ ଲିବ୍ୟା ଇଟାଲୀୟଙ୍କ ଦଖଲରେ ଥିଲା। ସେହି ସମୟରେ ଡେର୍ନାର ଅଧିକାଂଶ ବସତି ଇଟାଲୀ ଦ୍ୱାରା ସ୍ଥାପିତ ହୋଇଥିଲା। ଏହି ସହର ଏକଦା କଠୋରପନ୍ଥୀ ଗୋଷ୍ଠୀଗୁଡ଼ିକର କେନ୍ଦ୍ରସ୍ଥଳ ଥିଲା। ଦୀର୍ଘ ସମୟ ଧରି ଦେଶରେ ଏକଚ୍ଛତ୍ରବାଦୀ ଶାସନ ଚଳାଇଥିବା ମୁଆମାର ଗଦାଫିଙ୍କୁ ୨୦୧୧ରେ ନାଟୋ ସହଯୋଗରେ କ୍ଷମତାଚ୍ୟୁତ କରି ହତ୍ୟା କରାଯାଇଥିଲା।

## ସଂକ୍ଷେପରେ

### ପାର୍ଲାମେଣ୍ଟ କର୍ମଚାରୀଙ୍କ ନୂଆ ପୋଷାକରେ ପଦ୍ମ

**ନୂଆଦିଲ୍ଲୀ,୧୨।୯(ପି.ଟି.):** ପାର୍ଲାମେଣ୍ଟ କର୍ମଚାରୀମାନଙ୍କ ନୂଆ ପୋଷାକରେ ଭାଜପାର ନିର୍ବାଚନୀ ଚିହ୍ନ 'ପଦ୍ମ' ଛପାହେବା ଖବର ପ୍ରକାଶ ପାଇବା ପରେ କଂଗ୍ରେସ ନିନ୍ଦା କରିଛି। ଭାଜପା ପାର୍ଲାମେଣ୍ଟରେ ଏକତରଫା ଭାବେ ପକ୍ଷପାତପୂର୍ଣ୍ଣ ଆଚରଣ କରୁଥିବା ବିରୋଧୀ ଦଳ ଅଭିଯୋଗ ଆଣିଛି। ଜାତୀୟ ପ୍ରାଣୀ ବାଘ ଓ ଜାତୀୟ ପକ୍ଷୀ ମୟୂର ପରିବର୍ତ୍ତେ କେବଳ ପଦ୍ମ ଚିହ୍ନ କ'ଣ ପାଇଁ ପୋଷାକରେ ରହିବ ବୋଲି ଲୋକ ସଭାରେ କଂଗ୍ରେସ ହ୍ୱିପ୍ ମାନିକମ୍ ଟାଗୋର ପ୍ରଶ୍ନ କରିଛନ୍ତି। ଜି୨୦ରେ ସେମାନେ ପଦ୍ମକୁ ବ୍ୟବହାର କରିଥିଲେ। ଏବେ ସେମାନେ ସଂସଦ କର୍ମଚାରୀଙ୍କ ପୋଷାକରେ ତାହାକୁ ଛାପି ଜାତୀୟ ଫୁଲ ବୋଲି କହୁଛନ୍ତି। ପାର୍ଲାମେଣ୍ଟକୁ ସେମାନେ ଦଳୀୟ ପ୍ରତୀକ କରିବାକୁ ଚାହୁଁଥିବା ସେ ସମାଲୋଚନା କରିଛନ୍ତି।

### ପ୍ରେମିକାଙ୍କୁ ହତ୍ୟା: ସେନା ଅଧିକାରୀ ଗିରଫ

**ଡେରାଡୁନ,୧୨।୯:** ପ୍ରେମିକାଙ୍କୁ ହାତୁଡ଼ିରେ ବାଡ଼େଇ ହତ୍ୟା କରିବା ସେନାର ଲ୍ୟୁଟନାଣ୍ଟ କଲୋନେଲ୍ ରାମେନ୍ଦୁ ଉପାଧ୍ୟାୟଙ୍କୁ ପୋଲିସ ଗିରଫ କରିଛି। ସେ ବିବାହିତ ଥିବାବେଳେ ତାଙ୍କର ଦୁଇ ବର୍ଷର ଏକ ପୁଅ ରହିଛି। ପଶ୍ଚିମବଙ୍ଗର ଶିଲିଗୁଡ଼ିରେ କାର୍ଯ୍ୟରତ ଥିବାବେଳେ ସେଠାରେ ଏକ ଡ୍ୟାନ୍ସ ବାର୍‌ରେ କାମ କରୁଥିବା ଜଣେ ଯୁବତୀଙ୍କ ସହ ସାକ୍ଷାତରୁ ପ୍ରେମ ସମ୍ପର୍କ ଗଢ଼ି ଉଠିବା ସହ ଉଭୟେ ସ୍ୱାମୀ ସ୍ତ୍ରୀ ଭଳି ରହିଥିଲେ। ରାମେନ୍ଦୁ ଡେରାଡୁନ ବଦଳି ହୋଇ ଚାଲିଆସିଥିଲେ। ପ୍ରେମିକା ସେଠାରେ ପହଞ୍ଚିବାରୁ ରାମେନ୍ଦୁଙ୍କ ସ୍ତ୍ରୀ ଓ ତାଙ୍କ ମଧ୍ୟରେ କଳି ହୋଇଥିଲା। ରାମେନ୍ଦୁ ଯୋଜନା ମୁତାବକ ଗତ ଶନିବାର ସନ୍ଧ୍ୟାରେ ପ୍ରେମିକାଙ୍କୁ ନିଜ କାର୍‌ରେ ବସାଇ ଡେରାଡୁନ ଠାରୁ କିଛି ଦୂରକୁ ନେଇଥିଲେ। ସେଠାରେ ତାଙ୍କ ମୁଣ୍ଡକୁ ବାଡେଇ ହତ୍ୟା କରିବା ସହ ମୃତଦେହକୁ ରାସ୍ତା ଉପରେ ଫିଙ୍ଗି ଦେଇ ଆସିଥିଲେ।

### କେନ୍ଦ୍ରମନ୍ତ୍ରୀଙ୍କୁ ତାଲା ପକାଇଲେ ଭାଜପା କର୍ମୀ

**ବାଙ୍କୁଡ଼ା,୧୨।୯:** ପଶ୍ଚିମବଙ୍ଗର ବାଙ୍କୁଡ଼ା ଜିଲା ଏମ୍‌ପି ତଥା କେନ୍ଦ୍ରମନ୍ତ୍ରୀ ସୁଭାଷ ସର୍କାର ମଙ୍ଗଳବାର ଜିଲା ଭାଜପା କାର୍ଯ୍ୟାଳୟରେ ଅନୁଷ୍ଠିତ ଏକ ବୈଠକରେ ଯୋଗଦେଇଥିଲେ। ତେବେ ସେ ଦଳୀୟ କାର୍ଯ୍ୟକର୍ତ୍ତାଙ୍କୁ ଅଣଦେଖା କରୁଥିବା, ଜିଲା ୟୁନିଟକୁ ନିଜ ଇଚ୍ଛାରେ ଚଳାଉଥିବା ଅଭିଯୋଗ କରି ଭାଜପା କାର୍ଯ୍ୟକର୍ତ୍ତାମାନେ ତାଙ୍କୁ ପାର୍ଟିଅଫିସରେ ତାଲା ପକାଇ ଦେଇଥିଲେ। ବିକ୍ଷୋଭକାରୀ ମୋହିତ ଶର୍ମା ଅଭିଯୋଗ କରିଛନ୍ତି, ଦଳୀୟ କାର୍ଯ୍ୟକର୍ତ୍ତାଙ୍କୁ ମନ୍ତ୍ରୀ ଗୁରୁତ୍ୱ ଦେଉନାହାନ୍ତି। ସେହିପରି ତାଙ୍କ ଅପାରଗତା ଯୋଗୁ ଦଳ ବାଙ୍କୁଡ଼ା ଜିଲା ପୌର ନିର୍ବାଚନରେ ଗୋଟିଏ ମଧ୍ୟ ଆସନରେ ବିଜୟୀ ହୋଇପାର ନ ଥିଲା ବୋଲି କିଛି କାର୍ଯ୍ୟକର୍ତ୍ତା ଅଭିଯୋଗ କରିଥିଲେ।


ସୁଭାଷ ସର୍କାର

### ମନୁ ମାନେଶର ଗିରଫ

**ନୂଆଦିଲ୍ଲୀ,୧୨।୯:** ନୁହ ହିଂସାକାଣ୍ଡର ଅଭିଯୁକ୍ତ ତଥା ନିଜକୁ ଗୋରକ୍ଷକ ବୋଲାଉଥିବା ମନୁ ମାନେଶରଙ୍କୁ ହରିୟାଣା ପୋଲିସ ମଙ୍ଗଳବାର ଗିରଫ କରିଛି। ତାଙ୍କୁ କୋର୍ଟରେ ହାଜର କରାଯିବା ପରେ ୧୪ ଦିନ ପାଇଁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ନୁହରେ ଗତ ଜୁଲାଇ ୩୧ରେ ବିଶ୍ୱ ହିନ୍ଦୁ ପରିଷଦ ପକ୍ଷରୁ ବ୍ରଜ ମଣ୍ଡଳ ଜଳାଭିଷେକ ଯାତ୍ରାବେଳେ ସାମ୍ପ୍ରଦାୟିକ ହିଂସାକାଣ୍ଡ ଘଟିଥିଲା। ଏଥିରେ ୬ ଜଣଙ୍କ ମୃତ୍ୟୁ ହୋଇଥିଲା। ପୂର୍ବରୁ ଡବଲ ମର୍ଡର ମାମଲାରେ ସମ୍ପୃକ୍ତ ଥିବା ମନୁ ଏହି ଶୋଭାଯାତ୍ରାରେ ଯୋଗଦେବେ ବୋଲି ଏକ ଭିଡିଓ ସୋସିଆଲ ମିଡିଆରେ ପ୍ରସାରିତ ହେବାରୁ ଏହାକୁ ନେଇ ହିଂସାକାଣ୍ଡ ଘଟିଥିଲା। ମନୁଙ୍କ ସହଯୋଗୀ କୁହାଯାଉଥିବା ବିଟ୍ଟୁ ବଜରଙ୍ଗୀଙ୍କୁ ପୋଲିସ ଏହି ମାମଲାରେ ଅଗଷ୍ଟରେ ଗିରଫ କରିଥିଲା। ପରେ ସେ ଜାମିନରେ ଆସିଥିଲେ। ଗତ ଫେବୃୟାରୀରେ ହରିୟାଣାରେ ଏକ କାର୍ ମଧ୍ୟରୁ ମୁସ୍‌ଲିମ୍ ସମ୍ପ୍ରଦାୟର ୨ଜଣ ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର ହୋଇଥିଲା। ମନୁ ଏହି ଘଟଣାର ମୁଖ୍ୟ ଅଭିଯୁକ୍ତ ବୋଲି ଜଣାପଡ଼ିଥିଲା।



## ୫ ଜଣିଆ ପୀଠରେ ହେବ ଶୁଣାଣି

**ନୂଆଦିଲ୍ଲୀ,୧୨।୯(ପି.ଟି.)**

### ଦେଶଦ୍ରୋହ ଆଇନର ବୈଧତାକୁ ଚ୍ୟାଲେଞ୍ଜ



ଦେଶଦ୍ରୋହ ଆଇନରେ ଥିବା ଆଇପିସି ବ୍ୟବସ୍ଥାର ସାମ୍ବିଧାନିକ ବୈଧତାକୁ ଚ୍ୟାଲେଞ୍ଜ କରି ଦାଏର ଏକାଧିକ ପିଟିଶନକୁ ସୁପ୍ରିମକୋର୍ଟ ମଙ୍ଗଳବାର ୫ ଜଣିଆ ସାମ୍ବିଧାନିକ ବେଞ୍ଚକୁ ପଠାଇ ଦେଇଛନ୍ତି। ବ୍ରିଟିଶ୍ ଶାସନ ସମୟର ଆଇପିସି, ସିଆର୍‌ପିସି ଏବଂ ତଥ୍ୟ ପ୍ରମାଣ ଆଇନ ସ୍ଥାନରେ ନୂଆ ଆଇନ ଆଣିବା ପାଇଁ କେନ୍ଦ୍ର ସରକାର ଗତ ମାସରେ ପାର୍ଲାମେଣ୍ଟରେ ବିଲ୍ ଆଣିଥିଲେ। ଏଥିରେ ଦେଶଦ୍ରୋହ ଆଇନକୁ ରଦ୍ଦ କରିବା ପ୍ରସ୍ତାବ ରହିଥିଲା। ବିଲ୍ ଆସିବାର ମାସକ ପରେ ଦେଶଦ୍ରୋହ ଆଇନର ବୈଧତାକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରାଯାଇଛି।

ପାର୍ଲାମେଣ୍ଟ ଭାରତୀୟ ଦଣ୍ଡ ସଂହିତା (ଆଇପିସି)ର ବ୍ୟବସ୍ଥାଗୁଡ଼ିକୁ ବଦଳାଇବା ଦିଗରେ କାର୍ଯ୍ୟ କରୁଥିବାରୁ ଏବଂ ଏବେ ବିଲ୍ ସ୍ଥାୟୀ କମିଟିର ବିଚାରାଧୀନ ଥିବାରୁ ଏହାକୁ ବୃହତ୍ତର ପୀଠକୁ ପଠାଇବା ନିଷ୍ପତ୍ତିକୁ ସ୍ଥଗିତ ରଖିବା ପାଇଁ କେନ୍ଦ୍ର ସରକାରଙ୍କ ନିବେଦନକୁ ପ୍ରଧାନ ବିଚାରପତି ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ ଖଣ୍ଡପୀଠ ଅଗ୍ରାହ୍ୟ କରିଦେଇଛନ୍ତି। ଆଇପିସିର ଦଫା ୧୨୪ଏ (ଦେଶଦ୍ରୋହ) ଷ୍ଟାଟସ୍ ବୁକ୍‌ରେ ରହିବ। ନୂଆ ବିଲ୍ ଯଦି ଆଇନରେ ପରିଣତ ହୁଏ, ତେବେ ତାହା ପିଛିଲା ଭାବେ ନୁହେଁ, ପରବର୍ତ୍ତୀ ସମୟରେ ଲାଗୁହେବ ବୋଲି ଏକ ଧାରଣା ରହିଥିବା ଖଣ୍ଡପୀଠ ଟିପ୍ପଣୀ ଦେଇଛନ୍ତି। ଦଫା ୧୨୪ଏର ସାମ୍ବିଧାନିକ ବୈଧତା ସର୍ବୋଚ୍ଚ ଅଦାଲତରେ ପ୍ରମାଣିତ ହୋଇଛି ଏବଂ ଏହା ସମ୍ବିଧାନର ଧାରା ୧୯(୧)(ଏ)ର ଅଧିକାର ବାହାରେ ବୋଲି ୧୯୬୨ର କେଦାରନାଥ ସିଂ ଭର୍ସସ ବିହାର ରାଜ୍ୟ ମାମଲାରେ ସୁପ୍ରିମକୋର୍ଟ ରାୟ ଦେଇଥିଲେ। ବାକ୍ ସ୍ୱାଧୀନତା ଏବଂ ଅଭିବ୍ୟକ୍ତି ସ୍ୱାଧୀନତା ପାଇଁ ସମ୍ବିଧାନର ଅନୁଚ୍ଛେଦ ୧୯(୧)(ଏ)ରେ ବ୍ୟବସ୍ଥା ରହିଛି। ୧୯୬୨ରେ ସାମ୍ବିଧାନିକ ପୀଠ ଏହି ରାୟ ଦେଇଥିବାରୁ ବର୍ତ୍ତମାନର ଆବେଦନର ଶୁଣାଣି ଅନ୍ୟୂନ ୫ ଜଣିଆ ପୀଠରେ ହେବା ଆବଶ୍ୟକ ବୋଲ ସିଜେଆଇଙ୍କ ଖଣ୍ଡପୀଠ କହିଛନ୍ତି।

## ରାସ୍ତାକଡ଼ ବ୍ୟବସାୟୀଙ୍କ ପୁଅ ହେଲେ ବିଚାରପତି

**ଲକ୍ଷ୍ନୌ,୧୨।୯**

ଉତ୍ତର ପ୍ରଦେଶର ସମ୍ଭଲ ସହରର ଜଣେ ରାସ୍ତାକଡ଼ ବ୍ୟବସାୟୀଙ୍କ ପୁଅ ବିଚାରପତି ହୋଇଛନ୍ତି। ଏହି ଘଟଣା ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ସଫଳ ପରୀକ୍ଷାର୍ଥୀ ଜଣକ ହେଲେ ମହମ୍ମଦ କସିମ୍। ତାଙ୍କ ବାପା ହଲିମ୍ ରାସ୍ତା କଡ଼ରେ ବ୍ୟବସାୟ କରନ୍ତି। କସିମ୍ ୟୁପି ଜୁଡିସିଆଲ୍ ପରୀକ୍ଷାରେ ୧୩୫ ର୍ୟାଙ୍କରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ସଫଳତା ପରେ କସିମଙ୍କ ବନ୍ଧୁମାନେ ତାଙ୍କୁ ଟୁଇଟରରେ ଶୁଭେଚ୍ଛା ଜଣାଇଛନ୍ତି। କସିମ ଆଲିଗଡ଼ ମୁସ୍‌ଲିମ୍ ବିଶ୍ୱବିଦ୍ୟାଳୟରୁ ଆଇନ ଶିକ୍ଷାରେ ସ୍ନାତକ ଓ ଦିଲ୍ଲୀ ବିଶ୍ୱବିଦ୍ୟାଳୟରୁ ଆଇନରେ ସ୍ନାତକୋତ୍ତର ପଢ଼ିଥିଲେ। ପରେ ରାଜ୍ୟ ଜୁଡିସିଆଲ ସେବା ପରୀକ୍ଷା ଲାଗି ପ୍ରସ୍ତୁତି କରିଥିଲେ।

## 'ହିମାଚଳକୁ ଜାତୀୟ ବିପର୍ଯ୍ୟୟ ଘୋଷଣା କର'

**ଶିମ୍‌ଲା,୧୨।୯(ପି.ଟି.)**

### କେନ୍ଦ୍ରକୁ କହିଲେ ପ୍ରିୟଙ୍କା

ଦଳୀୟ ରାଜନୀତିରୁ ଊର୍ଦ୍ଧ୍ୱକୁ ଯାଇ ନିକଟରେ ଘଟିଥିବା ହିମାଚଳପ୍ରଦେଶ ବିପର୍ଯ୍ୟୟକୁ ଜାତୀୟ ବିପତ୍ତି ଘୋଷଣା କରାଯାଉ ବୋଲି କଂଗ୍ରେସ ନେତ୍ରୀ ପ୍ରିୟଙ୍କା ଗାନ୍ଧୀ ଭଦ୍ରା ମଙ୍ଗଳବାର କେନ୍ଦ୍ର ସରକାରଙ୍କ ନିକଟରେ ଦାବି କରିଛନ୍ତି। ପ୍ରିୟଙ୍କା ବର୍ଷା କ୍ଷତିଗ୍ରସ୍ତ କୁଲ୍ଲୁ ଜିଲାକୁ ଯାଇ ରିଲିଫ୍ ଓ ଥଇଥାନ କାର୍ଯ୍ୟର ସମୀକ୍ଷା କରିଥିଲେ। ଉତ୍ତରାଖଣ୍ଡର କୁଲ୍ଲୁ ଏବଂ ମଣ୍ଡି ଜିଲାରେ ଗତ ଜୁଲାଇ ୧୪ ଓ ୧୫ରେ ପ୍ରବଳ ବର୍ଷାଜନିତ ଅଚାନକ ବନ୍ୟା ଓ ଭୂସ୍ଖଳନ ଯୋଗୁ ବିପର୍ଯ୍ୟୟ ସୃଷ୍ଟି ହୋଇଥିଲା। ଏଥିରେ ବହୁ ଲୋକ ପ୍ରାଣ ହରାଇବା ସହ ଅନେକ ଅଞ୍ଚଳ କ୍ଷତିଗ୍ରସ୍ତ ହୋଇଛି। ରାଜ୍ୟ ସରକାର ନିଜର ସାମର୍ଥ୍ୟ ଅନୁଯାୟୀ ପ୍ରଭାବିତ ପରିବାରକୁ ସହାୟତା ଯୋଗାଉଥିବାବେଳେ ସେଠାରେ ସ୍ୱାଭାବିକ ଅବସ୍ଥା ଫେରିବା ସହ ପୁନଃନିର୍ମାଣ ପାଇଁ କେନ୍ଦ୍ର ସରକାରଙ୍କ ସହାୟତା ଜରୁରୀ ହୋଇପଡ଼ିଛି। କୃଷକମାନେ ଯେଉଁ ଆର୍ଥିକ କ୍ଷତି ସହିଛନ୍ତି, ତାହା କେନ୍ଦ୍ର ସରକାର ଭରଣା କରିବା ଆବଶ୍ୟକ ବୋଲି କଂଗ୍ରେସ ସାଧାରଣ ସମ୍ପାଦିକା କହିଛନ୍ତି।


ହିମାଚଳ ପ୍ରଦେଶର ମାନାଲିରେ ପ୍ରିୟଙ୍କା ଗାନ୍ଧୀ ଭଦ୍ରା।

## ଅକ୍ଟୋବର ୨ରୁ ତୃତୀୟ ପର୍ଯ୍ୟାୟ ସ୍ୱଚ୍ଛତା ଅଭିଯାନ

**ନୂଆଦିଲ୍ଲୀ,୧୨।୯**

### ୧ ହଜାର କୋଟି ଆୟ ଲକ୍ଷ୍ୟ

କେନ୍ଦ୍ର ସରକାରଙ୍କ ସ୍ୱଚ୍ଛତା ଅଭିଯାନର ତୃତୀୟ ସଂସ୍କରଣ ଅକ୍ଟୋବର ୨ରେ ଆରମ୍ଭ ହେବ। ଏଥିରୁ ସରକାର ୧ ହଜାର କୋଟି ଆୟ କରିବାକୁ ଲକ୍ଷ୍ୟ ରଖିଛନ୍ତି। ପ୍ରଶାସନିକ ସୁଧାର ଓ ସାଧାରଣ ଅଭିଯୋଗ (ଡିଏଆର୍‌ପିଜି) ବିଭାଗ ସଚିବ ଭି. ଶ୍ରୀନିବାସ କହିଛନ୍ତି, କେନ୍ଦ୍ର ସରକାରଙ୍କ ଅଧୀନ ବିଭାଗଗୁଡିକରେ ସ୍ୱଚ୍ଛତା ବଜାୟ ପ୍ରତି ଧ୍ୟାନ ଦିଆଯାଉଛି। ଅକ୍ଟୋବର ୨ରୁ ୩୧ ପର୍ଯ୍ୟନ୍ତ ଏହି ଅଭିଯାନ ଚାଲିବ। ୨୦୨୨ ଅକ୍ଟୋବରରେ ସ୍ୱଚ୍ଛତା ଅଭିଯାନର ଦ୍ୱିତୀୟ ସଂସ୍କରଣ ଅନୁଷ୍ଠିତ ହୋଇଥିଲା। ଏଥିରୁ ୫୨୦ କୋଟି ଟଙ୍କା ଆୟ ହୋଇଥିଲା। ସେହିପରି ପ୍ରାୟ ୫୦ଲକ୍ଷ ଫାଇଲ ହଟାଇ ଦିଆଯାଇଥିଲା। ଫଳରେ ବିଭିନ୍ନ କାର୍ଯ୍ୟାଳୟର ପ୍ରାୟ ୧୭୨ ଲକ୍ଷ ବର୍ଗଫୁଟ ସ୍ଥାନ ଖାଲି ହୋଇଥିଲା। ଏହା ବ୍ୟତୀତ ୩୧.୩୫ ଲକ୍ଷ ସାଧାରଣ ଅଭିଯୋଗ ମାମଲାର ସମାଧାନ କରାଯାଇଥିଲା। ତେଣୁ ତୃତୀୟ ସଂସ୍କରଣରୁ ୧ହଜାର କୋଟି ଟଙ୍କା ଆୟ ହେବ ବୋଲି ଆଶା କରାଯାଉଛି। ଶ୍ରୀନିବାସ କହିଛନ୍ତି, ଏକ ମାସଧରି ଅନୁଷ୍ଠିତ ହେବାକୁ ଥିବା ସ୍ୱଚ୍ଛତା ଅଭିଯାନର ତୃତୀୟ ସଂସ୍କରଣରେ ବିଭିନ୍ନ କାର୍ଯ୍ୟାଳୟର ୧୦୦ ଲକ୍ଷ ବର୍ଗଫୁଟ ସ୍ଥାନ ଖାଲି କରାଯିବାକୁ ଲକ୍ଷ୍ୟ ରଖାଯାଇଛି। କେନ୍ଦ୍ର ସରକାରଙ୍କ ଏହି ସ୍ୱତନ୍ତ୍ର ଅଭିଯାନର ପ୍ରଥମ ସଂସ୍କରଣ ଅକ୍ଟୋବର ୨୦୨୧ରେ ଆରମ୍ଭ ହୋଇଥିଲା। ଏଥିରେ କେନ୍ଦ୍ର ସରକାରଙ୍କ ବିଭିନ୍ନ ବିଭାଗରେ ଅଟକି ରହିଥିବା କାମକୁ ଶେଷ କରିବା ଏବଂ ସ୍ୱଚ୍ଛତାକୁ ଅଧିକ ଗୁରୁତ୍ୱ ଦିଆଯାଇଥିଲା।

## ଆମେରିକା ସେଓ ଉପରୁ ଆମଦାନୀ ଶୁଳ୍କ ହ୍ରାସକୁ କଂଗ୍ରେସର ବିରୋଧ

**ନୂଆଦିଲ୍ଲୀ,୧୨।୯(ପି.ଟି.)**



ଆମେରିକୀୟ ସେଓ ଉପରୁ କେନ୍ଦ୍ର ସରକାର ଆମଦାନୀ ଶୁଳ୍କ ହ୍ରାସ କରିଥିବାରୁ ମଙ୍ଗଳବାର କଂଗ୍ରେସ ଏହାକୁ ବିରୋଧ କରିଛି। ଏଭଳି ନିଷ୍ପତ୍ତି ହିମାଚଳପ୍ରଦେଶ ଓ ଜମ୍ମୁ-କଶ୍ମୀରର ସେଓ ଉତ୍ପାଦନକାରୀଙ୍କ ପାଇଁ କ୍ଷତିକାରକ ହେବ ବୋଲି କଂଗ୍ରେସ କହିଛି। ଶୁଳ୍କ ହ୍ରାସ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆମେରିକାକୁ ଉପହାର ଦେଉଥିବାବେଳେ ଦେଶରେ ସେଓ ଚାଷରେ ନିୟୋଜିତ କୃଷକମାନଙ୍କ ପ୍ରତି ଅନ୍ୟାୟ କରୁଥିବା ବିରୋଧୀ ଦଳ ଅଭିଯୋଗ କରିଛି। କେନ୍ଦ୍ର ସରକାରଙ୍କ 'ଭୋକାଲ ଫର୍ ଲୋକାଲ' ସ୍ଲୋଗାନ କୁଆଡ଼େ ଗଲା ବୋଲି କଂଗ୍ରେସ ମୁଖପାତ୍ର ସୁପ୍ରିୟା ଶ୍ରୀନାଟେ ଏକ ଖବରଦାତା ସମ୍ମିଳନୀରେ ପ୍ରଶ୍ନ କରିଛନ୍ତି। ଆମେରିକା ସେଓ ଉପରେ ଆମଦାନୀ ଶୁଳ୍କ ରିହାତି ନିଷ୍ପତ୍ତିକୁ ତୁରନ୍ତ ପ୍ରତ୍ୟାହାର ଲାଗି ସେ ଦାବି କରିଛନ୍ତି। ବିଦେଶୀ ସେଓ ଆମଦାନୀ ପାଇଁ ରିହାତି ଦିଆଗଲେ ଜମ୍ମୁ-କଶ୍ମୀର, ହିମାଚଳପ୍ରଦେଶ ଏବଂ ଉତ୍ତରାଖଣ୍ଡର ଅର୍ଥନୀତି ବିପର୍ଯ୍ୟସ୍ତ ହୋଇପଡ଼ିବ ବୋଲି କଂଗ୍ରେସ କହିଛି। ସୂଚନାଯୋଗ୍ୟ, ଜି୨୦ ସମିଟ୍ ଅବସରରେ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍‌ଙ୍କ ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱିପାକ୍ଷିକ ବୈଠକ ପୂର୍ବରୁ କେନ୍ଦ୍ର ସରକାର ଆମେରିକାରୁ ଆସୁଥିବା ସେଓ, ଆଲମଣ୍ଡ, ୱାଲ୍‌ନଟ୍ ଏବଂ ମସୁର ଡାଲି ଉପରୁ ଅତିରିକ୍ତ ଶୁଳ୍କ ହଟାଇଦେବାକୁ ଘୋଷଣା କରିଥିଲେ। ଆମେରିକା ଭାରତର କେତେକ ଇସ୍ପାତ ଓ ଆଲୁମିନିୟମ ସାମଗ୍ରୀ ଉପରେ ଶୁଳ୍କ ବଢ଼ାଇବାରୁ ଏହାର ଜବାବରେ ଭାରତ ୨୦୧୯ରେ ଆମେରିକାରୁ ଆସୁଥିବା ସାମଗ୍ରୀ ଉପରେ ଅତିରିକ୍ତ ଶୁଳ୍କ ଲଗାଇଥିଲା।

ଆମେରିକା ସେଓ ଉପରୁ ଆମଦାନୀ ଶୁଳ୍କ ହ୍ରାସ ଲାଗି ସରକାରଙ୍କ ନିଷ୍ପତ୍ତିକୁ ନ୍ୟାଶନାଲ୍ କନ୍‌ଫରେନ୍ସ ଅଧ୍ୟକ୍ଷ ଫାରୁକ ଅବଦୁଲା ଏବଂ ପିଡିପି ଅଧ୍ୟକ୍ଷା ମେହବୁବା ମୁଫ୍‌ତିଙ୍କ ସମେତ ଜମ୍ମୁ-କଶ୍ମୀରର ନେତାମାନେ ଦୃଢ଼ ବିରୋଧ କରିଛନ୍ତି।

# ସ୍କ୍ରବ୍ ଟାଇଫସ୍‌କୁ ନେଇ ବଢ଼ୁଛି ଚିନ୍ତା

**ଭୁବନେଶ୍ୱର, ୧୨।୯(ଅସମାପିକା ସାହୁ)**

ରାଜ୍ୟରେ ଏବେ ହୁହୁ ହୋଇ ଡେଙ୍ଗୁ ବ୍ୟାପୁଥିବାବେଳେ ଆଉଏକ ରୋଗ 'ସ୍କ୍ରବ ଟାଇଫସ୍'କୁ ନେଇ ଚିନ୍ତା ବଢ଼ିଛି। ବୁର୍ଲା ଭିମ୍‌ସାରରେ ୨୨ଜଣଙ୍କଠାରେ ସ୍କ୍ରବ ଟାଇଫସ୍ ଚିହ୍ନଟ ହେବା ପରେ ରାଜ୍ୟ ସରକାର ଏହାକୁ ଗୁରୁତ୍ୱର ସହ ନେଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିଛନ୍ତି। ତେବେ ଏଥିପାଇଁ ଭୟଭୀତ ହେବାର ଆବଶ୍ୟକ ନାହିଁ। ଏହାର ପରୀକ୍ଷା ଓ ଚିକିତ୍ସା ବ୍ୟବସ୍ଥା ସମସ୍ତ ଜିଲା ହସ୍ପିଟାଲରେ ଉପଲବ୍ଧ ବୋଲି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ନିରଞ୍ଜନ ମିଶ୍ର କହିଛନ୍ତି। ସେ କହିଛନ୍ତି, ଏହା ଚିଗର ନାମକ କୀଟ କାମୁଡ଼ିଲେ ହେଉଛି। ବିଲ ବା ଜଙ୍ଗଲ ଯାଉଥିବା ଲୋକଙ୍କୁ ଏହା ହେଉଛି। ଏହି ରୋଗର ଲକ୍ଷଣ ହେଉଛି ଜ୍ୱର ଲାଗି ରହିବା, ମୁଣ୍ଡ ବିନ୍ଧା ହେବା। ଏଥିସହ ରୋଗୀର ମୃତ୍ୟୁ ଘଟିବାର ମଧ୍ୟ ସମ୍ଭାବନା ରହିଛି। ଶରୀରର ଯେଉଁ ସ୍ଥାନକୁ ଏହି କୀଟଟି କାମୁଡ଼େ ସେଠାରେ ସ୍କିନ ଡେଡ୍ ହୋଇଯାଏ। ଏହାର ପରୀକ୍ଷା ସବୁ ଜିଲା ହସ୍ପିଟାଲର ଡିଷ୍ଟ୍ରିକ୍ଟ ପବ୍ଲିକ ହେଲ୍‌ଥ ଲାବରୋଟୋରୀ(ଡିପିଏଚ୍‌ଏଲ୍)ରେ ଏଲିଶା ପଦ୍ଧତିରେ କରାଯାଉଛି। ଚିହ୍ନଟ ହେଲେ ଚିକିତ୍ସା ସହଜ। ସାଧାରଣ ଆଣ୍ଟିବାୟୋଟିକ କାମ ଦେବ। ଜ୍ୱର ନ କମିଲେ ପରୀକ୍ଷା କରିନେବାକୁ ସେ ପରାମର୍ଶ ଦେଇଛନ୍ତି। କେନ୍ଦୁଝର, ବରଗଡ଼, ନବରଙ୍ଗପୁର, ଓ ସୁନ୍ଦରଗଡ଼ରୁ ଏହି କେସ୍‌ଗୁଡ଼ିକ ଆସୁଛି ବୋଲି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ସୂଚନା ଦେଇଛନ୍ତି। ସେପଟେ ରାଜ୍ୟରେ ଏବେ ପ୍ରତିଦିନ ୨୦୦ ରୁ ୨୫୦ ଡେଙ୍ଗୁ ରୋଗୀ ଚିହ୍ନଟ ହେଉଥିବା ଡ. ମିଶ୍ର ସୂଚନା ଦେଇଛନ୍ତି। ଡେଙ୍ଗୁ ବଂଶ ବିସ୍ତାର ପାଇଁ ବର୍ତ୍ତମାନ ପାଣିପାଗ ଅନୁକୂଳ ରହିଛି। ବର୍ଷା ନ ଛାଡ଼ିବା ଯାଏ ରୋଗ କମିବ ନାହିଁ ବୋଲି ସେ କହିଛନ୍ତି। ବର୍ତ୍ତମାନ ସୁଦ୍ଧା ରାଜ୍ୟରେ ୬୮,୬୧୦ ଜଣଙ୍କ ଡେଙ୍ଗୁ ଟେଷ୍ଟ କରାଯାଇଛି। ସେମାନଙ୍କ ମଧ୍ୟରୁ ୫,୯୭ ଜଣ ପଜିଟିଭ ବାହାରିଛନ୍ତି। ଜୁଲାଇରୁ ଅକ୍ଟୋବରରେ ଡେଙ୍ଗୁର ପିକ୍ ପିରିୟଡ। ଏଣୁ ସଚେତନ ହିଁ ଏକମାତ୍ର ମାଧ୍ୟମ। ସାମାନ୍ୟ ଚିକିତ୍ସାରେ ୯୮% ଲୋକ ଡେଙ୍ଗୁରୁ ଭଲ ହୋଇପାରିବେ। ତେଣୁ ବ୍ୟସ୍ତ ହେବାର ଆବଶ୍ୟକତା ନାହିଁ। ପ୍ଲେଟଲେଟ କମିବା ନେଇ ଅଧିକ ବ୍ୟସ୍ତ ହୁଅନ୍ତୁ ନାହିଁ। ପ୍ଲେଟଲେଟ କାଉଣ୍ଟ ୨୦ ହଜାର ପର୍ଯ୍ୟନ୍ତ କମିଲେ ବି ବ୍ୟସ୍ତ ନ ହୋଇ ଡାକ୍ତରଙ୍କ ପରାମର୍ଶ କରନ୍ତୁ ବୋଲି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ପରାମର୍ଶ ଦେଇଛନ୍ତି।

## ଜ୍ୱର ନ କମିଲେ ପରୀକ୍ଷା କରିଦେବାକୁ ପରାମର୍ଶ

## ବରଗଡ଼ରେ ୨ ସପ୍ତାହରେ ୫ ମଲେଣି

**ବରଗଡ଼,୧୨।୯(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଜିଲାରେ ସ୍କ୍ରବ୍ ଟାଇଫସ୍ ରୋଗ ଏବେ ଆତଙ୍କ ଖେଳାଇଛି। ଏହି ରୋଗରେ ଆକ୍ରାନ୍ତ ହୋଇ ଗତ ୨ସପ୍ତାହ ମଧ୍ୟରେ ୫ଜଣଙ୍କ ମୃତ୍ୟୁ ହୋଇଛି। ମୃତକଙ୍କ ମଧ୍ୟରେ ଅତାବିରା ବ୍ଲକ ଲସ୍ତଲା, ଭେଡେନ ବ୍ଲକ ସାହ୍ଲେପାଲି, ସୋହେଲା ବ୍ଲକ ପେଟୁପାଲି, ବେହେରାପାଲି ଏବଂ ବରପାଲି ବ୍ଲକ ଖଇରପାଲିର ଜଣେ ଲେଖାଏଁ ରହିଛନ୍ତି। ସେହିପରି ଅନେକ ଆକ୍ରାନ୍ତ ଏବେ ମଧ୍ୟ ଚିକିତ୍ସାଧୀନ ଅଛନ୍ତି। ୧୭୮ଜଣଙ୍କ ରକ୍ତ ନମୁନା ପରୀକ୍ଷା ହୋଇଛି ଏବଂ ୩ ଜଣଙ୍କ ପଜିଟିଭ୍ ଆସିଥିବା ସିଡିଏମ୍‌ଓ ଡା. ଜିତେନ୍ଦ୍ର ମୋହନ ବେବର୍ତ୍ତା ସୂଚନା ଦେଇଛନ୍ତି। ଏକ କୀଟ କାମୁଡ଼ିବା ଯୋଗୁ ଲୋକେ ଏହି ରୋଗରେ ଆକ୍ରାନ୍ତ ହେଉଛନ୍ତି। ଏହି ରୋଗରେ ବର୍ତ୍ତମାନ ସୁଦ୍ଧା ୫ଜଣଙ୍କ ମୃତ୍ୟୁ ହୋଇଥିବା ସେ କହିଛନ୍ତି। ବରଗଡ଼ ଜିଲାର ଲୋକେ ମୁଖ୍ୟତଃ ଚାଷ ଉପରେ ନିର୍ଭର କରୁଥିବା ବେଳେ ଚାଷଜମିକୁ ସେମାନଙ୍କ ଯିବାଆସିବା ଲାଗି ରହିଥାଏ। ଏଭଳି ସମୟରେ ସ୍କ୍ରବ୍ ଟାଇଫସ୍ କୀଟ ଚାଷୀଙ୍କ ଚିନ୍ତା ବଢାଇଦେଇଛି। ଉକ୍ତ କୀଟ ଏହି ରୋଗର କାରଣ ହେଉଥିବାବେଳେ ଲୋକେ ସଚେତନତା ଅଭାବରୁ ମୃତ୍ୟୁମୁଖରେ ପଡୁଛନ୍ତି। ତେବେ ଏହି ରୋଗର ଚିକିତ୍ସା ବ୍ୟବସ୍ଥା ରହିଛି ।

## କେରଳ: ନିପା ଭୂତାଣୁ ସଂକ୍ରମଣରେ ୨ ମୃତ

**ଥିରୁଭାନନ୍ତପୁରମ୍,୧୨।୯**

କେରଳର କୋଝିକୋଡ୍ ଜିଲାରେ ନିପା ଭୂତାଣୁ ସଂକ୍ରମଣରେ ୨ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଅନ୍ୟ ୪ ଜଣ ସଂକ୍ରମିତ ହୋଇ ଚିକିତ୍ସାଧୀନ ଅଛନ୍ତି। ସେମାନେ ଜଣେ ମୃତକଙ୍କ ଘନିଷ୍ଠ ସମ୍ପର୍କୀୟ ବୋଲି ଜଣାପଡ଼ିଛି। ନିପା ସଂକ୍ରମଣ ଜଣାପଡ଼ିବା ପରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ରାଜ୍ୟରେ ସତର୍କତା ଜାରିକରାଯାଇଛି। ଆକ୍ରାନ୍ତମାନେ ନିପା ଭୂତାଣୁ ଦ୍ୱାରା ସଂକ୍ରମିତ ବୋଲି ସ୍ପଷ୍ଟ କରିବା ପାଇଁ ସେମାନଙ୍କ ନମୁନା ବୃତ୍ତାନ୍ତ ପରୀକ୍ଷା ନିମନ୍ତେ ପୁଣେସ୍ଥିତ ଜାତୀୟ ଭୂତାଣୁ ବିଜ୍ଞାନ ସଂସ୍ଥା (ଏନ୍‌ଆଇଭି)କୁ ପଠାଯାଇଛି। ସ୍ୱାସ୍ଥ୍ୟମନ୍ତ୍ରୀ ବୀଣା ଜର୍ଜ କୋଝିକୋଡେରେ ପହଞ୍ଚି ଉଚ୍ଚସ୍ତରୀୟ ବୈଠକରେ ସ୍ଥିତି ସମୀକ୍ଷା କରିଥିଲେ।

## ବସ୍, କାର୍‌ରେ ଗୋ-ଚାଲାଣ




# ବ୍ରିଟେନ୍‌ରେ ପ୍ରତି ୩ରେ ଜଣେ ମହିଳା ଡାକ୍ତର ଯୌନ ଉତ୍ପୀଡ଼ନ ଶିକାର

**ଲଣ୍ଡନ,୧୨।୯**

ବ୍ରିଟେନରେ ପ୍ରତି ୩ ଜଣରେ ଜଣେ ମହିଳା ସର୍ଜନ କାର୍ଯ୍ୟସ୍ଥଳରେ ଯୌନ ଉତ୍ପୀଡ଼ନର ସମ୍ମୁଖୀନ ହେଉଥିବାବେଳେ କେତେଜଣ ସହକର୍ମୀଙ୍କ ଦ୍ୱାରା ବଳାତ୍କାରର ଶିକାର ହୋଇଥିବା ଏକ ନୂଆ ସର୍ଭେରୁ ଜଣାପଡ଼ିଛି। ବ୍ରିଟିଶ ଜର୍ନାଲ ଅଫ୍ ସର୍ଜରୀରେ ପ୍ରକାଶିତ ଉକ୍ତ ଅଧ୍ୟୟନ ଅନୁଯାୟୀ ଗତ ୫ ବର୍ଷ ହେଲା ବ୍ରିଟେନର ଶଲ୍ୟ ଚିକିତ୍ସା କାର୍ଯ୍ୟସ୍ଥଳରେ ଯୌନ ଆଚରଣ ଘଟିଚାଲିଛି। ଜାତୀୟ ସ୍ୱାସ୍ଥ୍ୟ ସେବାରେ ନିୟୋଜିତ ପ୍ରତି ୩ ମହିଳା ସର୍ଜନଙ୍କ ମଧ୍ୟରୁ ଜଣେ ନିଜ ସହକର୍ମୀଙ୍କ ଦ୍ୱାରା ଯୌନ ନିର୍ଯାତନାର ଶିକାର ହୋଇଥାନ୍ତି। ଗୋପନ ମତାମତ ଲାଗି ଡକାଯାଇଥିବା ପଞ୍ଜୀକୃତ ସର୍ଜନମାନଙ୍କ ମଧ୍ୟରୁ ୧,୪୩୪ ଜଣ ଜବାବ ରଖିଥିଲେ। ସେମାନଙ୍କ ମଧ୍ୟରୁ ୩୦ ପ୍ରତିଶତ ମହିଳା ସର୍ଜନ ଯୌନ ଉତ୍ପୀଡ଼ନର ସମ୍ମୁଖୀନ ହୋଇଥିବାବେଳେ କାର୍ଯ୍ୟସ୍ଥଳରେ ଅବାଞ୍ଛିତ ଶାରୀରିକ ସମ୍ପର୍କ ଉଦ୍ୟମ ୨୯ ପ୍ରତିଶତଙ୍କ କ୍ଷେତ୍ରରେ ଘଟିଥିବା ସେମାନେ କହିଛନ୍ତି। ୪୦%ରୁ ଅଧିକ ମହିଳା ସର୍ଜନ ସେମାନଙ୍କ ଶରୀରକୁ ନେଇ ଅବାଞ୍ଛିତ କମେଣ୍ଟର ସମ୍ମୁଖୀନ ହେଉଥିବାବେଳେ କାର୍ଯ୍ୟସ୍ଥଳରେ ଅଶ୍ଳୀଳ ଇଙ୍ଗିତ ଦିଆଯାଉଥିବା ୩୮% ଜଣାଇଛନ୍ତି। ୯୦ ପ୍ରତିଶତ ମହିଳା ଏବଂ ୮୧ ପ୍ରତିଶତ ପୁରୁଷ କୌଣସି ନା କୌଣସି ଯୌନ ଅସଦାଚରଣର ସାକ୍ଷୀ ଥିବା ଉକ୍ତ ସର୍ଭେରେ କୁହାଯାଇଛି।

ସର୍ଭେ ରିପୋର୍ଟ ଅନୁଯାୟୀ ବ୍ରିଟେନର ପୁରୁଷ ଓ ମହିଳା ସର୍ଜନମାନେ ଭିନ୍ନ ବାସ୍ତବତାରେ ରହନ୍ତି। ଯୌନ ଅସଦାଚରଣ ବାରମ୍ବାର ଘଟୁଥିଲେ ମଧ୍ୟ ଶଲ୍ୟ ଚିକିତ୍ସା ପରିବେଶ ବର୍ଗୀକୃତ ସଂରଞ୍ଚନା ହୋଇଥିବାରୁ ଲିଙ୍ଗଗତ ଓ କ୍ଷମତା ସନ୍ତୁଳନ ଦୃଷ୍ଟିରୁ ସେଗୁଡ଼ିକୁ ବନ୍ଦ କରିବା ଦିଗରେ ପଦକ୍ଷେପ ନିଆଯାଉ ନ ଥିବା ଜଣାପଡୁଛି। ଫଳରେ ଅସୁରକ୍ଷିତ କାର୍ଯ୍ୟ ପରିବେଶ ସୃଷ୍ଟି ହେବା ସହ ରୋଗୀମାନଙ୍କ ପାଇଁ ମଧ୍ୟ ଏହା ସୁରକ୍ଷିତ ନୁହେଁ ବୋଲି ରିପୋର୍ଟରେ ଉଲ୍ଲେଖ କରାଯାଇଛି। ସମସ୍ୟାର ସମାଧାନରେ ଜାତୀୟ ସ୍ୱାସ୍ଥ୍ୟ ସେବା ଟ୍ରଷ୍ଟ, ଜେନେରାଲ ମେଡିକାଲ କାଉନସିଲ ଏବଂ ରୟାଲ କଲେଜଗୁଡ଼ିକ ଉପରେ ମଧ୍ୟ ସର୍ଜନମାନଙ୍କ ବିଶ୍ୱାସ ରହୁନାହିଁ।

# ଏଆଇ ବଳୟରେ ଛାତ୍ରୀଛାତ୍ର

*ସ୍ମାର୍ଟ ଯୁଗରେ ଶିକ୍ଷା, ସ୍ୱାସ୍ଥ୍ୟ, ବାଣିଜ୍ୟ ସବୁ କ୍ଷେତ୍ରରେ କୃତ୍ରିମ ବୁଦ୍ଧିମତ୍ତା ବା ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ(ଏଆଇ)ର ବ୍ୟବହାର ବଢୁଛି। ତେବେ ଛାତ୍ରୀଛାତ୍ରଙ୍କ ଉପରେ ଏଆଇର କ'ଣ ପ୍ରଭାବ ରହିଛି ସେ ସମ୍ପର୍କରେ ଅନେକଙ୍କୁ ଅଜଣା। ଏଆଇର ବ୍ୟବହାର, ଉପକାର ଓ ଅପକାରକୁ ନେଇ ବ୍ୟବହାରକାରୀ ଏବଂ ସାଇବର ସୁରକ୍ଷା ବିଶେଷଜ୍ଞଙ୍କ ଭିନ୍ନ ଭିନ୍ନ ମତ ରହିଛି। କିଏ ଏହାକୁ ଏକ 'ବରଦାନ' ତ କିଏ 'ବିପଦକୁ ଆହ୍ୱାନ' ବୋଲି କହୁଛନ୍ତି। ବର୍ତ୍ତମାନ ଯୁଗରେ ସମସ୍ତଙ୍କ ମନରେ ଆଶା ଓ ଆଶଙ୍କା ସୃଷ୍ଟି କରୁଥିବା ଏଆଇ ସମ୍ପର୍କରେ ଧରିତ୍ରୀର ସ୍ୱତନ୍ତ୍ର ଉପସ୍ଥାପନା।*



## ଏଆଇ କ'ଣ

କୃତ୍ରିମ ବୁଦ୍ଧିମତ୍ତା ବା ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ(ଏଆଇ) ହେଉଛି ମନୁଷ୍ୟକୃତ ଯନ୍ତ୍ରାଂଶ। ସାଧାରଣତଃ ରୋବୋ, କମ୍ପ୍ୟୁଟର ଆଦି ଯନ୍ତ୍ରାଂଶ ଦ୍ୱାରା ପ୍ରସ୍ତୁତ ବୁଦ୍ଧିମତ୍ତାକୁ ହିଁ ଏଆଇ ବୋଲି ବିବେଚନା କରାଯାଏ। ବିଭିନ୍ନ ପ୍ରୋଗ୍ରାମ, ଆଲ୍‌ଗୋରିଦମ ଓ ଶିକ୍ଷା ଦ୍ୱାରା କୃତ୍ରିମ ବୁଦ୍ଧିମତ୍ତା ସୃଷ୍ଟି କରାଯାଇଥାଏ। ତେବେ କୌଣସି ଯନ୍ତ୍ର ଯାହା ତା'ର ଆଖପାଖର ପରିବେଶକୁ ବୁଝିପାରି ନିଜର କ୍ରିୟାଦ୍ୱାରା ଲକ୍ଷ୍ୟସ୍ଥଳରେ ପହଞ୍ଚିବାର ସମ୍ଭାବନାକୁ ବଢ଼ାଇପାରେ ତାହାକୁ ଏଆଇ କୁହାଯାଏ।

## ସମୟ ଓ ଅର୍ଥ ସଞ୍ଚୁଛି

ଶିକ୍ଷା ଗବେଷଣାଠାରୁ ଆରମ୍ଭ କରି ବୃତ୍ତିଗତ ମାର୍ଗଦର୍ଶନରେ ଛାତ୍ରୀଛାତ୍ରଙ୍କ ପାଇଁ ଏଆଇ ଖୁବ୍ ଉପଯୋଗୀ ସାବ୍ୟସ୍ତ ହେଉଛି। ଟୁଲ୍‌ସ ଏବଂ ସଫ୍ଟୱେର୍ ଡେଭେଲେପମେଣ୍ଟରେ ମଧ୍ୟ କୋଡିଂ ପ୍ରକ୍ରିୟାକୁ ସହଜ କରୁଛି। ଜଣଙ୍କ ଆବଶ୍ୟକତା ଅନୁଯାୟୀ ପାରାଗ୍ରାଫ୍ ଓ ପ୍ରବନ୍ଧ ଆଦି ଲେଖିବାରେ ଅନେକ ସମୟରେ ସହାୟକ ହୋଇପାରୁଛି। ଏଆଇର ବ୍ୟବହାର ସମୟ ଓ ଅର୍ଥ ଅପଚୟ ମଧ୍ୟ ରୋକିପାରେ। ତେବେ ଏହାର ଆଉ ଏକ ଦିଗ ହେଉଛି ଏହା ହିନ୍ଦୀ ଓ ଇଂରାଜୀ ବ୍ୟତୀତ ଅନ୍ୟ ଆଞ୍ଚଳିକ ଭାଷାରେ ମଧ୍ୟ ଛାତ୍ରୀଛାତ୍ରଙ୍କ ପାଇଁ ଉତ୍ତର ରଖିପାରୁଛି। ନୂଆ ଅନୁଚ୍ଛେଦ, ପ୍ରବନ୍ଧ କବିତା ଲେଖିବାରେ ବିଭିନ୍ନ ଆପ୍ଲିକେଶନ ପିଲାଙ୍କ ପାଇଁ ସହାୟକ ହେଉଛି। ଏପରି କିଛି ଆପ୍ଲିକେଶନ ରହିଛି, ଯେଉଁଥିରେ ବିଦ୍ୟାର୍ଥୀମାନେ କୌଣସି ଲେଖାରେ ବ୍ୟାକରଣଗତ ତ୍ରୁଟି ମଧ୍ୟ ସଂଶୋଧନ କରିପାରୁଛନ୍ତି। ଏଥିସହିତ ପିଲାମାନେ ଦେଶଦୁନିଆର ଜଣାଅଜଣା ତଥ୍ୟ ମଧ୍ୟ ପାଇପାରୁଛନ୍ତି। ସେହିପରି ଗଣିତରେ ବିଭିନ୍ନ ଜଟିଳ ପ୍ରଶ୍ନର ସମାଧାନ କରିବାରେ ମଧ୍ୟ ପିଲାମାନେ ଏଆଇର ସହାୟତା ନେଉଛନ୍ତି।

## ଟ୍ୟୁଟୋରିଆଲରେ ପଢ଼ାଉଛନ୍ତି ଏଆଇ ଶିକ୍ଷକ

ଉଚ୍ଚ ମାଧ୍ୟମିକ ଶିକ୍ଷା ହେଉ ବା ଉଚ୍ଚଶିକ୍ଷା, ପ୍ରତିଯୋଗିତାମୂଳକ ପରୀକ୍ଷା, ବିଭିନ୍ନ ପ୍ରବେଶିକା ପରୀକ୍ଷା ପାଇଁ ବିଦ୍ୟାର୍ଥୀମାନେ କୋଚିଂ ସେଣ୍ଟର ବା ଟ୍ୟୁଟୋରିଆଲରେ ନାମ ଲେଖାଉଛନ୍ତି। ତେବେ ପିଲାଙ୍କୁ ପାଠପଢ଼ାଇବା ପାଇଁ ଏଆଇ ଶିକ୍ଷକଙ୍କ ସହାୟତା ନିଆଯାଉଛି। ଏଆଇ ଶିକ୍ଷକଙ୍କୁ ବିଦ୍ୟାର୍ଥୀ ଟେକ୍ସଟ ମାଧ୍ୟମରେ ପ୍ରଶ୍ନ ପଚାରିପାରୁଛନ୍ତି। ସେହିପରି କିଛି ଟ୍ୟୁଟୋରିଆଲରେ ଅଡ଼ିଓ ବା ଭିଡ଼ିଓ ମାଧ୍ୟମରେ ଏଆଇ ଗୁରୁଜୀ ପ୍ରଶ୍ନର ସମାଧାନ କରୁଛନ୍ତି। ଭୁବନେଶ୍ୱରସ୍ଥିତ 'ବ୍ରେନ୍‌ସ ଏଜୁକେଶନ'ରେ କିଛିଦିନ ତଳେ ଏପରି ଏଆଇ ଶିକ୍ଷକ ଲଞ୍ଚ କରାଯାଇଛି। ଏହାର ନାମ ଏଆଇ ଗୁରୁଜୀ ରଖାଯାଇଥିବା ସୂଚନା ରହିଛି।

## ସମ୍ପୂର୍ଣ୍ଣ ସୁରକ୍ଷିତ ନୁହେଁ କୃତ୍ରିମ ବୁଦ୍ଧିମତ୍ତା

ବିଭିନ୍ନ ସାଇବର ସୁରକ୍ଷା ବିଶେଷଜ୍ଞ ଏବଂ ବୁଦ୍ଧିଜୀବୀଙ୍କ ମତାନୁସାରେ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ବା କୃତ୍ରିମ ବୁଦ୍ଧିମତ୍ତାର ସକାରାତ୍ମକ ଦିଗ ସହ ଅନେକ ନକାରାତ୍ମକ ପ୍ରଭାବ ମଧ୍ୟ ରହିଛି। ରକ୍ଷଣାବେକ୍ଷଣ ଏବଂ ବୈଷୟିକ ତ୍ରୁଟି ସମୟେ ସମୟେ ବ୍ୟବହାରକାରୀଙ୍କୁ ସମସ୍ୟାରେ ପକାଇପାରେ। ଲୋକଙ୍କ ମଧ୍ୟରେ ଯୋଗାଯୋଗ ହ୍ରାସ କରିପାରେ। ନୈତିକ ଦ୍ୱନ୍ଦ୍ୱ ଉପୁଜିବାର ମଧ୍ୟ ଯଥେଷ୍ଟ ସମ୍ଭାବନା ରହିଛି। ସେହିପରି ବ୍ୟକ୍ତି ବିଶେଷଙ୍କ ଡାଟା ଗୋପନୀୟତା ସୁରକ୍ଷା ମଧ୍ୟ କିଛି କ୍ଷେତ୍ରରେ ସଙ୍କଟରେ ପଡ଼ିପାରେ ବୋଲି କୁହାଯାଉଛି। ଏଆଇର ବ୍ୟବହାର ଯେତେ ମାତ୍ରାରେ ବଢ଼ିବ ଅନୁରୂପ ଭାବେ ଏଆଇର ମାନକ ବା ସୃଜନଶୀଳତା ବଢ଼ିପାରେ। ମାତ୍ର ଅତ୍ୟଧିକ ନିର୍ଭରଶୀଳ ହେବା କାରଣରୁ ମାନବର ବିଚାରଶକ୍ତି ହୁଏତ କ୍ଷୁଣ୍ଣ ହୋଇପାରେ।

## ପିଲାମାନେ ବ୍ୟବହାର କରୁଥିବା ଏଆଇ ଆପ୍ଲିକେଶନ

| |
|---|
| ଚାଟଜିପିଟି |
| ଅଟର ଏଆଇ |
| କ୍ୱିଲ ବୋଟ୍ |
| ଫୋଟର |
| କାନ୍‌ଭା |
| ଗୁଗୁଲ ବାର୍ଡ |
| ସ୍ଲାଇଡ୍‌ସ ଗୋ |
| ଓପନ୍ ଏଆଇ ପ୍ଲେଗ୍ରାଉଣ୍ଡ |
| ଗ୍ରାମାରଲି |
| ଷ୍ଟେପ୍‌ୱାଇଜ୍ ମ୍ୟାଥ୍ |
| ପ୍ରୋ ରାଇଟିଂ ଏଡ୍ |
| ଜିଞ୍ଜର |
| ହେମିଙ୍ଗ ୱେ ଆପ୍ |
| ଏଆରଗ୍ରାମ୍ |
| ସୋନିକ୍ସ |
| ୟୁ ଚାଟ୍ |
| ନୋଜି |

## ସେମାନେ ଯାହା କୁହନ୍ତି...



ଆଗକୁ ଏଆଇ ଯୁଗ ଆସୁଛି ବୋଲି କୁହାଯାଉଛି। ସକାରାତ୍ମକ ଦିଗରେ ବ୍ୟବହାର କଲେ ଅନେକ ଲାଭ ରହିଛି। ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଗବେଷଣାକୁ ସରଳ କରିପାରିବେ। ଆର୍ଥିକ ଅନଗ୍ରସର ପିଲାଙ୍କୁ ପାଠପଢ଼ାରେ ଏହା ବହୁ ମାତ୍ରାରେ ସାହାଯ୍ୟ କରିବ। ଏଆଇକୁ ନେଇ ବର୍ତ୍ତମାନ ଅନେକ ଗବେଷଣା ଚାଲିଛି। ବିଭିନ୍ନ ଇଞ୍ଜିନିୟରିଂ କଲେଜ, ଆଇଇଟି, ଏନ୍‌ଆଇଟି ଆଦି କଲେଜରେ ପାଠ୍ୟକ୍ରମ ଭାବେ ଏହାକୁ ଅନ୍ତର୍ଭୁକ୍ତ କରାଗଲାଣି। ମାତ୍ର ଏଆଇର ଅଧିକ ବ୍ୟବହାର ବା ଦୁରୁପଯୋଗ କରାଗଲେ ସମସ୍ୟା ହୋଇପାରେ। ଆମେ ଯେତିକି ଫିଡ୍ କରାଇବା ଏଆଇ ସେତିକିର ଉତ୍ତର ରଖିପାରିବ। ତେଣୁ ମାନବର ବୁଦ୍ଧିମତ୍ତା ଯେତେ ଅଧିକ ହେବ ଏଆଇ ଆପ୍ଲିକେଶନଗୁଡ଼ିକରେ ସେତେ ଅଧିକ ଇନ୍‌ପୁଟ୍ ଦିଆଯାଇପାରେ। ମାତ୍ର ଏଆଇ ଉପରେ ଅଧିକରୁ ଅଧିକ ନିର୍ଭରଶୀଳ ହୋଇ ଆଉଟପୁଟ୍ ଅପେକ୍ଷାରେ ମାନବ ସମାଜ ରହିଲେ ଇନ୍‌ପୁଟ କିଏ ଦେବ? ସେହିପରି କେଉଁ ଆପ୍ଲିକେଶନ ବ୍ୟବହାର କରୁଛନ୍ତି ତାହା କେତେ ସୁରକ୍ଷିତ ପିଲାମାନେ ତାହା ଜାଣିରଖିବା ଉଚିତ୍ ।

**–ଆକାଶ ମିଶ୍ର, ସାଇବର ସୁରକ୍ଷା ବିଶେଷଜ୍ଞ**



ମୁଁ ବିଶେଷତଃ ଚାଟ୍ ଜିପିଟି ଓ ଏଆଇ ଇମେଜ୍ ଜେନେରେଟର ଆପ୍ଲିକେଶନ୍ ବ୍ୟବହାର କରୁଛି। ଏପରି ଅନେକ ସଫ୍ଟ ସ୍କିଲ୍ ରହିଛି ଯାହା ସ୍କୁଲ କଲେଜରେ ପଢ଼ାଯାଏ ନାହିଁ। ଏଆଇ ଦ୍ୱାରା ସେହି ଜ୍ଞାନ ଲାଭ କରିହେଉଛି। ଏଆଇ ଉପରେ ସମ୍ପୂର୍ଣ୍ଣ ନିର୍ଭରଶୀଳ ହେଉ ନ ଥିବାରୁ ଲାଭାନ୍ୱିତ ହେଉଛି। ଏଆଇଠାରୁ ଜ୍ଞାନ ନେଇ ନିଜେ ବୁଦ୍ଧିରେ ବିଭିନ୍ନ କାର୍ଯ୍ୟ କରିବା ଦ୍ୱାରା ସୃଜନଶୀଳତା ନିଶ୍ଚୟ ବଢ଼ିବ। ଭିଡ଼ିଓ ହେଉ, ମ୍ୟୁଜିକ ବା ଇମେଜ ଏଡିଟିଂରେ ଏଆଇ ସହାୟକ ହେଉଛି।

**–ଅମରଜିତ ମହାନ୍ତି, ଛାତ୍ର**



ପାଠପଢ଼ା ପ୍ରକ୍ରିୟାକୁ ଏଆଇ ଏକଦମ୍ ସରଳ କରିଦେଇଛି। ମାତ୍ର ଏହାର ସଦୁପଯୋଗ କରିବା ଛାତ୍ରୀଛାତ୍ରଙ୍କ ଉପରେ ନିର୍ଭର କରେ। ଏଆଇ ସାହାଯ୍ୟ ବହିରେ ଦିଆଯାଇଥିବା ପ୍ରଶ୍ନ ବା ଶିକ୍ଷକଙ୍କ ପ୍ରଶ୍ନର ଉତ୍ତର ଖାତାରେ ଲେଖିଦେଲେ ଛାତ୍ରୀଛାତ୍ର ଆଦୌ ଉପକୃତ ହେବେ ନାହିଁ। ଏମତି ମଧ୍ୟ କେତେକ ଆପ୍ଲିକେଶନ ଅଛି, ଯାହା ସମୟେ ସମୟେ ପ୍ରଶ୍ନକୁ ଭୁଲ୍ ଭାବେ ଗ୍ରହଣ କରି ଭୁଲ୍ ଉତ୍ତର ଦେଉଛି। ତେଣୁ ଏଆଇ ମାଧ୍ୟମରେ ପାଉଥିବା ଉତ୍ତର ଅନ୍ତତଃ ଥରେ ଶିକ୍ଷୟିତ୍ରୀଶିକ୍ଷକଙ୍କଠାରୁ ପଚାରିନେବା ଉଚିତ୍। ଏଆଇଠାରୁ କୌଶଳ ଗ୍ରହଣ କରାଯିବା ଉଚିତ୍ ମାତ୍ର ଉତ୍ତର କପି କରିବା ଆଦୌ ଠିକ୍ ନୁହେଁ । ଏଥିପ୍ରତି ଅଭିଭାବକମାନେ ପିଲାଙ୍କୁ ମାର୍ଗଦର୍ଶନ କରିବା ଉଚିତ୍।

**– ପ୍ରୀତିକା ମିଶ୍ର ଛାତ୍ରୀ**



ମୁଁ ଚାଟ୍‌ଜିପିଟି ବ୍ୟବହାର କରୁଛି, ଏହା ମୋର ସାଧାରଣ ଜ୍ଞାନ ବୃଦ୍ଧି କରିବାରେ ସହାୟକ ହେଉଛି। ସେହିପରି ଚେସ୍ ଇଞ୍ଜିନ୍ ଏଆଇ ଚେସ୍ ଦକ୍ଷତା ବୃଦ୍ଧି କରୁଛି। ଚେସ୍.କମ୍, ଷ୍ଟକଫିସ୍ ଭଳି ବିଭିନ୍ନ ଏଆଇ ଆପ୍ଲିକେଶନ ପିଲାଙ୍କ ବିଭିନ୍ନ କ୍ଷେତ୍ରରେ ଜ୍ଞାନ ବଢ଼ାଇପାରୁଛି। ତେଣୁ ସତର୍କତାର ସହ ବ୍ୟବହାର କଲେ ଏହାର ଉପାଦେୟତାକୁ ଉପଭୋଗ କରିହେବ।

**– ସୌରଭ କୁମାର ପତି, ଛାତ୍ର**



ଏଆଇର ଅନେକ ସକାରାତ୍ମକ ଦିଗ ରହିଥିଲେ ବି ଏହାର ପ୍ରୟୋଗରେ ସତର୍କତା ଅବଲମ୍ବନ ଜରୁରୀ। ଏହାର ଅଧିକ ବ୍ୟବହାର ଦ୍ୱାରା ଛାତ୍ରୀଛାତ୍ରଙ୍କ ମଧ୍ୟରେ ସୃଜନଶୀଳତା ବା ଚିନ୍ତନ ଶକ୍ତି କମିବାର ଯଥେଷ୍ଟ ସମ୍ଭାବନା ରହିଛି। ପିଲାମାନେ କୌଣସି ଗାଣିତିକ ସମସ୍ୟାର ସମାଧାନ ଜାଣିବାକୁ ଚାହୁଁଥିଲେ ଏହାର ଉତ୍ତର ଏଆଇରୁ ପାଇଯାଉଛନ୍ତି ମାତ୍ର ଜଣେ ଶିକ୍ଷକ ଯେପରି ପ୍ରଶ୍ନର ଲଜିକ୍ ବା ପୂର୍ବାପର ସମ୍ପର୍କ ରଖି ବୁଝାଇବେ ଏଆଇ ସେପରି କରିପାରିବ ନାହିଁ। ପିଲାମାନଙ୍କ ଲେଖିବା ଅଭ୍ୟାସ ତଥା ଚିନ୍ତନ ଶକ୍ତି ମଧ୍ୟ କ୍ରମେ ହ୍ରାସ ପାଇପାରେ। ତେଣୁ ଜରୁରୀ ନ ଥିଲେ ଏଆଇର ସହାୟତା ପରିବର୍ତ୍ତେ ଶିକ୍ଷୟିତ୍ରୀଶିକ୍ଷକ ବା ପରିବାରର ଗୁରୁଜନଙ୍କ ସହାୟତା ନେବା ଉଚିତ୍।

**–ପ୍ରଶାନ୍ତ ସାହୁ, ସାଇବର ସୁରକ୍ଷା ବିଶେଷଜ୍ଞ**



ଯେଉଁ ଜଟିଳ ତଥ୍ୟକୁ ଆମେ ବହିରେ ପଢ଼ି କଳ୍ପନା କରିବା କଷ୍ଟ ତାହାକୁ ଏଆଇ ଦ୍ୱାରା ଆମେ ଅତି ପ୍ରାଞ୍ଜଳ ଭାବେ ବୁଝିପାରୁଛୁ। ଉଦାହରଣ ସ୍ୱରୂପ ଥ୍ରୀ-ଡି ଆନିମେଶନ ଲେକ୍ଚର୍ସ। ଏଆଇ ଦ୍ୱାରା ଆମେ ଅନେକ ଆନିମେଟେଡ୍ ଫଟୋ ଡାଇଗ୍ରାମ ମାଧ୍ୟମରେ ପଢ଼ା ପ୍ରତି ଆଗ୍ରହ ସୃଷ୍ଟି ହେଉଛି। ମାତ୍ର ଏହାର ସବୁଠାରୁ ବଡ଼ କୁପ୍ରଭାବ ହେଉଛି ଏହାର ଅଧିକ ବ୍ୟବହାର ଦ୍ୱାରା ମନୁଷ୍ୟ ଅଳସୁଆ ହୋଇଯାଏ। କଳ୍ପନା ଶକ୍ତି ମଧ୍ୟ ହ୍ରାସ ହୋଇପାରେ। କାରଣ ଆମେ କୌଣସି ତଥ୍ୟର ବିଶ୍ଳେଷଣ ପାଇଁ ଚିନ୍ତନ କଲେ ଆମର ମସ୍ତିଷ୍କର ସ୍ନାୟୁକୋଷ ବିକଶିତ ହୁଏ, କିନ୍ତୁ ଯେହେତୁ ତାର ବିଶ୍ଳେଷିତ ତଥ୍ୟ ଉପଲବ୍ଧ ହୋଇଯାଏ ତେଣୁ ମସ୍ତିଷ୍କର କଳ୍ପନା ଶକ୍ତିର ଉପଯୋଗ ହୋଇ ପାରେନି।

**– ଆର୍ଯ୍ୟନ ପଟ୍ଟନାୟକ, ଛାତ୍ର**



ନିକଟରେ ଆମେ ଏଆଇ ଗୁରୁଜୀ ଲଞ୍ଚ୍ କରିଛୁ। ଏହା ପିଲାଙ୍କୁ ପଢ଼ାଇବାରେ ବେଶ୍ ସହାୟକ ହେବ ବୋଲି ଆଶା କରିଛୁ। ବର୍ତ୍ତମାନ ଏଆଇ ଗୁରୁଜୀଙ୍କୁ ଟେକ୍ସଟ ମାଧ୍ୟମରେ ପ୍ରଶ୍ନ ପଚାରିଲେ ସେ ଟେକ୍ସଟରେ ସମାଧାନ କରୁଛନ୍ତି। ଖୁବଶୀଘ୍ର ଅଡ଼ିଓ ଓ ଭିଜୁଆଲ ମାଧ୍ୟମରେ ପିଲାଙ୍କ ଉତ୍ତର ରଖିବେ। ଶିକ୍ଷୟିତ୍ରୀଶିକ୍ଷକ ଲଗାତର କିଛି କ୍ଲାସ କରିବା ପରେ ଥକି ଯାଉଥିବାବେଳେ ଏଆଇ ଗୁରୁଜୀ ଥକିପଡ଼ିବେ ନାହିଁ କିମ୍ବା ବିରକ୍ତି ଭାବ ପ୍ରକାଶ କରିବେ ନାହିଁ। ଶିକ୍ଷୟିତ୍ରୀଶିକ୍ଷକ ନିର୍ଦ୍ଦିଷ୍ଟ ସମୟ ପାଇଁ ପାଠ ପଢ଼ାଉଥିବାବେଳେ ଜଣେ ଛାତ୍ର ଯେକୌଣସି ସମୟରେ ଏଆଇ ଶିକ୍ଷକଙ୍କ ପରାମର୍ଶ ନେଇପାରିବେ।

**– ଅଶ୍ୱିନୀ ପାଢ଼ୀ, ଏମ୍‌ଡି, ବ୍ରେନ୍‌ସ ଏଜୁକେଶନ**

**ପ୍ରସ୍ତୁତି: ଅନୁରାଧା ମହାରଣା**

**ଆଜିର ମନ୍ତବ୍ୟ**

ଜଳବାୟୁ ପରିବର୍ତ୍ତନ ଆହ୍ୱାନ ମଧ୍ୟରେ ଭାରତୀୟ କୃଷକଙ୍କ ଅଧିକାର ସୁରକ୍ଷା ସମ୍ପର୍କିତ ଆଇନ ଅନେକ ଗୁରୁତ୍ୱ ବହନ କରୁଥିବାରୁ ସାରା ବିଶ୍ୱ ପାଇଁ ନମୁନା ହୋଇପାରେ।

– ଦ୍ରୌପଦୀ ମୁର୍ମୁ, ରାଷ୍ଟ୍ରପତି



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଚଅଁର ପୋଖରୀ ଡଅଁର ଗଣ୍ଡରେ**
**ଭଅଁର କରିଛି ବସା**
**କେଉଁ କଥା ପାଇଁ କରିଲି ଆଶା**
**ଦାଣ୍ଡେ ହେଲି ଲୋକହସା।**

ମଣିଷର ଆଶା ସବୁବେଳେ ପୂରଣ ହୋଇ ନ ଥାଏ। ଆଶା ଅପୂରଣୀୟ ରହିଗଲେ ମନ ଭାଙ୍ଗି ଖଣ୍ଡବିଖଣ୍ଡିତ ହୋଇଯିବା ଥୟ। ବ୍ୟକ୍ତି ବେଳେବେଳେ କିଛି ଆଶା କରି ଭଲରୁ ଭେଲ ପାଇବା ଭଳି ଲୋକହସା ବା ଅପଦସ୍ଥ ହେବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଚାଲି ଯାଉଥାଏ ସରମକୁ**
**କଥା ହେଉଥାଏ ଭରମକୁ**
**ମରମ ଭିତରେ ଯାହା ହେଉଥାଏ**
**ସାକ୍ଷୀ ଦେଉଥାଏ ଧରମକୁ।**

ଲାଜେଇ ଭୁଲେଇ ଭାଳେଇ କଥା ହେଉଥିଲେ ମଧ୍ୟ ବ୍ୟକ୍ତିର ମରମ ଯେଉଁଥିପାଇଁ ଦହି ହେଉଥାଏ, ସେ ତାହା ପ୍ରକାଶ କରିପାରି ନ ଥାଏ। ଖାଲି ଧର୍ମକୁ ସାକ୍ଷୀ ରଖି ଚାଲିଥାଏ। ପ୍ରଗାଢ଼ ପ୍ରେମ ପ୍ରତି ଗଭୀରତା ଅନୁଭବ କଲାବେଳେ ଏମିତି ଭାବନା ମନକୁ ଆସିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ

# ବିଚାର ପ୍ରକ୍ରିୟାରେ ବାଧା ଦିଆଯାଇପାରିବନି: ସୁପ୍ରିମକୋର୍ଟ

ନୂଆଦିଲ୍ଲୀ,୧୨।୯(କୁଲଦୀପ ସିଂ)

କୌଣସି ପରିସ୍ଥିତିରେ କୋର୍ଟର ବିଚାର ପ୍ରକ୍ରିୟାକୁ ବାଧା ଦିଆଯାଇପାରିବ ନାହିଁ ବୋଲି ମଙ୍ଗଳବାର ସର୍ବୋଚ୍ଚ ଅଦାଲତ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। ଏଥିସହିତ ଜଣେ ଆଇନଜୀବୀଙ୍କ ପରଲୋକ ପରେ ଦିନକ ପାଇଁ ବିଚାର କାର୍ଯ୍ୟ ବନ୍ଦ କରିଥିବା ରାୟଗଡ଼ା ଓକିଲ ସଂଘର ସଭାପତି ଏବଂ ସମ୍ପାଦକଙ୍କୁ ସୁପ୍ରିମକୋର୍ଟ ନୋଟିସ ଜାରି କରିଛନ୍ତି। ଏପରି କି ଓଡ଼ିଶାରେ ବିଭିନ୍ନ କୋର୍ଟରେ ଆନ୍ଦୋଳନ ଏବଂ ପିକେଟିଂ କରି ବିଚାର କାର୍ଯ୍ୟ ପ୍ରଭାବିତ କରୁଥିବା ଓକିଲ ସଂଘଗୁଡ଼ିକୁ ସତ୍ୟପାଠ ଜରିଆରେ ନିଃସର୍ତ୍ତ କ୍ଷମା ପ୍ରାର୍ଥନା କରିବାକୁ ବିଚାରପତି ଏସ୍.କେ. କଉଲ ଏବଂ ସୁଧାଂଶୁ ଧୁଲିଆଙ୍କୁ ନେଇ ଗଠିତ ଖଣ୍ଡପୀଠ ୨ସପ୍ତାହ ସମୟ ଦେଇଛନ୍ତି।

କିଛି ଦିନ ହେବ କେବଳ ରାୟଗଡ଼ା ଓକିଲ ସଂଘକୁ ଛାଡ଼ିଲେ ଓଡ଼ିଶାର ଅନ୍ୟ କୌଣସି ବାର୍‌ରେ ଷ୍ଟ୍ରାଇକ୍ ହୋଇ ନ ଥିବା ଜଣାପଡ଼ିଛି। ରାୟଗଡ଼ାରେ ଜଣେ ଆଇନଜୀବୀ ସଦସ୍ୟଙ୍କ ପରଲୋକ ଘଟିବାରୁ ତାଙ୍କ ସ୍ମୃତି ଉଦ୍ଦେଶ୍ୟରେ କେବଳ ଗୋଟେ ଦିନ ବିଚାର ପ୍ରକ୍ରିୟାକୁ ବନ୍ଦ କରାଯାଇଥିଲା। ତେବେ ଏହା ମଧ୍ୟ ଗ୍ରହଣୀୟ ନୁହେଁ ବୋଲି ସର୍ବୋଚ୍ଚ ଅଦାଲତ କହିବା ସହ ଉକ୍ତ ସଂଘର ସଭାପତି, ସମ୍ପାଦକଙ୍କୁ ନୋଟିସ ଜାରି କରିଛନ୍ତି। ଏଥିସହ ଓଡ଼ିଶା ହାଇକୋର୍ଟଙ୍କୁ ମଧ୍ୟ ଏସମ୍ପର୍କରେ ବିସ୍ତୃତ ରିପୋର୍ଟ ଦାଖଲ କରିବାକୁ କହିଛନ୍ତି। ମାମଲାର ପରବର୍ତ୍ତୀ ଶୁଣାଣି ନଭେମ୍ବର ୭କୁ ଧାର୍ଯ୍ୟ କରାଯାଇଛି।

ପ୍ରକାଶ ଯେ, ପଶ୍ଚିମ ଓଡ଼ିଶାରେ ହାଇକୋର୍ଟରେ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବିରେ ଗତ ଜାନୁୟାରୀରେ ସମ୍ବଲପୁର ବାର୍ ଆସୋସିଏଶନ ପକ୍ଷରୁ ଜିଲା କୋର୍ଟ ପରିସରରେ ଆନ୍ଦୋଳନ, ଭଙ୍ଗାରୁଜା କରାଯାଇଥିଲା। ଏହି ଘଟଣାରେ ସମ୍ପୃକ୍ତ ୧୯୧ ଆଇନଜୀବୀଙ୍କୁ ସୁପ୍ରିମ୍‌କୋର୍ଟ ଅଦାଲତ ଅବମାନନା ନୋଟିସ ଜାରି କରିଥିଲେ। ଏପରି କି ଫେବୃୟାରୀରେ ଆନ୍ଦୋଳନରେ ସମ୍ପୃକ୍ତ ଆଇନଜୀବୀଙ୍କ ଦ୍ୱାରା କରାଯାଇଥିବା ନିଃସର୍ତ୍ତ କ୍ଷମା ପ୍ରାର୍ଥନାକୁ କୋର୍ଟ ଗ୍ରହଣ କରି ନ ଥିଲେ। ନିଃସର୍ତ୍ତ କ୍ଷମା ପ୍ରାର୍ଥନା ବାସ୍ତବରେ ହୃଦୟରୁ କରାଯାଉଛି କି ମାମଲାରୁ ବର୍ତ୍ତିବା ପାଇଁ ଆଇନଜୀବୀମାନେ କରୁଛନ୍ତି, ତାହା ଏବେଠାରୁ ବିଚାର କରିବା ଉଚିତ ହେବ ନାହିଁ ବୋଲି କୋର୍ଟ ସେତେବେଳେ କହିଥିଲେ।

# ଈଏସ୍‌ଆଇ ହସ୍ପିଟାଲରେ ନିଯୁକ୍ତି ପାଇଲେ ୪୫ ମେଡିକାଲ ଅଫିସର

ଭୁବନେଶ୍ୱର,୧୨।୯(ଅନିଲ ଦାସ)

## ପ୍ରତ୍ୟେକ ଜୀବନ ମୋ ପାଇଁ ମୂଲ୍ୟବାନ: ମୁଖ୍ୟମନ୍ତ୍ରୀ



ରାଜ୍ୟର ଇଏସ୍‌ଆଇ ହସ୍ପିଟାଲଗୁଡ଼ିକରେ ୪୫ ମେଡିକାଲ ଅଫିସରଙ୍କୁ ନିଯୁକ୍ତି ଦିଆଯାଇଛି। ମଙ୍ଗଳବାର ଲୋକସେବା ଭବନଠାରେ ଏ ନେଇ ଏକ ନିଯୁକ୍ତି ପର୍ବ ଏବଂ ଓରିଏଣ୍ଟେଶନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ଏଥିରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି ଯେ ଉତ୍ତମ ଏବଂ ମାଗଣା ସ୍ୱାସ୍ଥ୍ୟ ସେବା ଯୋଗାଇବା ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟସେବାର ମୌଳିକ ଲକ୍ଷ୍ୟ। ମୋ ପାଇଁ ପ୍ରତ୍ୟେକ ଜୀବନ ମୂଲ୍ୟବାନ। ରାଜ୍ୟର ୮ ଲକ୍ଷ ଲୋକ ଇଏସ୍‌ଆଇ ହସ୍ପିଟାଲରେ ବୀମାଭୁକ୍ତ ଅଛନ୍ତି। ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ୮୦ ଲକ୍ଷ ପରିବାର ସାମିଲ ଅଛନ୍ତି। ବୀମାଭୁକ୍ତ ଲୋକମାନଙ୍କୁ ଇଏସ୍‌ଆଇ ହସ୍ପିଟାଲ ଉତ୍ତମ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବ ବୋଲି ମୁଖ୍ୟମନ୍ତ୍ରୀ ଆଶାବ୍ୟକ୍ତ କରିଛନ୍ତି। ଡାକ୍ତରମାନେ ବିଶ୍ୱର ଉତ୍ତମ ପେସାରେ ଅଛନ୍ତି। ଲୋକମାନଙ୍କ ଜୀବନ ବଞ୍ଚାଇବାରେ ସେମାନଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ରୋଗୀ ଓ ସେମାନଙ୍କ ସମ୍ପର୍କୀୟଙ୍କ ପ୍ରତି ନିଜର କର୍ତ୍ତବ୍ୟକୁ ସୁଚାରୁରୂପେ ପାଳନ କରିବାକୁ ନବନିଯୁକ୍ତ ଅଫିସରମାନଙ୍କୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ଶ୍ରମ ଓ କର୍ମଚାରୀ ବୀମା ମନ୍ତ୍ରୀ ସାରଦା ପ୍ରସାଦ ନାୟକ, ଉନ୍ନୟନ କମିଶନର ଅନୁଗର୍ଗ, ବିଭାଗୀୟ ସଚିବ ଆର୍.ଏସ୍. ଗୋପାଳନ ଯୋଗ ଦେଇଥିଲେ। ସୂଚନାଯୋଗ୍ୟ, ରାଜ୍ୟରେ ଶ୍ରମ ଓ କର୍ମଚାରୀ ବୀମା ବିଭାଗ ଅଧୀନରେ ୪୫ଟି ଇଏସ୍‌ଆଇ ହସ୍ପିଟାଲ ଓ ୧୨ଟି ଡିସ୍‌ପେନସାରି ରହିଛି।

# ଜିଲାପାଳ ସମ୍ମିଳନୀ: ଜନହିତକର ଯୋଜନାକୁ ପ୍ରାଥମିକତା



ଭୁବନେଶ୍ୱର,୧୨।୯(ଅନିଲ ଦାସ)

## ବ୍ୟାଙ୍କିଙ୍ଗ୍ ଆଉଟଲେଟ୍, ମୋ ଘର, ଗ୍ରାମୀଣ ଆବାସ ଯୋଜନା କାର୍ଯ୍ୟକାରିତା, ମୋ ସ୍କୁଟର ଯୋଜନା, ଲକ୍ଷ୍ମୀ ଯୋଜନା ଉପରେ ଗୁରୁତ୍ୱ

ରାଜ୍ୟ ସରକାର ଜନହିତକର ଓ ଉନ୍ନୟନମୂଳକ କାର୍ଯ୍ୟକ୍ରମକୁ ପ୍ରାଥମିକତା ଦେଇଛନ୍ତି। ସେସବୁର ତ୍ୱରିତ କାର୍ଯ୍ୟକାରିତା ଉପରେ ଉନ୍ନୟନ କମିଶନର ଅନୁ ଗର୍ଗ ଜିଲାପାଳମାନଙ୍କୁ ପରାମର୍ଶ ଦେଇଛନ୍ତି। ମଙ୍ଗଳବାର ଖାରବେଳ ଭବନଠାରେ ଅନୁଷ୍ଠିତ ଜିଲାପାଳ ସମ୍ମିଳନୀରେ ଅଧ୍ୟକ୍ଷତା କରି ସେ କହିଛନ୍ତି, ରାଜ୍ୟ ସରକାରଙ୍କ ଦ୍ୱାରା ଧାର୍ଯ୍ୟ କରାଯାଇଥିବା ବିଭିନ୍ନ ଲକ୍ଷ୍ୟ ହାସଲ ପାଇଁ ରାଜ୍ୟ ତଥା ଜିଲାଗୁଡ଼ିକ ମିଳିତ ଭାବରେ କାର୍ଯ୍ୟ କରିବା ଆବଶ୍ୟକ। ପଞ୍ଚାୟତିରାଜ ଏବଂ ପାନୀୟ ଜଳ ବିଭାଗ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ପ୍ରମୁଖ ଶାସନ ସଚିବ ନିୟମିତ ବାର୍ଦ୍ଧକ୍ୟ ଭତ୍ତା ପ୍ରଦାନ ଉପରେ ଗୁରୁତ୍ୱାରୋପ କରିଛନ୍ତି। ବୈଠକରେ ମୋ ଘର ଯୋଜନା ଏବଂ ପିଏମ୍‌ଏୱାଇ(ଜି)ରେ ଗ୍ରାମୀଣ ଗୃହ ନିର୍ମାଣ ଯୋଜନାର ସ୍ଥିତି ସମୀକ୍ଷା କରାଯାଇଛି। ବ୍ୟାଙ୍କ ସେବା ଉପଲବ୍ଧ ନ ଥିବା ଗ୍ରାମ ପଞ୍ଚାୟତଗୁଡ଼ିକରେ ବ୍ୟାଙ୍କିଙ୍ଗ୍ ଆଉଟ୍‌ଲେଟ୍ ଖୋଲିବାର ସ୍ଥିତି ସମ୍ପର୍କରେ ଅର୍ଥ ବିଭାଗର ପ୍ରମୁଖ ଶାସନ ସଚିବ ସୂଚନା ଦେଇଥିଲେ। ବାଣିଜ୍ୟ ଓ ପରିବହନ ବିଭାଗ, ଦକ୍ଷତା ବିକାଶ ତଥା ବୈଷୟିକ ଶିକ୍ଷା ବିଭାଗ ପ୍ରମୁଖ ଶାସନ ସଚିବ ଲକ୍ଷ୍ମୀ ଯୋଜନାରେ ଆମ ବସ୍‌ଷ୍ଟାଣ୍ଡ ନିର୍ମାଣ ଓ ଏହାର ଅଗ୍ରଗତି ସମ୍ପର୍କରେ ସୂଚନା ଦେଇଥିଲେ। ଏହି ଯୋଜନାରେ ୫୫ଟି ଆମ ବସ୍‌ଷ୍ଟାଣ୍ଡ ପ୍ରତିଷ୍ଠା ହୋଇଥିବାବେଳେ ୧୨୪ ନିର୍ମାଣାଧୀନ ରହିଛି। ପୂର୍ବରୁ କାର୍ଯ୍ୟକ୍ଷମ ଥିବା ବସ୍‌ଷ୍ଟାଣ୍ଡଗୁଡ଼ିକର ରକ୍ଷଣାବେକ୍ଷଣ ଓ ନିୟମିତ କାର୍ଯ୍ୟକାରିତା ଦିଗ ପ୍ରତି ଦୃଷ୍ଟି ଦେବାକୁ ସେ ଜିଲାପାଳମାନଙ୍କୁ ପରାମର୍ଶ ଦେଇଛନ୍ତି। କୃଷି ଓ କୃଷକ ସଶକ୍ତୀକରଣ ବିଭାଗର ପ୍ରମୁଖ ଶାସନ ସଚିବ ଚଳିତ ଖରିଫ ଫସଲ, ପାଣିପାଗ ସ୍ଥିତି, ଆପାତକାଳୀନ ଯୋଜନା ଏବଂ ରବି ଚାଷ ପାଇଁ ପ୍ରସ୍ତୁତି ସହ ଓଡ଼ିଶା ମିଲେଟ୍ ମିଶନ କାର୍ଯ୍ୟକଳାପ ସମ୍ପର୍କରେ ଉପସ୍ଥାପନ କରିଥିଲେ। ଶକ୍ତି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଶାସନ ସଚିବ ଏବଂ ମହିଳା ଓ ଶିଶୁ ବିକାଶ ବିଭାଗ ଶାସନ ସଚିବ ବିଦ୍ୟାଳୟ ଏବଂ ଅଙ୍ଗନୱାଡି କେନ୍ଦ୍ରଗୁଡ଼ିକରେ ଦ୍ରୁତ ବିଦ୍ୟୁତୀକରଣ ସମ୍ପର୍କରେ ଜିଲାପାଳମାନଙ୍କୁ ପରାମର୍ଶ ଦେଇଥିଲେ। ଖଣି ପ୍ରଭାବିତ ଜିଲାଗୁଡ଼ିକରେ ମୌଳିକ ସୁବିଧାସୁଯୋଗ ଏବଂ ଜୀବିକା ନିର୍ବାହ କାର୍ଯ୍ୟକଳାପକୁ ପ୍ରୋତ୍ସାହିତ କରିବା ପାଇଁ ଡିଏମ୍‌ଏଫ୍ ଏବଂ ଓ୍ୱାଡିସି ପାଣ୍ଠିର ଉପଯୋଗ ଉପରେ ଆଲୋଚନା ହୋଇଥିଲା। ସମ୍ମିଳନୀରେ ବିଭିନ୍ନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ, ପ୍ରମୁଖ ଶାସନ ସଚିବ ଓ କମିଶନର-ତଥା ଶାସନ ସଚିବ ଏବଂ ଜିଲାପାଳମାନେ ଯୋଗ ଦେଇଥିଲେ।

# ଭାରତ ବସୁଧୈବ କୁଟୁମ୍ବକମ୍‌ରେ ବିଶ୍ୱାସକରେ: ଧର୍ମେନ୍ଦ୍ର



ଭୁବନେଶ୍ୱର, ୧୨।୯(ସୁନିତ୍ ମିଶ୍ର)

ଭାରତ ସର୍ବସ୍ପର୍ଶୀ, ସର୍ବବ୍ୟାପୀ ଓ ବସୁଧୈବ କୁଟୁମ୍ବକମ୍‌ରେ ବିଶ୍ୱାସକରେ ବୋଲି ଉତ୍ତରାଖଣ୍ଡର ଡେରାଡୁନ୍‌ରେ ୟୁପିଇଏସ୍ ବିଶ୍ୱବିଦ୍ୟାଳୟର 'ବିକଶିତ ଭାରତ ୨୦୪୭' ଶୀର୍ଷକ ଅମୃତକାଳ ବିମର୍ଶ ଆଲୋଚନାରେ ଯୋଗଦେଇ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ଉତ୍ତରାଖଣ୍ଡ ମୁଖ୍ୟମନ୍ତ୍ରୀ ପୁଷ୍କର ସିଂ ଧାମି ଓ ଧର୍ମେନ୍ଦ୍ର ପ୍ରଧାନ ଡେରାଡୁନ୍‌ଠାରେ ବିଦ୍ୟା ସମୀକ୍ଷା କେନ୍ଦ୍ର ଲୋକାର୍ପଣ କରିବା ସହ ମଙ୍ଗଳବାର ପିଏମ୍ ଶ୍ରୀ ବିଦ୍ୟାଳୟ ଏବଂ ନେତାଜୀ ସୁଭାଷ ଚନ୍ଦ୍ର ଆବାସିକ ବିଦ୍ୟାଳୟର ଶିଳାନ୍ୟାସ କରିଛନ୍ତି। ଏହାସହ ମେଧାବୀ ଛାତ୍ରବୃତ୍ତି ମଧ୍ୟ ଶୁଭାରମ୍ଭ କରିଛନ୍ତି। ଏହି ଅବସରରେ ଧର୍ମେନ୍ଦ୍ର କହିଛନ୍ତି, ପ୍ରଯୁକ୍ତିବିଦ୍ୟା ଆଧାରିତ ଆଧୁନିକ ଡାଟା ଡ୍ରିଭେନ୍ ମଡେଲ ଓ ବିଦ୍ୟା ସମୀକ୍ଷା କେନ୍ଦ୍ର, ଉତ୍ତରାଖଣ୍ଡର ଥିବା ୨୩ ଲକ୍ଷରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ରଙ୍କ ଶିକ୍ଷଣ ଫଳାଫଳରେ ଉନ୍ନତି ଆଣିବା ଦିଗରେ ଏହା ଏକ ପ୍ରଭାବଶାଳୀ ପଦକ୍ଷେପ ହେବ। ସେ ଆହୁରି କହିଛନ୍ତି, ଏକବିଂଶ ଶତାବ୍ଦୀରେ ଜ୍ଞାନ ଆଧାରିତ ଅର୍ଥନୀତି ପ୍ରସ୍ତୁତ କରିବା ଦିଗରେ ଜାତୀୟ ଶିକ୍ଷାନୀତି ଏକ ଦାର୍ଶନିକ ତତ୍ତ୍ୱ। ଜାତୀୟ ଶିକ୍ଷାନୀତି ଆଧାରରେ ୧୪୧ଟି ପିଏମ୍ ଶ୍ରୀ ବିଦ୍ୟାଳୟର ଶିଳାନ୍ୟାସ ଓ ମେଧାବୀ ଛାତ୍ରବୃତ୍ତି ଏବଂ ରାଜ୍ୟରେ ଗବେଷଣାକୁ ପ୍ରୋତ୍ସାହିତ କରିବା ଦିଗରେ ରାଜ୍ୟ ଗବେଷଣା ବୃତ୍ତି ପାଇଁ ଆର୍ଥିକ ପ୍ରବନ୍ଧନ କରାଯିବା ଉତ୍ତରାଖଣ୍ଡ ସରକାରଙ୍କ ଶିକ୍ଷାର ବିକାଶ ପ୍ରତି ପ୍ରାଥମିକତାକୁ ଦର୍ଶାଉଛି ବୋଲି ଧର୍ମେନ୍ଦ୍ର କହିଛନ୍ତି।

# ଘାସବୁଦା ବଞ୍ଚାଇଦେଲା ଜୀବନ

ସମ୍ବଲପୁର ୧୨।୯(ଶୁଭାଶିଷ ପାଢ଼ୀ)

## ସେଲ୍‌ଫି ନେବାବେଳେ ମହାନଦୀରେ ଖସିପଡ଼ିଥିଲେ



ମୋବାଇଲରେ ସେଲ୍‌ଫି ନେଉଥିଲି। ହେଲେ ମୁଣ୍ଡ ବୁଲାଇବାରୁ ବ୍ରିଜ୍ ଉପରୁ ମହାନଦୀ ପାଣିରେ ପଡି ଯାଇଥିଲି। ମୃତ୍ୟୁ ନିଶ୍ଚିତ ବୋଲି ଭାବି ନେଇଥିଲି। ହେଲେ ଜୀବନ ପାଇଁ ଲଢେଇ କରିବି ବୋଲି ଭାବିଲି। ସାମାନ୍ୟ ପହଁରା ଜାଣିଥିଲେ ବି ବାର୍ଦ୍ଧକ୍ୟ ଯୋଗୁ ବେଶି ସମୟ ପାଣିରେ ପହଁରି ହେଉ ନ ଥିଲା। କେବଳ ମୁଣ୍ଡ ଉପରକୁ କରି ପାଣି ସ୍ରୋତରେ ତଳପଟକୁ ଭାସିଯାଇଥିଲି। ପ୍ରାୟ ୨ କିମି ଦୂର ଚାଉଁରପୁର ଗ୍ରାମ ପଟକୁ ଭାସିବା ପରେ ଏକ ଘାସ ବୁଦା ହାତରେ ପଡିଥିଲା। ତାହାକୁ ଧରି ପ୍ରାୟ ୧ଘଣ୍ଟା ସାହାରା ନେଇଥିଲି। ପରେ ଅଗ୍ନିଶମ କର୍ମଚାରୀ ପହଞ୍ଚି ମୋତେ ଉଦ୍ଧାର କଲେ ବୋଲି ମଙ୍ଗଳବାର ମହାନଦୀରେ ଭାସିଯାଇଥିବା ବୃଦ୍ଧ ସମ୍ବଲପୁର ଏସ୍‌ଆର୍‌ଆଇଟି କଲୋନୀର ୬୮ ବର୍ଷୀୟ ସୁରେନ୍ଦ୍ର ମୋହନ ମିଶ୍ର କହିଛନ୍ତି। ସୁରେନ୍ଦ୍ର ଜଣେ ସରକାରୀ କର୍ମଚାରୀ ଭାବେ ଅବସର ଗ୍ରହଣ କରିଛନ୍ତି। ପ୍ରତ୍ୟକ୍ଷଦର୍ଶୀଙ୍କ କହିବା ଅନୁସାରେ ସକାଳ ପ୍ରାୟ ୬ଟାରେ ଚାଉଁରପୁର ମହାନଦୀ ଦ୍ୱିତୀୟ ସେତୁ ମଧ୍ୟସ୍ଥଳରେ ଓଡି୧୫-୫୭୭୯ ନମ୍ବର ବିଶିଷ୍ଟ ଏକ ଆକ୍ଟିଭା ସହ ହଳେ ଜୋତା ରହିଥିବା ଦେଖାଯାଇଥିଲା। ବ୍ରିଜ୍ ଉପରୁ ମହାନଦୀକୁ କେହି ଡେଇଁପଡିଥିବା ସନ୍ଦେହ କରି ପୋଲିସ ଓ ଅଗ୍ନିଶମ ବିଭାଗକୁ ସୂଚନା ଦେଇଥିଲୁ। ଅଗ୍ନିଶମ କର୍ମଚାରୀ ତତ୍ପରତା ଦେଖାଇ ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ। ପ୍ରାୟ ଏକଘଣ୍ଟା ପରେ ସୁରେନ୍ଦ୍ରଙ୍କୁ ଉଦ୍ଧାର କରାଯାଇଥିଲା। ଜିଲା ସଦର ଡାକ୍ତରଖାନାରେ ସେ ଏବେ ଚିକିତ୍ସିତ ହେଉଛନ୍ତି। ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଛି।

# ଭାରତ ପାଇଁ ମହଙ୍ଗା...

ପ୍ରଥମ ପୃଷ୍ଠାରୁ...

ଦେବା ଗ୍ରହଣଯୋଗ୍ୟ ନୁହେଁ ବୋଲି ଉଲ୍ଲେଖ କରାଯାଇଛି। କିନ୍ତୁ ପ୍ରତ୍ୟକ୍ଷ ଭାବେ ରୁଷିଆର ଆକ୍ରମଣକୁ ନିନ୍ଦା କରାଯାଇ ନାହିଁ। ଭାରତ ମଧ୍ୟମପନ୍ଥୀ କୂଟନୀତି ଆପଣାଇ ଡିକ୍ଲାରେଶନ୍‌ରେ ଏଭଳି ଭାଷା ବ୍ୟବହାର କରିଛି, ଯଦ୍ୱାରା ବାଡ଼ି ଭାଙ୍ଗିବ ନାହିଁ କି ସାପ ମରିବ ନାହିଁ। ରୁଷିଆ ବହିର୍ବ୍ୟାପାର ମନ୍ତ୍ରୀ ସର୍ଗେଇ ଲାଭ୍ରୋଭ୍ ଉକ୍ତ ଘୋଷଣାନାମାକୁ ନୂଆଦିଲ୍ଲୀରେ ପ୍ରଶଂସା କରି ମସ୍କୋ ଯିବା ପରେ ଭାରତକୁ ରପ୍ତାନି କରାଯାଉଥିବା ସାର ମୂଲ୍ୟ ହଠାତ୍ ବଢ଼ିଯାଇଛି। ଏହାକୁ ଲାଭ୍ରୋଭ୍‌ଙ୍କ 'ନାଇଟ୍ରୋଜେନ୍ ଡିପ୍ଲୋମାସି' କୁହାଯାଉଛି। ପୂର୍ବରୁ ୮୦ ଡଲାର ରିହାତି ଦେଉଥିବା ରୁଷୀୟ କମ୍ପାନୀଗୁଡ଼ିକ ଏବେ ୫ ଡଲାର ଛାଡ଼ିବାକୁ ମଧ୍ୟ ମଙ୍ଗୁନାହାନ୍ତି। ଫଳରେ ଜୁଲାଇରେ ରୁଷିଆରୁ ଟନ୍ ପିଛା ୪୪୦ ଡଲାରରେ ମିଳୁଥିବା ଡିଏପି ବର୍ତ୍ତମାନ ଭାରତୀୟ କ୍ରେତାମାନଙ୍କ ପାଇଁ ୫୭୦ ଡଲାରରେ ପହଞ୍ଚିଛି। ମୁମ୍ବାଇସ୍ଥିତ ଏକ ସାର କମ୍ପାନୀର ଜଣେ ଅଧିକାରୀଙ୍କ କହିବା ହେଲା, ବିଶ୍ୱ ବଜାରରେ ଗତ ୨ ମାସ ହେଲା ସାର ଦାମ୍ ବଢ଼ିବାରେ ଲାଗିଛି। ଆସନ୍ତା ଶୀତଋତୁରେ ଗହମ ଚାଷ ଲାଗି ଡିଏପି ଚାହିଦା ବଢ଼ିଲେ ପର୍ଯ୍ୟାପ୍ତ ପରିମାଣର ସାର ମହଜୁଦ ରଖିବା ଭାରତୀୟ କମ୍ପାନୀଗୁଡ଼ିକ ପାଇଁ ଚ୍ୟାଲେଞ୍ଜ ହୋଇଯିବ। ଗତ ଜୁଲାଇରେ ବୈଶ୍ୱିକ ଯୋଗାଣକାରୀମାନେ ୟୁରିଆ ଟନ୍‌ପିଛା ପ୍ରାୟ ୩୦୦ ଡଲାରରେ ଦେଉଥିଲେ। କିନ୍ତୁ ସେମାନେ ଏବେ ଟନ୍ ପ୍ରତି ୪୦୦ ଡଲାର ଦାବି କରୁଛନ୍ତି। ଅନ୍ୟପକ୍ଷେ ଏସିଆର ଅନ୍ୟ କମ୍ପାନୀଗୁଡ଼ିକୁ ମଧ୍ୟ ଏହି ଦରରେ ଡିଏପି ଯୋଗାଇ ଦିଆଯାଉଥିବା ଜଣେ ରୁଷୀୟ ଅଧିକାରୀ କହିଛନ୍ତି। ଅର୍ଥାତ୍ ଭାରତ ପାଇଁ କୌଣସି ସ୍ୱତନ୍ତ୍ର ଦର ନିର୍ଦ୍ଧାରିତ ହୋଇନାହିଁ। ମିଜୋରାମ, ଛତିଶଗଡ଼, ମଧ୍ୟପ୍ରଦେଶ, ରାଜସ୍ଥାନ, ତେଲଙ୍ଗାନା, ଆନ୍ଧ୍ରପ୍ରଦେଶ, ଅରୁଣାଚଳ ପ୍ରଦେଶ, ସିକିମ୍ ଏବଂ ଓଡ଼ିଶା ବିଧାନସଭା ଭୋଟ ସମେତ ଲୋକ ସଭା ନିର୍ବାଚନ ପୂର୍ବରୁ ସାର ମୂଲ୍ୟରେ ବୃଦ୍ଧି ଭାଜପାକୁ ଅଡୁଆରେ ପକାଇପାରେ। ଏବେ କୃଷକଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାରଙ୍କ ନିକଟରେ ସାର ଉପରେ ସବ୍‌ସିଡି ଦେବା ବ୍ୟତୀତ ଅନ୍ୟ ବିକଳ୍ପ ନାହିଁ ବୋଲି କୁହାଯାଉଛି।

# ୪୦% ଏମ୍‌ପିଙ୍କ ନାଁରେ ଆପରାଧିକ ମାମଲା

ନୂଆଦିଲ୍ଲୀ,୧୨।୯(ପି.ଟି.)

## ଏଡିଆର୍ ରିପୋର୍ଟ

## ହାରାହାରି ସମ୍ପତ୍ତି ୩୮.୩୩ କୋଟି

ଭାରତର ୪୦ ପ୍ରତିଶତ ଏମ୍‌ପିଙ୍କ ନାଁରେ ଆପରାଧିକ ମାମଲା ରୁଜୁ ହୋଇଥିବାବେଳେ ସେମାନଙ୍କ ମଧ୍ୟରୁ ୨୫ ପ୍ରତିଶତଙ୍କ ବିରୋଧରେ ହତ୍ୟା, ହତ୍ୟା ଉଦ୍ୟମ, ଅପହରଣ ଏବଂ ମହିଳା ବିରୋଧୀ ଅପରାଧ ଭଳି ଗୁରୁତର ଅପରାଧ ରହିଥିବା ସେମାନେ ଘୋଷଣା କରିଛନ୍ତି। ଆସୋସିଏଶନ ଫର୍ ଡେମୋକ୍ରାଟିକ୍ ରିଫର୍ମସ (ଏଡିଆର୍) ରିପୋର୍ଟରେ ଏହା କୁହାଯାଇଛି। ଲୋକ ସଭା ଏବଂ ରାଜ୍ୟ ସଭା ସଦସ୍ୟମାନଙ୍କ ମୁଣ୍ଡପିଛା ହାରାହାରି ସମ୍ପତ୍ତି ୩୮.୩୩ କୋଟି ଟଙ୍କା ହୋଇଥିବାବେଳେ ୫୩ ଜଣ ଏମ୍‌ପି (୭ ପ୍ରତିଶତ) ବିଲିୟନେୟାର ବୋଲି ଏଡିଆର୍ କହିଛି। ଲୋକ ସଭା ଓ ରାଜ୍ୟ ସଭାରେ ମୋଟ ୭୭୬ ସଦସ୍ୟ ରହିଥିବାବେଳେ ସେମାନଙ୍କ ମଧ୍ୟରୁ ୭୬୩ ଜଣ ଦାଖଲ କରିଥିବା ସତ୍ୟପାଠକୁ ଏଡିଆର୍ ଏବଂ ନ୍ୟାଶନାଲ ଇଲେକ୍ସନ ୱାଚ୍ (ଏନ୍‌ଇଡବ୍ଲ୍ୟୁ) ଅନୁଶୀଳନ କରିଥିଲେ। ବର୍ତ୍ତମାନ ୪ ଲୋକ ସଭା ଓ ଗୋଟିଏ ରାଜ୍ୟ ସଭା ଆସନ ଖାଲି ଥିବାବେଳେ ଜମ୍ମୁ-କଶ୍ମୀରର ୪ ରାଜ୍ୟ ସଭା ଆସନ ସମ୍ପର୍କରେ ସ୍ପଷ୍ଟ କରାଯାଇ ନାହିଁ। ସେହିପରି ଦସ୍ତାବିଜ ଉପଲବ୍ଧ ନ ହେବାରୁ ଜଣେ ଲୋକ ସଭା ସଦସ୍ୟ ଓ ୩ ରାଜ୍ୟ ସଭା ସଦସ୍ୟଙ୍କ ସତ୍ୟପାଠକୁ ବିଶ୍ଳେଷଣ କରାଯାଇ ନାହିଁ।

ରିପୋର୍ଟ ଅନୁଯାୟୀ, ୭୬୩ ଏମ୍‌ପିଙ୍କ ମଧ୍ୟରୁ ୩୦୬ ଜଣ ଅର୍ଥାତ୍ ୪୦ ପ୍ରତିଶତ ସେମାନଙ୍କ ବିରୋଧରେ ଆପରାଧିକ ମାମଲା ଥିବା ନେଇ ସତ୍ୟପାଠରେ ଦର୍ଶାଇଛନ୍ତି। ସେହିପରି ୧୯୪ ଏମ୍‌ପି (୨୫ ପ୍ରତିଶତ)ଙ୍କ ନାଁରେ ଗମ୍ଭୀର ଅପରାଧ ମାମଲା ରହିଥିବା ସେମାନେ ଘୋଷଣା କରିଛନ୍ତି। କେରଳର ୨୯ ଏମ୍‌ପିଙ୍କ ମଧ୍ୟରୁ ୨୩ ଜଣଙ୍କ ନାଁରେ ଆପରାଧିକ ମାମଲା ଥିବାବେଳେ ବିହାରର ୫୬ ଏମ୍‌ପିଙ୍କ ମଧ୍ୟରୁ ୪୧, ମହାରାଷ୍ଟ୍ରର ୬୫ ଏମ୍‌ପିଙ୍କ ମଧ୍ୟରୁ ୩୭, ତେଲଙ୍ଗାନାର ୨୪ ଏମ୍‌ପିଙ୍କ ମଧ୍ୟରୁ ୧୩ ଏବଂ ଦିଲ୍ଲୀର ୧୦ ଏମ୍‌ପିଙ୍କ ମଧ୍ୟରୁ ୫ ଜଣଙ୍କ ନାଁରେ ଆପରାଧିକ ମାମଲା ରହିଛି। ସେହିପରି ବିହାରର ୨୮, ତେଲଙ୍ଗାନାର ୯, କେରଳର ୧୦, ମହାରାଷ୍ଟ୍ରର ୨୨, ଉତ୍ତରପ୍ରଦେଶର ୩୭ ଏମ୍‌ପିଙ୍କ ନାଁରେ ଗମ୍ଭୀର ଅପରାଧ ମାମଲା ରହିଛି।

ଦଳ ଅନୁଯାୟୀ ଦେଖିଲେ ଭାଜପାର ମୋଟ ୩୮୫ ଏମ୍‌ପିଙ୍କ ମଧ୍ୟରୁ ୧୩୯ ଜଣ (୩୬%), କଂଗ୍ରେସର ୮୧ ଏମ୍‌ପିଙ୍କ ମଧ୍ୟରୁ ୪୩(୫୩%), ଟିଏମ୍‌ସିର ୩୬ ଏମ୍‌ପିଙ୍କ ମଧ୍ୟରୁ ୧୪ (୩୯%), ଆର୍‌ଜେଡିର ୬ ଏମ୍‌ପିଙ୍କ ମଧ୍ୟରୁ ୫ ଜଣ (୮୩%), ସିପିଆଇ(ଏମ୍)ର ୮ ଏମ୍‌ପିଙ୍କ ମଧ୍ୟରୁ ୬ (୭୫%), ଏଏପିର ୧୧ ଏମ୍‌ପିଙ୍କ ମଧ୍ୟରୁ ୩ ଜଣ (୨୭%), ୱାଇଏସ୍‌ଆର୍‌ସିପିର ୩୧ ଏମ୍‌ପିଙ୍କ ମଧ୍ୟରୁ ୧୩ ଜଣ (୪୨%) ଏବଂ ଏନ୍‌ସିପିର ୮ ଏମ୍‌ପିଙ୍କ ମଧ୍ୟରୁ ୩ ଜଣ (୩୮%)ଙ୍କ ନାଁରେ ଆପରାଧିକ ମାମଲା ରହିଛି। ସେହିପରି ଭାଜପାର ୯୮ ଏମ୍‌ପି (୨୫%), କଂଗ୍ରେସର ୨୬ (୩୨%), ଟିଏମ୍‌ସିର ୭ ଏମ୍‌ପି (୧୯%), ଆର୍‌ଜେଡିର ୩ ଏମ୍‌ପି (୫୦%), ସିପିଆଇ(ଏମ୍)ର ୨ ଏମ୍‌ପି(୨୫%), ଏଏପିର ଜଣେ (୯%), ୱାଇଏସ୍‌ଆର୍‌ସିପିର ୧୧ ଏମ୍‌ପି (୩୫%) ଏବଂ ଏନ୍‌ସିପିର ୨ ଏମ୍‌ପି (୨୫%)ଙ୍କ ନାଁରେ ଗମ୍ଭୀର ଅପରାଧ ଥିବା ସେମାନେ ସତ୍ୟପାଠରେ ଘୋଷଣା କରିଛନ୍ତି। ୧୧ ଏମ୍‌ପିଙ୍କ ନାଁରେ ହତ୍ୟା ମାମଲା ଥିବାବେଳେ ୩୨ ଜଣଙ୍କ ବିରୋଧରେ ହତ୍ୟା ଉଦ୍ୟମ ମାମଲା, ୨୧ ଏମ୍‌ପିଙ୍କ ନାଁରେ ମହିଳା ବିରୋଧୀ ଅପରାଧ ମାମଲା ରହିଥିବାବେଳେ ୪ ଜଣଙ୍କ ନାଁରେ ବଳାତ୍କାର ମାମଲା ରହିଥିବା ସେମାନେ ଘୋଷଣା କରିଛନ୍ତି।

ସମ୍ପତ୍ତି ଦୃଷ୍ଟିରୁ ଦେଖିଲେ ତେଲଙ୍ଗାନା ଏମ୍‌ପିମାନେ ସବୁଠୁ ଧନୀ। ସେଠାର ୨୪ ଏମ୍‌ପିଙ୍କ ହାରାହାରି ସମ୍ପତ୍ତି ୨୬୨.୨୬ କୋଟି ଟଙ୍କା ହୋଇଥିବାବେଳେ ଆନ୍ଧ୍ରପ୍ରଦେଶର ୩୬ ଏମ୍‌ପିଙ୍କ ହାରାହାରି ସମ୍ପତ୍ତି ୧୫୦.୭୬ କୋଟି ଏବଂ ପଞ୍ଜାବର ୨୦ ଏମ୍‌ପିଙ୍କ ହାରାହାରି ସମ୍ପତ୍ତି ୮୮.୯୪ କୋଟି ଟଙ୍କା ରହିଛି। ଲାକ୍ଷାଦ୍ୱୀପର ଜଣେ ଏମ୍‌ପିଙ୍କ ହାରାହାରି ସମ୍ପତ୍ତି ସର୍ବନିମ୍ନ ୯.୩୮ ଲକ୍ଷ ଟଙ୍କା ହୋଇଥିବାବେଳେ ତ୍ରିପୁରାର ୩ ଏମ୍‌ପିଙ୍କ ହାରାହାରି ସମ୍ପତ୍ତି ୧.୦୯ କୋଟି ଏବଂ ମଣିପୁରର ୩ ଏମ୍‌ପିଙ୍କ ହାରାହାରି ସମ୍ପତ୍ତି ୧.୧୨ କୋଟି ଟଙ୍କା ରହିଛି। ବୃହତ୍ ଦଳଗୁଡ଼ିକ ମଧ୍ୟରୁ ଭାଜପାର ୩୮୫ ଏମ୍‌ପିଙ୍କ ହାରାହାରି ସମ୍ପତ୍ତି ପରିମାଣ ୧୮.୩୧ କୋଟି ଟଙ୍କା ହୋଇଥିବାବେଳେ ୮୧ କଂଗ୍ରେସ ଏମ୍‌ପିଙ୍କ ହାରାହାରି ସମ୍ପତ୍ତି ୩୯.୧୨ କୋଟି, ୩୬ ଟିଏମ୍‌ସି ଏମ୍‌ପିଙ୍କ ହାରାହାରି ସମ୍ପତ୍ତି ୮.୭୨ କୋଟି, ୩୧ ୱାଇଏସ୍‌ଆର୍‌ସିପି ଏମ୍‌ପିଙ୍କ ହାରାହାରି ସମ୍ପତ୍ତି ୧୫୩.୭୬ କୋଟି, ୧୬ ଟିଆର୍‌ଏସ୍ ଏମ୍‌ପିଙ୍କ ହାରାହାରି ସମ୍ପତ୍ତି ୩୮୩.୫୧ କୋଟି, ୮ ଏନ୍‌ସିପି ଏମ୍‌ପିଙ୍କ ହାରାହାରି ସମ୍ପତ୍ତି ୩୦.୧୧ କୋଟି ଏବଂ ୧୧ ଏଏପି ଏମ୍‌ପିଙ୍କ ହାରାହାରି ସମ୍ପତ୍ତି ୧୧୯.୮୪ କୋଟି ଟଙ୍କା ବୋଲି ସେମାନେ ସତ୍ୟପାଠରେ ଦର୍ଶାଇଥିବା ଏଡିଆର୍ ରିପୋର୍ଟରେ କୁହାଯାଇଛି। ୫୩ ଜଣ ବିଲିୟନେୟାର ଏମ୍‌ପିଙ୍କ ମଧ୍ୟରୁ ତେଲଙ୍ଗାନାରୁ ୭ ଜଣ ରହିଥିବାବେଳେ ଆନ୍ଧ୍ରପ୍ରଦେଶରୁ ୯, ଦିଲ୍ଲୀରୁ ୨, ପଞ୍ଜାବରୁ ୪, ଉତ୍ତରାଖଣ୍ଡରୁ ଜଣେ, ମହାରାଷ୍ଟ୍ରରୁ ୬ ଏବଂ କର୍ଣ୍ଣାଟକରୁ ୩ ଜଣ ରହିଛନ୍ତି। ଭାଜପାର ୧୪ ଏମ୍‌ପି ବିଲିୟନେୟାର ହୋଇଥିବାବେଳେ କଂଗ୍ରେସର ୬, ଟିଆର୍‌ଏସ୍‌ର ୭, ୱାଇଏସ୍‌ଆର୍‌ସିପିର ୭, ଏଏପିର ୩, ଏସ୍‌ଏଡିର ୨, ଏଆଇଟିସିର ଜଣେ ମନ୍ତ୍ରୀଙ୍କ ସମ୍ପତ୍ତି ୧୦୦ କୋଟି ଟଙ୍କାରୁ ଉର୍ଦ୍ଧ୍ୱ ଥିବା ସତ୍ୟପାଠରେ ଉଲ୍ଲେଖ କରିଛନ୍ତି। ୭୬୩ ଏମ୍‌ପିଙ୍କ ମୋଟ ସମ୍ପତ୍ତି ପରିମାଣ ୨୯,୨୫୧ କୋଟି ଟଙ୍କା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜି ଶନିଙ୍କ ଦୃଷ୍ଟିରେ ଚନ୍ଦ୍ର ଥିବାରୁ ଘର କଥା ନେଇ ମନ ଚିନ୍ତାକୁଳ ରହିବ। ଅତୀତ କଥା ସ୍ମରଣ କରି ଭାବପ୍ରବଣ ହେବେ। ପରିବହନରେ ପ୍ରତିଯୋଗିତା ମନୋଭାବ ଯୋଗୁ ସମାଲୋଚନାରୁ ବାଦ୍ ପଡ଼ିବେ ନାହିଁ। ବନ୍ଧୁଙ୍କ ପାରିବାରିକ ସମସ୍ୟାରେ ଭଦ୍ରଲୋକୀ ହୋଇ ପରିସ୍ଥିତିକୁ ସୁଧାରି ନେବେ, ମାତ୍ର ପରୋକ୍ଷରେ ସମାଲୋଚିତ ହେବେ।

**ବୃଷ**
କର୍ମକ୍ଷେତ୍ରରେ ପଦସ୍ଥ କର୍ମଚାରୀଙ୍କ ତରଫରୁ ଉତ୍ସାହ ଓ ପ୍ରେରଣା ପାଇ ଦୁଃସାଧ୍ୟ ସାଧନ କରିବେ। ସମସ୍ୟା ବିଜଡ଼ିତ ଆନୁଷ୍ଠାନିକ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇପାରନ୍ତି। ପଡ଼ୋଶୀଙ୍କ ଘରୋଇ କଳହକୁ ନେଇ ନିଜ ଘରେ ଅଶାନ୍ତି ଲାଗିରହିବାର ସୂଚନା ରହିଛି। ଅର୍ଥ ସଂକଟ ଲାଗି ରହିବା କାରଣରୁ ତାହାର ନିରାକରଣର ବ୍ୟବସ୍ଥା କରିପାରନ୍ତି।

**ମିଥୁନ**
ପରିବାରର ଆର୍ଥିକ ସମସ୍ୟାକୁ ସୁଧାରିବା ସକାଶେ ବିଭିନ୍ନ ଯୋଜନା କରିପାରନ୍ତି। ପରିବହନରେ ସମସ୍ୟା ଲାଗିରହିବା ଯୋଗୁ ବ୍ୟସ୍ତତା ବୃଦ୍ଧି ପାଇବ, କିନ୍ତୁ ବ୍ୟବସାୟିକ ସଫଳତା ଅବଶ୍ୟ ମିଳିବ। ସଭା ସମିତିରେ ଉତ୍ସାହିତ ହେବେ ଓ ସାଫଲ୍ୟତା ହାସଲ କରିବେ। ଆଜିର କର୍ମକ୍ଷେତ୍ରରେ ଫାଇଲ କାମ ବଢ଼ିଯାଇପାରେ।

**କର୍କଟ**
ବିଶ୍ୱସ୍ତ କର୍ମଚାରୀଟି ଅନ୍ୟମାନଙ୍କ ଦ୍ୱାରା ପ୍ରଭାବିତ ହୋଇ ଆପଣଙ୍କ ସହ ସମ୍ପର୍କକୁ ଅସ୍ୱୀକାର କରିପାରେ। ଏକ ସାଧାରଣ ଘଟଣାକୁ କେନ୍ଦ୍ର କରି ମଧ୍ୟାହ୍ନରେ ମିତ୍ର ବନ୍ଧୁମାନଙ୍କ ସହ ଉଚ୍ଚବାଚ ଘଟିପାରେ। ଅପେକ୍ଷା କରିଥିବା ଖବରଟିକୁ ବହୁ ବିଳମ୍ବରେ ହେଲେ ମଧ୍ୟ ଶୁଣି ଖୁସି ହେବେ। ପଡ଼ୋଶୀଙ୍କ ସାହାଯ୍ୟ ଓ ବନ୍ଧୁ ମିଳନରୁ ଉତ୍ସାହିତ ହେବେ।

**ସିଂହ**
ଆଜି ବହୁତ ଆଶା ନେଇ ବନ୍ଧୁଙ୍କ ନିକଟକୁ ଯିବେ ମାତ୍ର ଶୂନ୍ୟ ହସ୍ତରେ ଫେରିବାକୁ ପଡ଼ିପାରେ। କର୍ମକ୍ଷେତ୍ରରେ ବିତର୍କଜନିତ ଗଣ୍ଡଗୋଳିଆ ପରିସ୍ଥିତିରେ ଉପସ୍ଥିତ ବୁଦ୍ଧି ପ୍ରୟୋଗ କରି କାର୍ଯ୍ୟ ସାଧନ କରିବେ। ବ୍ୟବସାୟିକ କ୍ଷେତ୍ରରେ ଉଚ୍ଚବର୍ଗର ବ୍ୟକ୍ତିବିଶେଷଙ୍କ ଦ୍ୱାରା ସହଯୋଗ ପାଇବେ।

**କନ୍ୟା**
ମନ ଭଲ ନ ଥିବା କାରଣରୁ ବାକ୍ ଅସଂଯମତା ବିଭିନ୍ନ ସମସ୍ୟା ସୃଷ୍ଟି କରିପାରେ। କେତେକ କ୍ଷେତ୍ରରେ ନୀରବ ନ ରହିଲେ ଅସୁବିଧାରେ ପଡ଼ିପାରନ୍ତି। ବାଣିଜ୍ୟ ଓ ବ୍ୟବସାୟ କ୍ଷେତ୍ରରେ ଅପୂରଣୀୟ ଆଶା ମନରେ ଅଯଥା ଆଶଙ୍କା ସୃଷ୍ଟି କରିବ। କର୍ମ କ୍ଷେତ୍ରରେ ଅସ୍ଥିରତା ସୃଷ୍ଟି ହେବାର ସମ୍ଭାବନା ରହିଛି, ମାତ୍ର କିଛି ଅସୁବିଧା ହେବ ନାହିଁ।

**ତୁଳା**
ଅର୍ଥାଭାବ ସଙ୍ଗକୁ ପାରିବାରିକ ଅସହଯୋଗ ହେତୁ କାମଗୁଡ଼ିକ ଠିକ୍ ସମୟରେ ହେବା କଷ୍ଟକର ହୋଇ ପଡ଼ିବ। କର୍ମକ୍ଷେତ୍ରରେ ପୂର୍ବରୁ କଳହ ଲାଗିଥିବା ବନ୍ଧୁଟି ପ୍ରତି ସତର୍କ ରହନ୍ତୁ। ମାନସିକ ଅବସାଦ ଯୋଗୁ କୌଣସି କାମ ଉତ୍ସାହପ୍ରଦ ନ ହୋଇପାରେ। ରଚନାତ୍ମକ, ଗବେଷଣା, କଳା ସାହିତ୍ୟ କାର୍ଯ୍ୟରେ ଅଗ୍ରଗତି ଘଟିବ।

**ବିଛା**
ପ୍ରତ୍ୟେକ କ୍ଷେତ୍ରରେ ଅପେକ୍ଷା କରିବାର ଧୈର୍ଯ୍ୟ ନ ରଖିପାରିଲେ ମାନସିକ ଅସ୍ଥିରତା ବଢ଼ିବଢ଼ି ଯିବ। ଖଳଲୋକମାନେ ଆପଣଙ୍କର ଅପପ୍ରଚାର କଲେ ମଧ୍ୟ କିଛି କ୍ଷତି କରିପାରିବେ ନାହିଁ। ସମସ୍ୟା ସମାଧାନ କ୍ଷେତ୍ରରେ ନିଜଲୋକଙ୍କଠାରୁ ଆସ୍ଥା ହରାଇ ବସିବେ। ଅର୍ଥ ସମ୍ପର୍କକୁ କେନ୍ଦ୍ର କରି ତର୍କର ସମ୍ମୁଖୀନ ହେବେ।

**ଧନୁ**
ଆଜି ଯେତେ ଭଲ କାମ କଲେ ମଧ୍ୟ ଅନ୍ୟମାନଙ୍କ ଭୁଲ୍ ଧାରଣା ହିଁ ଦୃଢ଼ୀଭୂତ ହେବ। ଅବଶ୍ୟ ଆର୍ଥିକ ଦିଗଟି ଭଲ ରହିବ ଓ ଚେଷ୍ଟାକଲେ ବକେୟା ପାଇପାରନ୍ତି। ମନ ଭଲ ନ ଲାଗିବା ହେତୁ ସାଧାରଣ କଥାରେ ମଧ୍ୟ ବେଶି ବିରକ୍ତ ଲାଗିବ। କର୍ମକ୍ଷେତ୍ରରେ ଭଲକୁ ଭଲ ରୂପେ ବିବେଚନା ନ କରି ଭିନ୍ନ ଦୃଷ୍ଟି କୋଣରୁ ବୁଝିବେ।

**ମକର**
ପୂର୍ବ ସମସ୍ୟାଗୁଡ଼ିକ ଶିଥିଳତା ପଡ଼ିଯିବା କାରଣରୁ ମନରେ ଉତ୍ସାହ ବୃଦ୍ଧି ପାଇବ। କର୍ମକ୍ଷେତ୍ରରେ ଯୋଜନା ଠିକ୍ ଭାବରେ ବଦଳାଇବା ପାଇଁ କଷ୍ଟକର ହେବ। ତଥାପି ଆପଣ ଧୈର୍ଯ୍ୟହରା ନ ହୋଇ କାମ କରି ଚାଲିଲେ ଉପକୃତ ହେବେ। ରାଜନୈତିକ,ସାମାଜିକ, ଆନୁଷ୍ଠାନିକ ତଥା ଗଠନମୂଳକ କାର୍ଯ୍ୟରୁ ପ୍ରଶଂସିତ ହୋଇପାରନ୍ତି।

**କୁମ୍ଭ**
ଯେଉଁ କାମରେ ଲାଗି ପଡ଼ିଛନ୍ତି, ସେଥିରେ ଖର୍ଚ୍ଚାନ୍ତ ହେବେ ସିନା କାମ ଅଟକିବ ନାହିଁ। ଚେଷ୍ଟା କରୁଥିବା କାମରେ ସଫଳତାର ସୂଚନା ପଡ଼ୋଶୀଙ୍କଠାରୁ ପାଇ ଖୁସି ହେବେ। ଅବହେଳା ନ କରି ସ୍ୱାସ୍ଥ୍ୟପ୍ରତି ସାବଧାନତା ଅବଲମ୍ବନ କରିବା ଠିକ୍ ହେବ। ପ୍ରତ୍ୟେକ କ୍ଷେତ୍ରରେ ନୀରବଦ୍ରଷ୍ଟା ଭଳି କାମ କରିବେ।

**ମୀନ**
ଆଜି ବନ୍ଧୁଙ୍କ ସହ ସମସ୍ୟାର ଆଲୋଚନା କରି ପାରନ୍ତି। ସାମାଜିକ, ପାରିବାରିକ, ପ୍ରଶାସନ, ପ୍ରକାଶନ ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ପାଇବେ। ଆଗାମୀ କୌଣସି କାମ ସକାଶେ କିଛି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବା ପୂର୍ବରୁ ପରିବାର ସହ ଆଲୋଚନା କଲେ ଭଲ ହେବ। ଅତି ବିଶ୍ୱସ୍ତ ଲୋକମାନେ ବିଶ୍ୱାସଘାତକତା କରିପାରନ୍ତି।

ଆଜି ଭାଦ୍ରବ କୃଷ୍ଣ ଚତୁର୍ଦ୍ଦଶୀ ବୁଧବାର, ଶିବ ଚତୁର୍ଦ୍ଦଶୀ ଓ ବେଢ଼ା ପରିକ୍ରମା, ବୁଧେଇ ଓଷା ଦ୍ୱିତୀୟ ପାଳି, ସେପ୍ଟେମ୍ବର ୧୩ ତାରିଖ, ରାଶି ନକ୍ଷତ୍ର- ମଘା/ସିଂହ, ଚତୁର୍ଦ୍ଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ସକାଳ ଘ.୦୫.୩୭ମି. ଗତେ ଘ.୦୭.୧୪ମି. ମଧ୍ୟେ, ଘ.୧୦.୧୧ମି. ଗତେ ଘ.୧୧.୧୮ମି. ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୧୧.୪୨ମି. ଗତେ ଘ.୦୧.୧୩ମି. ମଧ୍ୟେ ରାହୁକାଳ।

ଅନ୍ୟମାନଙ୍କଠାରୁ ଯାହା ଆସେ –ତାହାଦ୍ୱାରା ବିକ୍ଷୁବ୍ଧ ନ ହୋଇ– ଯେତେବେଳେ ଆମ୍ଭେମାନେ କେବଳ ଭଗବାନଙ୍କ କୋଳରେ ସ୍ଥିର ହୋଇ ରହୁ– ସେତେବେଳେ ଆଗେ ତାଙ୍କର ଅଦ୍‌ଭୂତ କ୍ଷମତାକୁ ଦେଖିପାରୁ। ଅନୁଭବ ମଧ୍ୟ କରିପାରୁ। ତାଙ୍କ ପ୍ରତି ଆମର ପ୍ରେମରେ ହିଁ ରହିଛି ଆମର ନିରାପତ୍ତା। **–ଶ୍ରୀମା**

# ସକାରାତ୍ମକ ବାର୍ତ୍ତା ଆସୁ

ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ଜି୨୦ ସମ୍ମିଳନୀ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ମାନବ ଅଧିକାର, ଭଦ୍ର ସମାଜ ଓ ଗଣମାଧ୍ୟମ ସ୍ୱାଧୀନତା ବିଷୟରେ ଜଣାଇଥିବା କଥା ଭିଏଟ୍‌ନାମରେ କହିଛନ୍ତି। ତାଙ୍କୁ ଭାରତରେ ଗଣମାଧ୍ୟମକୁ ଭେଟିକରି ଏହିସବୁ ବିଷୟ କହିବାକୁ ସୁଯୋଗ ଦିଆଗଲା ନାହିଁ ବୋଲି ମନ୍ତବ୍ୟ ପ୍ରକାଶ ପାଇଛି। କୁହାଯାଇପାରେ ଯେ, ଭାଜପା ସରକାର ସବୁ କଥାକୁ ଗୁପ୍ତ ରଖିବାକୁ ଯାଇ ଏଭଳି ପଦକ୍ଷେପ ନେଇପାରିଥାନ୍ତି। ଉଲ୍ଲେଖଯୋଗ୍ୟ, ସଂସଦର ସ୍ୱତନ୍ତ୍ର ଅଧିବେଶନ ସେପ୍ଟେମ୍ବର ୧୮ରୁ ୨୨ ଯାଏ ଚାଲିବ । ଆଜି ପର୍ଯ୍ୟନ୍ତ ଏହାର କାର୍ଯ୍ୟସୂଚୀ ସମ୍ବନ୍ଧରେ ସମସ୍ତଙ୍କୁ ଅନ୍ଧାର ଘରରେ ରଖାଯାଇଛି। ଅଗଷ୍ଟ ୧୧ରେ ଗୋଟିଏ ଅଧିବେଶନ ଶେଷ ହୋଇଥିବାବେଳେ ଏତେ ଶୀଘ୍ର ସ୍ୱତନ୍ତ୍ର ଅଧିବେଶନ ଡକାଯିବାକୁ ନେଇ ସରକାରଙ୍କ କାର୍ଯ୍ୟକଳାପ ଉପରେ ପ୍ରଶ୍ନ ଉଠିଛି। ଗୋଟିଏ ଅଧିବେଶନର ଶେଷଦିନ ପରେ ସର୍ବନିମ୍ନ ୯୦ ଦିନର ବ୍ୟବଧାନରେ ପରବର୍ତ୍ତୀ ଅଧିବେଶନ ଡକାଯାଇପାରିବ। ଅବଶ୍ୟ ବିଶେଷ ପରିସ୍ଥିତିରେ ଏହି ପରମ୍ପରାକୁ ଭଙ୍ଗାଯିବାର ସୁଯୋଗ ରହିଛି। ତେବେ ଦେଶର ନାମ ଇଣ୍ଡିଆରୁ ଭାରତ କରିବା ଏବଂ 'ଏକ ଦେଶ, ଏକ ନିର୍ବାଚନ'କୁ ନେଇ ସ୍ୱତନ୍ତ୍ର ଅଧିବେଶନରେ କିଛି ନିଷ୍ପତ୍ତି ନିଆଯିବ ବୋଲି ମନେକରାଯାଉଛି। କିନ୍ତୁ ଏସବୁ କଳ୍ପନାଜଳ୍ପନା ବୋଲି ଶାସକ ଦଳ କହିଛି। ଅଧିବେଶନରେ ମୁଦ୍ରାସ୍ଫୀତି, ନିଯୁକ୍ତି, କୃଷକମାନଙ୍କ ପାଇଁ ଏମ୍‌ଏସ୍‌ପି, ମଣିପୁର ହିଂସା, ସାମ୍ପ୍ରଦାୟିକ ଉତ୍ତେଜନା, ଲଦାଖରେ ଚାଇନାର କାର୍ଯ୍ୟକଳାପ ଓ ଜାତିଭିତ୍ତିକ ଜନଗଣନାର ଆବଶ୍ୟକତା ଆଦି ପ୍ରସଙ୍ଗ ଉପରେ ଆଲୋଚନା କରିବାକୁ ବିରୋଧୀ ଏକ ତାଲିକା ଦେଇଛି। କିନ୍ତୁ ଏଗୁଡ଼ିକ ଉପରେ ଆଲୋଚନା ହେବା ସମ୍ଭାବନା କମ୍। କାରଣ ସରକାର ବିନା ମତାମତ ଓ ବିତର୍କରେ ଚୂଡ଼ାନ୍ତ ନିଷ୍ପତ୍ତି ନେବା ଭଳି ମନେହେଉଛି। ଭାଜପାର ୧୦ ବର୍ଷ ଶାସନ କାଳରେ ଏମିତି ଅନେକ ଏକତରଫା ନିଷ୍ପତ୍ତି ନେଇ ସରକାର ଅଡୁଆରେ ପଡ଼ିଛନ୍ତି ଓ ଲୋକେ ମଧ୍ୟ ହନ୍ତସନ୍ତ ହୋଇଛନ୍ତି। କେବଳ ଏହି ସ୍ୱତନ୍ତ୍ର ଅଧିବେଶନର କାର୍ଯ୍ୟସୂଚୀ ନୁହେଁ, ବରଂ ଅତୀତରେ ଆଉ କେତେକ ପ୍ରସଙ୍ଗରେ ନାଗରିକଙ୍କ ସମେତ ମନ୍ତ୍ରୀମାନଙ୍କୁ ଅନ୍ଧକାରରେ ରଖାଯାଇଛି। ଉଦାହରଣ ସ୍ୱରୂପ, ୨୦୧୬ର ବିମୁଦ୍ରୀକରଣ ନିଷ୍ପତ୍ତି ଚୂଡ଼ାନ୍ତ ହେବା ପୂର୍ବରୁ କୌଣସି ସୂଚନା କେହି ପାଇପାରି ନ ଥିଲେ। ଏପରିକି ସେତେବେଳେ ଖବର ପ୍ରକାଶ ପାଇଥିଲା ଯେ, ସବୁ କ୍ୟାବିନେଟ୍ ମନ୍ତ୍ରୀଙ୍କ ସମେତ ତତ୍କାଳୀନ ଅର୍ଥମନ୍ତ୍ରୀ ଅରୁଣ ଜେଟଲିଙ୍କୁ ମଧ୍ୟ ଏ ବିମୁଦ୍ରୀକରଣ ସମ୍ପର୍କରେ କୌଣସି ପୂର୍ବ ସୂଚନା ଦିଆଯାଇ ନ ଥିଲା। ସବୁକାର୍ଯ୍ୟ ସିଧାସଳଖ ଅଫିସରମାନଙ୍କ ଦ୍ୱାରା କରାଯାଇଥିଲା, ଯାହା ପ୍ରତ୍ୟେକ ଦେଶବାସୀ ଅଙ୍ଗେନିଭେଇଛନ୍ତି। ସେହିଭଳି ଡିସେମ୍ବର ୨୦୧୯ରେ ବିନା କୌଣସି ଆଲୋଚନାରେ ଜାତୀୟ ନାଗରିକ ପଞ୍ଜୀକରଣ (ଏନ୍‌ଆର୍‌ସି) ଓ ନାଗରିକତ୍ୱ ସଂଶୋଧନ ଆଇନ (ସିଏଏ)କୁ ଲାଗୁ କରାଯାଇଥିଲା। ଦେଶ ସାରା ପ୍ରତିବାଦ ଦେଖାଦେବାରୁ ଏହାକୁ ବନ୍ଦ ରଖାଯାଇଛି ଓ ସାଢ଼େ ୩ ବର୍ଷ ପରେ ତାହା କାର୍ଯ୍ୟକାରୀ ହୋଇପାରିନାହିଁ। ସମ୍ଭବତଃ ଏହାପାଇଁ ଜନଗଣନା ବନ୍ଦ ରହିଥିବା କୁହାଯାଉଛି। ଅନୁରୂପ ଭାବେ ୨୦୨୦ରେ କୋଭିଡ୍ ବେଳେ ଦେଶବ୍ୟାପୀ ଲକ୍‌ଡାଉନ କରିଦିଆଯିବାରୁ ଲୋକେ ହନ୍ତସନ୍ତ ହୋଇଥିଲେ। ଏପରି କି ସ୍ୱାସ୍ଥ୍ୟ, ଅର୍ଥ, ବିପର୍ଯ୍ୟୟ ପରିଚାଳନା ଏବଂ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ବିଭାଗ ଏ ସମ୍ପର୍କରେ ପୂର୍ବ ସୂଚନା ପାଇ ନ ଥିଲା। ସେହି କୋଭିଡ୍ ସମୟରେ ତରବରିଆ ଭାବେ ବିନା ବିତର୍କରେ କୃଷି ଆଇନ ଅଣାଯାଇଥିଲା। ୧ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି କୃଷକମାନଙ୍କ ଆନ୍ଦୋଳନ ପରେ ସରକାର ପଛକୁ ହଟି ଆଇନକୁ ପ୍ରତ୍ୟାହାର କରିଥିଲେ। ବାସ୍ତବତା ହେଉଛି ଜନଭାଗୀଦାରି ଓ ଭଦ୍ର ସମାଜକୁ ଏଡ଼ାଇଯାଇ ଯେତୋଟି ପ୍ରମୁଖ ନିଷ୍ପତ୍ତି ନିଆଯାଇଛି ବା ଆଇନ ଗଢ଼ାଯାଉଛି, ତାହାର ପ୍ରତ୍ୟେକଟିର ନକାରାତ୍ମକ ପରିଣାମ ଭୋଗିବାକୁ ପଡୁଛି। ସେଭଳି ମନୋଭାବ କିଛି ପ୍ରସଙ୍ଗରେ ପୁନର୍ବାର ସ୍ୱତନ୍ତ୍ର ଅଧିବେଶନରେ ପ୍ରତିଫଳିତ ହେବା ଆଶଙ୍କା ଦେଖାଦେଲାଣି।

ସଂସଦରେ ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ବିତର୍କ ସ୍ଥାନ ପାଇପାରୁନାହିଁ। ଯୋଜନାର ଅଗ୍ରଗତି ସମ୍ବନ୍ଧୀୟ ତଥ୍ୟ ଗୁପ୍ତ ରଖାଯାଉଛି। ଅନ୍ତର୍ଜାତୀୟ ସୂଚକାଙ୍କରେ ଭାରତର ସାମାଜିକ, ଅର୍ଥନୈତିକ ତଥା ଗଣତାନ୍ତ୍ରିକ ଅଧିକାର ସମ୍ବନ୍ଧୀୟ ତଥ୍ୟକୁ ଅସ୍ୱୀକାର କରାଯାଉଛି। ୨୦୧୭ରେ ନୀତି ଆୟୋଗ ସବୁକ୍ଷେତ୍ରକୁ ଏକାଠିକରି ଏକ ୫ ବର୍ଷିଆ ଯୋଜନା ଆରମ୍ଭ କରିଥିଲା ଓ ୨୦୨୨ ସୁଦ୍ଧା 'ନ୍ୟୁ ଇଣ୍ଡିଆ' ବା 'ନୂଆ ଭାରତ' ଗଠନ କରିବାର ପ୍ରତିଶ୍ରୁତିବଦ୍ଧତା ପ୍ରକାଶ କରିଥିଲା। କିନ୍ତୁ ସେହି ୫ ବର୍ଷିଆ ଯୋଜନା ସମ୍ପର୍କରେ କୌଣସି ସୂଚନା ଏବେ ମଧ୍ୟ କେହି ଜାଣିପାରୁନାହାନ୍ତି। ଭାଜପାର ୧୦ ବର୍ଷ ଶାସନକୁ ଯଦି ଲକ୍ଷ୍ୟ କରାଯାଏ ତେବେ ମାନବ ଅଧିକାର କ୍ଷୁଣ୍ଣ, ଅସହିଷ୍ଣୁତା, ସଂଖ୍ୟାଲଘୁ ନିର୍ଯାତନା ନେଇ ଅନ୍ତର୍ଜାତୀୟ ସ୍ତରରେ ସମାଲୋଚନାର ସ୍ୱର ଉଠିଛି। ତରବରିଆ ଭାବେ ଜମ୍ମୁ-କଶ୍ମୀରରୁ ସମ୍ବିଧାନର ୩୭୦ ଅନୁଚ୍ଛେଦ ଉଚ୍ଛେଦ ପରେ ସେଠାରେ ଇଣ୍ଟରନେଟ୍ ସେବା ଓ ଶିକ୍ଷାନୁଷ୍ଠାନ ବନ୍ଦ କରିବା ସହ ସ୍ଥାନୀୟ ଗଣମାଧ୍ୟମର କଣ୍ଠରୋଧ ଏବଂ ସେହି ଅଞ୍ଚଳକୁ ସବୁ ପ୍ରକାର ଯାତାୟାତ ବନ୍ଦ କରିଦେବା ଦ୍ୱାରା ମାନବ ଅଧିକାର କ୍ଷୁଣ୍ଣ ହୋଇଥିଲା। ସେହିଭଳି ୨୦୧୮ରେ ମହାରାଷ୍ଟ୍ରର ଭୀମା କୋରେଗାଁଓ ଘଟଣାର ଗିରଫଦାରି ବେଳୁ ମାନବ ଅଧିକାର ଉଲ୍ଲଂଘନ କଥା ଆଲୋଚନା ହେଉଛି। ତଥାକଥିତ 'ନୂଆ ଭାରତ'ରେ ମାନବ ଅଧିକାର କ୍ଷୁଣ୍ଣ ଓ ନିର୍ଯାତନାର ଏସବୁ ଗୋଟିଏ ଗୋଟିଏ ବାସ୍ତବ ଚିତ୍ର । ଏହିଭଳି ଆଭିମୁଖ୍ୟରୁ ସରକାର ବିରତ ରହିଲେ ନୂତନ ସଂସଦ ଭବନରୁ ସକାରାତ୍ମକ ବାର୍ତ୍ତା ଆସିପାରିବ।

# ଆମ ସମ୍ବିଧାନରେ ଦଳତନ୍ତ୍ରର ବୀଜ



ସହଦେବ ସାହୁ

ସମ୍ବିଧାନ ପ୍ରଣେତାମାନେ ସମ୍ବିଧାନର କୌଣସି ସ୍ଥାନରେ 'ରାଜନୈତିକ ଦଳ' ଶବ୍ଦଦ୍ୱୟ ବ୍ୟବହାର କରିନାହାନ୍ତି। ୧୯୫୦ର ମୂଳ ରିପ୍ରେଜେଣ୍ଟେଶନ୍ ଅଫ୍ ପିପୁଲ୍‌ସ ଆକ୍ଟ (ଜନପ୍ରତିନିଧି ଆଇନ)ରେ 'ପଲିଟିକାଲ୍ ପାର୍ଟି' ଉଲ୍ଲେଖ ନ ଥିଲା। ଇନ୍ଦିରା ଗାନ୍ଧୀ ଇମର୍ଜେନ୍ସି ଜାରି କରିଥିବା ସମୟରେ ଓ ପରେପରେ ଯେଉଁ ସମ୍ବିଧାନ-ସଂଶୋଧନ ବିଲ୍ ଆଣିଲେ ତହିଁରେ ଦଳ ଶବ୍ଦ ବ୍ୟବହାର ହୋଇ ନାହିଁ। କେତେଜଣ ପୁରୁଣା ବୟୋବୃଦ୍ଧ ବ୍ୟକ୍ତିଙ୍କୁ ବାଦ୍ ଦେଇ ନିଜର ଦଳ ଗଢ଼ିଲେ ଯାହାକୁ ଆମେ 'ଇଣ୍ଡିଆନ୍ ନ୍ୟାଶନାଲ କଂଗ୍ରେସ (ଇନ୍ଦିରା)' ନାମରେ ଜାଣିଲୁ, ଭାରତୀୟ ଜାତୀୟ କଂଗ୍ରେସରୁ ସେମାନଙ୍କୁ ବିଦା କରିବା ଚେଷ୍ଟା କରି ନ ଥିଲେ, ବରଂ ନିଜେ ବାହାରିଯିବା ଉଚିତ ମନେକଲେ। ଦଳରେ ଅସନ୍ତୁଷ୍ଟ ବା ବିଦ୍ରୋହୀଙ୍କୁ ତଡ଼ିବାର ଆଇନ ଆଣି ନ ଥିଲେ। କିନ୍ତୁ ଅସନ୍ତୋଷ ପ୍ରକାଶ ବା ବିଦ୍ରୋହକୁ ରୋକିବା ଲାଗି ରାଜୀବ ଗାନ୍ଧୀ ୧୯୮୫ରେ ଆଣ୍ଟିଡିଫେକ୍ସନ୍ (ଦଳ ବଦଳ ନିରୋଧ) ବିଲ୍ ଆଣିଲେ, ତହିଁରେ ପ୍ରଥମ ଥର ପାଇଁ 'ରାଜନୈତିକ ଦଳ' ଉଲ୍ଲେଖ ରହିଲା, ବିଲ୍‌ଟି ପ୍ରଥମେ ଆକ୍ଟ ଓ ପରେ ୫୨ତମ ସମ୍ବିଧାନ ସଂଶୋଧନ ଆକ୍ଟ ହୋଇଗଲାରୁ ସମ୍ବିଧାନରେ ୧୦ମ ପରିଚ୍ଛେଦ ରୂପେ ପୂରେଇ ଦିଆଗଲା। ତହିଁରେ ରହିଲା ଯେ ଦଳ ସମର୍ଥନରେ ଜିତିଥିବା ବିଧାୟକ ଓ ସାଂସଦମାନେ ଦଳର ସଭ୍ୟ ବୋଲି ଧରାଯିବେ, ସେମାନେ ଦଳ ଛାଡିଲେ ବା ଦଳପତିଙ୍କ ନିର୍ଦ୍ଦେଶ ଅନୁଯାୟୀ ଭୋଟ ନ ଦେଲେ ବା ଭୋଟଦାନରୁ ବିରତ ରହିଲେ ବିଧାୟକ ବା ସାଂସଦ ପଦ ପାଇଁ ଅଯୋଗ୍ୟ ବିବେଚିତ ହେବେ। ଅର୍ଥାତ୍ ଦଳର ମର୍ଜି ଭୋଟରଙ୍କ ମତକୁ ରଦ୍ଦ କରିଦେବ। ସମ୍ବିଧାନର ଧାରା ୧୦୧ ଓ ୧୯୧ରେ ଯେଉଁ ଅଯୋଗ୍ୟତା (ଡିସ୍‌କ୍ୱାଲିଫିକେଶନ୍) ଥିଲା ତାହା ଯେ କୌଣସି ବ୍ୟକ୍ତିର ପ୍ରାର୍ଥୀହେବାର ଅଯୋଗ୍ୟତା ଥିଲା। ୧୯୮୫ର ୫୨ତମ ସମ୍ବିଧାନ ସଂଶୋଧନ ନିର୍ବାଚିତ/ମନୋନୀତ ବ୍ୟକ୍ତିଙ୍କୁ ତାଙ୍କ ଦଳର ମେମ୍ବର ବୋଲି ଧରିନେଲା, ୯୧ତମ ସଂଶୋଧନ ଆଇନ (କ) ଦଳତ୍ୟାଗୀ ଓ (ଖ) ଦଳର ହ୍ୱିପ୍ ନ ମାନିବା ବ୍ୟକ୍ତିଙ୍କୁ ବିଧାୟକ ବା ସାଂସଦ ପଦ ପାଇଁ ଅଯୋଗ୍ୟ କରିଦେଲା, ଅବଶ୍ୟ ବାଚସ୍ପତି ଦଳପତିଙ୍କ ଏ ପ୍ରକାରର ଅନୁରୋଧ ପତ୍ର ପାଇଲେ ଅଯୋଗ୍ୟ ହୋଇଛନ୍ତି କି ନାହିଁ ବିଚାର କରିବେ, ଶାସକ ଦଳରୁ ନିର୍ବାଚିତ ହୋଇଥିବା ବାଚସ୍ପତି ପ୍ରାୟ ହଁ କରନ୍ତି। ପଦ ପାଇଁ ଅଯୋଗ୍ୟତା ଧାରା ୧୦୧ ଓ ୧୯୧ର ଉପଧାରା ୨ରେ ସ୍ଥାନିତ ହୋଇଛି। ଦଳ-ବଦଳ ତ ଜଳଜଳ ଦିଶୁଥିବା ଅଯୋଗ୍ୟତା, କିନ୍ତୁ ଦଳପତିଙ୍କ ନିର୍ଦ୍ଦେଶ (ହ୍ୱିପ୍) ଅନୁଯାୟୀ ଭୋଟ ନ ଦେବା ବା ଭୋଟଦାନରୁ ବିରତ ରହିବା ପ୍ରମାଣ ଦରକାର କରେ, ତେଣୁ ବାଚସ୍ପତିଙ୍କ ବିଚାରଯୋଗ୍ୟ, ବାଚସ୍ପତି ହଁ ଭରିଲେ ସମ୍ପୃକ୍ତ ଅମାନିଆ ବ୍ୟକ୍ତିର ବିଧାୟକ ବା ସାଂସଦ ପଦ ଗଲା – ଅର୍ଥାତ୍ ଲୋକମତ ତୁଚ୍ଛ – ଦଳପତିଙ୍କ ମର୍ଜି ତା' ଊର୍ଦ୍ଧ୍ୱରେ। ଏ ତ ଗଣତନ୍ତ୍ର (ପ୍ରତିନିଧି ମୂଳକ ଗଣତନ୍ତ୍ର) ନୁହେଁ,



ଏ ହେଉଛି ଦଳତନ୍ତ୍ର! ଆମ ଦେଶ ଗଣତାନ୍ତ୍ରିକ ହୋଇଥିଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ଦଳପତିଙ୍କ ସ୍ୱୈରତନ୍ତ୍ର! ଦଳରୁ ବିଦାହେବା ଭୟ ଓ ବିଧାୟକ ବା ସାଂସଦ ପଦ ହରାଇବା ଭୟ – ଉଭୟ ଭୟ ଶାସକ ଦଳର ସଦସ୍ୟମାନଙ୍କୁ ଆଣ୍ଟେଇ ଦେଇଛି! ତେଣୁ ଦଳର ଏମ୍‌ଏଲ୍‌ଏ କାହିଁକି ମନ୍ତ୍ରୀମାନେ ବି ମୁଖ୍ୟମନ୍ତ୍ରୀ ତଥା ଦଳପତିଙ୍କ ନିର୍ଦ୍ଦେଶ ଉପରେ ତୁଣ୍ଡ ଫିଟାଇ ପାରିବେ ନାହିଁ, ମୌନଂ ସମ୍ମତି ଲକ୍ଷଣମ୍। ତେଣୁ ଦଳପତିଙ୍କ ନିର୍ଦ୍ଦେଶ ଥିବା କାର୍ଯ୍ୟକ୍ରମରେ ବିରୋଧ ନ ଆଣିବା ଶ୍ରେୟସ୍କର! ଏଭଳି ପରିସ୍ଥିତି ସୃଷ୍ଟି କରିଛନ୍ତି ୧୯୮୫ରେ ଓ ୨୦୦୩ରେ କେନ୍ଦ୍ର ସରକାର ଚଳାଉଥିବା ଦଳମାନେ, ଯଥାକ୍ରମେ ରାଜୀବ ଗାନ୍ଧୀଙ୍କ କଂଗ୍ରେସ ଓ ବାଜପେୟୀଙ୍କ ପରିଚାଳିତ ଏନ୍‌ଡିଏ। ଯେତେବେଳେ ସମ୍ବିଧାନକୁ ସଂଶୋଧନ କରି ଦଳ ଚିହ୍ନରେ ଭୋଟ ପାଇଥିବା ବ୍ୟକ୍ତିକୁ ଦଳର ପ୍ରାର୍ଥୀ (ଲୋକଙ୍କ ପ୍ରାର୍ଥୀ ନୁହେଁ) ବୋଲି ଗଣନା କରାଯିବ ବୋଲି ଆଇନ କରିଦେଲେ, ପରେ ଅନ୍ୟ ଦଳମାନେ ଏହାର ଫାଇଦା ଉଠାଇବେ ବୋଲି ଭାବିପାରିଲେ ନାହିଁ । (୧) ଦଳ ଛାଡିଲେ ତ ବିଧାୟକ/ସାଂସଦ ପଦ ପାଇଁ ଅଯୋଗ୍ୟ ହେବେ (ଅର୍ଥାତ୍ ପଦ ହରାଇବେ, ଲୋକଙ୍କ ଭୋଟ ପାଇ ଜିତିଥିଲେ ବି) ଏବଂ (୨) ଦଳର, ମାନେ ଦଳପତିଙ୍କ, ହ୍ୱିପ୍ (ନିର୍ଦ୍ଦେଶ) ଅନୁଯାୟୀ ସଭାଗୃହରେ ଭୋଟ ନ ଦେଲେ ବା ଭୋଟ ଦେବାରୁ ବିରତ ରହିଲେ ଦଳ ତାଙ୍କୁ ଦଳରୁ ବହିଷ୍କାର କରିପାରିବ ଏବଂ ଦଳରୁ ବହିଷ୍କାର ହେଲେ ବାଚସ୍ପତିଙ୍କ ଅନୁମୋଦନ କ୍ରମେ ବିଧାୟକ ବା ସାଂସଦ ପଦ ହରାଇବେ।

ରିପ୍ରେଜେଣ୍ଟେଶନ୍ ଅଫ୍ ପିପୁଲ୍‌ସ ଆକ୍ଟରେ ଓ ନିର୍ବାଚନ ଆଚରଣ ବିଧିରେ ରହିଲା ଯେ ଇଲେକ୍ସନ କମିଶନଙ୍କ ପାଖରେ ରେଜିଷ୍ଟର୍ଡ ହୋଇଥିବା ରାଜନୈତିକ ଦଳର ଦଳପତିଙ୍କ ସୁପାରିସପତ୍ର ନେଇ ରିଟର୍ନିଂ ଅଫିସରଙ୍କ ପାଖରେ ଦାଖଲ କଲେ ହିଁ ପ୍ରାର୍ଥୀଟି ଉକ୍ତଦଳର ପ୍ରାର୍ଥୀ ହୋଇପାରିବ ଏବଂ ତାଙ୍କ ନିର୍ବାଚନ-ପ୍ରଚାରରେ ଦଳ ଯାହା ଖର୍ଚ୍ଚ କରିବ ତାହା ପ୍ରାର୍ଥୀର ଖର୍ଚ୍ଚସୀମା ଭିତରେ ଗଣାଯିବ ନାହିଁ। ଦଳର ପ୍ରତିନିଧି ନ ହୋଇ ୧୦ଜଣ ଭୋଟରଙ୍କ ମନୋନୟନରେ ଜଣେ ସ୍ୱାଧୀନ ପ୍ରାର୍ଥୀ ହୋଇପାରେ, ବ୍ୟୟବହୁଳ ନିର୍ବାଚନରେ ତା'ର ଜିତିବା ପ୍ରାୟ କଷ୍ଟକର! ରିପ୍ରେଜେଣ୍ଟେଶନ୍ ଅଫ୍ ପିପୁଲ୍‌ସ ଆକ୍ଟ କାର୍ଯ୍ୟକ୍ଷେତ୍ରରେ ରିପ୍ରେଜେଣ୍ଟେଶନ୍ ଅଫ୍ ପଲିଟିକାଲ୍ ପାର୍ଟିଜ୍ ଆକ୍ଟ ହୋଇଗଲାଣି। ଭୋଟକାଗଜରେ ଦଳ ଚିହ୍ନ ଉପରେ ରବର ଷ୍ଟାମ୍ପ (ମୋହର) ମାରିଦେଲା ପରେ ପ୍ରାର୍ଥୀଟି ଦଳର ସଦସ୍ୟ ହୋଇଗଲା, ଜନତାର ପ୍ରତିନିଧି ହୋଇ ରହିଲା ନାହିଁ। ଏ ପ୍ରକାରର ଅସ୍ୱାଭାବିକତା କେବଳ ଭାରତରେ ସମ୍ଭବ!

ଜଣେ ସଚିବ ମୁଖ୍ୟମନ୍ତ୍ରୀଙ୍କ (ମାନେ ଶାସକ ଦଳର ମୁଖ୍ୟଙ୍କ) ଆଜ୍ଞାମାଳ ଧରି ରାଜ୍ୟ ଗସ୍ତ କଲେ ସେ କାହିଁକି ମୁଖ୍ୟମନ୍ତ୍ରୀଙ୍କ ଭଳି ସମ୍ମାନ ଓ ସାହାଯ୍ୟ ନ ପାଇବେ? ଦଳର ମେମ୍ବରମାନେ ଓ ବିଧାୟକ ତଥା ସାଂସଦମାନେ କାହିଁକି ତାଙ୍କୁ ସାହାଯ୍ୟ ନ କରିବେ? ସାହାଯ୍ୟ ନ କଲେ ଦଳର ନିର୍ଦ୍ଦେଶକୁ ଅମାନ୍ୟ କରୁଛ ବୋଲି ଧରାଯିବ, ତେଣୁ ଆଗାମୀ ନିର୍ବାଚନରେ ବିଧାୟକ ପ୍ରାର୍ଥୀ ପାଇଁ ଦଳର ଟିକେଟ ନ ପାଇପାର। ଗୋପାଳପୁର ବିଧାୟକ ଦଳରୁ ବହିଷ୍କୃତ ହୋଇଥିଲେ ବି ଦଳର ମୁଖ୍ୟ ବାଚସ୍ପତିଙ୍କୁ ପ୍ରସ୍ତାବ ଦେଇନାହାନ୍ତି ଯେ ତାଙ୍କୁ ବିଧାୟକ ପଦରୁ ଅଯୋଗ୍ୟ ଘୋଷଣା କରାଯାଉ। ଏଭଳି ଝୁଲା ବିଧାୟକ ପଦଟା ସମ୍ଭବତଃ ପାର୍ଟି ସୁପ୍ରିମୋଙ୍କ ଉଦାରତା! ପୂର୍ବ କେନ୍ଦ୍ରାପଡ଼ା ସାଂସଦ ଏଇମିତି ତାଙ୍କ ଅବଧି ସରିବା ଯାଏ ନିଜ ପଦରେ ଥିଲେ! ୨୦୦୩ଠାରୁ ନାଗରିକମାନେ ଖାଲି ମୋହର ମାରିବା ଲୋକ ହୋଇଯାଇଛନ୍ତି, ମତ ପ୍ରକାଶ କରିବାର ବା ପ୍ରତିନିଧି ବାଛିବାର ଅଧିକାର ରାଜନୈତିକ ଦଳମାନେ ଛଡ଼ାଇନେଇଛନ୍ତି। ଦଳର ଚିହ୍ନ ଉପରେ ମୋହର ମାରିବା ହିଁ ତା' ପାଇଁ ଗଣତନ୍ତ୍ର। ସବୁ ଦିଗରୁ ନିର୍ବାଚିତ ବ୍ୟକ୍ତି ଦଳର ପ୍ରତିନିଧି ଏବଂ ଦଳପତିଙ୍କ ଲିଖିତ ବା ଇଙ୍ଗିତ ଆଜ୍ଞାର ଅଧୀନ। ପ୍ରାର୍ଥୀର ବିଜୟ ସମ୍ଭାବନା (ଉଇନେବିଲିଟି) ତା'ର ବ୍ୟକ୍ତିତ୍ୱ ବା ଆଚରଣ ଉପରେ ନିର୍ଭର କରୁନାହିଁ, ଦଳ କେତେ ପରିମାଣରେ ତା' ପାଇଁ ଲଢୁଛି ତା' ଉପରେ ନିର୍ଭର କରୁଛି। ସତେ ଯେପରି ଅସାଧୁତା, ଅପରାଧପ୍ରବଣତା, ଲୋକଙ୍କ ମନରେ ଆତଙ୍କ ସୃଷ୍ଟିକରୁଥିବା ପ୍ରକୃତି, ରାତାରାତି ଧନ ସମ୍ପତ୍ତି ଠୁଳ କରିପାରୁଥିବା ସାମର୍ଥ୍ୟ ଓ ପରିଶେଷରେ ଦଳପତିଙ୍କ ଧ୍ୟାନକୁ ନିୟନ୍ତ୍ରଣ କରୁଥିବା ବ୍ୟକ୍ତିର ନଜରରେ ରହିବା ଆଦି ଗୁଣ ଉଇନେବିଲିଟି ସୂଚାଉଛି। ଦଳର କାର୍ଯ୍ୟଧାରା ବା ସମ୍ପାଦନ ଦଳର ପ୍ରାର୍ଥୀର ଉଇନେବିଲିଟି ବଢ଼ାଉଛି, ରାଜକୋଷର ଅହେତୁକ ବୃଦ୍ଧି ସାହାଯ୍ୟ କରୁଛି – ଉଦାହରଣ ସ୍ୱରୂପ ଓଡ଼ିଶାର ୨୦୨୩ ବଜେଟ ଅଟକଳ କେନ୍ଦ୍ର ସରକାରଙ୍କ ୨୦୦୩ର ବଜେଟ ଅଟକଳ ସଙ୍ଗେ ସମାନ ହୋଇଗଲାଣି, ତେଣୁ ଫ୍ରିବି ଓ ତତ୍‌କ୍ଷଣାତ୍ ଫଳପ୍ରଦ ସୁଦୃଶ୍ୟ ପ୍ରକଳ୍ପ ପ୍ରଦାନ କରିବା ସମ୍ଭବ ହେଲାଣି। ଆର୍ଥିକ ବର୍ଷ ଆରମ୍ଭ ଆଗରୁ ପୂରା ବଜେଟ୍ ପାସ୍ କରିବା ଦରକାର ନାହିଁ, ମଝିରେ ମଝିରେ କ୍ୟାବିନେଟ୍ ଡାକି ଦିଆଯାଇଥିବା ପ୍ରତିଶ୍ରୁତିକୁ ମଞ୍ଜୁର କରିନେଇହେବ।

sahadevas@yahoo.com

# କ୍ରୋଧ ବିଚାର



ହରେକୃଷ୍ଣ ଦାସ

ୟୁନାଇସ ଡିସୁଜାଙ୍କ 'କ୍ରୋଧ' ବିଷୟ ସମ୍ବଳିତ ଏକ କବିତା ପଢ଼େଇବା ଅବସରରେ ଚାଣକ୍ୟଙ୍କର ଏକ ଶ୍ଳୋକ ମନେପଡ଼ିଲା, ଟିକିଏ ଦ୍ୱନ୍ଦ୍ୱରେ ପଡ଼ିଗଲି ଯେ ଶ୍ଳୋକଟି ଆବୃତ୍ତି କରି ବୁଝେଇବା ଉଚିତ ହେବ କି ନା। ଚାଣକ୍ୟ କହିଛନ୍ତି 'ପକ୍ଷୀଣାଂ କାକଶ୍ଚାଣ୍ଡାଳଃ ପଶୁନାଂ ଚୈ କୁକ୍କୁରଃ, ମୁନୀନାଂ କୋପୀ ଚାଣ୍ଡାଳଃ ସର୍ବେଷାଂ ଚୈ ନିନ୍ଦୁକଃ।' ଅର୍ଥାତ, କ୍ରୋଧୀ ସ୍ୱଭାବର ହୋଇଥିଲେ ଜଣେ ମୁନିଙ୍କୁ ମଧ୍ୟ ଚାଣ୍ଡାଳ ବୋଲି ବିବେଚନା କରାଯାଏ। କ୍ରୋଧ କ୍ରମଶଃ ବିନାଶ ଆଡ଼କୁ ବାଟ କଢ଼େଇ ନିଏ। ମଣିଷର ଏହା ଏକ ସ୍ୱାଭାବିକ ସାଧାରଣ ପ୍ରକୃତି ହୋଇଥିଲେ ମଧ୍ୟ ଏହାକୁ ଦମନ କରାଯିବା ଆବଶ୍ୟକ। ଆମ ନୀତିଶାସ୍ତ୍ରରେ ମଣିଷର ଛଅଟି ବଡ଼ ଶତ୍ରୁ ଭିତରୁ 'କ୍ରୋଧ'କୁ ଏକ ଶତ୍ରୁ ଭାବରେ ବିଚାର କରାଯାଇଛି।

ମୋଟାମୋଟି ଭାବରେ 'କ୍ରୋଧ'କୁ ଏକ ନିକୃଷ୍ଟ ତଥା ନକାରାତ୍ମକ ଗୁଣ ଭାବେ ଶାସ୍ତ୍ରକାରମାନେ ଅଭିହିତ କରିଛନ୍ତି ଏବଂ ଏହା ସର୍ବଦୌ ବର୍ଜ୍ଜନୀୟ। କିନ୍ତୁ ଋଷି ଦୁର୍ବାସାଙ୍କୁ 'ମହାକ୍ରୋଧୀ' ଭାବରେ ଏମିତି ଚିତ୍ରିତ କରାଯାଇଛି ସତେ ଯେମିତି ଏଇ କ୍ରୋଧୀ ସ୍ୱଭାବ ଯୋଗୁ ହିଁ ତାଙ୍କ ଋଷିପଣିଆଟି ମହିମାନ୍ୱିତ ହୋଇପାରିଛି। ଋଷିବରଙ୍କର କ୍ରୋଧକୁ ଉଦାହରଣ ଭାବରେ ନେଇ ଅନେକେ ନିଜର ତଥା ନିଜ ଲୋକଙ୍କର ରାଗିବା ଗୁଣଟିକୁ ଏମିତି ଗର୍ବର ସହିତ ବଖାଣନ୍ତି ଯେମିତି ଏଇଟା ଏକ ଦୁର୍ଲ୍ଲଭ ଈଶ୍ୱରୀୟ ଗୁଣ ଏବଂ ଏହା ତାଙ୍କ ବଳିଷ୍ଠ ବ୍ୟକ୍ତିତ୍ୱର ଏକ ମହନୀୟ ଗୁଣ ଯାହା ତାଙ୍କୁ ଅନ୍ୟମାନଙ୍କଠାରୁ ସ୍ୱତନ୍ତ୍ର ଏବଂ ମର୍ଯ୍ୟାଦାବନ୍ତ ହୋଇଥିବାର ପରିଚୟ ପ୍ରଦାନ କରେ। ଏଇ ପ୍ରକାର ଭାବନା ଯୋଗୁ ହିଁ ସେମାନେ ଖୁବ୍ ଗର୍ବରେ କହନ୍ତି 'ମୁଁ ତ ମହା ରାଗି...' 'ମୋ ବାପା ତ ଭୀଷଣ ରାଗି...' ଇତ୍ୟାଦି। ଏଇଟିକୁ ଏକ ଘୃଣ୍ୟ ଗୁଣ ବୋଲି ଭାବୁଥିଲେ ନିଜର ଏ ସ୍ୱଭାବ ପାଇଁ ଲଜ୍ଜାବୋଧ ଆସନ୍ତା। କିନ୍ତୁ ଏମିତି କେବେ ବି ଘଟେନି।

ଆମେ ଯାହା କହୁଛୁ, କରୁଛୁ ବା ଭାବୁଛୁ କେବଳ ତାହା ହିଁ ଠିକ୍; ଆମ କଥା, କାମ ଓ ବିଚାରର ବିରୋଧୀ ସ୍ଥିତି ଦେଖିଲେ ଆମ ଅହଂକାର ଉପରେ ପ୍ରହାର ହେଲା ପରି ଆମକୁ ଯେତେବେଳେ ଲାଗେ, ସେତେବେଳେ ଆମେ ରାଗରେ ଅନ୍ଧ ହୋଇଯାଉ। ନିଜକୁ ଅନ୍ୟମାନଙ୍କ ଠାରୁ ଉତ୍କୃଷ୍ଟ ବୋଲି ଭାବିବାର ଅହଂକାର ଯୋଗୁ ଆମେ ଅନେକ ସମୟରେ ସେମାନଙ୍କ କାମ ଓ ବିଚାରକୁ ସମ୍ମାନ ଦେବା ତ ଦୂର, ଗ୍ରହଣ କରି ନ ପାରି ରାଗରେ ଜଳିଉଠୁ। ଏବଂ ଅଶୋଭନୀୟ ଚିତ୍କାର ଜରିଆରେ ତାକୁ ପ୍ରକାଶ କରୁ। ଆମ କଥା, କର୍ତ୍ତୃତ୍ୱ ଓ ବିଚାରକୁ ଯିଏ ବି ବିରୋଧ କଲେ ଆମେ ତା'ଠାରୁ ମାନସିକତାରେ ଏତେ ଦୂରେଇଯାଉ ଯେ ସ୍ୱାଭାବିକ ତୀବ୍ରତାର ଶବ୍ଦ ଓ ସ୍ୱରରେ କହିଲେ ସତେ ଯେମିତି ସେ ଶୁଣିପାରିବନି, ସେଇଥିପାଇଁ ଖୁବ୍ ଉଚ୍ଚ ସ୍ୱରରେ ଚିତ୍କାର କରି କହୁ।

ମନୋବିଜ୍ଞାନୀମାନେ କିନ୍ତୁ ଏ ପ୍ରକାର ଚିତ୍କାର ଜରିଆରେ ପ୍ରତିକ୍ରିୟା ପ୍ରକାଶ କରିବାକୁ କାଳେ ଯଥାର୍ଥ ବୋଲି ଯୁକ୍ତି କରନ୍ତି। ଏମିତି ଚିତ୍କାର କରିବା ଦ୍ୱାରା କାଳେ ଜଣକ ଭିତରେ ଫୁଟୁଥିବା ଉତ୍ତାପ ଓ ବଢ଼ି ଚାଲିଥିବା ଆବେଗିକ ଚାପ ବାହାରକୁ ବାହାରିଯାଏ ଏବଂ ତା' ଦ୍ୱାରା ମନ ଓ ଦେହ ସୁରକ୍ଷିତ ରହିପାରେ। ଅର୍ଥାତ, କ୍ରୋଧଜନିତ ଚିତ୍କାର ହେଉଛି



ଏକ ସେଫ୍ଟି ଭାଲ୍‌ଭ ଯାହା ଜରିଆରେ ଭିତରର ଚାପ ଓ ତାପ ବାହାରକୁ ବାହାରି ଆସିଲେ ହିଁ ମନ ଓ ଶରୀର ରୂପକ ପ୍ରେସର କୁକର ସୁରକ୍ଷିତ ରହେ।

ମନୋବିଜ୍ଞାନୀମାନେ ଏ ପ୍ରକାର ଯୁକ୍ତି ଦ୍ୱାରା ଜଣକର ଚିତ୍କାର କରିବାର ପ୍ରବୃତ୍ତିକୁ ବୈଧତାର ମୋହର ଲଗାଇଦେଲେ। ଏଥିରେ ଉତ୍ସାହିତ ହୋଇ ଅନେକେ କଥାକଥାକେ ରାଗିବା ଓ ରାଗିଲେ ଚିତ୍କାର କରିବାକୁ ଏକ ଅଶୋଭନୀୟ ଆଚରଣ ବୋଲି ବିଚାର ନ କରି ଏହାକୁ ଯଥାର୍ଥ ବୋଲି ପ୍ରତିପାଦିତ କରିଚାଲିଛନ୍ତି। କ୍ରୋଧକୁ ଦମନ କରିରଖିବା ଆବଶ୍ୟକ ବୋଲି ଯୁଗଯୁଗରୁ ଆମକୁ ଯେଉଁ ନୀତିଶିକ୍ଷା ଦିଆଯାଇ ଆସୁଥିଲା ତାହା ସତେ ଯେମିତି ଭ୍ରାନ୍ତିମୂଳକ ଓ ଅପ୍ରାସଙ୍ଗିକ ବୋଲି ଏମାନେ ଜଣେଇବାକୁ ଚାହାନ୍ତି। ଆହୁରି ଆଶ୍ଚର୍ଯ୍ୟର କଥା ହେଲା ଯେ ଏ ଲୋକମାନଙ୍କର ସମ୍ମାନ, ପଦବୀ, ପ୍ରତିଷ୍ଠା ବା କର୍ତ୍ତୃତ୍ୱକୁ ବେଖାତିର କରି ଅନ୍ୟ କେହି ଯାଙ୍କ ପ୍ରତି ରାଗି ଚିତ୍କାର କଲେ ସେକଥା ଏମାନେ ବରଦାସ୍ତ କରିପାରନ୍ତିନି। ଓଲଟା ସେମାନଙ୍କୁ ଅଭଦ୍ର, ଅସଭ୍ୟଙ୍କ ପରି ବ୍ୟବହାର କରୁଛି କହି ଭର୍ତ୍ସନା କରନ୍ତି। ଯେଉଁ ଗୁଣ ଅନ୍ୟମାନଙ୍କ ପାଖରେ ଦେଖିଲେ ତାଙ୍କୁ ଅସଭ୍ୟ ବୋଲି କହି ଭ୍ରୂକୁଞ୍ଚନ କରନ୍ତି ସେଇ ସମାନ ଗୁଣ ପାଇଁ ନିଜକୁ ମହାନ୍ ଓ ସ୍ୱତନ୍ତ୍ର ବୋଲି ପ୍ରତିପାଦିତ କରିବାକୁ ଚେଷ୍ଟା କରନ୍ତି।

ଏ ପ୍ରକାର ରାଗିକରି ଚିତ୍କାର କରିବା କାଳେ ନାରୀର ସ୍ୱାଧୀନତାର ପରିଚାୟକ ବୋଲି କୁହାଯାଉଛି। ସେଇ ଯୁକ୍ତି ଆଧାରରେ ଇଟାଲୀର ପ୍ରସିଦ୍ଧ ଫ୍ୟାଶନ କମ୍ପାନୀ 'ଭର୍ସାଚି' ମହିଳାମାନଙ୍କ ପାଇଁ ପ୍ରସ୍ତୁତ କରୁଥିବା ପ୍ରସାଧନ ସାମଗ୍ରୀଗୁଡ଼ିକରେ ବିକୃତାକାର 'ମେଡୁସା'ର ମୁହଁର ଚିତ୍ରକୁ ଲୋଗୋ ଭାବରେ ବ୍ୟବହାର କରିଛି। ମେଡୁସା ହେଉଛି ଗ୍ରୀକ୍ ପୁରାଣର ସେଇ ଅସୁରୁଣୀ ଯିଏ ଶାପଗ୍ରସ୍ତ ହୋଇ କଦାକାର ପାଲଟିଗଲା ଓ ତା' ମୁଣ୍ଡର କେଶରାଶି ସାପରେ ରୂପାନ୍ତରିତ ହୋଇଗଲା। ମୁଣ୍ଡରେ ସାପ ଖେଳଉଥିବା ଗୋଟେ ବିକୃତ ମୁହଁ ଦେଖଣାହାରୀ ମନରେ ଭୟ ସୃଷ୍ଟି କରିଥାଏ। କିନ୍ତୁ ଏମିତି ଗୋଟେ ଚିତ୍ର ନାରୀ ସ୍ୱାଧୀନତାର ପ୍ରତୀକ କେମିତି ପାଲଟିପାରେ ସେକଥା ବୁଝିହେଲାନି। ଭାବିଲି ହୁଏତ ଏୟା ହୋଇପାରେ ଯେ ମନ ଭିତରେ ସୃଷ୍ଟି ହେଉଥିବା ବିଷକୁ ଚାପି ନ ରଖି ମେଡୁସା ଭଳିଆ ଉଗ୍ର ମୁହଁକରି ଚିତ୍କାର କରି ସାପ ଭଳି ବିଷକୁ ବାହାର କରିବାଟାକୁ ଏମାନେ ସ୍ୱାଧୀନତାର ପ୍ରତୀକ ଭାବେ ବିବେଚନା କରୁଛନ୍ତି।

ମୋର ଦ୍ୱନ୍ଦ୍ୱ ଏୟା ଥିଲା ଯେ ଏ ପ୍ରକାର ସ୍ୱାଧୀନତା ଓ ସ୍ୱେଚ୍ଛାଚାରିତା ଭିତରେ ପାର୍ଥକ୍ୟର ସୂକ୍ଷ୍ମ ରେଖାଟିଏ କେମିତି ଟଣାଯାଇପାରେ। କ୍ରୋଧରେ ଚିତ୍କାର କରିବାଟା ଯଦି ଯଥାର୍ଥ ତେବେ ଏ ପ୍ରକାର କୌଣସି ଆଚରଣକୁ ଅଶୋଭନୀୟ କହିବା ଉଚିତ ହେବ କି ନା। ଚାଣକ୍ୟଙ୍କ ଫର୍ମୁଲା ଅନୁସାରେ କ୍ରୋଧକୁ ବ୍ୟାଖ୍ୟା କରିବି ନା ମନୋବିଜ୍ଞାନୀଙ୍କ ତତ୍ତ୍ୱକୁ ଗୁରୁଜ୍ଞାନ ମଣିବି।

କ୍ରୋଧକୁ ଅବଦମିତ ରଖି ଚିତ୍କାର ନ କରିବା ପାଇଁ କାହାକୁ ଉପଦେଶ ଦେବା ଉଚିତ ହେବ କି ନା। ସମସ୍ତଙ୍କର ନିନ୍ଦା କରୁଥିବା ଲୋକଙ୍କ ସହ ଏ ଚିତ୍କାରିଆମାନଙ୍କୁ ବି ଚାଣ୍ଡାଳ ପର୍ଯ୍ୟାୟଭୁକ୍ତ କରିବା ସମୀଚୀନ କି ନା। ଏତେ ଦ୍ୱନ୍ଦ୍ୱ ଭିତରେ ମୁଁ ଘାଣ୍ଟି ହେଉଥିଲା ବେଳେ ତାକୁ କବିତା ବୁଝେଇଦେବା ପାଇଁ ଝିଅ ଆସି ବାରମ୍ବାର କହିବାରୁ ମୁଁ ହଠାତ୍ ରାଗିଯାଇ ଚିତ୍କାର କରିଉଠିଲି, 'ଦେଖିପାରୁନୁ ମୁଁ କିଛି ଗୋଟେ ଲେଖିବାକୁ ବସିଛି ବୋଲି?!' ଟିକିଏ ଶଙ୍କିଯାଇ ମୁହୂର୍ତ୍ତେ ନୀରବ ରହି ଛଳଛଳ ଆଖିରେ ଝିଅ କହିଲା, 'ପ୍ଲିଜ ରାଗନି ପାପା।' ନିଜକୁ ଚାଣ୍ଡାଳ ବିଚାରି ଲଜ୍ଜାରେ ଚୁପ ହୋଇଯାଇ ତାକୁ କୋଳକୁ ଟାଣିଆଣି କହିଲି, 'ସରି।'

ମୋ:୯୮୬୧୩୪୫୬୫୮

## ଏଇ ଭାରତରେ

କମ୍ କୀଟନାଶକ ଓ ସର୍ବନିମ୍ନ କୃଷି ଶ୍ରମିକ ଦ୍ୱାରା କୃଷକମାନେ ଲାଭ ପାଇପାରିବେ। କମ୍ କୀଟନାଶକରେ ସ୍ୱାସ୍ଥ୍ୟପ୍ରଦ ଖାଦ୍ୟଶସ୍ୟ ମଧ୍ୟ ଉତ୍ପାଦନ ହୋଇପାରିବ। ଏଭଳି ଦୃଷ୍ଟିକୋଣକୁ ନେଇ ବେଙ୍ଗାଲୁରୁର ଇଞ୍ଜିନିୟର ଜୟସୀମା ରାଓ ଏକ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ(ଏଆଇ) ରୋବୋ ନିର୍ମାଣ କରିଛନ୍ତି, ଯାହାଦ୍ୱାରା କମ୍ କୀଟନାଶକ ପ୍ରୟୋଗରୁ ଅଧିକ ଫସଲ ଉତ୍ପାଦନ ହେଉଛି। ଏହି ରୋବୋ ଦ୍ୱାରା କୀଟନାଶକ ସ୍ପ୍ରେ ଲାଗି କମ୍ କୃଷିଶ୍ରମିକ ଆବଶ୍ୟକ ହେଉଛି। ଏବେ ସୁଦ୍ଧା କର୍ଣ୍ଣାଟକ ଓ ମହାରାଷ୍ଟ୍ରରେ ୫୦୦ରୁ ଅଧିକ କୃଷକ ଏହି ପଦ୍ଧତିକୁ ଆପଣାଇଛନ୍ତି। ଷ୍ଟାର୍ଟଅପ୍ ନିକୋ ରୋବୋଟିକ୍ସ ଦ୍ୱାରା ଏହି ଏଆଇ ପରିଚାଳିତ ରୋବୋ ନିର୍ମାଣ କରାଯାଉଛି ଓ ଜୟସୀମାଙ୍କ ଦ୍ୱାରା ଗଠିତ ଟିମ୍ କୃଷକମାନଙ୍କୁ ଏହାର ବ୍ୟବହାର ସମ୍ପର୍କରେ ପ୍ରଶିକ୍ଷଣ ଦେଉଛନ୍ତି। ଜୟସୀମା ଓ ତାଙ୍କ ଟିମ୍‌ଙ୍କ ତତ୍ତ୍ୱାବଧାନରେ ଏବେ ସୁଦ୍ଧା ୧ ଲକ୍ଷ ଏକର ଜମିରେ କୀଟନାଶକ ସ୍ପ୍ରେ କରାଯାଇସାରିଲାଣି। ତେବେ ଏହି ପଦ୍ଧତିରେ ପରିବେଶ ପ୍ରଦୂଷଣ କମ୍ ହେଉଛି।

## ୨୫ ବର୍ଷ ତଳର ଧରିତ୍ରୀ

**୧୩ ସେପ୍ଟେମ୍ବର ୧୯୯୮**

- ମୋନିକା ଲେୱିନ୍‌ସ୍କିଙ୍କ ସହ ଯୌନ ସମ୍ପର୍କ ସ୍ଥାପନ ମାମଲାରେ ମହାଭିଯୋଗ ପ୍ରସ୍ତାବ ଅଣାଯିବାର ଯଥେଷ୍ଟ ସମ୍ଭାବନା ଥିଲେ ମଧ୍ୟ ଆମେରିକା ରାଷ୍ଟ୍ରପତି ବିଲ୍ କ୍ଲିଣ୍ଟନ ଇସ୍ତଫା ଦେବେନାହିଁ ବୋଲି ସ୍ପଷ୍ଟ କରିଦେଇଛନ୍ତି।
- ବିଶ୍ୱକପ୍ ଟ୍ରାକ୍ ଆଣ୍ଡ ଫିଲ୍ଡ ପ୍ରତିଯୋଗିତାରେ ଆମେରିକୀୟ ଧାବିକା ମାରିଅନ ଜୋନ୍ସଙ୍କ ୨୦୦ ମିଟର ଦୌଡ଼ରେ ନୂତନ ବିଶ୍ୱ ରେକର୍ଡ ସ୍ଥାପନ।

## ଚିରନ୍ତନୀ

ଆବାସେ ଆବାସେ ଅଶ୍ରୁର ଅଭିଷେକ
ଆବାସେ ଆବାସେ ବ୍ୟର୍ଥତା ଲଭି ଟେକ,
ରହିଅଛି ଉଭା ବିରଚି ବିରାଟ ଭୟ
ବିଶ୍ୱର ସେ କି ଅବିନଶ୍ୱର ଜୟ!
-(ଜୀବନର ସ୍ୱର୍ଣ୍ଣ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

# su | do | ku

Puzzles by Srikant Ghosh

ସୁ–ଡୋ–କୁ

| | | | | | | | | |
|---|---|---|---|---|---|---|---|---|
| | | | | | | 5 | | |
| 5 | | 4 | | | | | 1 | |
| | | 9 | 3 | 7 | | | | |
| | | | | 3 | | | 8 | 4 |
| 2 | | | | 6 | | | | |
| 7 | | | 8 | | | | | |
| 1 | 5 | 7 | | | | | 6 | |
| 3 | | | 1 | | | 8 | 9 | |
| | | | | | | | 5 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 8 | 9 | 2 | 7 | 3 | 1 | 5 | 6 | 4 |
| 1 | 7 | 3 | 5 | 6 | 4 | 2 | 8 | 9 |
| 5 | 6 | 4 | 2 | 8 | 9 | 3 | 7 | 1 |
| 6 | 5 | 8 | 1 | 4 | 7 | 9 | 2 | 3 |
| 2 | 4 | 1 | 6 | 9 | 3 | 7 | 5 | 8 |
| 7 | 3 | 9 | 8 | 5 | 2 | 1 | 4 | 6 |
| 9 | 1 | 7 | 4 | 2 | 8 | 6 | 3 | 5 |
| 4 | 2 | 5 | 3 | 1 | 6 | 8 | 9 | 7 |
| 3 | 8 | 6 | 9 | 7 | 5 | 4 | 1 | 2 |

ଗତକାଲିର ଉତ୍ତର

# ପାଠକ ଶ୍ରେଷ୍ଠ ବିଚାରକ

## ଭାରତୀୟ ଭୋଟରଙ୍କ ଭାବପ୍ରବଣତା

ମହାଶୟ,

ଅନେକ ସଂଖ୍ୟକ ଭାରତୀୟ ଭୋଟର ନିର୍ବାଚନରେ ଭାବପ୍ରବଣତାର ବଶବର୍ତ୍ତୀ ହୋଇ ଭଲମନ୍ଦ ବିଚାର ନ କରି ନିର୍ଦ୍ଦିଷ୍ଟ ଦଳ ଓ ପ୍ରାର୍ଥୀଙ୍କୁ ଭୋଟ ଦିଅନ୍ତି। ୧୯୯୭ ମସିହାରେ ମଧ୍ୟପ୍ରଦେଶରେ ଘଟିଥିବା ଏକ ରାଜନୈତିକ ଘଟଣା ଏହି ଉକ୍ତିର ସତ୍ୟତାକୁ ପ୍ରମାଣିତ କରେ। ଏହି ଘଟଣା ସମ୍ପର୍କରେ ୨୦୧୮ ସେପ୍ଟେମ୍ବର ୫ ରେ ଗୋଟିଏ ସମ୍ବାଦପତ୍ରରେ "ପଳାତକ ବିଧାୟକ ୨୦ ବର୍ଷ ପରେ ଗିରଫ" ଶୀର୍ଷକ ଏକ ଖବର ପ୍ରକାଶ ପାଇଥିଲା। ମଧ୍ୟପ୍ରଦେଶର ଜଣେ ଶାସକ ଦଳର ବିଧାୟକ ପଳାତକ ଥିବା ସତ୍ତ୍ୱେ 'ସତ୍‌ନା' ଆସନରୁ ୩ ଥର ନିର୍ବାଚିତ ହୋଇଥିଲେ। ୧୯୯୭ରେ ସେ ୨୭ ଜଣ ସହଯୋଗୀଙ୍କ ସହ ପୋଲିସକୁ ଆକ୍ରମଣ କରିବା ସହ ବ୍ୟାପକ ଭଙ୍ଗାରୁଜା କରି ୨୦ ବର୍ଷ ଫେରାର ଥିଲେ। ସେ ଫେରାର ଥାଇ ପଳାତକ ଘୋଷିତ ହେବା ସତ୍ତ୍ୱେ ତିନି ଥର ବିଧାନସଭାକୁ ନିର୍ବାଚିତ ହେବା ସେଠାକାର ଭୋଟରଙ୍କ ଭାବପ୍ରବଣତା ଓ ଦଳ ତଥା ପ୍ରାର୍ଥୀଙ୍କ ପ୍ରତି ଅନ୍ଧ ଭକ୍ତି ବୋଲି କୁହାଯାଇପାରେ। ଏଥିପାଇଁ ଅନେକ ସମୟରେ ଅଯୋଗ୍ୟ ପ୍ରାର୍ଥୀମାନେ ଜିତି କ୍ଷମତା ଦଖଲ କରୁଛନ୍ତି। ଏହା ଗଣତନ୍ତ୍ର ପାଇଁ ଘୋର ବିପଦ।

**– ଅକ୍ଷୟ କୁମାର ମହାନ୍ତି, ହାଜିପୁର, ବିରିଡ଼ି, ଜଗତ୍‌ସିଂହପୁର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଶ୍ରୀମନ୍ଦିରରେ ଭକ୍ତ ଅଚେତ

ପୁରୀ,(ଅଜିତ ମହାନ୍ତି): ମହାପ୍ରଭୁଙ୍କ ଦର୍ଶନ ପାଇଁ ଆସିଥିବା ଜଣେ ଭକ୍ତ ମଙ୍ଗଳବାର ଶ୍ରୀମନ୍ଦିର ଭିତରେ ଅଚେତ ହୋଇଥିବା ସୂଚନା ମିଳିଛି। ସେ ହେଲେ ବିହାରର ନବୀନ ସିଂ। ସେ ପରିବାର ସହ ପୁରୀ ଆସି ମହାପ୍ରଭୁଙ୍କ ଦର୍ଶନ ପାଇଁ ଶ୍ରୀମନ୍ଦିରକୁ ଯାଇଥିଲେ। ତେବେ ପ୍ରବଳ ଗହଳି ଯୋଗୁ ସେ ଅଣନିଃଶ୍ୱାସୀ ହୋଇ ଅଚେତ ହୋଇଯାଇଥିଲେ। ତାଙ୍କୁ ଶ୍ରୀମନ୍ଦିର ଆମ୍ବୁଲାନ୍ସ ଯୋଗେ ନିଆଯାଇ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସା ପରେ ସେ ସୁସ୍ଥ ଥିବା ଜଣାପଡ଼ିଛି।

## ସଂକ୍ଷେପରେ

### ନବନିଯୁକ୍ତ ଶିକ୍ଷକ ପ୍ରଶିକ୍ଷକଙ୍କ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆରମ୍ଭ

ଭୁବନେଶ୍ୱର, ୧୨।୯(ଅସମାପିକା ସାହୁ)

ନବନିଯୁକ୍ତ ଶିକ୍ଷକ ପ୍ରଶିକ୍ଷକମାନଙ୍କ ପାଇଁ ମଙ୍ଗଳବାରଠାରୁ ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ ସମ୍ମିଳନୀ କକ୍ଷରେ ୭ଦିନିଆ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟ ଏବଂ ରାଜ୍ୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମକୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଶାସନ ସଚିବ ଅଶ୍ୱଥୀ. ଏସ୍ ଉଦ୍‌ଘାଟନ କରିଥିଲେ। ଏଫ୍‌ଏଲ୍‌ଏନ୍ ମଡେଲ ବିଦ୍ୟାଳୟ, ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର, ବ୍ଲକରେ ଗୁଣାତ୍ମକ ଶିକ୍ଷାକୁ ନିଶ୍ଚିତ କରିବା ପାଇଁ ଶିକ୍ଷକ ପ୍ରଶିକ୍ଷକଙ୍କ ଦାୟିତ୍ୱ ପ୍ରଦାନ ଉପରେ ସଚିବ ଗୁରୁତ୍ୱାରୋପ କରିଥିଲେ। ବିଭାଗୀୟ ସ୍ୱତନ୍ତ୍ର ସଚିବ ଶୁଭଶ୍ରୀ ନନ୍ଦ, ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକ ଜ୍ୟୋତି ରଞ୍ଜନ ମିଶ୍ର, ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନର ଅଧ୍ୟକ୍ଷ ପ୍ରଫେସର ପି. ସି. ଅଗ୍ରୱାଲ ଓ ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟ ଏବଂ ରାଜ୍ୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦର ନିର୍ଦ୍ଦେଶକ ମନୋଜ କୁମାର ପାଢ଼ୀଙ୍କ ସମେତ ବିଭିନ୍ନ ଜିଲାରୁ ଆସିଥିବା ୯୬ଜଣ ଶିକ୍ଷକ ପ୍ରଶିକ୍ଷକ ଅଂଶଗ୍ରହଣ କରିଥିଲେ। ବିଭିନ୍ନ ଦିବସରେ ଶିକ୍ଷକ ଶିକ୍ଷା ସମ୍ପର୍କିତ ବିଷୟ ବସ୍ତୁ ଉପରେ ତାତ୍ତ୍ୱିକ ଆଲୋଚନା ହେବା ସହିତ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷାଦାନ କାର୍ଯ୍ୟକୁ ପର୍ଯ୍ୟବେକ୍ଷଣ କରିବା ଓ ବିଭିନ୍ନ ଶୈକ୍ଷିକ ଅନୁଷ୍ଠାନର କାର୍ଯ୍ୟାବଳୀକୁ ଅନୁଧ୍ୟାନ କରିବା ସହିତ ଜଗତ୍‌ସିଂହପୁର ଓ କେନ୍ଦ୍ରାପଡ଼ା ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର ବିଭିନ୍ନ କାର୍ଯ୍ୟାବଳୀକୁ ଅନୁଧ୍ୟାନ କରିବା ଏବଂ ପ୍ରତିଦିନ ସକାଳେ ଯୋଗ, ପ୍ରାଣାୟମ ଆଦି କରାଯିବାର ବ୍ୟବସ୍ଥା ରହିଛି। ଏଥିସହିତ ପ୍ରଶିକ୍ଷାର୍ଥୀଙ୍କ ଦ୍ୱାରା ପୁସ୍ତକ ପଠନ, ବିଶ୍ଳେଷଣ ଓ ଆଲୋଚନା କରାଯିବା ସହ ଶିକ୍ଷଣୀୟ ଚଳଚ୍ଚିତ୍ର ପ୍ରଦର୍ଶନ କରାଯିବ।

### ଅମୃତ କଳାକାର ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ



ଭୁବନେଶ୍ୱର,୧୨।୯(ଶର୍ମିଷ୍ଠା ପାଣିଗ୍ରାହୀ)

ଅମୃତ କଳାକାର ସଂଗଠନ ତରଫରୁ ମଙ୍ଗଳବାର ଗୀତଗୋବିନ୍ଦ ସଦନରେ ଗୀତିକବି ତଥା ସଙ୍ଗଠନ ସଭାପତି ବସନ୍ତ କୁମାର ଦାସଙ୍କ ସଭାପତିତ୍ୱରେ ସଙ୍ଗୀତ ଆଧାରିତ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ପଦ୍ମଶ୍ରୀ ଶ୍ୟାମାମଣି ଦେବୀ ଉଦ୍‌ଘାଟନ କରିଥିଲେ। ଅତିଥିଭାବେ ବିଶିଷ୍ଟ ଗୀତିକାର ଗୌର ପଟ୍ଟନାୟକ, ସଂସ୍କୃତି ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ମଧୁସୂଦନ ଦାଶ, ସାହିତ୍ୟିକ ଶ୍ରୀରାମ ଦାଶ, ରାଜେଶ ତିୱାରୀ ଓ କଣ୍ଠଶିଳ୍ପୀ କ୍ରିଷ୍ଣା ବେଉରା ଉପସ୍ଥିତ ଥିଲେ। ବିଶେଷ ଉପସ୍ଥାପନାରେ ବରିଷ୍ଠ ଗୀତିକବି ଡ. ଅନ୍ତର୍ଯ୍ୟାମୀ ମିଶ୍ରଙ୍କ ଦ୍ୱାରା ରଚିତ ସର୍ବପ୍ରଥମ ଶ୍ରୀଜଗନ୍ନାଥ ଚାଳିଶା ଥିଲା। ପଦ୍ମଶ୍ରୀ ଅନୁପ ଜଲୋଟା, ପଣ୍ଡିତ ଶିବ ରଥ, ଦେବାଶିଷ ମହାପାତ୍ର, ଛନ୍ଦା ମିଶ୍ର ଓ ସନ୍ଦୀପ ମିଶ୍ର ସଙ୍ଗୀତ ପରିବେଷଣ କରିଥିଲେ। ଡ. ମୃତ୍ୟୁଞ୍ଜୟ ରଥ ପରିଚାଳନା କରିଥିବାବେଳେ କଣ୍ଠଶିଳ୍ପୀ ଦୁର୍ଗାଚରଣ ମିଶ୍ର ସହଯୋଗ କରିଥିଲେ ।

# ଆବର୍ଜନା ବଳୟରେ କ୍ୟାପିଟାଲ ହସ୍ପିଟାଲ୍






କ୍ୟାପିଟାଲ ହସ୍ପିଟାଲରେ ମେଡିକାଲ ଆବର୍ଜନା ଗଦା ହୋଇ ରହିଛି। ୱାସ୍ ରୁମ୍ ନିକଟରେ ବଳକା ଖାଦ୍ୟ ପଡ଼ି ରହି ଦୁର୍ଗନ୍ଧ ହେଉଛି।

## ସଫେଇ କର୍ମଚାରୀଙ୍କ ଆନ୍ଦୋଳନ ଜାରି

ଭୁବନେଶ୍ୱର,୧୨।୯
(ଅନୁରାଧା ମହାରଣା)

କ୍ୟାପିଟାଲ ହସ୍ପିଟାଲରେ ଅସ୍ଥାୟୀ କର୍ମଚାରୀଙ୍କ ଟେଣ୍ଡର ଅବଧି ସରିବାକୁ ଥିବାବେଳେ ଏବେ ସଫେଇ କର୍ମଚାରୀମାନେ ଅହୋରାତ୍ର ଆନ୍ଦୋଳନ ଜାରି ରଖିଛନ୍ତି। କର୍ମଚାରୀଙ୍କ ଛଟେଇ ପ୍ରତିବାଦ ସହ ବିଭିନ୍ନ ଦାବି ପୂରଣ ନ ହେବା ଯାଏଁ ଆନ୍ଦୋଳନ ଜାରି ରହିବ ବୋଲି କର୍ମଚାରୀମାନେ ଅଡ଼ି ବସିଛନ୍ତି। ଅପରପକ୍ଷରେ ମାତ୍ର ୨ଦିନ କାର୍ଯ୍ୟବନ୍ଦ ଆନ୍ଦୋଳନ ଫଳରେ ହସ୍ପିଟାଲ ପରିସର ଆବର୍ଜନାମୟ ହୋଇପଡ଼ିଛି। କାଜୁଆଲିଟିଠାରୁ ଆରମ୍ଭ କରି, ବିଭିନ୍ନ ୱାର୍ଡ ଭିତରେ ଓ ବାହାରେ, ଶୌଚାଳୟ, ଅପେକ୍ଷାସ୍ଥଳ ସବୁଠି କୁଢ଼କୁଢ଼ ଆବର୍ଜନା ଗଦା ହୋଇଗଲାଣି। ଔଷଧ, ଔଷଧଖୋଳ, ସିରିଞ୍ଜ, ବ୍ୟବହୃତ ସାଲାଇନ୍ ବୋତଲ ଆଦି ଡଷ୍ଟବିନ୍ ଭର୍ତ୍ତି ହୋଇ ଏରେତେଣେ ପଡ଼ିବାକୁ ଲାଗିଛି। ରୋଗୀଙ୍କ ସମ୍ପର୍କୀୟ ଖାଦ୍ୟ ଖାଇ ଏଣେତେଣେ ଜରି କାଗଜ ଆଦି ପକାଉଥିବାବେଳେ ସେସବୁ ମଧ୍ୟ ସଫା ନ ହୋଇ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି କରିବାରେ ଲାଗିଛି। ଶୌଚାଳୟର ଅବସ୍ଥା ଶୋଚନୀୟ ହୋଇପଡ଼ିଛି। ରୋଗୀ ଓ ରୋଗୀଙ୍କ ସମ୍ପର୍କୀୟ ଅପରିଷ୍କାର ପାଇଖାନା ବ୍ୟବହାର କରିବାକୁ ଅମଙ୍ଗ ହେଉଛନ୍ତି। ସଫେଇ କର୍ମଚାରୀଙ୍କ ଧାରଣା ଆଉ କିଛି ଦିନ ଚାଲିଲେ ହସ୍ପିଟାଲରେ ପାଦ ରଖିବା ମଧ୍ୟ ଅସମ୍ଭବ ହୋଇପଡ଼ିବ ବୋଲି ଏଠାକୁ ଆସୁଥିବା ଲୋକାମାନେ କହିଛନ୍ତି। ସୂଚନା ଥାଉକି, ହସ୍ପିଟାଲରେ ପ୍ରାୟ ୩୦୦ ସିକ୍ୟୁରିଟି ଗାର୍ଡ ନିରାକାର ଏଜେନ୍ସି ଜରିଆରେ କାର୍ଯ୍ୟ କରୁଥିବା ବେଳେ ପ୍ରତ୍ୟୁଷା ଏଜେନ୍ସିରେ ୨୫୦ ଜଣ ସଫେଇ କର୍ମଚାରୀ କାମ କରୁଛନ୍ତି। ତେବେ ମାସିକ ବେତନ ବୃଦ୍ଧି ଠାରୁ ଆରମ୍ଭ କରି ଇପିଏଫ୍ ଓ ଅନ୍ୟାନ୍ୟ ଦାବିକୁ ନେଇ ସଫେଇ କର୍ମଚାରୀଙ୍କ ପକ୍ଷରୁ ସୋମବାରଠାରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଧାରଣା ଦେଇଛନ୍ତି।



କ୍ୟାପିଟାଲ ହସ୍ପିଟାଲ ମୁଖ୍ୟ ଦ୍ୱାର ନିକଟରେ ପଡ଼ି ରହିଥିବା ଅଳିଆ।

# ୫ଦଫା ଦାବି ନେଇ ଡାକ ସେବକ ସଂଘର ବିକ୍ଷୋଭ




ପିଏମ୍‌ଜି ଅଫିସ୍ ଆଗରେ ଡାକ ସେବକମାନେ ଧାରଣା ଦେବା ସହ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

ଭୁବନେଶ୍ୱର,୧୨।୯ (ଅନୁରାଧା ମହାରଣା)

୫ଦଫା ଦାବି ନେଇ ଅଖିଳ ଭାରତ ଗ୍ରାମୀଣ ଡାକ ସେବକ ସଂଘ (ଏଆଇଜିଡିଏସ୍‌ୟୁ) ଏବଂ ଜାତୀୟ ଗ୍ରାମୀଣ ଡାକ ସେବକ ସଂଘ (ଏନ୍‌ୟୁଜିଡିଏସ) ପକ୍ଷରୁ ମଙ୍ଗଳବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ମହାଡାକପାଳ ଅଫିସ ସମ୍ମୁଖରେ ସଂଗଠନର ସମ୍ପାଦକ ହିମାଂଶୁ ଶେଖର ଦାଶଙ୍କ ନେତୃତ୍ୱରେ ଏହି ପ୍ରତିବାଦ କରାଯାଇଛି। ଆନ୍ଦୋଳନକାରୀଙ୍କ ଦାବି ଅନୁସାରେ, ଗ୍ରାମୀଣ ଡାକ ସେବକଙ୍କ କାର୍ଯ୍ୟ ନିର୍ଘଣ୍ଟ ଦୈନିକ ୮ ଘଣ୍ଟା ସ୍ଥିର କରାଯାଉ, ପ୍ରତି ୧୨ ବର୍ଷରେ ଆର୍ଥିକ ପଦୋନ୍ନତି ଦେବା ସୁପାରିସକୁ ଶୀଘ୍ର ଲାଗୁ କରାଯାଉ, ସମସ୍ତ ଗ୍ରାମୀଣ ଡ଼ାକ ସେବକଙ୍କୁ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସ୍ୱାସ୍ଥ୍ୟବୀମା ପ୍ରଦାନ କରାଯାଉ, ପେନସନ ଦିଆଯାଉ। ଟାର୍ଗେଟ୍ କରି ଗ୍ରାମୀଣ ଡାକସେବକଙ୍କ ଉପରେ ଅଧିକାରୀମାନେ ଜୁଲମ କରୁଥିବା ଅଭିଯୋଗ କରିବା ସହ ଏହାକୁ ବନ୍ଦ କରାଯାଉ ବୋଲି ଆନ୍ଦୋଳନକାରୀମାନେ କହିଛନ୍ତି।

# 'ପରସ୍ପର ପାଇଁ ଆଶା, ସମର୍ଥନ ସୃଷ୍ଟି କରିବା ଉଚିତ'

## ଆତ୍ମହତ୍ୟା ନିରୋଧୀ ସଚେତନତା ସପ୍ତାହ

ଭୁବନେଶ୍ୱର,୧୨।୯
(ଅନୁରାଧା ମହାରଣା)

ଉତ୍କଳ ବିଶ୍ୱବିଦ୍ୟାଳୟ ମନସ୍ତତ୍ତ୍ୱ ବିଭାଗ ପକ୍ଷରୁ ଆତ୍ମହତ୍ୟା ନିରୋଧୀ ସଚେତନତା ସପ୍ତାହ ମଙ୍ଗଳବାର ପାଳିତ ହୋଇଯାଇଛି। କୁଳପତି ପ୍ରଫେସର ସବିତା ଆଚାର୍ଯ୍ୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ମାନସିକ ସ୍ୱାସ୍ଥ୍ୟ ସଚେତନତା ଅଭିଯାନର ଏକ ଅଂଶ ହେବାକୁ ଉତ୍ସାହିତ କରିଥିଲେ। ଏଥିସହ ଆତ୍ମହତ୍ୟା ରୋକିବା ଦିଗରେ ସକ୍ରିୟ ଭାବେ କାର୍ଯ୍ୟ କରିବାକୁ ସେ ଆହ୍ୱାନ ଦେଇଥିଲେ। ମନସ୍ତତ୍ତ୍ୱ ବିଭାଗ ମୁଖ୍ୟ ପ୍ରଫେସର ଭାସ୍ୱତୀ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଆଇକ୍ୟୁଏସି ନିର୍ଦ୍ଦେଶକ ପ୍ରଫେସର ନିଗମାନନ୍ଦ ଦାସ ଯୋଗଦେଇ ଆତ୍ମହତ୍ୟା ରୋକିବାକୁ ପରସ୍ପର ପାଇଁ ଆଶା ଓ ସମର୍ଥନ ସୃଷ୍ଟି କରିବା ଉଚିତ ବୋଲି ପରାମର୍ଶ ଦେଇଥିଲେ। ଏହି ଅବସରରେ ଛାତ୍ରୀଛାତ୍ର କ୍ଷୁଦ୍ର ନାଟକ ପ୍ରଦର୍ଶନ ମାଧ୍ୟମରେ ସଚେତନତା ବାର୍ତ୍ତା ଦେଇଥିଲେ। ଲକ୍ଷ୍ୟ ପୂରଣରେ ବିଫଳ ହେଲେ ବିଷାଦଗ୍ରସ୍ତ ମଣିଷ ଆତ୍ମହତ୍ୟାରେ ବାଟ ବାଛିନେଉଛି। ଅଧିକାଂଶ କ୍ଷେତ୍ରରେ ପାରିବାରିକ କଳହ, ପାଠପଢ଼ା ଚାପ, ନିଶା ସେବନ, ଚାକିରି ଓ ପ୍ରେମରେ ବିଫଳତା ଯୋଗୁ ଆତ୍ମହତ୍ୟା ହାର ବଢ଼ୁଛି। କିନ୍ତୁ ଆତ୍ମହତ୍ୟା ମାନସିକ ଅବସାଦର ଶେଷ ପରିଣତି ନୁହେଁ। ଏହାର ପ୍ରତିକାର ସ୍ୱରୂପ ସଚେତନତା ସୃଷ୍ଟି କରାଯାଇପାରିଲେ ଆତ୍ମହତ୍ୟା ରୋକାଯାଇପାରିବ ବୋଲି ଏହି ନାଟକରେ ବାର୍ତ୍ତା ଦିଆଯାଇଛି। ସହକାରୀ ପ୍ରଫେସର ସୋନାଲି ହେମ୍ବ୍ରମ, ମୌସୁମୀ ସେଠୀ, ସୁନନ୍ଦା ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଏକ ପୋଷ୍ଟର ପ୍ରତିଯୋଗିତା ଅନୁଷ୍ଠିତ ହୋଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। କୃତୀ ଛାତ୍ରୀଛାତ୍ରଙ୍କ ପୋଷ୍ଟରଗୁଡ଼ିକ ଅତିଥିମାନେ ଉନ୍ମୋଚିତ କରିଥିଲେ।

# ବ୍ରାଉନସୁଗାର ବେପାରୀ ପପୁ ଧରାପଡ଼ିଲେ

## ୧୧ ଲକ୍ଷର ବ୍ରାଉନସୁଗାର ଜବତ

■୨ବର୍ଷ ତଳେ ସ୍ତ୍ରୀ ଗିରଫ ବେଳେ ଖସି ପଳାଇଥିଲେ

ଭୁବନେଶ୍ୱର,୧୨।୯(ସତ୍ୟଜିତ୍ ରାଉତ)

ଭୁବନେଶ୍ୱର ସ୍ପେଶାଲ କ୍ରାଇମ୍ ୟୁନିଟ୍ ଥାନା ହାତରେ ମଙ୍ଗଳବାର ବ୍ରାଉନସୁଗାର ବେପାରୀ ପପୁ ଓରଫ ସମ୍ଭୁନାଥ ବାରିକ ଧରାପଡ଼ିଛନ୍ତି। ତାଙ୍କଠାରୁ ୧୧ ଲକ୍ଷ ଟଙ୍କାର ୧୦୫ ଗ୍ରାମ ବ୍ରାଉନସୁଗାର, ଗୋଟିଏ ସ୍କୁଟି, ୩ଟି ମୋବାଇଲ ଜବତ ହୋଇଛି। ପପୁ ଜଣେ ପେସାଦାର ବ୍ରାଉନ ସୁଗାର ବେପାରୀ। ସେ ଦୁଇ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ଫେରାର ଥିଲେ। ତେଣୁ ତାଙ୍କୁ ଦୁଇ ଦିନ ରିମାଣ୍ଡରେ ଅଣାଯିବାକୁ ଆବେଦନ କରାଯିବ ବୋଲି ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି।

ପ୍ରକାଶ ଯେ, ପପୁ ଓ ତାଙ୍କ ସ୍ତ୍ରୀ ପିଙ୍କି କେଶୁରାସ୍ଥିତ ଏକ ଘରେ ଦୀର୍ଘଦିନ ଧରି ବ୍ରାଉନସୁଗାର କାରବାର କରୁଥିଲେ। ୨୦୨୧ ଜୁଲାଇ ୧୩ ରାତିରେ ଶହୀଦନଗର ଥାନା ପୋଲିସ ସେଠାରେ ଚଢ଼ାଉ କରି ପିଙ୍କି ଓ ସହଯୋଗୀ ମଣ୍ଟୁଙ୍କୁ ଗିରଫ କରିବା ସହ ଅଧ କୋଟିର ବ୍ରାଉନସୁଗାର ଓ ୩୫ ଲକ୍ଷ ନଗଦ ଟଙ୍କା ଆଦି ଜବତ କରିଥିଲା। ହେଲେ ସେହି ସମୟରେ ପୋଲିସ କବଳରୁ ପପୁ ଖସି ପଳାଇଥିଲେ। ଏନେଇ ଶହୀଦନଗର ଥାନା ପୋଲିସ ଏକ (ନଂ.୨୭୪/୨୦୨୧) ରୁଜୁ କରି ଅଭିଯୁକ୍ତଦ୍ୱୟଙ୍କୁ କୋର୍ଟଚାଲାଣ କରିଥିଲା। ସେହିଦିନଠୁ ପୋଲିସକୁ ଚକମା ଦେଇ ପପୁ ବ୍ରାଉନସୁଗାର କାରବାର ଜାରି ରଖିଥିଲେ। ତାଙ୍କ ପ୍ରକୃତ ଘର ଇନ୍‌ଫୋସିଟି ଥାନା ଅନ୍ତର୍ଗତ ଶିଖରଚଣ୍ଡୀ ନଗରରେ ହୋଇଥିବାବେଳେ ସେ ଭୁବନେଶ୍ୱରର ବିଭିନ୍ନ ସ୍ଥାନରେ ଲୁଚି ରହି ବ୍ରାଉନସୁଗାର କାରବାର ଜାରି ରଖିଥିଲେ। ଗତ ଅଗଷ୍ଟ ୧୦ରେ ସ୍ପେଶାଲ କ୍ରାଇମ ୟୁନିଟ୍ ଥାନା ଏହି ମାମଲାର ତଦନ୍ତ ଭାର ନେଇ ଏକ ନୂଆ ମାମଲା (ନଂ.୪/୨୦୨୩) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ପୋଲିସ ଟିମ୍ ପପୁଙ୍କୁ ଗତ ଏକ ମାସ ହେଲା ଚାରିଆଡ଼େ ଖୋଜାଖୋଜି କରୁଥିଲା। ପପୁ ଭରତପୁର ଥାନା ଅନ୍ତର୍ଗତ ଖଣ୍ଡଗିରି ବାରି ବସ୍ତିରେ ଥିବା ଜାଣି ପୋଲିସ ଟିମ୍ ସେଠାରେ ଚଢ଼ାଉ କରି ତାଙ୍କୁ କାବୁ କରିଥିଲା। ପପୁ ପଶ୍ଚିମବଙ୍ଗ ଦିଘା ଅଞ୍ଚଳର ବ୍ରାଉନ୍‌ସୁଗାର ଡିଲର୍‌ଙ୍କ ଯୋଗାଯୋଗରେ ଥିବାରୁ ପୋଲିସ ଏହି ଦିଗକୁ ନେଇ ଅଧିକ ତଦନ୍ତ କରୁଛି। ପପୁଙ୍କୁ ରିମାଣ୍ଡରେ ଆଣି ଏହି କାରବାର ବିଷୟରେ ଅଧିକ ତଥ୍ୟ ଯୋଗାଡ଼ କରିବା ସହ ଅନ୍ୟ ବ୍ରାଉନସୁଗାର ଡିଲରଙ୍କୁ ଗିରଫ କରିବାକୁ ପୋଲିସ ଆଶା ରଖିଛି।

# କିମାଶ୍ଚର୍ଯ୍ୟମ୍‌ର ଦ୍ୱିତୀୟ ସଂସ୍କରଣ ପାଠକାର୍ପିତ



ଭୁବନେଶ୍ୱର,୧୨।୯(ଶର୍ମିଷ୍ଠା ପାଣିଗ୍ରାହୀ)

ଯୁବ ପ୍ରାବନ୍ଧିକ ଓ ସ୍ତମ୍ଭକାର ପରଂବ୍ରହ୍ମ ତ୍ରିପାଠୀଙ୍କ ପ୍ରବନ୍ଧ ସଂକଳନ 'କିମାଶ୍ଚର୍ଯ୍ୟମ'ର ଦ୍ୱିତୀୟ ସଂସ୍କରଣ ପାଠକାର୍ପଣ ମଙ୍ଗଳବାର ଏକାମ୍ର ହାଟଠାରେ ହୋଇଯାଇଛି। ବରିଷ୍ଠ କଥାକାର ଅଜୟ ସ୍ୱାଇଁ ଓ କଥାକାର ତଥା ପୂର୍ବତନ ପ୍ରଶାସକ ସହଦେ ସାହୁ କହିଲେ, ସରଳ ଭାଷା, ସାହସିକତା, ସମ୍ବେଦନଶୀଳତା କିମାଶ୍ଚର୍ଯ୍ୟମକୁ ବହି ଭିଡ଼ ଭିତରେ ନିଆରା କରିପାରିଛି। ସ୍ତମ୍ଭକାର ସନ୍ଦୀପ ସାହୁ କହିଲେ, ସାଧାରଣତଃ ସାହିତ୍ୟର ବିଭିନ୍ନ ବିଭାଗ ଭିତରେ ପ୍ରବନ୍ଧର ପାଠକ ସଂଖ୍ୟା କମ। କିନ୍ତୁ ମାତ୍ର ଏକ ବର୍ଷ ଭିତରେ ଏହି ପୁସ୍ତକର ଦ୍ୱିତୀୟ ସଂକଳନ ଅନେକ ମିଥ୍ ଭାଙ୍ଗିବାରେ ସଫଳ ହୋଇଛି। ଏହା ଲେଖକଙ୍କ ଶୈଳୀ ଓ ରଚନା ପ୍ରତି ପାଠକୀୟ ସ୍ୱୀକୃତି। ଯୁବକବି ସୂର୍ଯ୍ୟସ୍ନାତ ତ୍ରିପାଠୀ ନିଜ ଅଭିଭାଷଣରେ ସାହିତ୍ୟକୁ ସାହିତ୍ୟ ସଭାରୁ ବାହାରକୁ ନେଇ ସାଧାରଣ ପାଠକ ପାଖରେ ପହଞ୍ଚାଇବାର ସମୟ ଆସିଛି ବୋଲି ମତବ୍ୟକ୍ତ କରିବା ସହ ସଙ୍କଳନର ଦ୍ୱିତୀୟ ସଂସ୍କରଣ ଏଦିଗରେ ଏକ ସକାରାତ୍ମକ ପଦକ୍ଷେପ ବୋଲି କହିଥିଲେ। ଲୋକଙ୍କ ପାଇଁ ଲୋକଙ୍କ କଥା ଲୋକଙ୍କ ଭାଷାରେ କହିପାରିଲେ ଏହା ଲୋକାଦୃତ ହେବ ବୋଲି ପରଂବ୍ରହ୍ମ କହିଥିଲେ। ବର୍ଷା ପ୍ରକାଶନର ନିର୍ଦ୍ଦେଶକ ବାଦଲ ମହାନ୍ତି ସ୍ୱାଗତ ଭାଷଣ ଦେଇଥିଲେ। ସ୍ତମ୍ଭକାର ଶ୍ରୁତକୀର୍ତ୍ତି ତ୍ରିପାଠୀ ସଭା ପରିଚାଳନା କରିଥିଲେ।

# ୱାର୍ଡ ଅଫିସ ପାଇଁ ଶିଳାନ୍ୟାସ




ଭୁବନେଶ୍ୱର,୧୨।୯(ବନ୍ଦନା ସେଠୀ)

ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି) ଅଧୀନ ୩୬ ନଂ. ୱାର୍ଡର ୟୁନିଟ-୪ ସରକାରୀ ବାସଭବନ ଅଞ୍ଚଳରେ ସୋମବାର ୱାର୍ଡ ଅଫିସ ପାଇଁ ଶିଳାନ୍ୟାସ ହୋଇଯାଇଛି। ଏପରିକି ୱାର୍ଡ କର୍ପୋରେଟର ଅଲିଅଳି ମଲ୍ଲିକ ଏଥିରେ ଅଧ୍ୟକ୍ଷତା କରିଥିଲେ। ଉତ୍ସବରେ ସମ୍ମାନିତ ଅତିଥି ଭାବେ ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା ଯୋଗଦେଇ ଏହାର ଶିଳାନ୍ୟାସ କରିଥିଲେ। ଏହି ଅବସରରେ ଭୁବନେଶ୍ୱର ମେୟର ସୁଲୋଚନା ଦାସଙ୍କ ସମେତ ମଧୁସୂଦନ ନଗର ଉନ୍ନୟନ ପରିଷଦ ସଭାପତି ପୀତବାସ ଦାସ, ମଧୁସୂଦନ ନଗର କମିଟି ବରିଷ୍ଠ ସଦସ୍ୟ ମନୋଜ ମିଶ୍ର, ଆଇନଜୀବୀ ଆଶିଷ ଦାସ, ଆଇନଜୀବୀ ଅକ୍ଷୟ ଦାସ, ପୂର୍ବତନ କର୍ପୋରେଟର ସସ୍ମିତା ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ। ବିଶେଷକରି ୱାର୍ଡ ପରିସରରେ ସମସ୍ତ ରାଜସ୍ୱ ଅଞ୍ଚଳର ଟିକସଦାତା ଏଠାରେ ଟିକସ ଦେବା ସହିତ ଅଞ୍ଚଳର ବିଭିନ୍ନ ପ୍ରକାରର ବିକାଶମୂଳକ କାର୍ଯ୍ୟ, ୱାର୍ଡର ସୁବିଧା ଅସୁବିଧା ବିଏମ୍‌ସି ଅଧିକାରୀ ଓ ୱାର୍ଡ ବାସିନ୍ଦାଙ୍କ ଆପୋସ ବୁଝାମଣାରେ ସମସ୍ତ କାର୍ଯ୍ୟ ସମ୍ପାଦନ କରିବେ ବୋଲି କର୍ପୋରେଟର ମତପ୍ରକାଶ କରିଥିଲେ।

# ଉଚ୍ଛେଦ ସ୍ଥାନରେ ପୁନଃ ନିର୍ମାଣ ଅଭିଯୋଗ

ପୁରୁଣା ଭୁବନେଶ୍ୱର,୧୨।୯(ସୁବାସ ଚନ୍ଦ୍ର ପ୍ରଧାନ)




ଅନେକ ଜାଗାରେ ବିଏମ୍‌ସି ପକ୍ଷରୁ ଜବରଦଖଲ ଉଚ୍ଛେଦରେ ଦୋକାନ ବଜାର ଭଙ୍ଗା ଯାଉଛି। ହେଲେ କେତେକ ଜନପ୍ରତିନିଧିମାନେ ପ୍ରଚ୍ଛଦପଟରେ ଜବରଦଖଲକାରୀଙ୍କୁ ସହଯୋଗ କରୁଥିବାରୁ ଏହି ସବୁ ସ୍ଥାନରେ ପୁନଃ ନିର୍ମାଣ ହେଉଥିବା ନେଇ ଅଭିଯୋଗ ହୋଇଛି। ଏଭଳି ଏକ ଘଟଣା ବିଏମ୍‌ସିର ୫୯ ନଂ. ୱାର୍ଡ଼ ତାରେଣୀ ବିହାର ଟାଟା ମୋଟର ଶୋ' ରୁମ ନିକଟ ଦକ୍ଷିଣ ପାର୍ଶ୍ୱରେ ଘଟିଛି। ଏନେଇ ଏକାମ୍ର ଜନଜାଗରଣ ମଞ୍ଚ ପକ୍ଷରୁ ସୋମବାର ଅଭିଯୋଗ ହୋଇଛି। ବିଏମ୍‌ସି କମିଶନରଙ୍କ ଉଦ୍ଦେଶ୍ୟରେ ଦିଆଯାଇଥିବା ଅଭିଯୋଗ ମୁତାବକ, ଏଠାରେ ପାଖାପାଖି ୩ ଏକର ସରକାରୀ ଗୋଚର ଜମି ରହିଛି। ଏଠାରେ ଜବରଦଖଲ ହୋଇଥିବା ଜମିରୁ କିଛି ଅଂଶ ଯାହାର ପ୍ଲଟ ନଂ. ୧୨୫କୁ ଏକ ଟ୍ରାକ୍ଟର ଗ୍ୟାରେଜ ଜବରଦଖଲ କରିଥିଲା। ଯାହାକୁ ଉଚ୍ଛେଦ କରାଯାଇ ସେଠାରେ ୱାର୍ଡ଼ ଅଫିସ୍ ନିର୍ମାଣ ହୋଇଥିଲା। ଏହା ଗତବର୍ଷ ଜୁଲାଇ ୭ରେ କରାଯାଇଥିଲା। କିନ୍ତୁ ଏହାକୁ ୧ବର୍ଷ ବିତି ଯାଇଥିଲେ ମଧ୍ୟ ବାକି ଅଂଶରେ କୌଣସି କାର୍ଯ୍ୟ ହୋଇନାହିଁ। ଫଳରେ ଏହି ସ୍ଥାନରେ ପୁନଃ ଅବୈଧ ନିର୍ମାଣ କାର୍ଯ୍ୟ ହେଉଥିବା ନେଇ ନଜରକୁ ଆସିବା ପରେ ମଞ୍ଚ ପକ୍ଷରୁ ଏହି ଅଭିଯୋଗ ହୋଇଛି। ଅଞ୍ଚଳବାସୀଙ୍କ ପକ୍ଷରୁ ଜବରଦଖଲକୁ ପୁନଃ ଉଚ୍ଛେଦ କରିବା ସହ ବିଏମ୍‌ସି ପକ୍ଷରୁ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ କୁହାଯାଇଛି।

# ବିଭାଗ ପ୍ରତିଶ୍ରୁତିକୁ ବିଶ୍ୱାସ କଲେନି ଶିକ୍ଷକ

## ଆନ୍ଦୋଳନ ଜାରି, ମୁଖ୍ୟମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡ଼ିଲେ

ଭୁବନେଶ୍ୱର, ୧୨।୯(ଅସମାପିକା ସାହୁ)

ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ମହାସଂଘର ବିଭିନ୍ନ ଦାବି ଉପରେ ସୋମବାର ମହାସଂଘ ସଦସ୍ୟଙ୍କ ସହ ରାଜ୍ୟ ସରକାର ଆଲୋଚନା କରିଥିଲେ। ଆନ୍ଦୋଳନ ପ୍ରତ୍ୟାହାର କରିବା ପାଇଁ ସରକାର ମହାସଂଘକୁ ଅନୁରୋଧ କରିଥିଲେ ମଧ୍ୟ ମହାସଂଘ ଏହାକୁ ମାନିନାହାନ୍ତି। ବିଭାଗର ପ୍ରତିଶ୍ରୁତିକୁ ବିଶ୍ୱାସ ନ କରି ଶିକ୍ଷକମାନେ ମୁଖ୍ୟମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡ଼ିଛନ୍ତି। ଦାବି ପୂରଣ ପାଇଁ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ପ୍ରତିଶ୍ରୁତି ମିଳିଲେ ଆମେ ଆନ୍ଦୋଳନ ପ୍ରତ୍ୟାହାର କରିବୁ ବୋଲି ମହାସଂଘ ମହାସଚିବ ଚାରୁଲତା ମହାପାତ୍ର କହିଛନ୍ତି। ମହାସଂଘ ପକ୍ଷରୁ ଗତ ୮ତାରିଖରୁ ରାଜ୍ୟର ପ୍ରାଥମିକ ଶିକ୍ଷକମାନେ କାର୍ଯ୍ୟବନ୍ଦ ଆନ୍ଦୋଳନ କରିଛନ୍ତି। କେନ୍ଦ୍ରୀୟ ହାରରେ ଦରମା, ଜୁନିୟର ଶିକ୍ଷକଙ୍କୁ ନିୟମିତ ମାନ୍ୟତା, ଗଣଶିକ୍ଷକଙ୍କୁ ଏକ୍ସ କ୍ୟାଡରରୁ ହଟାଇବା ପରି ଦାବି ନେଇ ପ୍ରାୟ ୧ ଲକ୍ଷରୁ ଅଧିକ ଶିକ୍ଷକ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଛନ୍ତି। ଦାବି ପୂରଣ ନ ହେବା ଯାଏ ଆନ୍ଦୋଳନ ଚାଲିବ ବୋଲି ସଂଘ ପକ୍ଷରୁ ପୂର୍ବରୁ କୁହାଯାଇଥିଲା। ତେବେ ସୋମବାର ମହାସଂଘ ସହିତ ସରକାର ଆଲୋଚନା କରିଥିଲେ। ଏକ ପାଞ୍ଚଜଣିଆ ସବ୍-କମିଟି ଗଠନ କରାଯାଇ ମହାସଂଘର କର୍ମକର୍ତ୍ତାଙ୍କ ଦ୍ୱାରା ଉପସ୍ଥାପିତ ଦାବିଗୁଡ଼ିକର ପୁଙ୍ଖାନୁପୁଙ୍ଖ ତର୍ଜମା କରାଯିବ। ସବ୍ କମିଟିର ତର୍ଜମାକୁ ଆଧାର କରି ଆନ୍ତଃ ମନ୍ତ୍ରୀସ୍ତରୀୟ କମିଟିରେ ବିଧିବ୍ୟବସ୍ଥା ଅନୁଯାୟୀ ଦାବିଗୁଡ଼ିକ ଉପସ୍ଥାପନ କରାଯିବ ବୋଲି ଆଲୋଚନାରେ ନିଷ୍ପତ୍ତି ହୋଇଥିଲା। ସରକାରଙ୍କଠାରୁ ପ୍ରତିଶ୍ରୁତି ମିଳିବା ପରେ ଶିକ୍ଷକମାନେ ଆନ୍ଦୋଳନ ପ୍ରତ୍ୟାହାର କରିବେ ବୋଲି ଆଶା କରାଯାଉଥିଲା। କିନ୍ତୁ ମହାସଂଘ ପକ୍ଷରୁ ମଙ୍ଗଳବାର ଆୟୋଜିତ ଷ୍ଟିଅରିଂ କମିଟି ବୈଠକରେ ଆନ୍ଦୋଳନକୁ ଜାରି ରଖିବା ପାଇଁ ନିଷ୍ପତ୍ତି ନିଆଯାଇଛି। ମହାସଂଘର କହିବାନୁସାରେ, ପୂର୍ବରୁ ମଧ୍ୟ ବହୁବାର ଗଣଶିକ୍ଷା ମନ୍ତ୍ରୀ, ଶିକ୍ଷା ସଚିବଙ୍କ ସହ ଆଲୋଚନା କରାଯାଇଛି। କିନ୍ତୁ କୌଣସି ସୁଫଳ ମିଳିନାହିଁ। ତେଣୁ ଆମେ ଚାହୁଁଛୁ ମୁଖ୍ୟମନ୍ତ୍ରୀ ଏଥିରେ ହସ୍ତକ୍ଷେପ କରନ୍ତୁ ଏବଂ ଦାବି ପୂରଣ କରନ୍ତୁ। ନଚେତ ଏହିଭଳି ଆନ୍ଦୋଳନ ଜାରି ରହିବ ବୋଲି ମହାସଂଘ ଚେତାବନୀ ଦେଇଛି।

## ସଂକ୍ଷେପରେ

### ଏଟିଏମ୍ କାର୍ଡରେ ଟଙ୍କା ହଡ଼ପ: ଯୁବକ ଗିରଫ

କଟକ,୧୨।୯(କାର୍ତ୍ତିକ ସାହୁ): ଅନ୍ୟ ଜଣଙ୍କ ଏଟିଏମ୍ କାର୍ଡରୁ ଟଙ୍କା ଉଠାଣ କରିବା ଅଭିଯୋଗରେ ମଙ୍ଗଳାବାଗ ପୋଲିସ ଜଣେ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ଲାଲ୍‌ବାଗ ଥାନା ଅନ୍ତର୍ଗତ ଖଟବିନ୍ ସାହିର କୌଶିକ୍ ତ୍ରିପାଠୀ(୪୨)। ତାଙ୍କଠାରୁ ୬୧ହଜାର ଟଙ୍କା ଓ ୫୪ ହଜାର ଟଙ୍କା ମୂଲ୍ୟର ଗୋଲ୍ଡ କଏନ୍ ଜବତ କରାଯାଇଛି। ପୋଲିସ ସୂତ୍ରରୁ ପ୍ରକାଶ, ଜଗତ୍‌ସିଂହପୁର ଅଞ୍ଚଳର ୟାକୁବ୍ ଖାନ(୪୦) ଗତ ଅଗଷ୍ଟ ୨୯ ତାରିଖ ସାଢେ ୧୧ଟାରେ ବଜ୍ରକବାଟିସ୍ଥିତ ପଞ୍ଜାବ ନ୍ୟାଶନାଲ୍ ବ୍ୟାଙ୍କ ଏଟିଏମ୍‌ରୁ ୩୦୦୦ ଟଙ୍କା ଉଠାଇଥିଲେ। ହେଲେ ସେ ଏଟିଏମ୍ କାଉଣ୍ଟରରେ ତାଙ୍କ କାର୍ଡଟି ଛାଡି ଦେଇଆସିଥିଲେ। ସେହିଦିନ ୯ ଥରରେ ତାଙ୍କ ଆକାଉଣ୍ଟରୁ ୮୯,୧୦୦ଟଙ୍କା କଟିଯିବାର ମେସେଜ୍ ଆସିଥିଲା। ଏନେଇ ସେ ମଙ୍ଗଳାବାଗ ଥାନାରେ ଏତଲା ଦେବା ପରେ ମାମଲା ରୁଜୁ ହୋଇଥିଲା। ପରେ ପୋଲିସ କୌଶଳକ୍ରମେ ଅଭିଯୁକ୍ତଙ୍କୁ କାବୁ କରିଥିଲା। କୌଶିକ ବିଭିନ୍ନ ବ୍ୟାଙ୍କ ଏଟିଏମ୍‌ରୁ ୬୧ହଜାର ଟଙ୍କା ଉଠାଇଥିବାବେଳେ ମାଲବାର ଜୁଏଲେରିରୁ ୧୦ଗ୍ରାମ୍ ଓଜନର ଗୋଲ୍ଡ କଏନ୍ ଏଟିଏମ୍ ଦ୍ୱାରା କିଣିଥିଲେ।

### ମନ୍ଦିର ନବୀକରଣ କାର୍ଯ୍ୟ ଉଦ୍‌ଘାଟିତ

କଟକ,୧୨।୯(ସୁପ୍ରିୟା ପ୍ରିୟଦର୍ଶିନୀ): କଟକ ମହାନଗର ନିଗମର ୮ନଂ.ୱାର୍ଡସ୍ଥିତ ଚହଟା ନଗରଠାରେ ହନୁମାନ ମନ୍ଦିରର ନବୀକରଣ କାର୍ଯ୍ୟ ଉଦ୍‌ଘାଟିତ ହୋଇଯାଇଛି। ବାରବାଟୀ-କଟକ ବିଧାୟକ ଇଂ. ମହମ୍ମଦ ମୋକିମ ଏହାକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ବିଧାୟକ ୱାର୍ଡର ବିଭିନ୍ନ ଅଞ୍ଚଳ ବୁଲି ଜନସାଧାରଣଙ୍କୁ ବିଭିନ୍ନ ସମସ୍ୟା ସମ୍ପର୍କରେ ପଚାରି ବୁଝିଥିଲେ।

### ସନ୍ଥ ବିନୋବା ଭାବେଙ୍କ ଜୟନ୍ତୀ

କଟକ,୧୨।୯(ସୁପ୍ରିୟା ପ୍ରିୟଦର୍ଶିନୀ): କଟକ ଜିଲା ସର୍ବୋଦୟ ମଣ୍ଡଳ ପକ୍ଷରୁ ସ୍ଥାନୀୟ ଗାନ୍ଧୀ ଭବନଠାରେ ସନ୍ଥ ବିନୋବା ଭାବେଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଜିଲା ସଭାପତି ବିଶ୍ୱଜିତ୍ ସୂର୍ଯ୍ୟବଂଶୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନର ରାଜ୍ୟ ସଭାପତି ଜଷ୍ଟିସ ମନୋରଞ୍ଜନ ମହାନ୍ତି, ଉତ୍କଳ ଗାନ୍ଧୀ ସ୍ମାରକ ନିଧିର ସମ୍ପାଦକ ଜୟନ୍ତ କୁମାର ଦାସ, ଉତ୍କଳ ସର୍ବୋଦୟ ମଣ୍ଡଳର ସଭାପତି ମିହିର ପ୍ରତାପ ଦାସ, ସର୍ବୋଦୟ ନେତା ଡା. ବିଶ୍ୱଜିତ୍, ଯାଜପୁର ଜିଲା ସର୍ବୋଦୟ ମଣ୍ଡଳ ସଭାପତି ରାମଚନ୍ଦ୍ର ଶୁକ୍ଳ, ଡ. ଦ୍ୱୀପାୟନ ପଟ୍ଟନାୟକ, ଆଇନଜୀବୀ ସୁରେନ୍ଦ୍ରନାଥ କର, କବିର ଜେନା, ପରୀକ୍ଷିତ ମହାରଣା ପ୍ରମୁଖ ଯୋଗ ଦେଇଥିଲେ। ବିନୋବା ଗୀତା ପ୍ରବଚନ, ବେଦ ଅନୁଚିନ୍ତନ, ସ୍ଥିତପ୍ରଜ୍ଞ ଦର୍ଶନ, କୋରାନ ସାର ଭଳି ଅନେକ ପୁସ୍ତକର ରଚନା କରିଥିବା ଅତିଥିମାନେ ମତବ୍ୟକ୍ତ କରିଥିଲେ। କଟକ ଜିଲା ସର୍ବୋଦୟ ମଣ୍ଡଳର ସମ୍ପାଦକ ଲକ୍ଷ୍ମୀପ୍ରକାଶ ମହାପାତ୍ର ଧନ୍ୟବାଦ ଦେଇଥିଲେ।

# ହାତୀ ଉପଦ୍ରବ, ଫସଲ ନଷ୍ଟ

ଖୁଣ୍ଟୁଣୀ, ୧୨।୯(ସଚ୍ଚିଦାନନ୍ଦ ପଣ୍ଡା)


ହାତୀପଲ ନଷ୍ଟ କରିଥିବା ଧାନ ଫସଲ।

ଖୁଣ୍ଟୁଣୀ ବନାଞ୍ଚଳ ଅଧୀନ ମାଣତିର ଏବଂ ଆଠଗଡ଼ ବନାଞ୍ଚଳ ଅନ୍ତର୍ଗତ ଗରିଆ ଗ୍ରାମରେ କିଛିଦିନ ହେବ ହାତୀ ଉପଦ୍ରବ ଲାଗି ରହିଛି। କପିଳାସ ଓ ଚନ୍ଦକା ଜଙ୍ଗଲରୁ ଆସିଥିବା ହାତୀପଲ ଉଭୟ ଗ୍ରାମର ଚାଷୀଙ୍କ ଜମିରେ ପଶି ଧାନ ଫସଲ ନଷ୍ଟ କରିଛନ୍ତି। ଏହାକୁ ନେଇ ଚାଷୀମାନେ ଚିନ୍ତାରେ ପଡିଛନ୍ତି। ତୁରନ୍ତ କ୍ଷତିପୂରଣ ଯୋଗାଇଦେବା ପାଇଁ ସେମାନେ ବନ ବିଭାଗ ନିକଟରେ ଦାବି କରିଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ, ଗତ ଶୁକ୍ରବାରଠାରୁ ମଙ୍ଗଳବାର ପର୍ଯ୍ୟନ୍ତ ହାତୀପଲ ମାଣତିର ଗ୍ରାମରେ ପଶି ପଠାଣି ପରିଡା, ଆକୁଳ ପରିଡା, ରସାନନ୍ଦ ପରିଡା, ଶିଶିର ପରିଡା ଓ ବସନ୍ତ ପରିଡାଙ୍କ ଚାଷଜମିରୁ ଧାନ ଖାଇବା ସହ ନଷ୍ଟ କରିଛନ୍ତି। ଖବରପାଇ ବନ ବିଭାଗ କର୍ମଚାରୀମାନେ ଜଙ୍ଗଲ ଭିତରକୁ ନ ଯାଇ ରାତି ୧୦ଟା ପର୍ଯ୍ୟନ୍ତ ରେଙ୍ଗାଲି କେନାଲ ବନ୍ଧ ଉପରୁ ହାତୀଙ୍କ ଗତିବିଧି ଉପରେ ନଜର ରଖୁଛନ୍ତି। ସେମାନେ ଚାଲିଯିବା ପରେ ହାତୀପଲ ଫସଲ ନଷ୍ଟ କରୁଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ସେହିପରି ଗତ ୨ ଦିନ ହେବ ଚନ୍ଦକା ଜଙ୍ଗଲରୁ ଆସିଥିବା ହାତୀପଲ ଗରିଆ ଗ୍ରାମରେ ପଶି ଦିବାକର ପ୍ରଧାନ, ସଦାଶିବ ପ୍ରଧାନ, ଗଙ୍ଗାଧର ଦାସ, ଜୟନନ୍ଦ ରାଉତ, ବିଜୟ ରାଉତଙ୍କ ସମେତ ୧୪ ଜଣ ଚାଷୀଙ୍କ ଜମିରୁ ଧାନ ଖାଇବା ସହ ଦଳଚକଟି ନଷ୍ଟ କରିଛନ୍ତି। ଉଭୟ ଗ୍ରାମରେ ୯ ଏକରରୁ ଊର୍ଦ୍ଧ୍ୱ ଫସଲ ନଷ୍ଟ ହୋଇଥିବା ବନ ବିଭାଗ ନିକଟରେ ଅଭିଯୋଗ ହୋଇଛି। ଚାଷୀଙ୍କଠାରୁ ଖବର ପାଇବା ପରେ ଆଠଗଡ ବନ ବିଭାଗ ୪/୫ ଜଣ ଜଗୁଆଳିଙ୍କୁ ଘଟଣାସ୍ଥଳକୁ ପଠାଇ ଦେଇ କର୍ତ୍ତବ୍ୟ ସାରିଦେଉଛି। ହେଲେ ଏହାର ସ୍ଥାୟୀ ପ୍ରତିକାର ବ୍ୟବସ୍ଥା କରାଯାଉନାହିଁ। ଏହାକୁ ନେଇ ଚାଷୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏ ସମ୍ପର୍କରେ ଖୁଣ୍ଟୁଣୀ ବନାଞ୍ଚଳ ଅଧିକାରୀ ନୀଳମାଧବ ସାହୁ କହିଛନ୍ତି, କପିଳାସରୁ ଆସିଥିବା ହାତୀ ଏବେ ଫେରିଯାଇଛନ୍ତି। ଗରିଆ ଅଞ୍ଚଳରେ ଥିବା ହାତୀମାନଙ୍କୁ ଘଉଡାଇବା ପାଇଁ ଜଙ୍ଗଲ ବିଭାଗ କର୍ମଚାରୀମାନେ ଉଦ୍ୟମ ଜାରି ରଖିଛନ୍ତି। ଚାଷୀମାନେ କ୍ଷତିପୂରଣ ପାଇଁ ଅନ୍‌ଲାଇନରେ ଆବେଦନ କରନ୍ତୁ। ପରେ କ୍ଷୟକ୍ଷତି ଆକଳନ କରାଯାଇ କ୍ଷତିପୂରଣ ପ୍ରଦାନ କରାଯିବ।

# ଟଙ୍କା ହଡ଼ପ ପାଇଁ ହତ୍ୟା କରିଥିଲେ

## ବୃଦ୍ଧଙ୍କୁ ହତ୍ୟା ଘଟଣା, ଅଭିଯୁକ୍ତ ଗିରଫ

ଚୌଦ୍ୱାର,୧୨।୯(ଆଶୁତୋଷ ଦାସ)

ଚୌଦ୍ୱାର ପୌରପାଳିକା ଅଧୀନ ୮ନଂ. ୱାର୍ଡର ବ୍ୟାଘ୍ରବାହିନୀ ମନ୍ଦିର ନିକଟ ଏକ ନିର୍ମାଣାଧୀନ ଘର ବାରଣ୍ଡାରେ ଗତ ୪ ତାରିଖରେ ଘଟିଥିବା ହତ୍ୟା ଘଟଣାରେ ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ସେ ହେଲେ ଢେଙ୍କାନାଳ ଜିଲା ନିହାଲ ପ୍ରସାଦ ଥାନା ଅଧୀନ ଫୁଲିଝରଣ ଗ୍ରାମର ରାଜୁ ମେରେଲ (୨୮)। ତାଙ୍କ ନିକଟରୁ ହତ୍ୟାରେ ବ୍ୟବହାର ହୋଇଥିବା ଛୁରି ଧାର କରାଯାଉଥିବା ଫାଇଲ ଜବତ କରାଯାଇଛି। ଆଇଆଇସି ସସ୍ମିତା ଖିଲାରଙ୍କ ସୂଚନା ଅନୁଯାୟୀ, ନିର୍ମାଣାଧୀନ ଉକ୍ତ ଘର ବାରଣ୍ଡାରେ ୮ନଂ. ୱାର୍ଡର ସୁନାରାମ ହେମ୍ବ୍ରମ(୬୮) ଗତ ୪ ତାରିଖ ରାତିରେ ଶୋଇଥିଲେ। ୫ ତାରିଖ ସକାଳେ ତାଙ୍କ ମୃତଦେହ ପଡିଥିବା ଦେଖିବାକୁ ମିଳିଥିଲା। ଏପରି କି ତାଙ୍କ ମୁଣ୍ଡରେ କ୍ଷତ ସୃଷ୍ଟିହୋଇ ରକ୍ତସ୍ରାବ ହେଉଥିଲା। ଖବରପାଇ ପୋଲିସ ସାଇଣ୍ଟିଫିକ୍ ଟିମ୍ ସହାୟତାରେ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ପରେ ମୃତଦେହ ବ୍ୟବଚ୍ଛେଦ ପାଇଁ କଟକ ବଡ ଡାକ୍ତରଖାନା ପଠାଯାଇଥିଲା। ସୁନାରାମଙ୍କୁ ହତ୍ୟା କରାଯାଇଥିବା ନେଇ ତାଙ୍କ ଝିଅ ଚୁନୀ ଚୌଦ୍ୱାର ଥାନାରେ ଅଭିଯୋଗ କରିଥିଲେ। ଏ ନେଇ ପୋଲିସ ଏକ ହତ୍ୟା ମାମଲା(ନଂ.୪୩୪/୨୩) ରୁଜୁ କରିଥିଲା। ରାଜୁ ଓ ସୁନାରାମ ପେସାରେ ଜରିଗୋଟାଳି। ସୁନାରାମଙ୍କ ପାଖରେ ଥିବା ଟଙ୍କାକୁ ହଡପ କରିବା ପାଇଁ ରାଜୁ ଉକ୍ତ ଫାଇଲରେ ହତ୍ୟା କରିଥିବା ପୋଲିସ ନିକଟରେ ସ୍ୱୀକାର କରିଛନ୍ତି। ହତ୍ୟା ପରଠାରୁ ରାଜୁ ଫେରାର ଥିଲେ। ସ୍ଥାନୀୟ ବଧ୍ ଶ୍ମଶାନରେ ସେ ଆତ୍ମଗୋପନ କରିଥିବା ପୋଲିସ ଖବର ପାଇଥିଲା। ତୁରନ୍ତ ପୋଲିସ ଟିମ୍ ସେଠାରେ ଚଢ଼ାଉ କରି ତାଙ୍କୁ ଗିରଫ କରିଥିଲା। ପୂର୍ବରୁ ରାଜୁ ଏକ ଆପରାଧିକ ମାମଲାରେ ଗିରଫ ହୋଇ ଜେଲ୍‌ରେ ଥିଲେ। କିଛିଦିନ ତଳେ ସେ ଜେଲ୍‌ରୁ ବାହାରିଥିବା ଆଇଆଇସି ସୂଚନା ଦେଇଛନ୍ତି।

# ‘ସାମୟିକ ସମସ୍ୟା ପାଇଁ ଆତ୍ମହତ୍ୟା ଠିକ୍ ମାର୍ଗ ନୁହେଁ’



ପଦ୍ମିନୀ ଅଡିଟୋରିୟମ୍‌ରେ ଅନୁଷ୍ଠିତ ଆଲୋଚନାଚକ୍ରରେ ଉପସ୍ଥିତ ଅତିଥିବୃନ୍ଦ।

## ଡ୍ରିମ୍‌ସ ନର୍ସିଂ କଲେଜରେ ଆଲୋଚନାଚକ୍ର

କଟକ,୧୨।୯(ସୁପ୍ରିୟା ପ୍ରିୟଦର୍ଶିନୀ)

ଡ୍ରିମ୍‌ସ ସ୍କୁଲ ଆଣ୍ଡ୍ କଲେଜ ଅଫ୍ ନର୍ସିଂ ପକ୍ଷରୁ ଆତ୍ମହତ୍ୟା ନିରୋଧ ପ୍ରସଙ୍ଗରେ ଏକ ଆଲୋଚନାଚକ୍ର ମଙ୍ଗଳବାର ପଦ୍ମିନୀ ଅଡିଟୋରିୟମ୍‌ରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଡ୍ରିମ୍‌ସ ଶିକ୍ଷାନୁଷ୍ଠାନ ସମୂହର ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ଯୋଗଦେଇ କହିଥିଲେ, ବଦଳୁଥିବା ସମୟରେ ଯୁବଗୋଷ୍ଠୀଙ୍କ ମଧ୍ୟରେ ଆତ୍ମହତ୍ୟା ପ୍ରବଣତା ବୃଦ୍ଧି ପାଇବା ବିଶ୍ୱ ପାଇଁ ଉଦ୍‌ବେଗର କାରଣ ହୋଇଛି। ଏଣୁ ଏଭଳି ଆଲୋଚନାଚକ୍ର ଏ ଦିଗରେ ସଚେତନତା ସୃଷ୍ଟି କରିବାରେ ସହାୟକ ହେବ। ସେହିପରି ସମ୍ମାନିତ ବକ୍ତା ବିଶିଷ୍ଟ ମାନସିକ ରୋଗ ଚିକିତ୍ସକ ନିବେଦିତା ମହାନ୍ତି କହିଥିଲେ, କୌଣସି ସାମୟିକ ସମସ୍ୟାର ସମାଧାନ ପାଇଁ ଆତ୍ମହତ୍ୟା ଆଦୌ ଠିକ୍ ମାର୍ଗ ନୁହେଁ। ନିଜକୁ ସବୁଠୁ ବେଶି ଭଲ ପାଇ ଶିଖିଲେ ହିଁ ଆତ୍ମହତ୍ୟା ଭଳି ଘୃଣ୍ୟ ମାନସିକତା ଆପେ ଦୂରେଇଯିବ। ଅନ୍ୟତମ ସମ୍ମାନିତ ବକ୍ତା ସାମାଜିକ ସଙ୍ଗଠନ ଉତ୍କଳ ସେବକ ସମାଜର ସମ୍ପାଦକ ଅମିୟ ଭୂଷଣ ବିଶ୍ୱାଳ ପୃଥିବୀରେ ବୃଦ୍ଧି ପାଉଥିବା ଆତ୍ମହତ୍ୟାର ଚିତ୍ର ଉପସ୍ଥାପନ କରି କହିଥିଲେ, ଜୀବନର ପ୍ରକୃତ ମାଲିକ ବ୍ୟକ୍ତି ନୁହେଁ, ଏହା ରାଷ୍ଟ୍ରର ସମ୍ପତ୍ତି। ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର ପ୍ରସଙ୍ଗ ଉପରେ ମତ ଉପସ୍ଥାପନ କରିଥିଲେ। ପ୍ରାଧ୍ୟାପକ ସତୀଶ ରାଜମଣି ସ୍ୱାଗତ ଅଭିଭାଷଣ ଓ ଅଧ୍ୟକ୍ଷ ଡ. ଗୋପୀ ଡି. ଆଲୋଚନାଚକ୍ରର ପୃଷ୍ଠଭୂମି ଉପରେ ଆଲୋକପାତ କରିଥିଲେ। ଛାତ୍ରୀ ସ୍ମୃତିଶିଖା ସାମଲ, ଶିବାନୀ ପ୍ରିୟଦର୍ଶିନୀ ବିଶ୍ୱାଳ କାର୍ଯ୍ୟକ୍ରମ ସଂଯୋଜନା ଓ ଅଧ୍ୟାପିକା ଇତିଶ୍ରୀ ଜେନା ଧନ୍ୟବାଦ ଦେଇଥିଲେ। ଏଥିରେ ଉପାଧ୍ୟକ୍ଷା ଏନ୍. ପ୍ରେମଲତା ଦେବୀ, ଲୋକସମ୍ପର୍କ ଅଧିକାରୀ ନିରାକାର ସାହୁଙ୍କ ସମେତ ବିଭିନ୍ନ ବିଭାଗର ଅଧ୍ୟାପିକା ଓ ଅଧ୍ୟାପକ ଯୋଗଦେଇଥିଲେ।

### ଓଡ଼ିଶା ସ୍ୱାସ୍ଥ୍ୟ ମିଶନ ପରିଚାଳନା କର୍ମଚାରୀ ସଂଘର ସାଧାରଣ ସଭା

କଟକ,୧୨।୯(ସୁପ୍ରିୟା ପ୍ରିୟଦର୍ଶିନୀ): ଓଡ଼ିଶା ସ୍ୱାସ୍ଥ୍ୟ ମିଶନ ପରିଚାଳନା କର୍ମଚାରୀ ସଂଘର ସାଧାରଣ ସଭା କଟକ ଟାଉନ୍ ହଲ୍‌ଠାରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ କଟକ ଜିଲାର ପ୍ରାୟ ୧୫୦ଜଣ କର୍ମକର୍ତ୍ତା ଯୋଗଦେଇଥିଲେ। କଟକ ଜିଲା ସଂଘ ସଭାପତି ଭବାନୀ ଶଙ୍କର ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ନୂତନ କାର୍ଯ୍ୟକାରୀ କମିଟି ଗଠନ କରାଯାଇଥିଲା। ସଭାରେ ସଂଘର କୋଷାଧ୍ୟକ୍ଷ ମାନସ ସାହୁ ବାର୍ଷିକ ହିସାବ ସମ୍ପର୍କରେ କହିଥିଲେ। ସମ୍ପାଦକ ଶ୍ରୀକାନ୍ତ ମହାପାତ୍ର ନୂତନ କର୍ମକର୍ତ୍ତାମାନଙ୍କୁ ସ୍ୱାଗତ ଜଣାଇଥିଲେ। ସଂଯୋଜକ ସନ୍ତୋଷ ଶତପଥୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିସହ ଡିଏଏମ୍ ଆଶୁତୋଷ ଜେନାଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନ କରାଯାଇଥିଲା। ଏଥିରେ ଡିପିଏମ୍ ଦୀପକ କୁମାର ସାହୁ, ଡିଡିଏମ୍ ଲୋକନାଥ ମହାପାତ୍ରଙ୍କୁ ସଦସ୍ୟ ଭାବେ ଚୟନ କରାଯାଇଥିଲା। ଏହି ସଭାରେ ସଂଘର କର୍ମକର୍ତ୍ତା ସୂର୍ଯ୍ୟକାନ୍ତ ସାହୁ, ସୁଧାଂଶୁ ଦାସ, ରଶ୍ମିରଞ୍ଜନ ଜେନା, ଶଶିକାନ୍ତ ମିଶ୍ର, ରାଜେଶ ଆଚାର୍ଯ୍ୟ, ନୃସିଂହ ଚରଣ ଭୂୟାଁଙ୍କ ସହ ଅନ୍ୟମାନେ ପ୍ରମୁଖ ଉପସ୍ଥିତ ଥିଲେ।

# ଆଜିଠୁ ଧାରଣାରେ ବସିବେ ବ୍ୟବସାୟୀ

## ସିଏନ୍‌ବିଟି ବିବାଦ

କଟକ,୧୨।୯(ସୁପ୍ରିୟା ପ୍ରିୟଦର୍ଶିନୀ)

କଟକ ନେତାଜୀ ବସ୍ ଟର୍ମିନାଲ(ସିଏନ୍‌ବିଟି)ରେ ଥଇଥାନ୍‌କୁ ନେଇ ବିବାଦ ବଢିବାରେ ଲାଗିଛି। ବସ୍ ଟର୍ମିନାଲରେ ଥଇଥାନ ଦାବିରେ ବାଦାମବାଡି ବ୍ୟବସାୟୀମାନେ ବୁଧବାରଠାରୁ ସରକାରୀ ବସଷ୍ଟାଣ୍ଡରେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଧାରଣାରେ ବସିବେ। ଏନେଇ ବାଦାମବାଡ଼ି ବସ୍‌ଷ୍ଟାଣ୍ଡ ବ୍ୟବସାୟୀ ମହାସଂଘ ପକ୍ଷରୁ ମଙ୍ଗଳବାର ଦୋଳମୁଣ୍ଡାଇସ୍ଥିତ ଏକ ହୋଟେଲରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ଆସନ୍ତା ୧୬ ତାରିଖରେ ଏହି ବସ ଟର୍ମିନାଲ ଉଦ୍‌ଘାଟନ ହେବ। ହେଲେ ବ୍ୟବସାୟୀମାନଙ୍କୁ ଥଇଥାନ ପାଇଁ ସିଡିଏ କିମ୍ବା ସିଏମ୍‌ସି କର୍ତ୍ତୃପକ୍ଷ କର୍ଣ୍ଣପାତ କରୁନାହାନ୍ତି। ବାଦାମବାଡ଼ି ବସ୍‌ଷ୍ଟାଣ୍ଡରେ ୧୪୭ ଜଣ ସ୍ୱୀକୃତିପ୍ରାପ୍ତ ବ୍ୟବସାୟୀ ଓ ୫୦୦ରୁ ଊର୍ଦ୍ଧ୍ୱ ଅସ୍ଥାୟୀ ବ୍ୟବସାୟୀ ଦୀର୍ଘ ବର୍ଷ ଧରି ବ୍ୟବସାୟ କରିଆସୁଛନ୍ତି। ହେଲେ ଏବେ ସେମାନଙ୍କ ଭବିଷ୍ୟତକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏପରିସ୍ଥଳେ ବୁଧବାରଠାରୁ ସରକାରୀ ବସ୍‌ଷ୍ଟାଣ୍ଡରେ ବ୍ୟବସାୟୀମାନେ ଧାରଣାରେ ବସିବେ। ଏଥିସହ ଉଦ୍‌ଘାଟନ ଦିନ ବ୍ୟବସାୟୀମାନେ ମୁଖ୍ୟମନ୍ତ୍ରୀଙ୍କୁ ଭେଟିବାର ଲକ୍ଷ୍ୟ ରଖାଯାଇଥିବା ବାଦାମବାଡ଼ି ବ୍ୟବସାୟୀ ମହାସଂଘର ଆବାହକ ମହମ୍ମଦ ସକିଲ ସୂଚନା ଦେଇଛନ୍ତି।

# ଷ୍ଟୁଆର୍ଟ ସ୍କୁଲରେ ସ୍ୱର୍ଣ୍ଣ ପ୍ରାଶନ କାର୍ଯ୍ୟକ୍ରମ



କାର୍ଯ୍ୟକ୍ରମରେ ସିଡିଏ ଅଧ୍ୟକ୍ଷ ଅନିଲ କୁମାର ସାମଲଙ୍କ ସହ ଅନ୍ୟମାନେ।

କଟକ,୧୨।୯(କାର୍ତ୍ତିକ ସାହୁ)

ରୋଟାରୀ କ୍ଲବ ସେଣ୍ଟ୍ରାଲ ଏବଂ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ଆୟୁର୍ବେଦିକ ବିଭାଗର ମିଳିତ ଆନୁକୂଲ୍ୟରେ ସ୍ୱର୍ଣ୍ଣ ପ୍ରାଶନ କାର୍ଯ୍ୟକ୍ରମ ମିଶନ ରୋଡ୍‌ସ୍ଥିତ ଷ୍ଟୁଆର୍ଟ ସ୍କୁଲ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। କ୍ଲବ୍ ସଭାପତି ରୋଜାଲିନ ଗ୍ରେସ୍‌ଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସିଡିଏ ଅଧ୍ୟକ୍ଷ ଅନିଲ କୁମାର ସାମଲ, ସମ୍ମାନିତ ଅତିଥି ଭାବେ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ଆୟୁର୍ବେଦିକ ବିଭାଗର ଡିନ୍ ଡା. ପ୍ରଦୀପ କୁମାର ପଣ୍ଡା ଓ ଶିଶୁରୋଗ ବିଶେଷଜ୍ଞ ପ୍ରଫେସର ଡା. ଦୁର୍ଗାପ୍ରସାଦ ଦାଶ ଯୋଗଦେଇଥିଲେ। କ୍ଲବ୍‌ର ବରିଷ୍ଠ ସଦସ୍ୟ ତଥା ଚାର୍ଟାଡଆକାଉଣ୍ଟାଣ୍ଟ ପ୍ରଶାନ୍ତ କୁମାର ମହାପାତ୍ର ଅତିଥିମାନଙ୍କୁ ସ୍ୱାଗତ କରିଥିଲେ। ବିଭିନ୍ନ ବିଦ୍ୟାଳୟର ପିଲାମାନେ ଏଥିରେ ସାମିଲ ହୋଇଥିଲେ। ଦୀପକ କୁମାର ମହାନ୍ତି, ନଳିନୀ ମହାପାତ୍ର, ସୁବାସ ଚନ୍ଦ୍ର ପ୍ରଧାନ, ସତ୍ୟଗୋପାଳ ପରିଜା ପ୍ରମୁଖ ପିଲାଙ୍କୁ ଔଷଧ ଖୁଆଇଥିଲେ। ବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷା ଡି. ମାଟିନା, କ୍ଲବ ସମ୍ପାଦକ ପ୍ରଭାସ ଚନ୍ଦ୍ର ଜେନା, ଧନଞ୍ଜୟ ମୁଣ୍ଡ, ଜ୍ୟୋତିରଞ୍ଜନ ସିଂ ଓ ଦେବାଶିଷ ମିତ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଡ. ଦେବାଶିଷ ଆଚାର୍ଯ୍ୟ ଧନ୍ୟବାଦ ଦେଇଥିଲେ।

# ଆସୁଛି ପାର୍ବଣ: ଏଥର ଚାନ୍ଦିମେଢ଼ ସଂଖ୍ୟା ୩୧ ଛୁଇଁବ

କଟକ,୧୨।୯(ସୁପ୍ରିୟା ପ୍ରିୟଦର୍ଶିନୀ)

ଚଳିତବର୍ଷ ଶାରଦୀୟ ପୂଜା ନିମନ୍ତେ ପ୍ରସ୍ତୁତି ଆରମ୍ଭ ହୋଇଛି। ମା’ଙ୍କ ଆଗମନ ପାଇଁ ପୂଜା କମିଟି କର୍ମକର୍ତ୍ତାଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଛି। ଚାନ୍ଦିମେଢ କଟକର ମୁଖ୍ୟ ଆକର୍ଷଣ ପାଲଟିଥାଏ। ଗତବର୍ଷ ସହରରେ ୨୮ଟି ଚାନ୍ଦିମେଢ ଥିବାବେଳେ ଚଳିତବର୍ଷ ଏହା ୩୧କୁ ବୃଦ୍ଧି ପାଇବ। ଏଥର କାଫଲାବଜାର, ମହମ୍ମଦିଆବଜାର, ନିମସାହି-ହରିଜନସାହି ପକ୍ଷରୁ ଚାନ୍ଦିମେଢ଼ ପ୍ରସ୍ତୁତ କରାଯାଇଥିବା କଟକ ମହାନଗର ଶାନ୍ତି କମିଟିର ସାଧାରଣ ସମ୍ପାଦକ ଭିକାରୀ ଦାସ ସୂଚନା ଦେଇଛନ୍ତି। ନିମଚୌଡ଼ି (ହର-ପାର୍ବତୀ) ମେଢ଼ ନିର୍ମାଣ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଏହା ବ୍ୟତୀତ କେତେକ ମଣ୍ଡପରେ ମା’ଙ୍କର ମୁକୁଟ ସହ ସୁନାମେଢ଼ କରିବା ପାଇଁ ପ୍ରୟାସ ଆରମ୍ଭ ହୋଇଛି। ପୂର୍ବରୁ ଚୌଧୁରୀବଜାର, ଶେଖ୍‌ବଜାର, ଅଲିଶାବଜାର, ବାଲୁବଜାର, ଚାଉଳିଆଗଞ୍ଜ, ଚାନ୍ଦିନୀଚୌକ୍, ବାଦାମବାଡ଼ି (ମହାଦେବ), କାଜିବଜାର, ବାଖରାବାଦ (ଛିନ୍ନମସ୍ତା କାଳୀ), ଫିରିଙ୍ଗିବଜାର, କାଠଗଡାସାହି, ନୟାସଡ଼କ (ମହାଦେବ), ଖଟ୍‌ବିନସାହି, ତୁଳସୀପୁର (ମହାଦେବ), ବୁଢ଼ୀଠାକୁରାଣୀ-କାଳୀଗଳି, ହରିପୁର-ଦୋଳମୁଣ୍ଡାଇ, ପୀଠାପୁର (କାଳୀୟ ଦଳନ), ଗଙ୍ଗାମନ୍ଦିର, ଗଣେଶଘାଟ (ମହାଦେବ), ମାଛୁଆବଜାର, ମଙ୍ଗଳାବାଗ, ରାଣୀହାଟ, ଦରଘାବଜାର, ଛତ୍ରବଜାର, ଖାନ୍‌ନଗର, ଶିଖରପୁର, କଲେଜଛକ, ବିଡାନାସୀରେ ମା’ଙ୍କ ଚାନ୍ଦି ମେଢ ନିର୍ମାଣ କରାଯାଇଛି। ଏ ନେଇ ଭିକାରୀ ଦାସ କହିଛନ୍ତି, କିଛି ମଣ୍ଡପରେ ନୂତନଭାବେ ଚାନ୍ଦିମେଢ ନିର୍ମାଣ କାର୍ଯ୍ୟ ଚାଲିଛି। ଦୋଳ ମେଳଣ ସମୟରେ ସହରର ୨୦/୨୫ଟି ଚାନ୍ଦି ବିମାନ ଦେଖିବାକୁ ମିଳେ। ବିଶ୍ୱରେ କଟକ ସହର ରୌପ୍ୟ ନଗରୀର ପରିଚୟ ପାଇଥିବା ମାନ୍ୟତାକୁ ମହାନଗରବାସୀ କାର୍ଯ୍ୟରେ ପରିଣତ କରିଛନ୍ତି।

# ତୋରଣରେ ମୀନାକ୍ଷୀ ମନ୍ଦିର

## ଖାନ୍‌ନଗର-ଖପୁରିଆ ଶିଳ୍ପାଞ୍ଚଳ ପୂଜା କମିଟି

କଟକ,୧୨।୯(ସୁପ୍ରିୟା ପ୍ରିୟଦର୍ଶିନୀ)



ପାର୍ବଣ ପାଇଁ କଟକ ସହରର ବିଭିନ୍ନ ମଣ୍ଡପରେ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ଜନ୍ମାଷ୍ଟମୀ ଓ ନନ୍ଦ ଉତ୍ସବରେ ମା’ ଦୁର୍ଗାଙ୍କ ମୃଣ୍ମୟୀ ମୂର୍ତ୍ତି ନିର୍ମାଣ ପାଇଁ ମାଟି ଅନୁକୂଳ ହୋଇଥିଲା। ଏବେ ବିଭିନ୍ନ ପୂଜା କମିଟି ପକ୍ଷରୁ ମଣ୍ଡପରେ ଚାନ୍ଦିମେଢ ସଫେଇ କାର୍ଯ୍ୟ ଆରମ୍ଭ ହୋଇଯାଇଛି। ଦଶହରା ସମୟରେ ମା’ଙ୍କ ଚାନ୍ଦିମେଢ ଓ ସୁନାମୁକୁଟ ଦେଖିବା ପାଇଁ ବିଭିନ୍ନ ସ୍ଥାନରୁ ଲୋକମାନେ କଟକ ଆସିଥାନ୍ତି। ଏପରି କି ପୂଜା କମିଟି ପକ୍ଷରୁ ସୁଉଚ୍ଚ ତୋରଣ ନିର୍ମାଣ କରାଯାଇଥାଏ। ବିଶେଷକରି ଖାନ୍‌ନଗର, ବାଦାମବାଡି ଓ ମାଲଗୋଦାମ ପୂଜା କମିଟି ପକ୍ଷରୁ ଆକର୍ଷଣୀୟ ତୋରଣ ନିର୍ମାଣ କରାଯାଇଥାଏ। ଚଳିତବର୍ଷ ଖାନ୍‌ନଗର-ଖପୁରିଆ ଶିଳ୍ପାଞ୍ଚଳ ପୂଜା କମିଟି ପକ୍ଷରୁ ତାମିଲନାଡୁ ମଦୁରାଇସ୍ଥିତ ମିନାକ୍ଷୀ ମନ୍ଦିର ଆକୃତିର ତୋରଣ ନିର୍ମାଣ କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ସ୍ୱତନ୍ତ୍ର କାରିଗର ତୋରଣକୁ ମନ୍ଦିର ଆକୃତିର ରୂପ ଦେବେ। ଚଳିତବର୍ଷର ପୂଜାରେ ୪/୫ ଲକ୍ଷ ଟଙ୍କା ଖର୍ଚ୍ଚ ହେବ ବୋଲି ବ୍ୟୟ ଅଟକଳ କରାଯାଇଛି। ପଶ୍ଚିମବଙ୍ଗର କାରିଗରଙ୍କୁ ନେଇ ସ୍ଥାନୀୟ ଜଣେ ଲୋକ ଏହି ଗେଟ୍ ତିଆରି ପାଇଁ ନିୟୋଜିତ ହୋଇଛନ୍ତି। ଏ ସମ୍ପର୍କରେ ପୂଜା କମିଟି ସମ୍ପାଦକ ପ୍ରଫୁଲ୍ଲ ସାହୁ କହିଛନ୍ତି, ଆସନ୍ତା ୧୬ ତାରିଖରେ କଟକ ନେତାଜୀ ବସ୍ ଟର୍ମିନାଲ ଉଦ୍‌ଘାଟନ ପରେ କାର୍ଯ୍ୟ ଆରମ୍ଭ ହେବ।

# ‘ଅନନ୍ତ ମିଶ୍ର ଥିଲେ ଆଦର୍ଶ ପ୍ରକାଶକ’

କଟକ,୧୨।୯(କାର୍ତ୍ତିକ ସାହୁ)


ତୈଳଚିତ୍ର ଉନ୍ମୋଚନ ଉତ୍ସବରେ ଛତିଶଗଡ଼ ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନଙ୍କ ସହ ଅନ୍ୟମାନେ।

## ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ ତୈଳଚିତ୍ର ଉନ୍ମୋଚିତ

ଅନନ୍ତ ମିଶ୍ର ଥିଲେ ଜଣେ ଆଦର୍ଶ ପ୍ରକାଶକ। ସମସାମୟିକ ପ୍ରକାଶନ କ୍ଷେତ୍ରରେ ତାଙ୍କର ସୃଜନଶୀଳ ଦୃଷ୍ଟିକୋଣ ଓଡ଼ିଆ ସାହିତ୍ୟକୁ ସମୃଦ୍ଧ କରିଛି। ରୁଚିପୂର୍ଣ୍ଣ ଓ ନିର୍ଭୁଲ ପୁସ୍ତକ ପ୍ରକାଶ ଉପରେ ସେ ଗୁରୁତ୍ୱ ପ୍ରଦାନ କରୁଥିଲେ। ପ୍ରକାଶନ କ୍ଷେତ୍ରର ଏହି ପ୍ରମୁଖ ବ୍ୟକ୍ତିତ୍ୱ ସାହିତ୍ୟିକମାନଙ୍କୁ ଆବଶ୍ୟକତା ଅନୁଯାୟୀ ସାହିତ୍ୟ ସୃଷ୍ଟି କରିବା ପାଇଁ ପ୍ରବର୍ତ୍ତାଇବାରେ ସଫଳ ହୋଇଥିଲେ ବୋଲି ଛତିଶଗଡ଼ ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନ କହିଛନ୍ତି। କଟକ ଶତାବ୍ଦୀ ଭବନରେ ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ ପ୍ରକାଶକ ଅନନ୍ତ ମିଶ୍ରଙ୍କ ତୈଳଚିତ୍ର ଉନ୍ମୋଚନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ଡ. ଗୋବିନ୍ଦ ଚନ୍ଦ୍ର ଚାନ୍ଦଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ରାଜ୍ୟପାଳ ହରିଚନ୍ଦନ ଅତିଥିଭାବେ ଯୋଗଦେଇ ସମାଜରେ ସାହିତ୍ୟିକ ଓ ପ୍ରକାଶକଙ୍କ ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ବିଶିଷ୍ଟ ପ୍ରକାଶକ ନୃସିଂହ ପ୍ରସାଦ ମିଶ୍ର ଯୋଗଦେଇ ଅନନ୍ତଙ୍କ ମହନୀୟ ଜୀବନଚର୍ଯ୍ୟା ଉପରେ ଆଲୋକପାତ କରିଥିଲେ। ମୁଖ୍ୟବକ୍ତା କିସ୍ ବିଶ୍ୱବିଦ୍ୟାଳୟ ପ୍ରଫେସର ଡ. ବିଜୟାନନ୍ଦ ସିଂ ପ୍ରକାଶକ ଭାବେ ଅନନ୍ତ ମିଶ୍ରଙ୍କ ସଫଳତା ଉଲ୍ଲେଖନୀୟ ବୋଲି କହିଥିଲେ। ଅନୁଷ୍ଠାନର ଉପ ସଭାପତି ଜୀବନାନନ୍ଦ ଅଧିକାରୀ ଅତିଥିମାନଙ୍କୁ ସ୍ୱାଗତ, ସାଧାରଣ ସମ୍ପାଦକ ଆଦିତ୍ୟ ପ୍ରତାପ ଧଳ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଓ ସଙ୍ଗଠନ ସମ୍ପାଦକ ଡ. ସୁନାମଣି ରାଉତ ଧନ୍ୟବାଦ ଦେଇଥିଲେ। ଏଥିରେ ବହୁ ବିଶିଷ୍ଟ ଲେଖକ, ବୁଦ୍ଧିଜୀବୀ, ଉତ୍କଳ ସାହିତ୍ୟ ସମାଜର କର୍ମକର୍ତ୍ତା, କାର୍ଯ୍ୟନିର୍ବାହିକା ସମିତି ସଭ୍ୟ ଓ ପ୍ରକାଶକମାନେ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଚିଲିକା କୂଳରୁ ଅଜଗର ଉଦ୍ଧାର

ବ୍ରହ୍ମଗିରି, ୧୨।୯ (ସ୍ୱାଧୀନ ଚମ୍ପତିରାୟ)

ଚିଲିକା କୁଳ ନିକଟ ମିର୍ଜାପୁର ଗ୍ରାମ ନିକଟସ୍ଥ ଏକ ଜାଲ ଘେରିରୁ ମଙ୍ଗଳବାର ସ୍ନେକ ହେଲ୍ପ ଲାଇନ ସଦସ୍ୟ ଏକ ଅଜଗର ସାପକୁ ଉଦ୍ଧାର କରି ବନବିଭାଗକୁ ହସ୍ତାନ୍ତର କରିଛନ୍ତି। ସୂଚନା ଅନୁଯାୟୀ, ମିର୍ଜାପୁର ନିକଟରେ ଚିଲିକାରେ ଥିବା ଏକ ଘେରି ମଧ୍ୟରେ ଏକ ଅଜଗର ସାପ ପଡ଼ି ଯାଇଥିଲା। ଏନେଇ ସ୍ଥାନୀୟ ଲୋକେ ସ୍ନେକ ହେଲ୍ପ ଲାଇନକୁ ଖବର ଦେଇଥିଲେ। ଖବରପାଇ ହେଲ୍ପ ଲାଇନ ସଦସ୍ୟ ସସ୍ମିତ ନାୟକ, ସନ୍ତୋଷ ସ୍ୱାଇଁ ଓ ସୁଶାନ୍ତ ଜେନା ଘଟଣାସ୍ଥଳରେ ପହଞ୍ଚି ଅକ୍ଷତ ଅବସ୍ଥାରେ ଉକ୍ତ ସାପଟିକୁ ଉଦ୍ଧାର କରି ବ୍ରହ୍ମଗିରି ବନ ବିଭାଗକୁ ହସ୍ତାନ୍ତର କରିଛନ୍ତି। ଏହି ସାପର ଲମ୍ବ ୭ ଫୁଟ ୨ ଇଞ୍ଚ ହେବ। ସାପଟିକୁ ବନ ବିଭାଗ ପୁରୀ ବାଲୁଖଣ୍ଡରେ ଛଡ଼ାଯାଇଥିବା ସୀଚନା ମିଳିଛି।

### ଅକ୍ଟୋବର ୧୨ରେ ଶିଖରଚଣ୍ଡୀ ଜଳ ପ୍ରକଳ୍ପ ପରବର୍ତ୍ତୀ ଶୁଣାଣି

ଭୁବନେଶ୍ୱର, ୧୨।୯ (ବନ୍ଦନା ସେଠୀ)

ଶିଖରଚଣ୍ଡୀ ପାହାଡ଼ ଜୈବ ବିବିଧତା ନଷ୍ଟ ପ୍ରସଙ୍ଗ ଶୁଣାଣିକୁ ପୁନର୍ବାର ଅକ୍ଟୋବର ୧୨ ପର୍ଯ୍ୟନ୍ତ ସ୍ଥଗିତ ରଖାଯାଇଛି। ଏଥିସହ ଚନ୍ଦକା ଡିଏଫ୍‌ଓଙ୍କୁ ୨୫ଶହ ଟଙ୍କା ଜରିମାନା ଦାଖଲ କରିବା ପାଇଁ ଆଦେଶ ଜାରି କରିଥିଲେ। ଡିଏଫ୍‌ଓ ସରକାରୀ ଓକିଲଙ୍କୁ ଆବଶ୍ୟକୀୟ ତଥ୍ୟ ପ୍ରଦାନ କରିବାରେ ଅବହେଳା କରିଥିବା ଅଭିଯୋଗ ଆସିବା ପରେ ଜାତୀୟ ଗ୍ରୀନ୍ ଟ୍ରିବ୍ୟୁନାଲ ଏହି ଜରିମାନା କରିବା ସହ ୧ସପ୍ତାହ ମଧ୍ୟରେ ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ଅପରପକ୍ଷେ ଶିଖରଚଣ୍ଡୀ ପାହାଡ଼ର ସୁରକ୍ଷା ପାଇଁ ଏହି ସ୍ଥାନକୁ ବାୟୋ-ଡାଇଭରସିଟି ହେରିଟେଜ୍ ସାଇଟ୍ ଭାବେ ଘୋଷଣ କରିବା ନେଇ ଚନ୍ଦକା ଗ୍ରାମପଞ୍ଚାୟତ ସରପଞ୍ଚଙ୍କ ପକ୍ଷରୁ ଏକ କପି ଏନ୍‌ଜିଟିରେ ଦାଖଲ କରାଯାଇଥିଲା। ସେହିପରି ଓଡିଶା ଜୈବବିବିଧତା ବୋର୍ଡ଼ କାମ କରୁ ନ ଥିବାରୁ ଏହାକୁ ଯାଞ୍ଚ ପରିସର ମଧ୍ୟକୁ ଅଣାଯାଉ ବୋଲି କୋର୍ଟରେ ଲିଖିତ ଭାବେ ଆବେଦନ କରାଯାଇଥିଲା।

### ପୂର୍ବତନ ଜିଲାପରିଷଦ ସଭ୍ୟଙ୍କ ପିତୃ ବିୟୋଗ

ନିରାକାରପୁର, ୧୨।୯ (ମାନସ ଚନ୍ଦ୍ର ପଟ୍ଟନାୟକ)



ଖୋର୍ଦ୍ଧା ଜିଲା ସରପାରି ପଞ୍ଚାୟତ ବଘେଇପୁଟ ଗ୍ରାମର ଚାଷୀ ତଥା ପୂର୍ବତନ ଜିଲା ପରିଷଦ ସଭ୍ୟ ସୁକାନ୍ତ ମଙ୍ଗରାଜଙ୍କ ବାପା ପରମାନନ୍ଦ ମଙ୍ଗରାଜଙ୍କ ସୋମବାର ରାତିରେ ପରଲୋକ ହୋଇଯାଇଛି। ତାଙ୍କୁ ୭୭ ବର୍ଷ ହୋଇଥିଲା। ସେ ଜଣେ ମିଷ୍ଟଭାଷୀ, ସରଳ, ମେଳାପୀ ଓ ପରୋପକାରୀ ମଣିଷ ଥିଲେ। ଗ୍ରାମ ଶ୍ମଶାନରେ ତାଙ୍କ ଅନ୍ତିମ ସଂସ୍କାର କରାଯାଇଥିଲା। ବଡ଼ପୁଅ ନାରାୟଣ ମୁଖାଗ୍ନି ଦେଇଥିଲେ। ଖବରପାଇ ଚିଲିକା ବିଧାୟକ ପ୍ରଶାନ୍ତ କୁମାର ଜଗଦ୍ଦେବ, ସାମାଜିକକର୍ମୀ ଅନିଲ ଗୁମାନସିଂ, ନିରାକାରପୁର ସାମ୍ବାଦିକ ସଂଘ ସଭାପତି ମାନସ ଚନ୍ଦ୍ର ପଟ୍ଟନାୟକ, ଜଙ୍କିଆ ପଞ୍ଚାୟତର ବିଜେଡି ସଭାପତି ମହେଶ ଚନ୍ଦ୍ର ରାଉତରାୟ ପ୍ରମୁଖ ପହଞ୍ଚି ଶୋକାକୁଳ ପରିବାରକୁ ସମବେଦନା ଜଣାଇଥିଲେ।

# ଶ୍ରୀମନ୍ଦିରରେ ଶ୍ରୀବିଗ୍ରହଙ୍କ କୃଷ୍ଣ ବଳରାମ ବେଶ

ପୁରୀ, ୧୨।୯ (ଅଜିତ ମହାନ୍ତି):



ଭାଦ୍ରବ କୃଷ୍ଣ ତ୍ରୟୋଦଶୀ ତିଥି ମଙ୍ଗଳବାର ଅବସରରେ ଶ୍ରୀମନ୍ଦିରରେ ଶ୍ରୀବିଗ୍ରହଙ୍କ କୃଷ୍ଣ ବଳରାମ ବେଶ ସମ୍ପନ୍ନ ହୋଇଛି। ମଧ୍ୟାହ୍ନ ଧୂପ ପରେ ରତ୍ନସିଂହାସନରେ ଏହି ବେଶ ଅନୁଷ୍ଠିତ ହୋଇଥିଲା। ଶ୍ରୀକୃଷ୍ଣ ରୂପରେ ମହାପ୍ରଭୁ ଶ୍ରୀଜଗନ୍ନାଥ ଏବଂ ବଳରାମ ରୂପରେ ବଡ଼ଠାକୁର ପ୍ରଭୁ ବଳଭଦ୍ର ଭକ୍ତଙ୍କୁ ଦର୍ଶନ ଦେଇଥିବାବେଳେ ଦେବୀ ସୁଭଦ୍ରା ଭଗିନୀ ରୂପରେ ଦର୍ଶନ ଦେଇଛନ୍ତି। ଉକ୍ତ ବେଶରେ ଶ୍ରୀଜଗନ୍ନାଥ ଦକ୍ଷିଣ ଭୁଜରେ ବଂଶୀ ଓ ବାମ ହସ୍ତରେ ସୋଲ ନିର୍ମିତ ପଦ୍ମ ଧାରଣ କରିଥିଲେ। ସେହିପରି ବଳଭଦ୍ର ଡାହାଣ ଭୁଜରେ ଶିଙ୍ଗା ଓ ବାମ ଭୁଜରେ ସୋଲ ନିର୍ମିତ ପଦ୍ମ ଧାରଣ କରିଥିଲେ। ଶ୍ରୀଜଗନ୍ନାଥ ଓ ବଳରାମ ପାଦକୁ ପାଦ ଛନ୍ଦି ଦଣ୍ଡାୟମାନ ଭଙ୍ଗୀରେ ରହିଥିଲେ। ଦେବୀ ସୁଭଦ୍ରା ଏକ ଛୋଟ ଖଟୁଲି ଉପରେ ପଦ୍ମାସନରେ ଚତୁଃଭୁଜ ହୋଇ ଉପବେଶନ ରହିଥିଲେ। ବର୍ଷର ଏହି ଗୋଟିଏ ଦିନ ଦେବୀ ସୁଭଦ୍ରା ଚାରି ଭୁଜ ଧାରଣ କରନ୍ତି। ତଳ ଦୁଇ ଭୁଜରେ ଅଭୟ ଓ ବରଦାନ ମୁଦ୍ରା ରହିଥିବାବେଳେ ଉପର ଦୁଇ ଭୁଜରେ ପାସ ଓ ଅଙ୍କୁଶ ଧାରଣ କରିଥିଲେ। ଏହି ବେଶରେ ଶ୍ରୀଜଗନ୍ନାଥ ଓ ବଳଭଦ୍ର ଚୂଳ ଧାରଣ କରିଥିଲେ। ସୋଲ ନିର୍ମିତ କଦମ୍ବଫୁଲ, ମଲ୍ଲିକଡି ପ୍ରଭୃତି ଖଞ୍ଜାଯାଇଥିଲା। ତିନିଠାକୁର ସୋଲ ନିର୍ମିତ କିରୀଟ ପରିଧାନ କରିଥିଲେ। ଶ୍ରୀବିଗ୍ରହଙ୍କ ସମ୍ମୁଖ ଭାଗରେ କାଠ ନିର୍ମିତ ଚାରୋଟି ଗାଈବାଛୁରୀ ସମେତ ନନ୍ଦ, ଉପନନ୍ଦ, ବସୁଦେବ, ଚତୁର୍ମୁଖ ବ୍ରହ୍ମା, ସହସ୍ରଚକ୍ଷୁ ଇନ୍ଦ୍ର, ନାରଦ, ଦେବକୀ, ଯଶୋଦା, ରୋହିଣୀ, ଗୋପୀ, ଗୋପାଳ ପ୍ରମୁଖ ରହିଥିଲେ। ଏହି ବେଶ ଦେଖିଲେ ଗୋପୀ ଗୋପାଳଙ୍କ ସହିତ କୃଷ୍ଣ ବଳରାମ ବୃନ୍ଦାବନରେ ଲୀଳା କରୁଥିଲା ଭଳି ପ୍ରତୀୟମାନ ହୁଏ। ଏହି ବେଶ ସମୟରେ ମହାପ୍ରଭୁଙ୍କୁ ଖିରି ଓ ଅମାଲୁ ଭୋଗ ଅର୍ପଣ କରାଯାଇଥିଲା। ବିଂଶ ଶତାବ୍ଦୀର ମଧ୍ୟଭାଗରେ ଖଣ୍ଡସାହିର ଜମିଦାରଙ୍କ ଦ୍ୱାରା ଏହି ବେଶ ଆରମ୍ଭ ହୋଇଥିବା ଶ୍ରୀମନ୍ଦିର ସତ୍ତ୍ୱଲିପିରୁ ଜଣାଯାଏ। ବେଶ ପୂର୍ବରୁ ସମ୍ପୃକ୍ତ ସାମଗ୍ରୀଗୁଡ଼ିକ ଶ୍ରୀମନ୍ଦିର ପରିସରରେ କୁଶଳୀ କାରିଗରଙ୍କ ଦ୍ୱାରା ମରାମତି କରାଯାଏ। ରତ୍ନସିଂହାସନରେ ଶ୍ରୀବିଗ୍ରହମାନଙ୍କ କୃଷ୍ଣ ବଳରାମ ବେଶ ଆକର୍ଷଣୀୟ ଲାଗେ। ଉକ୍ତ ବେଶରେ ଜଗନ୍ନାଥ ଓ ବଳଭଦ୍ରଙ୍କର ୨ ହସ୍ତ ଲେଖାଏ ଓ ସୁଭଦ୍ରାଙ୍କର ୪ ହସ୍ତ କରାଯାଇଥାଏ। ପୂର୍ବରୁ ଭାଦ୍ରବ କୃଷ୍ଣ ତ୍ରୟୋଦଶୀ ତିଥିରେ ଶ୍ରୀଜଗନ୍ନାଥଙ୍କର ଗିରିଗୋବର୍ଦ୍ଧନ ବେଶ ହେଉଥିଲା। ତେବେ ୧୯୪୭ ମସିହା ପରଠୁ ଗିରିଗୋବର୍ଦ୍ଧନ ବେଶ ପରିବର୍ତ୍ତେ କୃଷ୍ଣ ବଳରାମ ବେଶ ହେଉଥିବା ସୂଚନା ମିଳେ।

# ପ୍ରାଥମିକ ଶିକ୍ଷକଙ୍କ ଧାରଣା ୫ମ ଦିନରେ

ଟାଙ୍ଗୀ, ୧୨।୯ (ରଘୁନାଥ ସାହୁ)

୩ ଦଫା ଦାବିରେ ରାଜ୍ୟର ପ୍ରାଥମିକ ଶିକ୍ଷକମାନେ ସାମୂହିକ ଛୁଟି ନେଇ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଛନ୍ତି। ଏହି ପରିପ୍ରେକ୍ଷୀରେ ଟାଙ୍ଗୀ ବ୍ଲକର ୪୨୦ ଜଣ ଶିକ୍ଷୟିତ୍ରୀଶିକ୍ଷକ ସାମୁହିକ ଛୁଟି ନେଇ ଆନ୍ଦୋଳନରେ ସାମିଲ ହୋଇଛନ୍ତି। ଫଳରେ ବିଭିନ୍ନ ବିଦ୍ୟାଳୟର ୧୬ ହଜାର ୩୦୮ ଛାତ୍ରୀଛାତ୍ରଙ୍କ ପାଠପଢା ବାଧାପ୍ରାପ୍ତ ହୋଇଛି। ବାରମ୍ବାର ପ୍ରତିଶ୍ରୁତି ଦେଇ ରାଜ୍ୟ ସରକାର ପ୍ରତାରଣା ଦେଇଛନ୍ତି। ତେଣୁ ଦାବି ପୂରଣ ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ସଂଘ କର୍ମକର୍ତ୍ତା କହିଛନ୍ତି। ମଙ୍ଗଳବାର ଧାରଣାସ୍ଥଳରେ ଜାତୀୟ କଂଗ୍ରେସ ଜିଲା ସାଧାରଣ ସମ୍ପାଦକ ବିଶ୍ୱଜିତ ରାଉତରାୟ, ପୁରାତନ ଛାତ୍ର ସଂସଦ ସମ୍ପାଦକ ବିଜୟ କୁମାର ରାଉତ, ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ରଘୁନାଥ ସାହୁ, କମ୍ୟୁନିଷ୍ଟ ପାର୍ଟିର ଜିଲା ସମ୍ପାଦକ ବିଧୁ ଭୁଷଣ ମହାରଣା ପ୍ରମୁଖ ପହଞ୍ଚି ଉଦ୍‌ବୋଧନ ଦେବା ସହ ସରକାର ତୁରନ୍ତ ଦାବି ପୂରଣ କରିବା ଉଚିତ ବୋଲି ମନ୍ତବ୍ୟ ରଖିଥିଲେ। ଭାଜପାର ରାଜ୍ୟ ପରିଷଦ ସଦସ୍ୟ ରଘୁନାଥ ସାହୁ, ସଭାପତି ସଲିଳ କୁମାର ସ୍ୱାଇଁ, ସମ୍ପାଦକ ସନ୍ତୋଷ ବେହେରା, ଜିଲା ସମ୍ପାଦକ ପ୍ରସନ୍ନ କୁମାର ଶ୍ରୀଚନ୍ଦନ, ସଙ୍ଗଠନ ସମ୍ପାଦକ ସମରେଶ ବେହେରା, ରାଜ୍ୟ କୋଷାଧ୍ୟକ୍ଷ ଗୋପାଳ ସେଣ, ବଳରାମ ବେହେରା, ରବିନ୍ଦ୍ର ବେହେରା, ସିଦ୍ଧାର୍ଥ ମିଶ୍ର, କମଳା ବେହେରା, ମମତା ବେହେରା, ପ୍ରଜ୍ଞା ପ୍ରଣିତା ମଙ୍ଗରାଜ, ମମତା ସୁନ୍ଦରାୟ, ତାପସ ମଣ୍ଡଳ, ପ୍ରସନ୍ନ ମଙ୍ଗରାଜ, ବିଜୟ ସେଠୀ ପ୍ରମୁଖ ଆନ୍ଦୋଳନର ନେତୃତ୍ୱ ନେଇଥିଲେ।



ଧାରଣାରେ ବସିଥିବା ପ୍ରାଥମିକ ଶିକ୍ଷକମାନେ।

# ଆନ୍ଦୋଳନରତ ଶିକ୍ଷକଙ୍କୁ ଭେଟିଲେ ବିଧାୟକ

**ସମର୍ଥନ ଜଣାଇଲା ଓଷ୍ଟା, ଶିକ୍ଷାଦାନ ବାଧାପ୍ରାପ୍ତ**

ଖୋର୍ଦ୍ଧା, ୧୨।୯ (ପ୍ରଭାତ ପାଣିଗ୍ରାହୀ)

ରାଜ୍ୟର ସମସ୍ତ ପ୍ରାଥମିକ ବିଦ୍ୟାଳୟ ସଙ୍ଗଠନ ମିଳିତ ଉଦ୍ୟମରେ ରାଜ୍ୟ ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ଫେଡ଼େରେଶନ୍‌ର ନିର୍ଦ୍ଦେଶ କ୍ରମେ ୩ ଦଫା ଦାବି ନେଇ ଖୋର୍ଦ୍ଧା ବ୍ଲକର ସମସ୍ତ ବର୍ଗର ଶିକ୍ଷକ ସଂଘ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ଆଗରେ ଧାରଣାରେ ବସିଛନ୍ତି। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ରାଜ୍ୟ ନେତୃତ୍ୱଙ୍କ ନିର୍ଦ୍ଦେଶରେ ପ୍ରାଥମିକ ଶିକ୍ଷକମାନେ ସମୂହ ଛୁଟିରେ ରହି ଧାରଣା ଦେବେ ବୋଲି ଗଣମାଧ୍ୟମ ଆଗରେ କହିଛନ୍ତି। ମଙ୍ଗଳବାର ଖୋର୍ଦ୍ଧା ବିଧାୟକ ଜ୍ୟୋତିରୀନ୍ଦ୍ରନାଥ ମିତ୍ର ଧାରଣା ସ୍ଥଳକୁ ଆସି ଆନ୍ଦୋଳନରତ ପ୍ରାଥମିକ ଶିକ୍ଷକଙ୍କ ସହ ଆଲୋଚନା କରିଥିଲେ। ଆଗାମୀ ବିଧାନସଭାରେ ପ୍ରାଥମିକ ଶିକ୍ଷକଙ୍କ ସମସ୍ୟାଙ୍କୁ ଉଠାଇବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଜିଲା ମାଧ୍ୟମିକ ବିଦ୍ୟାଳୟ ଶିକ୍ଷକ ସଂଘ (ଓଷ୍ଟା) ସଭାପତି ଅମ୍ବିକା ପ୍ରସାଦ ପଟ୍ଟନାୟକ ଓ ସମ୍ପାଦକ ସୁଧାକର ମହାପାତ୍ର ଧାରଣାସ୍ଥଳକୁ ଆସି ଶିକ୍ଷକମାନଙ୍କ ଆନ୍ଦୋଳନକୁ ସମର୍ଥନ ଜଣାଇଥିଲେ। ଅନ୍ୟପଟେ ଆନ୍ଦୋଳନ ଯୋଗୁ ସ୍କୁଲଗୁଡିକରେ ପାଠପଢା ବାଧାପ୍ରାପ୍ତ ହୋଇଛି।



ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର ଆନ୍ଦୋଳନରତ ଶିକ୍ଷକଙ୍କ ସହ ଆଲୋଚନା କରୁଛନ୍ତି।

ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଙ୍ଗଠନର ରାଜ୍ୟ ଉପସଭାପତି ଅଗାଧୁ ସେଠୀ, ବ୍ଲକ ମିଳିତ ଶିକ୍ଷକ ସଂଘର କାର୍ଯ୍ୟକାରୀ ସଭାପତି ଓ ଏକ୍ସ କ୍ୟାଡର ସଂଘର ସଭାପତି ପ୍ରସନ୍ନ କୁମାର ମହାପାତ୍ର, ଏୟୁପିଟିଏଫ୍‌ର ବ୍ଲକ ସଭାପତି ଯୁଧିଷ୍ଠିର ସାହୁ, ଖୋର୍ଦ୍ଧା ବ୍ଲକ ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘ ସଭାପତି ସ୍ୱପ୍ନେଶ୍ୱର ପ୍ରଧାନ, ସମ୍ପାଦକ ମୃତ୍ୟୁଞ୍ଜୟ ମହାପାତ୍ର ଏବଂ କଳା କ୍ରୀଡ଼ା ସଂଘ ସଭାପତି ସତ୍ୟଜିତ୍ ମହାନ୍ତିଙ୍କ ଆହ୍ୱାନ କ୍ରମେ ଏହି ବ୍ଲକର ୩୫୦ରୁ ଉର୍ଦ୍ଧ୍ୱ ଶିକ୍ଷୟିତ୍ରୀ ଶିକ୍ଷକ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ଏୟୁପିଟିଏଫ୍‌ର ସମ୍ପାଦକ ଅମୀୟ ପରିଡ଼ା, ପ୍ରାଥମିକ ଶିକ୍ଷକ ସଂଘର ସୁଶାନ୍ତ କୁମାର ସାହୁ, ରବି ନାରାୟଣ ପଣ୍ଡା, ଶୁଭଲକ୍ଷ୍ମୀ ଦାସ, କଳ୍ପନା ରାଉତ, ସରୋଜ ସାହୁ, ମାନସ ରଞ୍ଜନ ପଣ୍ଡା, ମନୋଜ ଦାସଙ୍କ ସମେତ ଅନ୍ୟମାନେ ଆନ୍ଦୋଳନରେ ସାମିଲ ହୋଇଛନ୍ତି।

# ୨୫୦ ବୋତଲ କଫସିରପ୍ ଜବତ, ଜଣେ ଗିରଫ

ପୁରୁଣା ଭୁବନେଶ୍ୱର, ୧୨।୯ (ସୁବାସ ଚନ୍ଦ୍ର ପ୍ରଧାନ)

ଶ୍ରୀଲିଙ୍ଗରାଜ ଥାନ ଅଧୀନ ରବିଟକିଜ୍‌ସ୍ଥିତ ଏକ ଔଷଧ ଦୋକାନରୁ ଅବକାରୀ ବିଭାଗ ୨୫୦ ବୋତଲ କଫସିରପ୍ ଜବତ କରିଛି। ଏନେଇ ଅଜୟ କୁମାର ବେହେରାଙ୍କୁ ଗିରଫ କରାଯାଇଛି। ଏନେଇ ବିଭାଗୀୟ ଥାନାରେ ଏକ ମାମଲା (ନଂ.୮୮/୨୩)ରୁଜୁ ହୋଇଛି। ସୂଚନା ମୁତାବକ, ଯେଉଁ କଫ୍‌ସିରପ୍‌ରେ କୋଡାଇନ ଫସ୍‌ପେଟ୍ ରହିଥାଏ। ଏହାକୁ କେବଳ ସ୍ୱୀକୃତିପ୍ରାପ୍ତ ଡାକ୍ତରଙ୍କ ପରାମର୍ଶରେ ଆବଶ୍ୟକ କ୍ଷେତ୍ରରେ ବ୍ୟବହାର ପାଇଁ ନିର୍ଦ୍ଦେଶ ରହିଛି। ଏନ୍‌ଡିପିଏସ୍ ନିୟମ ଧାରା ୩୭ ଅନୁଯାୟୀ କୌଣସି ବ୍ୟକ୍ତି କିମ୍ବା ଔଷଧ ଦୋକାନୀ ଠିକ୍ ଦସ୍ତାବିଜ ନ ଥାଇ ବିକ୍ରି କରିପାରିବେନି। ଏପରିକି ଡାକ୍ତରଙ୍କ ପ୍ରେସ୍କ୍ରିପ୍‌ଶନ ନ ଥିଲେ ବିକ୍ରି କରିପାରିବେ ନାହିଁ।

# ରାସ୍ତା ମଝିରେ ଜଳିଗଲା ବ୍ୟାଟେରିଚାଳିତ ସ୍କୁଟି

ଗୋପ, ୧୨।୯ (ଦୁର୍ଗାମାଧବ ସାହୁ)

ପୁରୀ- ଭୁବନେଶ୍ୱର ଜାତୀୟ ରାଜପଥ ଉପରେ ମଙ୍ଗଳବାର ରାତି ୧୦ଟା ସମୟରେ ଏକ ବ୍ୟାଟେରିଚାଳିତ ସ୍କୁଟି ରାସ୍ତା ମଝିରେ ଜଳିଯାଇଛି। ଏଥିରୁ ସ୍କୁଟି ଚାଳକ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ପିପିଲି ନିକଟବର୍ତ୍ତୀ ରାଜତଇ ଗ୍ରାମର ତପନ ରଥ ବ୍ୟାଟେରି ଚାଳିତ ସ୍କୁଟି ଯୋଗେ ପିପିଲିରୁ ନିଜ ଗ୍ରାମକୁ ଯାଉଥିଲେ। ତେଇଶ ମାଇଲ ଛକଠାରେ ହଠାତ୍ ଗାଡ଼ିରୁ ଧୂଆଁ ବାହାରିବାରୁ ଚାଳକ ରଥ ଗାଡ଼ିରୁ ଓହ୍ଲାଇ ଆସିଥିଲେ। ଏହାପରେ ସ୍କୁଟିଟି ସମ୍ପୂର୍ଣ୍ଣ ଜଳିଯାଇଥିଲା। ଖବରପାଇ ପିପିଲି ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ତେବେ କେଉଁ କାରଣରୁ ଗାଡ଼ିରେ ନିଆଁ ଲାଗିଲା ତାହା ଜଣାପଡିନି।

# ଉଦ୍ୟୋଗ ବିକାଶ ତାଲିମ ଶିବିର ଉଦ୍‌ଘାଟିତ




ଟାଙ୍ଗୀ, ୧୨।୯ (ରଘୁନାଥ ସାହୁ)

ନାରୁଣୀ ପଞ୍ଚାୟତରେ ଓଏମ୍‌ପିଡି ଆନୁକୂଲ୍ୟରେ ତଥା ଜିଲା ଉଦ୍ୟୋଗ ବିକାଶ ସଂସ୍ଥା ପରିଚାଳନାରେ ଉଦ୍ୟୋଗ ବିକାଶ ତାଲିମ ଶିବିରର ଉଦ୍‌ଘାଟିତ ହୋଇଯାଇଛି। ୧୨ଦିନ ଧରି ଚାଲିବାକୁ ଥିବା ଏହି ତାଲିମ ଶିବିରରେ ବାଣପୁର ବ୍ଲକ ଅନ୍ତର୍ଗତ ବିଭିନ୍ନ ପଞ୍ଚାୟତର ମହିଳା ଏସ୍‌ଏସ୍‌ଜି ତଥା ଯୁବ ଉଦ୍ୟୋଗୀ ଅଂଶଗ୍ରହଣ କରିଥିଲେ। ଖୋର୍ଦ୍ଧା ଜିଲା ଶିଳ୍ପ କେନ୍ଦ୍ର ପ୍ରବନ୍ଧକ ଗଗନ ବିହାରୀ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ନାରୁଣୀ ସରପଞ୍ଚ ସ୍ୱପ୍ନାଞ୍ଜଳି ପଲେଇ ଅତିଥିଭାବେ ଯୋଗଦେଇଥିଲେ। ଏଥିରେ ପ୍ରଶିକ୍ଷକଭାବେ ଆଇପିଓ ତୁଷାର କୁମାର ମହାନ୍ତି, ଓଏମ୍‌ପିଡିସି ନିର୍ଦ୍ଦେଶକ ରବୀନ୍ଦ୍ର କୁମାର ସାହୁ ବିଭିନ୍ନ ଶ୍ରେଣୀର ଉଦ୍ୟୋଗ ପ୍ରତିଷ୍ଠାରେ ଆବଶ୍ୟକ ବୈଷୟିକ ଜ୍ଞାନକୌଶଳ ଉପରେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ପଞ୍ଚାୟତ ମହିଳା ଗୋଷ୍ଠୀ ସଭାନେତ୍ରୀ କଳ୍ପନା ସେଣ ଉପସ୍ଥିତ ଥିଲେ।

# ରତ୍ନଭଣ୍ଡାର ସମ୍ପର୍କିତ ମାମଲାର ଶୁଣାଣି ଘୁଞ୍ଚିଲା

**ସୂଚନା ଆୟୋଗଙ୍କ ନିକଟରେ ତଦନ୍ତ ରିପୋର୍ଟ ଦାଖଲ ହୋଇନି**

ପୁରୀ, ୧୨।୯ (ଅଜିତ ମହାନ୍ତି)

ଶ୍ରୀମନ୍ଦିର ରତ୍ନଭଣ୍ଡାର ଖୋଲାଯିବା ମାମଲାରେ ରାଜ୍ୟ ସରକାର କୋର୍ଟରେ ସତ୍ୟପାଠ ଦାଖଲ କରିବା ପରିବର୍ତ୍ତେ ରତ୍ନଭଣ୍ଡାର ସ୍ଥିତି ସମ୍ପର୍କରେ ସୂଚନା ଦେବାରୁ ଦୂରେଇ ରହିଥିଲେ। ଏ ନେଇ ସାମାଜିକ କର୍ମୀ ଦିଲୀପ କୁମାର ବରାଳ ବିଭିନ୍ନ ତଥ୍ୟ ପାଇବାକୁ ପୂର୍ବରୁ ରାଜ୍ୟ ସୂଚନା ଆୟୋଗଙ୍କ ଦ୍ୱାରସ୍ଥ ହେବା ସହ ୪ଟି ମାମଲା ରୁଜୁ କରିଥିଲେ। ପୂର୍ବରୁ ୩ଟି ମାମଲାର ଶୁଣାଣି ହୋଇଥିଲା। ଚତୁର୍ଥ ଶୁଣାଣିରେ ରାଜ୍ୟ ସୂଚନା ଆୟୋଗ ଏସ୍.କେ. ସ୍ୱାଇଁ ଶ୍ରୀମନ୍ଦିର ଜନସୂଚନା ଅଧିକାରୀଙ୍କ ପକ୍ଷରୁ ଦିଆଯାଇଥିବା ସତ୍ୟପାଠର ସତ୍ୟତା ଯାଞ୍ଚ ଲାଗି ନିର୍ଦ୍ଦେଶ ଦେଇଥିଲେ। ଯାଞ୍ଚ ରିପୋର୍ଟ ଦାଖଲ ପାଇଁ କମିଶନଙ୍କ ପକ୍ଷରୁ ରାଜ୍ୟ ସରକାରଙ୍କ ଆଇନ ବିଭାଗର ଅତିରିକ୍ତ ସଚିବ ବିଭୁ ପ୍ରସାଦ ପଣ୍ଡାଙ୍କୁ ଦାୟିତ୍ୱ ଦିଆଯାଇଥିଲା। ତେବେ ସେ ନିର୍ଦ୍ଧାରିତ ସମୟ ମଧ୍ୟରେ କମିଶନଙ୍କ ନିକଟରେ ତଦନ୍ତ ରିପୋର୍ଟ ଦାଖଲ କରିପାରି ନ ଥିଲେ। ତେଣୁ ୧୧ ତାରିଖରେ ଶୁଣାଣି ହୋଇପାରି ନାହିଁ। ଏହି ଶୁଣାଣି ତାରିଖକୁ ଘୁଞ୍ଚାଇ ଦିଆଯାଇଛି। ପରବର୍ତ୍ତୀ ଶୁଣାଣି ଆସନ୍ତା ୨୦୨୪ ଫେବୃୟାରୀ ୧୩ରେ ହେବାକୁ ସ୍ଥିର କରାଯାଇଥିବା ବରାଳ ସୂଚନା ଦେଇଛନ୍ତି।

ସୂଚନା ଅନୁଯାୟୀ, ରତ୍ନଭଣ୍ଡାର ଚାବି ହଜିବା ପ୍ରସଙ୍ଗ ନେଇ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଜଷ୍ଟିସ୍ ରଘୁବୀର ଦାସ କମିଶନଙ୍କୁ ଯେଉଁସବୁ କାଗଜପତ୍ର ପ୍ରଦାନ କରାଯାଇଥିଲା, ସେ ସଂକ୍ରାନ୍ତରେ ବରାଳ ତଥ୍ୟ ମାଗିଥିଲେ। ମାତ୍ର ଶ୍ରୀମନ୍ଦିର ପ୍ରଶାସନ କୌଣସି ତଥ୍ୟ ଦେଇ ନ ଥିଲା। ବରାଳ ତଥ୍ୟ ପାଇବା ପାଇଁ ଶ୍ରୀମନ୍ଦିର ଉନ୍ନୟନ ପ୍ରଶାସକ ତଥା ପ୍ରଥମ କର୍ତ୍ତୃପକ୍ଷଙ୍କ ନିକଟରେ ଆବେଦନ କରିଥିଲେ। ଉନ୍ନୟନ ପ୍ରଶାସକ ଲିଖିତ ଭାବରେ ଜଣାଇଥିଲେ ଯେ, ରଘୁବୀର ଦାସ କମିଶନଙ୍କ ରିପୋର୍ଟ ସରକାର ସାର୍ବଜନୀନ କରିନାହାନ୍ତି। ତେଣୁ ଏ ନେଇ କୌଣସି ତଥ୍ୟ ପ୍ରଦାନ କରାଯିବ ନାହିଁ।

# ରାମେଶ୍ୱର ମନ୍ଦିରରେ ବସିଲା ନୂତନ ଦଧିନଉତି

ପୁରୁଣା ଭୁବନେଶ୍ୱର, ୧୨।୯ (ସୁବାସ ଚନ୍ଦ୍ର ପ୍ରଧାନ)



ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ସହ ପ୍ରତ୍ୟକ୍ଷଭାବେ ସମ୍ପର୍କ ରହିଥିବା ରାମେଶ୍ୱରଙ୍କ ମନ୍ଦିରର ଦଧିନଉତି ଗତ ଜୁଲାଇ ୧୮ରେ ବଜ୍ରପାତରେ ଭାଙ୍ଗି ଖସି ପଡ଼ିଥିଲା। ଏହି ମନ୍ଦିର ଦାୟିତ୍ୱରେ ଥିବା ଏଏସ୍‌ଆଇ ପକ୍ଷରୁ ତଦାରଖ ପରେ ସୋମବାର ସନ୍ଧ୍ୟାରେ ନୂତନ ଦଧିନଉତି ବସାଯାଇଛି। ଦଧିନଉତିର ଗୋଲେଇ ୧୦ଫୁଟ ଏବଂ କଳସର ଗୋଲେଇ ଦେଢ଼ଫୁଟ, ମୋଟ ୨୮ଇଞ୍ଚ। ଏହା କୁଣ୍ଡାପଥରେ ନିର୍ମିତ ହୋଇଛି। ଏଥିପାଇଁ ୨.୫ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିବା ଏଏସ୍‌ଆଇ ପକ୍ଷରୁ କୁହାଯାଇଛି। ସୂଚନାଥାଉ କି, ଏଏସ୍‌ଆଇ ଅଧୀକ୍ଷକ ସୁଶାନ୍ତ କୁମାର କର ବୈଷୟିକ ଟିମ୍ ସହ ମନ୍ଦିର ଚୂଡ଼ାକୁ ଚଢ଼ି ଘଟଣାର ଯାଞ୍ଚପରେ ଦୀର୍ଘ ୨ମାସ ପରେ ମନ୍ଦିର କଳସ ଲଗେଇବା କାର୍ଯ୍ୟ ସଫଳ ହୋଇଛି। ୩ ସପ୍ତାହ ମଧ୍ୟରେ ମନ୍ଦିରରେ ଆର୍ଥଂ ଲଗାଯିବା ନେଇ ବିଭାଗ ପକ୍ଷରୁ କୁହାଯାଇଛି। ପ୍ରତିବର୍ଷ ରୁକୁଣା ରଥଯାତ୍ରା ଅବସରରେ ଅଶୋକାଷ୍ଟମୀରେ ପ୍ରଭୁ ଶ୍ରୀଲିଙ୍ଗରାଜ ଭଉଣୀ ରୁକୁଣାଦେବୀ ଓ ପ୍ରଭୁ ବାସୁଦେବ ରୁକୁଣାରଥରେ ରାମେଶ୍ୱର ମନ୍ଦିରକୁ ଯାତ୍ରା କରିଥାନ୍ତି। ଏଠାରେ ୫ ଦିନ ଅବସ୍ଥାନ ପରେ ସ୍ୱମନ୍ଦିର ପ୍ରତ୍ୟାବର୍ତ୍ତନ କରିଥାନ୍ତି।

# ଶରଧାପୁର ସ୍ପୋର୍ଟ୍ସ ଆସୋସିଏଶନ ଚାମ୍ପିୟନ

ଖୋର୍ଦ୍ଧା, ୧୨।୯ (ପ୍ରଭାତ ପାଣିଗ୍ରାହୀ)

**ଏସ୍‌ଏସ୍‌ଏ ଫୁଟ୍‌ବଲ ଲିଗ୍**
- ନାସିର ମ୍ୟାନ୍ ଅଫ୍ ଦି ସିରିଜ
- ସୁଶୀଲ ମ୍ୟନ୍ ଅଫ୍ ଦି ମ୍ୟାଚ

ଶରଧାପୁର ସ୍ପୋର୍ଟସ୍ ଆସୋସିଏଶନ (ଏସ୍‌ଏସ୍‌ଏ) ଆନୁକୂଲ୍ୟରେ ଚାଲିଥିବା ଶରଧାପୁର ଫୁଟ୍‌ବଲ ଲିଗ୍ ଉଦ୍‌ଯାପିତ ହୋଇଯାଇଛି। ଚଳିତବର୍ଷ ଆୟୋଜକ ଟିମ୍ ଶରଧାପୁର ସ୍ପୋର୍ଟସ ଆସୋସିଏଶନ ଚାମ୍ପିୟନ ହୋଇଛି। ୧୪ ଟିମ୍‌କୁ ନେଇ ଏହି ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଥିଲା। ଏସ୍‌ଏସ୍‌ଏ ଏବଂ କ୍ଲବ ମର୍ନିଂ ଷ୍ଟାର ମଧ୍ୟରେ ଫାଇନାଲ ମ୍ୟାଚ ହୋଇଥିଲା। ଶେଷ ପର୍ଯ୍ୟନ୍ତ ମ୍ୟାଚ ସଂଘର୍ଷପୂର୍ଣ୍ଣ ରହିଥିଲା। ନିର୍ଦ୍ଧାରିତ ସମୟରେ କେହି କାହାରିକୁ ଗୋଲ ଦେଇପାରି ନ ଥିଲେ। ଶେଷରେ ଟ୍ରାଇବ୍ରେକର ଜରିଆରେ ଆୟୋଜକ ଟିମ୍ ୪-୨ ଗୋଲରେ ଆୟୋଜକ କ୍ଲବ୍ ମର୍ନିଂଷ୍ଟାର୍‌କୁ ହରାଇ ଚାମ୍ପିୟନ ହୋଇଛି। ପ୍ରଫୁଲ୍ଲ କୁମାର ବେହେରା, ବିଦେଶୀ ନାୟକ, ଜି.ସି.ଜାନି ଏବଂ ଏସ୍.ଏ. ଖାନ ମ୍ୟାଚ ପରିଚାଳନା କରିଥିଲେ। ବିଜେଡି ଜିଲା ସଭାପତି ବିଭୂତି ବଳବନ୍ତରାୟ




ଅତିଥିଙ୍କ ଗହଣରେ ଚାମ୍ପିୟନ ଟିମର ଖେଳାଳି ଏବଂ ଅନ୍ୟମାନେ।

ମୁଖ୍ୟଅତିଥି ଏବଂ ଛାତ୍ର ନେତା ସେକ୍ ଅମିର ମହମ୍ମଦ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବିଜେତା ଓ ରନର୍ସ ଦଳକୁ ଟ୍ରଫି ସହ ନଗଦ ରାଶି ପ୍ରଦାନ କରି ପୁରସ୍କୃତ କରିଥିଲେ। ଚଳିତ ବର୍ଷ ମ୍ୟାନ ଅଫ ଦି ସିରିଜ୍ ପୁରସ୍କାର ଏସ୍‌ଏସ୍‌ଏର ମହମ୍ମଦ ନାସିର ରହେମାନ ଏବଂ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ବିପକ୍ଷ ଦଳର ସୁଶିଲ ପାତ୍ରଙ୍କୁ ପ୍ରଦାନ କରାଯାଇଛି। ମହମ୍ମଦ ଜିଆନୁଲ୍ ଆବେଦିନ (ଗୋଲକିପର) ମହମ୍ମଦ ଜାହିଦ ଆବାସ, ମୁନା ନାୟକ (ଡିଫେନ୍ସ), ଏସ୍.ଖାନଙ୍କୁ ଶ୍ରେଷ୍ଠ ଫରୱାର୍ଡ ନିମନ୍ତେ ପୁରସ୍କୃତ କରାଯାଇଛି। ଉତ୍ତମ ଭାବେ ମ୍ୟାଚ ପରିଚାଳନା ପାଇଁ ଏସ୍.କେ. ଶେଖାୱତ ଅଲ୍ଲୀ, ଇଜାଜ ହୁସେନଙ୍କୁ ସମ୍ମାନିତ କରାଯାଇଛି। ଆୟୋଜକ ଟିମ୍ ସଭାପତି ମହମ୍ମଦ ଇଜରିସ, ସମ୍ପାଦକ ଏସ୍.ଇ.ହୁଦା, ଲକ୍ଷ୍ମୀଧର ବଡଜେନା, ଦେବରାଜ ବାରିକ, ବନମାଳୀ ବେହେରା, ହାଜି ଇସମାଇଲ, ମୀନକେତନ ବଡଜେନା, ମହମ୍ମଦ ରେହେମାତୁଲ୍ଲା, ମହମ୍ମଦ ଇମ୍ରାନ, ମହମ୍ମଦ ୟାକୁବ, ଏମ. ଅହମ୍ମଦ, ଜପୁରୀ ନାୟକ, ରାଧା ଦେହୁଡ଼ି ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଶ୍ରୀମନ୍ଦିରରେ ଭକ୍ତ ଅଚେତ

ପୁରୀ, ୧୨।୯(ଅଜିତ ମହାନ୍ତି): ମହାପ୍ରଭୁଙ୍କ ଦର୍ଶନ ପାଇଁ ଆସିଥିବା ଜଣେ ଭକ୍ତ ମଙ୍ଗଳବାର ଶ୍ରୀମନ୍ଦିର ଭିତରେ ଅଚେତ ହୋଇଥିବା ସୂଚନା ମିଳିଛି। ସେ ହେଲେ ବିହାରର ନବୀନ ସିଂ। ସେ ପରିବାର ସହ ପୁରୀ ଆସି ମହାପ୍ରଭୁଙ୍କ ଦର୍ଶନ ପାଇଁ ଶ୍ରୀମନ୍ଦିରକୁ ଯାଇଥିଲେ। ତେବେ ପ୍ରବଳ ଗହଳି ଯୋଗୁ ସେ ଅଣନିଃଶ୍ୱାସୀ ହୋଇ ଅଚେତ ହୋଇଯାଇଥିଲେ। ତାଙ୍କୁ ଶ୍ରୀମନ୍ଦିର ଆମ୍ବୁଲାନ୍ସ ଯୋଗେ ନିଆଯାଇ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସା ପରେ ସେ ସୁସ୍ଥ ଥିବା ଜଣାପଡ଼ିଛି।

### ଚିଲିକା କୂଳରୁ ଅଜଗର ଉଦ୍ଧାର

ବ୍ରହ୍ମଗିରି, ୧୨।୯(ସ୍ୱାଧୀନ ଚମ୍ପତିରାୟ)

ଚିଲିକା କୁଳ ନିକଟ ମିର୍ଜାପୁର ଗ୍ରାମ ନିକଟସ୍ଥ ଏକ ଜାଲ ଘେରିରୁ ମଙ୍ଗଳବାର ସ୍ନେକ ହେଲ୍ପ ଲାଇନ ସଦସ୍ୟ ଏକ ଅଜଗର ସାପକୁ ଉଦ୍ଧାର କରି ବନବିଭାଗକୁ ହସ୍ତାନ୍ତର କରିଛନ୍ତି। ସୂଚନା ଅନୁଯାୟୀ, ମିର୍ଜାପୁର ନିକଟରେ ଚିଲିକାରେ ଥିବା ଏକ ଘେରି ମଧ୍ୟରେ ଏକ ଅଜଗର ସାପ ପଡ଼ି ଯାଇଥିଲା। ଏନେଇ ସ୍ଥାନୀୟ ଲୋକେ ସ୍ନେକ ହେଲ୍ପ ଲାଇନକୁ ଖବର ଦେଇଥିଲେ। ଖବରପାଇ ହେଲ୍ପ ଲାଇନ ସଦସ୍ୟ ସମ୍ବିତ ନାୟକ, ସନ୍ତୋଷ ସ୍ୱାଇଁ ଓ ସୁଶାନ୍ତ ଜେନା ଘଟଣାସ୍ଥଳରେ ପହଞ୍ଚି ଅକ୍ଷତ ଅବସ୍ଥାରେ ଉକ୍ତ ସାପଟିକୁ ଉଦ୍ଧାର କରି ବ୍ରହ୍ମଗିରି ବନ ବିଭାଗକୁ ହସ୍ତାନ୍ତର କରିଛନ୍ତି। ଏହି ସାପର ଲମ୍ବ ୭ ଫୁଟ ୨ ଇଞ୍ଚ ହେବ। ସାପଟିକୁ ବନ ବିଭାଗ ପୁରୀ ବାଲୁଖଣ୍ଡରେ ଛଡ଼ାଯାଇଥିବା ସୂଚନା ମିଳିଛି।

### ଲୋକକଳା ମାଧ୍ୟମରେ ସଚେତନତା ସୃଷ୍ଟି ସଂକ୍ରାନ୍ତ ପ୍ରଶିକ୍ଷଣ

କଣାସ, ୧୨।୯(ବିଭୂତି ଭୂଷଣ ତ୍ରିପାଠୀ)

କଳାକାରମାନଙ୍କ ଏକ ସଚେତନତା ସୃଷ୍ଟି ସମ୍ପର୍କିତ ପ୍ରଶିକ୍ଷଣ ଶିବିର କଣାସ ବ୍ଲକର ଦୟାବିହାରଠାରେ ପ୍ରତିଷ୍ଠିତ ସ୍ୱେଚ୍ଛାସେବୀ ଅନୁଷ୍ଠାନ ନୀଳାଚଳ ସେବା ପ୍ରତିଷ୍ଠାନ ପରିସରରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏହା ଦୁଇ ଦିନ ଧରି ଚାଲିବ। କଳା ପ୍ରଦର୍ଶନ ମାଧ୍ୟମରେ ସରକାର ଲୋକହିତକର ଯୋଜନାଗୁଡିକ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ଲୋକକଳା ମଣ୍ଡଳୀଙ୍କ ମୁଖ୍ୟଙ୍କୁ ଏହି ପ୍ରଶିକ୍ଷଣ ଦିଆଯାଇଛି। ସମ୍ପୃକ୍ତ ପଞ୍ଚାୟତର କାର୍ଯ୍ୟନିର୍ବାହୀ ଅଧିକାରୀ ପିଓ ମାନେ ସମ୍ପୃକ୍ତ କଳାକାର ମୁଖ୍ୟଙ୍କୁ ପ୍ରଶିକ୍ଷଣ ଶିବିରରେ ଯୋଗଦେବାକୁ ଆମନ୍ତ୍ରଣ କରିଥିବା ଜଣାପଡ଼ିଛି। ବ୍ଲକର ସମସ୍ତ କର୍ମଚାରୀ ଉକ୍ତ ପ୍ରଶିକ୍ଷଣ ଶିବିରରେ ଉପସ୍ଥିତ ଥିଲେ। ଫଳରେ ବ୍ଲକ କାର୍ଯ୍ୟାଳୟରେ କେହି ଅଧିକାରୀ ନ ଥିଲେ। ଏଥିନେଇ ବିଭିନ୍ନ କାର୍ଯ୍ୟରେ ଆସୁଥିବା ଲୋକଙ୍କ ମଧ୍ୟରେ ତୀବ୍ର ଆସନ୍ତୋଷ ଦେଖାଦେଇଛି। ବିଡିଓଙ୍କ ସହିତ ବାରମ୍ବାର ଟେଲିଫୋନ୍ ଯୋଗାଯୋଗ କରିବାକୁ ଚେଷ୍ଟା କରି ମଧ୍ୟ ଯୋଗାଯୋଗ ସମ୍ଭବ ହୋଇପାରି ନାହିଁ। ତେବେ ବିଡିଓ ଅସୁସ୍ଥ ଥିବା ଶୁଣିବାକୁ ମିଳିଛି।

# ଜାଲ୍ ରାଶନ କାର୍ଡରେ ଉଠୁଛି ଚାଉଳ

ଗୋପ, ୧୨।୯(ଭାରତୀ ଭୂଷଣ ଉପାଧ୍ୟାୟ)

ଗୋଟିଏ କି ଦୁଇଟି ନୁହେଁ। ଶହ ଶହ ରାଶନ କାର୍ଡ ଯୋଗେ ଗୋପ ବ୍ଲକ ଅଧୀନ ମହଲପଡ଼ା ପଞ୍ଚାୟତରେ ଥିବା ୪ ଗୋଟି ଡିଲରକେନ୍ଦ୍ରରେ ଭୂତ ନାମରେ ଚାଉଳ ହଡ଼ପ ହେଉଥିବା ଅଭିଯୋଗ ହୋଇଛି। ଏପରିକି ଏହି ଡିଲରକେନ୍ଦ୍ର ମଧ୍ୟରୁ ୨ ଗୋଟି କେନ୍ଦ୍ର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ନାଁରେ ଆଉ ୨ କେନ୍ଦ୍ର ଡିଲର ନିରଞ୍ଜନ ବିଶ୍ୱାଳ ଓ କେଦାର ବେହେରାଙ୍କ ନାମରେ ଥିବା ଜଣାପଡିଛି। ମହଲପଡ଼ା ସରପଞ୍ଚ ଶୀର୍ଷ ରଞ୍ଜନ ନାୟକ ମଙ୍ଗଳବାର ପୁରୀ ଜିଲାପାଳ ସମର୍ଥ ବର୍ମାଙ୍କୁ ଏହି ଅଭିଯୋଗ କରିବା ପରେ ତୁରନ୍ତ ଏହା ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲାପାଳ ବର୍ମା କହିଛନ୍ତି।

ପ୍ରକାଶ ଯେ, ମହଲପଡ଼ାରେ ଥିବା ୧୮ଟି ୱାର୍ଡରେ ୧୧୭୬ ରାଶନ କାର୍ଡ ରହିଛି। ଏହି ରାସନ କାର୍ଡରେ ପ୍ରତ୍ୟେକ ପରିବାରକୁ ମୁଣ୍ଡ ପିଛା ୫ କିଲୋ ଚାଉଳ ଯାଉଛି। ମାତ୍ର ଦୀର୍ଘ ୩/୪ ବର୍ଷ ହେବ ମୃତକଙ୍କ ନାମରେ ଚାଉଳ ଉଠାଇ ସମ୍ପୃକ୍ତ ଡିଲର ହଡ଼ପ କରୁଥିବା ଜଣାପଡିଛି। ମହଲପଡ଼ାର ରାଶନ କାର୍ଡ ନଂ. ୨୬୦୪୨୧୧୦୬୯ରେ ଗୋଲେଖ ବେହେରା, ୨୬୦୪୨୧୧୦୭୮ରେ ପ୍ରାଣକୃଷ୍ଣ ପରିଡ଼ା, ୨୬୦୪୨୧୧୧୩୬୧ ରେ ଶ୍ରୀଧର ମଲ୍ଲିକ, ୨୬୦୪୨୧୧୦୨୬୦ ରେ ଏକାଦଶୀ ଭୋଇ,

**ଜିଲାପାଳଙ୍କୁ ମହଲପଡ଼ା ସରପଞ୍ଚଙ୍କ ଅଭିଯୋଗ**

୨୬୦୪୨୧୧୦୬୦୯ରେ ଜଗନ୍ନାଥ ବେହେରାଙ୍କ ଭଳି ଶହେରୁ ଅଧିକ ମୃତକଙ୍କ ନାମରେ ପ୍ରତ୍ୟେକ ମାସରେ ଚାଉଳ ହଡ଼ପ ହେଉଥିବା ଅଭିଯୋଗପତ୍ରରେ ଦର୍ଶାଯାଇଛି। ପଞ୍ଚାୟତରେ ତ୍ରିନାଥ ସ୍ୱୟଂ ସହାୟକ ଗୋଷ୍ଠୀ, ଗାଦିବ୍ରହ୍ମ ସ୍ୱୟଂ ସହାୟକ ଗୋଷ୍ଠୀ ସହିତ ଆଉ ୨ ବ୍ୟକ୍ତି ମଧ୍ୟ ଡିଲର କେନ୍ଦ୍ରରେ ଏହି ମୃତକଙ୍କ ନାମରେ ଚାଉଳ ହଡ଼ପ ହେଉଛି। ବର୍ଷ ବର୍ଷ ଧରି ଏପରି ଚାଉଳ ଘୋଟାଲା ଚାଲିଥିଲେ ମଧ୍ୟ ବ୍ଲକ ଯୋଗାଣ ବିଭାଗ କାହିଁକି ନୀରବ ରହିଛି ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏପରି ଚାଉଳ ଘୋଟାଲା ଯୋଗୁ ମହଲପଡ଼ାରେ ନୂତନ ହିତାଧିକାରୀଙ୍କ ନାମ ରାଶନ କାର୍ଡରେ ଯୋଡ଼ି ହୋଇପାରୁନି। କିଛି ଦିନ ତଳେ ସରପଞ୍ଚ ନାୟକ ମୃତକଙ୍କ ନାମରେ ଚାଉଳ ହଡ଼ପ ହେବା ଅଭିଯୋଗ ପାଇବା ପରେ ସମ୍ପୃକ୍ତ ଡିଲରଙ୍କୁ ତାଗିଦା କରିଥିଲେ ମଧ୍ୟ ଏପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ହୋଇ ନାହିଁ। ପରେ ଏନେଇ ସରପଞ୍ଚ ପୁରୀ ଜିଲାପାଳଙ୍କୁ ଅଭିଯୋଗ କରିଥିଲେ। ଏ ସମ୍ପର୍କରେ ଗୋପ ବ୍ଲକ ଯୋଗାଣ ଅଧିକାରୀ ପ୍ରଦୀପ୍ତ ସେଠୀଙ୍କୁ ପଚାରିବାରେ, ଅଭିଯୋଗ ଅନୁସାରେ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବେ ବୋଲି କହିଛନ୍ତି।


ପୁରୀ ଟିଆଡ଼ିସାହିର ଗାନ୍ଧର୍ବ ସଙ୍ଗୀତ କଳାପୀଠ ଆନୁକୂଲ୍ୟରେ ଆୟୋଜିତ ତବଲା ବାଦନ ଶିବିରରେ ଅତିଥି ଓ ପ୍ରଶିକ୍ଷକଙ୍କ ସହ ପ୍ରଶିକ୍ଷାର୍ଥୀମାନେ ।

### ତବଲା ବାଦନ ପ୍ରଶିକ୍ଷଣ ଶିବିର

ପୁରୀ, ୧୨।୯(ଅଜିତ୍ ମହାନ୍ତି):

ସ୍ଥାନୀୟ ୟୁଥ ହଷ୍ଟେଲ ପରିସରରେ ତିନିଦିନ ଧରି ଚାଲିଥିବା ତବଲା ବାଦନ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଯାଇଛି। ଟିଆଡ଼ିସାହିର ଗାନ୍ଧର୍ବ ସଙ୍ଗୀତ କଳାପୀଠ ଆନୁକୁଲ୍ୟରେ ଆୟୋଜିତ ଶିବିରକୁ ଭୋଗବର୍ଦ୍ଧନ ଶଙ୍କରାନନ୍ଦ ମଠ ଟ୍ରଷ୍ଟ ବୋର୍ଡ ସଭାପତି ଡ. ଦୁର୍ଗାପ୍ରସାଦ ମିଶ୍ର, ଐତିହ୍ୟ ବିଶାରଦ ଡ. ସୁରେନ୍ଦ୍ର ମିଶ୍ର, ମିହିର କୁମାର ମିଶ୍ର, ଡ. ଓଁକାର ମିଶ୍ର, ଅଖିଳ ଭାରତୀୟ ଗାର୍ନ୍ଧବ ମହାବିଦ୍ୟାଳୟ ମଣ୍ଡଳ ଅଧ୍ୟକ୍ଷ ପଣ୍ଡିତ ବାଲା ସାହାବେ ମହାଦେବ ସୂର୍ଯ୍ୟବଂଶୀ, ପରୀକ୍ଷା ସମିତି ପ୍ରମୁଖ ସଙ୍ଗୀତ ମହାମହୋପାଧ୍ୟାୟ ପଣ୍ଡିତ ରାମାରାଓ ନାୟକ ଏବଂ ଗଣେଶରାମ ବରେଠ୍ ପ୍ରମୁଖ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଶିବିର ଅବସରରେ ପ୍ରଥମ ସନ୍ଧ୍ୟାରେ ଅନୁଷ୍ଠିତ ସଙ୍ଗୀତ ସଭାରେ ପ୍ରଜ୍ଞା ମିଶ୍ର ଶାସ୍ତ୍ରୀୟ ସଙ୍ଗୀତ ଗାୟନ କରିଥିବା ବେଳେ ଅସିତ କୁମାର ମହାପାତ୍ର ବଂଶୀ ବାଦନ ଏବଂ ଆକାଶ ବରାଳ ତବଲା ବାଦନ କରିଥିଲେ। ସେହିପରି ଦ୍ୱିତୀୟ ସନ୍ଧ୍ୟାରେ ଶିବାଙ୍ଗୀ ଚାନ୍ଦ ଏବଂ ସର୍ବାଣୀ ଦାସ ଯୁଗଳବନ୍ଦୀ ପରିବେଷଣ କରିଥିଲେ। ଭୂପେନ୍ଦ୍ର ଶ୍ରୀୱାସ, ନାରାୟଣ ବରଗାହା ତବଲା ବାଦନ କରିଥିଲେ। ମହାରାଷ୍ଟ୍ର ଜଲଗାଓଁରୁ ଆସିଥିବା ଅମ୍ରିତେଶ ସାଣ୍ଡିଲ୍ୟ ତବଲା ସୋଲ ବାଦନ କରି ସମସ୍ତଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ। ଗାନ୍ଧର୍ବ ସଙ୍ଗୀତ କଳାପୀଠ ଅଧ୍ୟକ୍ଷ ଯାମିନୀକାନ୍ତ ମିଶ୍ରଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଶିବିରକୁ ପ୍ରଜ୍ଞା ମିଶ୍ର ପରିଚାଳନା କରିଥିଲେ। ପଣ୍ଡିତ କୁଳମଣି ସାହୁ, ପଣ୍ଡିତ ଜବାହର ମିଶ୍ର ଯୋଗଦେଇଥିଲେ।

# ସ୍ୱାମୀ ବିବେକାନନ୍ଦଙ୍କ ବିଚାର ଅନୁଶୀଳନ ପାଇଁ ଆହ୍ୱାନ



କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅତିଥିମାନେ ।

ପୁରୀ, ୧୨।୯(ଅଜିତ ମହାନ୍ତି):

**ବିଶ୍ୱ ଭ୍ରାତୃତ୍ୱ ଦିବସ ପାଳିତ**

ବିବେକାନନ୍ଦ କେନ୍ଦ୍ର ଶ୍ରୀକ୍ଷେତ୍ର ପୁରୀ ଆନୁକୂଲ୍ୟରେ ମଙ୍ଗଳବାର ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ ପରିସରରେ ବିଶ୍ୱ ଭ୍ରାତୃତ୍ୱ ଦିବସ ପାଳିତ ହୋଇଛି। ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ରବୀନ୍ଦ୍ର କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିବେକାନନ୍ଦ କେନ୍ଦ୍ର ଉପଦେଷ୍ଟା ତଥା ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦର ପ୍ରାକ୍ତନ ଅଧ୍ୟକ୍ଷ ପ୍ରଫେସର ବାସୁଦେବ ଛାଟୋଇ ସାମ୍ପ୍ରତିକ ପରିପ୍ରେକ୍ଷୀରେ ବିଶ୍ୱ ଭ୍ରାତୃତ୍ୱ ଦିବସ ପାଳନର ପ୍ରାସଙ୍ଗିକତା ସମ୍ପର୍କରେ ଆଲୋଚନା କରିବା ସହ ସ୍ୱାଗତ ଭାଷଣ ଦେଇଥିଲେ। ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ଶତ୍ରୁଘ୍ନ ପାଣିଗ୍ରାହୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସ୍ୱାମୀ ବିବେକାନନ୍ଦ କିପରି ଭାତୃତ୍ୱ ବଳରେ ବିଶ୍ୱରେ ପରିବର୍ତ୍ତନ ଆଣିବା ପାଇଁ ଚେଷ୍ଟା କରିଥିଲେ ତାହା ପ୍ରତିପାଦିତ କରିଥିଲେ। ବିବେକାନନ୍ଦ କେନ୍ଦ୍ର କନ୍ୟାକୁମାରୀର ଜୀବନବ୍ରତୀ ତଥା ଓଡ଼ିଶା ପ୍ରାନ୍ତ ସଙ୍ଗଠକ କାଞ୍ଚନ ମୁଖ୍ୟବକ୍ତା ଭାବେ ଯୋଗଦେଇ ସ୍ୱାମୀ ବିବେକାନନ୍ଦଙ୍କ ଚିକାଗୋ ଧର୍ମ ସମ୍ମିଳନୀରେ ପ୍ରଦତ୍ତ ଭାଷଣ କିପରି ବିଶ୍ୱ ଶାନ୍ତିର ବାର୍ତ୍ତାବହ ହୋଇପାରିଥିଲା ତାହା ବର୍ଣ୍ଣନା କରିଥିଲେ। ଏଥିସହ ଯୁବ ସମାଜକୁ ଦେଶ ମାତୃକାର ସେବା ପାଇଁ ଦୈନିକ କିଛି ସମୟ ଉତ୍ସର୍ଗ କରିବାକୁ ଆହ୍ୱାନ ଦେଇଥିଲେ। ସ୍ୱାମୀ ବିବେକାନନ୍ଦଙ୍କ ବିଚାରକୁ ଅନୁଶୀଳନ କରିବା ପାଇଁ କୁଳପତି ପଣ୍ଡା ପରାମର୍ଶ ଦେଇଥିଲେ। ସୁରଜମଲ ଶାହା ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟାପକ ତଥା ଜାତୀୟ ସେବା ଯୋଜନାର କାର୍ଯ୍ୟକାରୀ ଅଧିକାରୀ ସୁକାନ୍ତ କୁମାର ମହାନ୍ତି ସ୍ୱରଚିତ କବିତା ବିଶ୍ୱ ବିଜୟୀ ବିବେକାନନ୍ଦ ଆବୃତ୍ତି କରିବା ସହ ଧନ୍ୟବାଦ ଦେଇଥିଲେ। ଅଧ୍ୟାପକ ଡ. ଚନ୍ଦନ କୁମାର ମିଶ୍ର ସଭା ପରିଚାଳନା କରିଥିଲେ। ବିଶ୍ୱବିଦ୍ୟାଳୟ ପରୀକ୍ଷା ନିୟନ୍ତ୍ରକ ବସନ୍ତ କୁମାର ମିଶ୍ର, ଅଧ୍ୟାପକ ଯୋଗେଶ୍ୱର ମହାନ୍ତି, ଡ. ମନୋଜ କୁମାର ସାମନ୍ତରା, ଶ୍ରୀଧର ପାତ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଆଳିପିଙ୍ଗଳ ଗ୍ରାମରେ ଅଜଣା ଜନ୍ତୁ ଆତଙ୍କ

ନିମାପଡ଼ା, ୧୨।୯(ବିଚିତ୍ରାନନ୍ଦ ସାହୁ)

**ସନ୍ଧ୍ୟାପରେ ପଦାକୁ ବାହାରୁନାହାନ୍ତି ଲୋକେ**

ନିମାପଡ଼ା ବ୍ଲକ ଅଧୀନ ଡେଙ୍ଗୁଆଁ ଗ୍ରାମ ପଞ୍ଚାୟତର ଆଳିପିଙ୍ଗଳ ଗ୍ରାମରେ ଅଜଣା ଜନ୍ତୁଙ୍କ ଭୟରେ ଗ୍ରାମବାସୀ ଆତଙ୍କିତ ହୋଇପଡ଼ିଛନ୍ତି। ସନ୍ଧ୍ୟା ପରେ ଆଳିପିଙ୍ଗଳ ଓ ଆଖପାଖ ଗ୍ରାମରେ ୫/୬ଟି ଅଜଣା ଜନ୍ତୁ ବୁଲୁଥିବା ଗ୍ରାମବାସୀ ଦେଖିଛନ୍ତି। ଏହାର ଭୟରେ ଗ୍ରାମର ମହିଳା, ବୃଦ୍ଧା, ବୃଦ୍ଧ, ଛୋଟ ପିଲା ସନ୍ଧ୍ୟା ପରେ ପଦାକୁ ବାହାରୁ ନାହାନ୍ତି। ଗ୍ରାମର ଘରେ ଘରେ ତାଟି କବାଟ ପଡ଼ିଯାଉଛି। ବହୁ ସ୍କୁଲ କଲେଜ ଛାତ୍ରୀଛାତ୍ର ପାଠ ପଢିବାକୁ କୋଚିଂ ସେଣ୍ଟର ଯାଇ ସନ୍ଧ୍ୟା ପରେ ଫେରିବାକୁ ଭୟ କରୁଛନ୍ତି। ଲୋକେ ଗୁହାଳରେ ଗୋରୁ, ଛେଳି, ମେଣ୍ଢାଙ୍କୁ ରଖିବାକୁ ନିରାପଦ ମଣୁ ନାହାନ୍ତି। ପଞ୍ଚାୟତରେ କେତେ ଜଣ ବ୍ୟକ୍ତିଙ୍କ ଛେଳି, ମେଣ୍ଢା, ଗାଈକୁ ଏହି ଅଜଣା ଜନ୍ତୁ ଗୁହାଳରେ ପଶି ଆକ୍ରମଣ କରିଥିବା ଶୁଣିବାକୁ ମିଳିଛି। ଏ ସମ୍ପର୍କରେ ଗ୍ରାମବାସୀ ବନବିଭାଗ କର୍ତ୍ତୃପକ୍ଷଙ୍କୁ ଜଣାଇଛନ୍ତି। ହେଲେ ସେହି ଜନ୍ତୁକୁ ଧରିବାକୁ ବନ ବିଭାଗ କିଛି ପଦକ୍ଷେପ ଗ୍ରହଣ କରୁ ନ ଥିବା ଗ୍ରାମବାସୀ ବିଶ୍ୱଜିତ୍ ମିଶ୍ର, ଗୋବିନ୍ଦ ବାରିକ୍, ସୋମନାଥ ସାହୁ, ରଶ୍ମିରଞ୍ଜନ ସାହୁ, ସଞ୍ଜୟ ସାହୁ ପ୍ରମୁଖ ଗଣମାଧ୍ୟମକୁ କହିଛନ୍ତି। ଏ ସମ୍ପର୍କରେ ଫରେଷ୍ଟର ପ୍ରଦୀପ ପାଣିଗ୍ରାହୀଙ୍କୁ ପଚାରିବାରେ, ଏହା ଅଜଣା ଜନ୍ତୁ ନୁହେଁ। ଏହା ଏକ ଗୋଠ ଛଡ଼ା ବଡ଼ ଧରଣର ଘୁଷୁରି ଅଟେ। କୌଣସି ବ୍ୟକ୍ତିଙ୍କ ଗୃହପାଳିତ ପଶୁକୁ ଅଜଣା ଜନ୍ତୁ ଆକ୍ରମଣ କରିଥିବା ଖବର ତାଙ୍କ ପାଖେ ନ ଥିବା ସେ କହିଛନ୍ତି। ଖବର ମିଳିଲେ ଜନ୍ତୁକୁ ଧରାଯିବାକୁ ପଦକ୍ଷେପ ନିଆଯିବ ବୋଲି ପାଣିଗ୍ରାହୀ କହିଛନ୍ତି। ତୁରନ୍ତ ସେହି ଅଜଣା ଜନ୍ତୁକୁ ବନ ବିଭାଗ ପକ୍ଷରୁ ଧରାଯିବାକୁ ଗ୍ରାମବାସୀ ବନ କର୍ତ୍ତୃପକ୍ଷଙ୍କଠାରେ ଦାବି କରିଛନ୍ତି।

# ପ୍ରଧାନମନ୍ତ୍ରୀ ସୁରକ୍ଷିତ ମାତୃତ୍ୱ ଅଭିଯାନ କାର୍ଯ୍ୟକ୍ରମ

ପୁରୀ, ୧୨।୯(ଅଜିତ ମହାନ୍ତି):

**୬୦ ଗର୍ଭବତୀଙ୍କ ଗର୍ଭ, ରକ୍ତ ପରୀକ୍ଷା ସହ ଔଷଧ ପ୍ରଦାନ**

ସ୍ଥାନୀୟ କମଳାଦେବୀ ମାତୃ ମଙ୍ଗଳ ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରଧାନମନ୍ତ୍ରୀ ସୁରକ୍ଷିତ ମାତୃତ୍ୱ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୬୦ ଜଣ ଗର୍ଭବତୀଙ୍କ ଗର୍ଭ ପରୀକ୍ଷା ଓ ରକ୍ତ ପରୀକ୍ଷା କରାଯିବା ସହ ଔଷଧ ଦିଆଯାଇଥିଲା। ମାଗଣାରେ ଅଲ୍‌ଟ୍ରାସାଉଣ୍ଡ ପାଇଁ ଘରୋଇ ଡାଇଗ୍ନୋଷ୍ଟିକ କେନ୍ଦ୍ରକୁ ପଠାଯାଇଥିଲା। ୫୬ଜଣ ଅଲ୍‌ଟ୍ରାସାଉଣ୍ଡ କରିଥିବାବେଳେ ୬ଜଣ ରକ୍ତହୀନତାଙ୍କୁ ଆବଶ୍ୟକ ଔଷଧ ପ୍ରଦାନ କରାଯାଇଥିଲା। ୫ଜଣଙ୍କ ଅବସ୍ଥା ସାମାନ୍ୟ ଗୁରୁତର ଥିବା ଚିହ୍ନଟ ହୋଇଥିଲା। ସମସ୍ତଙ୍କୁ ମାଗଣାରେ ସୁଷମ ପୁଷ୍ଟିକର ଖାଦ୍ୟ ପ୍ରଦାନ ସହ ଗର୍ଭାବସ୍ଥାର ଯତ୍ନ ନେବା ଏବଂ ଡାକ୍ତରଖାନରେ ପ୍ରସବ ପାଇଁ ପରାମର୍ଶ ଦିଆଯାଇଥିଲା। କେଡିଏମ୍‌ଏମ୍‌ର ମେଡିକାଲ ଅଫିସର ଡାକ୍ତର ସୌମ୍ୟରଞ୍ଜନ ଷଡ଼ଙ୍ଗୀଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ନର୍ସ ଗୀତାଞ୍ଜଳି ନାୟକ, ପ୍ରତିଭା ମଞ୍ଜରୀ କାଣ୍ଡି, ଫାର୍ମାସିଷ୍ଟ ମଥୁରାମୋହନ ନାୟକ, ଆଟେଣ୍ଡାଣ୍ଟ ଲିପି ଆଚାର୍ଯ୍ୟ ଏବଂ ଭି. ଦିଲ୍ଲେଶ୍ୱରୀ ସହଯୋଗ କରିଥିଲେ।

### ତହସିଲଦାରଙ୍କୁ ଡେଙ୍ଗୁ

କଣାସ, ୧୨।୯(ବିଭୂତି ଭୂଷଣ ତ୍ରିପାଠୀ)

କଣାସ ତହସିଲଦାର ସନ୍ତୋଷ ପାଣିଗ୍ରାହୀ ଡେଙ୍ଗୁରୋଗରେ ଆକ୍ରାନ୍ତ ହୋଇଥିବା ଜଣାପଡିଛି। ପାଣିଗ୍ରାହୀ କିଛିଦିନ ହେଲା ଅସୁସ୍ଥ ଅନୁଭବ କରି ଆସୁଥିଲେ। ସେ ଭୁବନେଶ୍ୱରଠାରେ ମଙ୍ଗଳବାର ରକ୍ତପରୀକ୍ଷା କରିବାରୁ ତାଙ୍କୁ ଡେଙ୍ଗୁ ହୋଇଥିବା ଜଣାପଡିଥିଲା।

# ଆର୍ଥିକ ସାକ୍ଷରତା, ସଚେତନତା ଶିବିର

ସାକ୍ଷୀଗୋପାଳ, ୧୨।୯(ଭରତ ରାଉତ)

ସତ୍ୟବାଦୀ ବ୍ଲକ ପରିସରରେ ଥିବା ପଞ୍ଚାୟତ ସମିତି ସଭାଗୃହ ପରିସରରେ ଆର୍ଥିକ ସାକ୍ଷରତା ଓ ସଚେତନତା ଶିବିର ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଜିଲା ପ୍ରଶାସନ ଏବଂ ଜିଲା ସଞ୍ଚୟ ଓ ଆର୍ଥିକ ସେବା ବିଭାଗ ପକ୍ଷରୁ ଏହି ଶିବିର ଆୟୋଜିତ ହୋଇଥିଲା। ଅତିଥିଭାବେ ଅତିରିକ୍ତ ଜିଲା ପ୍ରଶାସନ ତଥା ବିପର୍ଯ୍ୟୟ ପ୍ରଶମନ ପରିଚାଳନା ଡ. ଶରତଚନ୍ଦ୍ର ମହାପାତ୍ର, ସତ୍ୟବାଦୀ ବ୍ଲକ ଅଧ୍ୟକ୍ଷ ସୁନୀଲ ପଣ୍ଡା, ଡେପୁଟି ସୁପରିଟେଣ୍ଡେଣ୍ଟ ଜିଲା ପୋଷ୍ଟ ଅଫିସର ଅଧିକାରୀ ଅଜୟ ସ୍ୱାଇଁ, ବିଡିଓ ଲୋଚନ ଦାସ ପ୍ରମୁଖ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ଡିଜିଟାଲ ଦୁନିଆରେ ସଚେତନତାର ଅଭାବ ରହିଛି। ଯେତେ ସଚେତନ କରାଯିବ ଯୋଜନାଗୁଡିକ ସଫଳ ହୋଇପାରିବ ବୋଲି ବ୍ଲକ ଅଧ୍ୟକ୍ଷ ପଣ୍ଡା କହିଥିଲେ। ଜିଲା ସ୍ୱଳ୍ପ ସଞ୍ଚୟ ଅଧିକାରୀ ବିଭୂତି ଭୂଷଣ ନାୟକ କାର୍ଯ୍ୟକ୍ରମକୁ ପରିଚାଳନା କରିବା ସହ ସବୁ ପରିବାର ପୋଷ୍ଟ ଅଫିସରେ ଥିବା ସଞ୍ଚୟ ଯୋଜନାରେ ସାମିଲ ହେବାକୁ ମତପ୍ରକାଶ କରିଥିଲେ। ସଚେତନତା ଶିବିରରେ ଅଙ୍ଗନୱାଡ଼ି କର୍ମୀ, ସୁପରଭାଇଜରଙ୍କ ସହିତ ବିଭିନ୍ନ ମହିଳା ଗୋଷ୍ଠୀର ମା'ମାନେ ଯୋଗଦେଇଥିଲେ।

# ସଙ୍ଗୀତ ଗୁରୁ ଚନ୍ଦ୍ରମଣିଙ୍କ ଶ୍ରଦ୍ଧାଞ୍ଜଳି ସଭା

ନିମାପଡ଼ା, ୧୨।୯(ବିଚିତ୍ରାନନ୍ଦ ସାହୁ)

ସଙ୍ଗୀତ ଗୁରୁ ଚନ୍ଦ୍ରମଣି ଲେଙ୍କାଙ୍କ ପୁରୀଠାରେ ସୋମବାର ମୃତ୍ୟୁ ଘଟିଛି। ତାଙ୍କ ମୃତ୍ୟୁ ଖବରରେ ନିମାପଡ଼ା ସଙ୍ଗୀତପ୍ରେମୀଙ୍କ ମଧ୍ୟରେ ଶୋକର ଛାୟା ଖେଳିଯାଇଛି। ସ୍ୱର୍ଗତ ଲେଙ୍କା ନିମାପଡ଼ା ଓଡ଼ିଶୀ ବିକାଶ ପରିଷଦର ସଭାପତି ଥିଲେ। ଓଡ଼ିଶା ସଙ୍ଗୀତ, ନାଟକ ଏକାଡେମୀ ଦ୍ୱାରା ପୁରସ୍କୃତ ହୋଇଥିବାବେଳେ ଆକାଶବାଣୀ ଓ ଦୂରଦର୍ଶନର ସ୍ୱନାମଧନ୍ୟ କଳାକାର ଭାବେ ବହୁ ସୁଖ୍ୟାତି ଅର୍ଜନ କରିଥିଲେ। ଏହି ଅବସରରେ ନିମାପଡ଼ା ଓଡ଼ିଶୀ ବିକାଶ ପରିଷଦ ପକ୍ଷରୁ କାର୍ଯ୍ୟାଳୟଠାରେ ଏକ ଶ୍ରଦ୍ଧାଞ୍ଜଳି ସଭା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ସମାରୋହରେ ପରିଷଦର ସଭାପତି ବାହାଦୁର ବଳବନ୍ତରାୟ ଅଧ୍ୟକ୍ଷତା କରିଥିଲେ। ଅତିଥି ଭାବେ ଶିକ୍ଷାବିତ୍ ପ୍ରଫେସର, ନିରଞ୍ଜନ ରଥ, ଉପସଭାପତି ପ୍ରଫୁଲ୍ଲ ନାୟକ, ସମ୍ପାଦକ ରବି ନାରାୟଣ ଛାଟୋଇ, ଡ. ରବୀନ୍ଦ୍ରନାଥ ପାଢ଼ୀ, ନୃତ୍ୟଗୁରୁ ବିଷ୍ଣୁଚରଣ ସାସମଲ, ବିଶ୍ୱମ୍ଭର ସାହୁ, ଭଗବାନ ମିଶ୍ରଙ୍କ ସମେତ ବହୁ କଳାପ୍ରେମୀ, ଓଡ଼ିଶୀ ନୃତ୍ୟ ଶିଳ୍ପୀ ଯୋଗଦେଇ ସ୍ୱର୍ଗତ ଲେଙ୍କାଙ୍କ ଉଦ୍ଦେଶ୍ୟରେ ଗଭୀର ଶ୍ରଦ୍ଧାଞ୍ଜଳି ଜଣାଇଥିଲେ।

# 'ହେ ଦୀନବନ୍ଧୁ, ତୁମକୁ ପ୍ରଣାମ...'

ପୁରୀ, ୧୨।୯(ଅଜିତ ମହାନ୍ତି):

ଓଡ଼ିଶାର ଶିକ୍ଷକଙ୍କ ଜୀବନ ଜୀବିକାର ସୁରକ୍ଷା ଓ ବିକାଶ ସହ ଆଦର୍ଶ ଛାତ୍ରୀଛାତ୍ର ସୃଷ୍ଟିରେ ଶିକ୍ଷାବିତ ସ୍ୱର୍ଗତ ଦୀନବନ୍ଧୁ ମିଶ୍ର ସ୍ମରଣୀୟ ରହିବେ ବୋଲି ପ୍ରାକ୍ତନ କେନ୍ଦ୍ରମନ୍ତ୍ରୀ ତଥା ସ୍ୱର୍ଗତ ମିଶ୍ରଙ୍କ ପୂର୍ବତନ ଛାତ୍ର ବ୍ରଜକିଶୋର ତ୍ରିପାଠୀ କହିଛନ୍ତି। ସ୍ୱର୍ଗତ ଦୀନବନ୍ଧୁ ମିଶ୍ରଙ୍କ ସ୍ମୃତିରେ ପୁରୀ ସୁନ୍ଦରା ଜାଗା କଲ୍ୟାଣ ମଣ୍ଡପ ପରିସରରେ ପ୍ରାକ୍ତନ ଛାତ୍ର ତଥା ଗାଳ୍ପିକ ବଦ୍ରି ମିଶ୍ରଙ୍କ ଅଧ୍ୟକ୍ଷତାରେ 'ହେ ଦୀନବନ୍ଧୁ ତୁମକୁ ପ୍ରଣାମ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୁରୀ ସଦର ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ ଯୋଗଦେଇ ଶିକ୍ଷକ ଦୀନବନ୍ଧୁ ମିଶ୍ର ତାଙ୍କ ଶିକ୍ଷାଦାନ ପାଇଁ ସଦା ସ୍ମରଣ ରହିବେ ବୋଲି କହିଥିଲେ। କାର୍ଯ୍ୟକ୍ରମକୁ ସାମ୍ବାଦିକ ମଧୁସୂଦନ ମିଶ୍ର ପରିଚାଳନା କରିଥିଲେ। ପ୍ରାକ୍ତନ ପୌରପାଳ ଗୌରହରି ପ୍ରଧାନ, ଶିକ୍ଷାବିତ୍ ବିନାୟକ ରଥ, ଡ. ସିଦ୍ଧେଶ୍ୱର ମହାପାତ୍ର, ସୁରେଶ ଚନ୍ଦ୍ର ରଥ, ସନ୍ତୋଷ ମିଶ୍ର, ଡା. ସୁରେନ୍ଦ୍ରନାଥ ପତି, ଡା. କଳ୍ପଲତା ପତି, ସୁରେଶ ଚନ୍ଦ୍ର କର, ସୁବୋଧ ଷଡଙ୍ଗୀ, କଳ୍ପନା ମିଶ୍ର, ନରେନ୍ଦ୍ର ପାତ୍ର, ପଙ୍କଜଲୋଚନ ଦାଶ, ଶାନ୍ତିଭୂଷଣ ମିଶ୍ର, ମନୋଜ ରଥ, ନିର୍ମଳା ଫତେସିଂହ, ଦେବୀପ୍ରସନ୍ନ ନନ୍ଦ, ସୁନିତା ମିଶ୍ର, ଶ୍ୟାମପ୍ରକାଶ ସେନାପତି ପ୍ରମୁଖ ସ୍ୱର୍ଗତ ମିଶ୍ରଙ୍କ ସ୍ମୃତିଚାରଣ କରିଥିଲେ। ଏହି ଅବସରରେ ସ୍ୱର୍ଗତ ମିଶ୍ରଙ୍କ ସହଧର୍ମିଣୀ ସ୍ୱର୍ଣ୍ଣଲତା ମିଶ୍ରଙ୍କ ସମେତ ତାଙ୍କ ପରିବାର ଓ ସମ୍ପର୍କୀୟଙ୍କ ଉପସ୍ଥିତିରେ ପୁତୁରା ମଧୁସୂଦନ ମିଶ୍ରଙ୍କ ସମ୍ପାଦିତ ପୁସ୍ତକକୁ ଅତିଥିମାନେ ଉନ୍ମୋଚନ କରିଥିଲେ। ଶିକ୍ଷାବିତ୍ ଦୀନବନ୍ଧୁଙ୍କ ସ୍ମୃତିରେ ପ୍ରତିବର୍ଷ ମ୍ୟୁନିସିପାଲ୍ ହାଇସ୍କୁଲ, ବିଶ୍ୱମ୍ଭର ବିଦ୍ୟାପୀଠ ଓ ବଳଗଣ୍ଡି ବିଦ୍ୟାପୀଠର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯିବାକୁ ଘୋଷଣା କରାଯାଇଥିଲା। କାର୍ଯ୍ୟକ୍ରମରେ ଅନେକ ଶିକ୍ଷୟିତ୍ରୀ ଶିକ୍ଷକ ଓ ମାନ୍ୟଗଣ୍ୟ ବ୍ୟକ୍ତି ବିଶେଷ ଉପସ୍ଥିତ ଥିଲେ।


ସ୍ମୃତି ସଭାରେ ଯୋଗଦେଇଥିବା ଅତିଥିମାନେ ।

# ୪ ବ୍ଲକର ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷାଦାନ ବାଧାପ୍ରାପ୍ତ

ନିମାପଡ଼ା, ୧୨।୯(ବିଚିତ୍ରାନନ୍ଦ ସାହୁ)/ ପିପିଲି, (ଦୁର୍ଗାମାଧବ ମିଶ୍ର)/ ଡେଲାଙ୍ଗ, (ରଶ୍ମିରଞ୍ଜନ ପ୍ରଧାନ) /କଣାସ (ବିଭୂତି ଭୂଷଣ ତ୍ରିପାଠୀ)

- ୫ମ ଦିନରେ ଶିକ୍ଷକଙ୍କ ଆନ୍ଦୋଳନ
- ଚିନ୍ତାରେ ଛାତ୍ରୀଛାତ୍ର, ଅଭିଭାବକ

ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ଫେଡେରେଶନର ଆହ୍ୱାନକ୍ରମେ ୩ ଦଫା ଦାବି ନେଇ ନିମାପଡ଼ା ବ୍ଲକର ୬ଶହରୁ ଉର୍ଦ୍ଧ୍ୱ ଶିକ୍ଷୟିତ୍ରୀ ଶିକ୍ଷକ ଆନ୍ଦୋଳନରେ ସାମିଲ ହୋଇଛନ୍ତି। ଫଳରେ ବ୍ଲକରେ ୨୩୭ଟି ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ୫ ଦିନ ହେଲା ତାଲା ଝୁଲୁଛି। ୧୫ ହଜାରରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ରଙ୍କ ପାଠପଢା ଠପ ହୋଇଯାଇଛି। ସ୍ଥାନୀୟ ବିଇଓଙ୍କ ଅଫିସ ସମ୍ମୁଖରେ ବ୍ଲକର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଗତ ୮ ତାରିଖରୁ ବିକ୍ଷୋଭ ପ୍ରଦର୍ଶନ ଚଳାଇଛନ୍ତି। ମଙ୍ଗଳବାର ଏହି ଆନ୍ଦୋଳନ ୫ମ ଦିନରେ ପହଞ୍ଚିଛି। ଦାବି ପୂରଣ ନ ହେଲେ ଏହା ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଚାଲିବ ଓ ଆଗାମୀ ଦିନରେ ଏହା ଅଧିକ ତୀବ୍ର ରୂପ ନେବ ବୋଲି ବ୍ଲକ ପ୍ରାଥମିକ ଶିକ୍ଷକ ୟୁନିୟନ ସଭାପତି ଶ୍ରୀମନ୍ତ ଶେଖର ରଥ, ସମ୍ପାଦକ କଲ୍ୟାଣ ସ୍ୱାଇଁ, ଉପସଭାପତି ତିଲୋତ୍ତମା ଦାଶ, ସମନ୍ୱୟ ସମିତି ସଭାପତି ଗଙ୍ଗାଧର ପତି, ଶିକ୍ଷକ ନେତା ସୁକାନ୍ତ ସ୍ୱାଇଁ ପ୍ରମୁଖ କହିଛନ୍ତି।

ସେହିପରି ପିପିଲିରେ ବିଇଓ ଅଫିସ୍ ସମ୍ମୁଖରେ ଶିକ୍ଷୟିତ୍ରୀ ଶିକ୍ଷକ ବିକ୍ଷୋଭ ଚଳାଇଛନ୍ତି। ମଙ୍ଗଳବାର ଘଟଣାସ୍ଥଳରେ ଭାଜପା ରାଷ୍ଟ୍ରୀୟ ପ୍ରବକ୍ତା ସମ୍ବିତ ପାତ୍ର, ପୁରୀ ଜିଲା ଭାଜପା ସଭାପତି ଆଶ୍ରିତ ପଟ୍ଟନାୟକ, କଂଗ୍ରେସ ରାଜ୍ୟ ମୁଖପାତ୍ର ନିଶିକାନ୍ତ ମିଶ୍ର ଯୋଗଦେଇ ଶିକ୍ଷକଙ୍କ ନ୍ୟାଯ୍ୟ ଦାବିଗୁଡ଼ିକୁ ସମର୍ଥନ ଜଣାଇଛନ୍ତି। ଆସନ୍ତା ବିଧାନସଭାରେ ବିରୋଧୀ ଦଳର ନେତା ଜୟ ନାରାୟଣ ମିଶ୍ର ଶିକ୍ଷକଙ୍କ ଦାବି ଉଠାଇବାକୁ ବ୍ୟବସ୍ଥା କରାଇବେ ବୋଲି ସମ୍ବିତ ପାତ୍ର କହିଥିଲେ। ଆନ୍ଦୋଳନରେ ମିଳିତ ପ୍ରାଥମିକ ଶିକ୍ଷକ ସଂଘ ସଭାପତି ସୁକାନ୍ତ ନାୟକ, ସମ୍ପାଦକ କୃଷ୍ଣଚନ୍ଦ୍ର ସାହୁ, ଜିଲା ଯୁଗ୍ମ ସମ୍ପାଦକ ଜିତେନ୍ଦ୍ର ନାୟକ, ଏନ୍‌ପିଏସ୍ ସଭାପତି ଜୟପ୍ରକାଶ ପ୍ରଧାନ, ସମ୍ପାଦକ ଲକ୍ଷ୍ମୀଧର ସାହୁ, ରାଜ୍ୟ ମହାସଚିବ ବିକ୍ରମ ରଥ, ଉପଦେଷ୍ଟା ଚିନ୍ତାମଣି ଓଝା ପ୍ରମୁଖ ସାମିଲ ହୋଇଥିଲେ।

କଣାସ ବିଇଓଙ୍କ କାର୍ଯ୍ୟାଳୟରେ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ଗଣଧାରଣା ଚାଲୁ ରହିଛି। ବିଦ୍ୟାଳୟକୁ ଛାତ୍ରୀଛାତ୍ର ଆସୁଥିଲେ ମଧ୍ୟ ପାଠପଢା ହେଉନାହିଁ। ପିଲାମାନେ ପାଚିକା, ସହାୟିକାଙ୍କଠାରୁ ମଧ୍ୟାହ୍ନ ଭୋଜନ ଖାଇ ଘରକୁ ଫେରୁଛନ୍ତି। ୨୦୧୭ ଠାରୁ ରାଜ୍ୟ ସରକାର ସେମାନଙ୍କର ଦାବିଗୁଡ଼ିକ ପୂରଣ କରିବେ ବୋଲି ପ୍ରତିଶ୍ରୁତି ଦେଇ ମଧ୍ୟ ୬ ବର୍ଷ ହେଲା ଏଥିରେ ସାମାନ୍ୟତମ ପଦେକ୍ଷପ ନେଇନାହାନ୍ତି। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଏହି ଆନ୍ଦୋଳନ ଚାଲୁ ରହିବ ବୋଲି ବ୍ଲକର ଶିକ୍ଷକ ନେତା ପ୍ରହ୍ଲାଦ ମାନସିଂ, ପ୍ରତାପକେଶରୀ ଛୋଟରାୟ, ସୁଶାନ୍ତ ନରେନ୍ଦ୍ର, ପ୍ରତାପକେଶରୀ ରାୟ, ଅନୀୟ ଛୋଟରାୟ, ଟୁଲୁ ଚନ୍ଦ୍ର ନାୟକ, ସର୍ବେଶ୍ୱର ଦାସ ପ୍ରମୁଖ ପ୍ରକାଶ କରିଛନ୍ତି।

ଡେଲାଙ୍ଗ ବ୍ଲକର ସହସ୍ରାଧିକ ଶିକ୍ଷୟିତ୍ରୀ ଶିକ୍ଷକ ଶୁକ୍ରବାରଠାରୁ ବିଇଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଛନ୍ତି। ସରକାର ଶିକ୍ଷକଙ୍କୁ ବାରମ୍ବାର ପ୍ରତିଶ୍ରୁତି ଦେଇ ବୁଲାଉଥିବାବେଳେ ବ୍ଲକରେ କାର୍ଯ୍ୟବନ୍ଦ ଆନ୍ଦୋଳନ କରିଥିବା ଶିକ୍ଷକ ସଂଘ କହିଛି। ବ୍ଲକର ୧୦୦ ସ୍କୁଲରେ ତାଲା ଝୁଲିବା ସହ ମଧ୍ୟାହ୍ନ ଭୋଜନ ଠପ ହୋଇଯାଇଛି। ମଙ୍ଗଳବାର ଭାଜପା ରାଷ୍ଟ୍ରୀୟ ପ୍ରବକ୍ତା ପାତ୍ର, ଜିଲା ସଭାପତି ପଟ୍ଟନାୟକ ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଛନ୍ତି। ଶିକ୍ଷକ ଦୟାନିଧି ମାର୍ଥା, ପବିତ୍ର ମୋହନ ଜେନା, ଅଭିମନ୍ୟୁ ପ୍ରଧାନ, ଦୁର୍ଯ୍ୟୋଧନ ପ୍ରଧାନ, ଲୋକନାଥ ପ୍ରଧାନ, ବିଚିତ୍ରାନନ୍ଦ ନାୟକ ପ୍ରମୁଖ ଆନ୍ଦୋଳନରେ ସାମିଲ ହୋଇଛନ୍ତି।



ନିମାପଡା ବିଇଓଙ୍କ ଅଫିସ ସମ୍ମୁଖରେ ଶିକ୍ଷୟିତ୍ରୀ ଶିକ୍ଷକମାନେ ଧାରଣା ଦେଇଛନ୍ତି ।




ବମିଖାଲ ଓଭରବ୍ରିଜ୍ ତଳ ରାସ୍ତା

# ଯନ୍ତ୍ରଣା ଦେଉଛି ସ୍ମାର୍ଟ ସିଟି ରାସ୍ତା

ଭୁବନେଶ୍ୱର, ୧୨।୯
(ବନ୍ଦନା ସେଠୀ)

ଖାଲଖମାରେ ଭର୍ତ୍ତି ହେବାରେ ଲାଗିଛି ସ୍ମାର୍ଟସିଟି ଭୁବନେଶ୍ୱର। ଯୁଆଡେ ଦେଖିବ ସିଆଡେ ଖାଲ। ସ୍ୱେରେଜ୍, ଇଣ୍ଟରନେଟ୍ କେବୁଲ ତାର ବିଛାଇବା ପାଇଁ ସହରକୁ ଖୋଳି ପୋତି ଛାର୍‌ଖାର କରି ଦେଇଥିବାବେଳେ ମୌସୁମୀ ବର୍ଷା ରାସ୍ତା ଅବସ୍ଥାକୁ ବିଗାଡିଦେଇଛି। ଠିକ୍ ସମୟରେ ମରାମତି ହେଉ ନ ଥିବାରୁ ଛୋଟ ଖାଲ ବଡ଼ବଡ଼ ଗାତରେ ପରିଣତ ହୋଇ ସହରବାସୀଙ୍କ ପାଇଁ ମରଣଯନ୍ତା ପାଲଟିଛି। କଟକ ରୋଡ୍, ଝାରପଡ଼ା, ଶହୀଦନଗର, ସତ୍ୟନଗର, ବମିଖାଲ, ପଳାଶୁଣୀ ଭଳି ସହରର ଅଧିକାଂଶ ସ୍ଥାନର ସ୍ଥିତି ସାଂଘାତିକ ରହିଛି। ପ୍ରତିଦିନ ଶହ ଶହ ଗାଡ଼ି ମୋଟର ସମ୍ପୃକ୍ତ ରାସ୍ତା ଦେଇ ଯାଉଥିବାବେଳେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ବର୍ଷାପାଣିରେ ଖାଲଖମା କିଛି ଜଣା ପଡୁନାହିଁ। ଫଳରେ ଅନେକ ସମୟରେ ଦୁର୍ଘଟଣା ହେଉଛି। ଚଳିତ ମାସ ୧୭ରେ ବିଶ୍ୱକର୍ମା ପୂଜା ଥିବାବେଳେ ୧୯ରେ ବିଘ୍ନବିନାଶକ ଗଜାନନଙ୍କ ପୂଜା। ପୁଣି ଆଗକୁ ରହିଛି ପାର୍ବଣ ଋତୁ। ସାଧାରଣତଃ ଭୁବନେଶ୍ୱରର ବିଭିନ୍ନ ରାସ୍ତାରେ ଟ୍ରାଫିକ୍ ସମସ୍ୟା ଲାଗି ରହୁଥିବାବେଳେ ପାର୍ବଣ ସମୟରେ ପ୍ରବଳ ଗହଳି ହୋଇଥାଏ। ଏଭଳି କ୍ଷେତ୍ରରେ ଖାଲଖମା ଯୋଗୁ ରାସ୍ତାରେ ଯାତାୟାତ କରିବା କଷ୍ଟକର ହୋଇପଡିବ। ହାତରେ ଆଉ ସପ୍ତାହେ ସମୟ ଥିବାବେଳେ ଏ ଯାଏ ସହରର ରାସ୍ତା ମରାମତି ନେଇ ସେପରି କିଛି ପଦକ୍ଷେପ ନିଆଯାଇ ନାହିଁ।

## ପାର୍ବଣ ପୂର୍ବରୁ କାମ ସରିବା ନେଇ ଆଶଙ୍କା



କଟକ ରୋଡ୍‌ର ଲକ୍ଷ୍ମୀସାଗର ଛକ ନିକଟ ରାସ୍ତାରେ ହୋଇଥିବା ଖାଲ।

ରାସ୍ତାଘାଟର ଅବ୍ୟବସ୍ଥାକୁ ଦେଖି ଏହାର ନିରାକରଣ ପାଇଁ ବିଏମ୍‌ସି ଅଣ୍ଟା ଭିଡିଥିଲା। ସହରର କେଉଁ ୱାର୍ଡର କେଉଁ କେଉଁ ସ୍ଥାନରେ କେତେ ଖାଲଖମା ରହିଛି ତାହାର ତାଲିକା ପ୍ରସ୍ତୁତ କରିବା ସହ ସେଗୁଡିକର ଫଟୋ ଉଠାଇ ଆଣିବାକୁ କମିଶନର ବିଜୟ ଅମୃତା କୁଲାଙ୍ଗେ ଅଗଷ୍ଟ ୮ରେ ନିର୍ଦ୍ଦେଶ ଦେଇଥିଲେ। ଏଥିସହ ଶୀଘ୍ର ଟେଣ୍ଡର କରାଯାଇ ସେପ୍ଟେମ୍ବର ମାସରେ ଏହାର କାମ ଆରମ୍ଭ କରାଯିବ ବୋଲି ମଧ୍ୟ କହିଥିଲେ। ସହରରେ ରହିଥିବା ବିଭିନ୍ନ ରାସ୍ତା ଓ ସ୍ଥାନ ବିଏମ୍‌ସି, ପୂର୍ତ୍ତ ବିଭାଗ, ଇଡ୍‌କୋ, ଜାତୀୟ ରାଜପଥ ପ୍ରାଧିକରଣର ହୋଇଥିବାବେଳେ ଏହାର ସୁରକ୍ଷା ଏବଂ ନିରାପତ୍ତା ମଧ୍ୟ ସବୁ ବିଭାଗର ଦାୟିତ୍ୱ। ତେବେ ଜନହିତ ଦୃଷ୍ଟିରୁ ବିଏମ୍‌ସି ଏସବୁକୁ ନିଶ୍ଚିତ କରିବା ପାଇଁ ନେତୃତ୍ୱ ନେଇ ସମସ୍ତ ବିଭାଗ ସହ ଏକ ସମନ୍ୱୟ ବୈଠକ କରିଥିଲା। ମାତ୍ର କାମ ଆରମ୍ଭ ହେବା ତ ଦୂରର କଥା, ଏ ଯାଏ ସମସ୍ତ ବିଭାଗ ଠିକ୍ ଭାବେ ତାଲିକା ମଧ୍ୟ ଦେଇନାହାନ୍ତି। ବର୍ଷାରେ ସହର ଯେପରି ଜଳବନ୍ଦୀ ସ୍ଥିତି ସୃଷ୍ଟି ନ ହୁଏ ସେଥିପାଇଁ ମୌସୁମୀ ପୂର୍ବରୁ ସମସ୍ତ ୱାର୍ଡରେ ଥିବା ଡ୍ରେନ୍ ସଫା କରିବାକୁ ବିଏମ୍‌ସି ନିର୍ଦ୍ଦେଶ ଦେଇଥିଲା। ମାତ୍ର ଏଯାବତ୍ କାମ ସରି ପାରିଲା ନାହିଁ। ଫଳରେ ଅସରାଏ ବର୍ଷାରେ ସହରବାସୀ ନାହିଁ ନ ଥିବା ଦୁର୍ଦ୍ଦଶା ଭୋଗିଥିଲେ। ଠିକ୍ ସେହିପରି ପାର୍ବଣ ପୂର୍ବରୁ ଯଦି ରାସ୍ତା କାମ ନ ସରେ ତେବେ ଜଳକଷ୍ଟଠାରୁ ରାସ୍ତା ଯନ୍ତ୍ରଣା ବଳି ପଡିବ। ଅପରପକ୍ଷେ ଭିଡ଼ ସମୟରେ ରାସ୍ତା କାମ ଆରମ୍ଭ କଲେ ମଧ୍ୟ ଯାତାୟାତ ପାଇଁ ଲୋକେ ସମସ୍ୟା ଭୋଗିବେ। ଏଥିସହ ନିର୍ଦ୍ଧାରିତ ସମୟ ଆଗରୁ କାମ ସାରିବା ଚାପ ଏହାର ଗୁଣବତ୍ତା ଉପରେ ପ୍ରଭାବ ପକାଇବ। ତେଣୁ ବିଭିନ୍ନ ଦିଗକୁ ଅନୁଧ୍ୟାନ କଲେ ପାର୍ବଣ ଋତୁରେ ମଧ୍ୟ ସହରର ରାସ୍ତାଘାଟ ସହରବାସୀଙ୍କ ଯନ୍ତ୍ରଣାକୁ ଆହୁରି ବଢ଼ାଇଦେବ।

### କ'ଣ କୁହନ୍ତି ଏମାନେ...



"ପୂର୍ବରୁ ବିଭିନ୍ନ ବିଭାଗ ସହ ବୈଠକ କରି ରାସ୍ତାଗୁଡିକର ମରାମତି ପାଇଁ ଆଲୋଚନା କରାଯାଇଥିଲା। ଏହା ଭିତରେ ସେମାନେ କେତେ କ'ଣ କାମ କରିଛନ୍ତି ପୁନର୍ବାର ଆଉ ଏକ ବୈଠକ କରାଯାଇ ତାହାର ସମୀକ୍ଷା କରାଯିବ। ତେବେ ଅକ୍ଟୋବର ଦୁର୍ଗାପୂଜା ପୂର୍ବରୁ ଏହି ସମସ୍ୟାର ସମାଧାନ କରାଯିବା ନେଇ ଯଥାସାଧ୍ୟ ଚେଷ୍ଟା କରାଯାଉଛି। ଏବେ ସହରରେ ଥିବା ମାଟିରାସ୍ତା ଓ ପକ୍କା ରାସ୍ତାର ସର୍ଭେ ଚାଲିଛି। ସମସ୍ତ ମାଟିରାସ୍ତା ଖୁବ୍‌ଶୀଘ୍ର ପକ୍କା ରାସ୍ତାରେ ପରିଣତ ହେବ।

**-ବିଜୟ ଅମୃତା କୁଲାଙ୍ଗେ, ବିଏମ୍‌ସି କମିଶନର**



"କଳ୍ପନାରୁ ରସୁଲଗଡ଼ ଯିବା ପାଇଁ କଟକ ରୋଡ୍ ମୁଖ୍ୟ ମାଧ୍ୟମ। ମାତ୍ର କଟକ ରୋଡ୍‌ର ବିଭିନ୍ନ ସ୍ଥାନରେ ରାସ୍ତା ଭାଙ୍ଗିଗଲାଣି। ସେହିପରି ଲକ୍ଷ୍ମୀସାଗର ଛକରୁ ଝାରପଡ଼ା ଆଡ଼କୁ ଗଲା ବେଳକୁ ସମାନ ଅବସ୍ଥା। ଯେଉଁ ସ୍ଥାନରେ ଛୋଟଛୋଟ ଖାଲ ରହିଛି, ସେଗୁଡିକୁ ମରାମତି କରାଯାଉ ନାହିଁ। ସବୁକିଛି ଜାଣି ବି ବିଏମ୍‌ସି, ପୂର୍ତ୍ତ ବିଭାଗ କେହି କିଛି ପଦକ୍ଷେପ ନେଉ ନାହାନ୍ତି।

**-ପଦ୍ମିନୀ ବଳ, ରାଜଧାନୀ ବାସିନ୍ଦା**



"ସହରସାରା ଖାଲଖମାରେ ଭର୍ତ୍ତି। ବିଏମ୍‌ସିକୁ ଅଭିଯୋଗ କଲେ ସେ କହୁଛି ଏଇଟା ପୂର୍ତ୍ତ ବିଭାଗ କାମ। ପୂର୍ତ୍ତ ବିଭାଗରେ ଅଭିଯୋଗ କଲେ ସେମାନେ ସ୍ୱେରେଜ ବାଲା ଖୋଳିଥିବାରୁ ତେଣୁ ସେମାନେ କରିବେ। ନିଜ ଦାୟିତ୍ୱ ତୁଲାଇବା ବଦଳରେ ଅନ୍ୟ ମୁଣ୍ଡରେ ଦୋଷ ଲଦି ଖସି ଯାଉଛନ୍ତି।

**-ବାବୁଲା ବେହେରା, ରାଜଧାନୀ ବାସିନ୍ଦା**



"ଏଠି ରାସ୍ତା କଥା ନ କହିବା ଭଲ। ବିଭିନ୍ନ ରାସ୍ତାରେ ଖୋଳା ହୋଇ ପଡିଛି। ବମିଖାଲ ସମ୍ମୁଖ ରାସ୍ତାରେ କାମ ଚାଲୁଛି ବୋଲି ୪ମାସରୁ ଊର୍ଦ୍ଧ୍ୱ ହେଲାଣି ବୋର୍ଡ ମରାଯାଇଛି। ହେଲେ ପୂର୍ବରୁ ଯେତିକି ଖାଲ ଥିଲା ଏବେ ତାହା ଆହୁରି ବଢିଯାଇଛି। ତେଣୁ ସେଠାରେ ମରାମତି ଚାଲୁଥିଲା କି ଆହୁରି ଖାଲଖମା ତିଆରି ହେଉଥିଲା ତାହା ବୁଝା ପଡୁନି।

**-ଭାସ୍କର ଚନ୍ଦ୍ର ବଳ, ରାଜଧାନୀ ବାସିନ୍ଦା**

# ୨୫୦ ବୋତଲ କଫସିରପ୍ ଜବତ, ଜଣେ ଗିରଫ

ପୁରୁଣା ଭୁବନେଶ୍ୱର, ୧୨।୯
(ସୁବାସ ଚନ୍ଦ୍ର ପ୍ରଧାନ)

ଶ୍ରୀଲିଙ୍ଗରାଜ ଥାନ ଅଧୀନ ରବିଟକିଜ୍‌ସ୍ଥିତ ଏକ ଔଷଧ ଦୋକାନରୁ ଅବକାରୀ ବିଭାଗ ୨୫୦ ବୋତଲ କଫସିରପ୍ ଜବତ କରିଛି। ଏନେଇ ଅଜୟ କୁମାର ବେହେରାଙ୍କୁ ଗିରଫ କରାଯାଇଛି। ଏନେଇ ବିଭାଗୀୟ ଥାନାରେ ଏକ ମାମଲା (ନଂ.୮୮/୨୩)ରୁଜୁ ହୋଇଛି। ସୂଚନା ମୁତାବକ, ଯେଉଁ କଫ୍‌ସିରପ୍‌ରେ କୋଡାଇନ ଫସ୍‌ପେଟ୍ ରହିଥାଏ। ଏହାକୁ କେବଳ ସ୍ୱୀକୃତିପ୍ରାପ୍ତ ଡାକ୍ତରଙ୍କ ପରାମର୍ଶରେ ଆବଶ୍ୟକ କ୍ଷେତ୍ରରେ ବ୍ୟବହାର ପାଇଁ ନିର୍ଦ୍ଦେଶ ରହିଛି। ଏନ୍‌ଡିପିଏସ୍ ନିୟମ ଧାରା ୩୭ ଅନୁଯାୟୀ କୌଣସି ବ୍ୟକ୍ତି କିମ୍ବା ଔଷଧ ଦୋକାନୀ ଠିକ୍ ଦସ୍ତାବିଜ ନ ଥାଇ ବିକ୍ରି କରିପାରିବେନି। ଏପରିକି ଡାକ୍ତରଙ୍କ ପ୍ରେସ୍‌କ୍ରିପ୍‌ଶନ ନ ଥିଲେ ବିକ୍ରି କରିପାରିବେ ନାହିଁ।

# ରାମେଶ୍ୱର ମନ୍ଦିରର ନୂଆ ଦଧିନଉତି

ପୁରୁଣା ଭୁବନେଶ୍ୱର, ୧୨।୯
(ସୁବାସ ଚନ୍ଦ୍ର ପ୍ରଧାନ)

ରାମେଶ୍ୱର ମନ୍ଦିର ଦଧିନଉତି ଗତ ଜୁଲାଇ ୧୮ରେ ବଜ୍ରପାତରେ ଭାଙ୍ଗି ଖସି ପଡ଼ିଥିଲା। ଏଏସ୍‌ଆଇ ପକ୍ଷରୁ ତଦାରଖ ପରେ ସୋମବାର ସନ୍ଧ୍ୟାରେ ନୂତନ ଦଧିନଉତି ବସାଯାଇଛି। ଦଧିନଉତିର ଗୋଲେଇ ୧୦ଫୁଟ ଏବଂ କଳସର ଗୋଲେଇ ଦେଢ଼ଫୁଟ, ମୋଟ ୨୮ଇଞ୍ଚ। ଏହା କୁଣ୍ଡାପଥରେ ନିର୍ମିତ ହୋଇଛି। ଏଥିପାଇଁ ୨.୫ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିବା ଏଏସ୍‌ଆଇ ପକ୍ଷରୁ କୁହାଯାଇଛି। ଏଏସ୍‌ଆଇ ଅଧୀକ୍ଷକ ସୁଶାନ୍ତ କୁମାର କର ବୈଷୟିକ ଟିମ୍ ସହ ମନ୍ଦିର ଚୂଡ଼ାକୁ ଚଢ଼ି ଘଟଣାର ଯାଞ୍ଚପରେ ଦୀର୍ଘ ୨ମାସ ପରେ ମନ୍ଦିର କଳସ ଲଗେଇବା କାର୍ଯ୍ୟ ସଫଳ ହୋଇଛି। ୩ ସପ୍ତାହ ମଧ୍ୟରେ ମନ୍ଦିରରେ ଆର୍ଥଂ ଲଗାଯିବା ନେଇ ବିଭାଗ ପକ୍ଷରୁ କୁହାଯାଇଛି।



# ରାଜ୍ୟ ଗ୍ରନ୍ଥାଗାର ସମ୍ମୁଖରେ ଦାସିଆ ଅଜାଙ୍କ ପ୍ରତିମୂର୍ତ୍ତି ନିର୍ମାଣ ପ୍ରସ୍ତାବ

ଭୁବନେଶ୍ୱର,୧୨।୯(ଶର୍ମିଷ୍ଠା ପାଣିଗ୍ରାହୀ)

ରାଜ୍ୟ ଗ୍ରନ୍ଥାଗାରରେ ମଙ୍ଗଳବାର ଓଡ଼ିଆ ଭାଷା,ସାହିତ୍ୟ ଓ ସଂସ୍କୃତି ବିଭାଗ ନିର୍ଦ୍ଦେଶକ ଦିଲ୍ଲୀପ ରାଉତରାଏଙ୍କ ଅଧ୍ୟକ୍ଷତାରେ ପାଠାଗାର ଆନ୍ଦୋଳନର ମୁଖ୍ୟ ଦାଶରଥି ପଟ୍ଟନାୟକ (ଦାସିଆ ଅଜା)ଙ୍କ ୨୬ତମ ତିରୋଧାନ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ସ୍ୱତନ୍ତ୍ର ପୁସ୍ତକ ପ୍ରଦର୍ଶନୀ ଓ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା। ଦାସିଆ ଅଜାଙ୍କ ସ୍ୱପ୍ନକୁ ସାକାର କରିବା ପାଇଁ ବିଭିନ୍ନ ପଦକ୍ଷେପମାନ ଗ୍ରହଣ କରିବା ଉପରେ ନିର୍ଦ୍ଦେଶକ ଆଲୋକପାତ କରିଥିଲେ। ରାଜ୍ୟ ଗ୍ରନ୍ଥାଗାର ସମ୍ମୁଖରେ ଦାସିଆ ଅଜାଙ୍କ ପ୍ରତିମୂର୍ତ୍ତି ନିର୍ମାଣ ପାଇଁ ପାଠିକାପାଠକ କର୍ମଚାରୀମାନେ ପ୍ରସ୍ତାବ ଦେଇଥିଲେ।

# ଅକ୍ଟୋବରରେ ଶିଖରଚଣ୍ଡୀ ଜଳ ପ୍ରକଳ୍ପ ପରବର୍ତ୍ତୀ ଶୁଣାଣି

ଭୁବନେଶ୍ୱର, ୧୨।୯ (ବନ୍ଦନା ସେଠୀ)

## ଚନ୍ଦକା ଡିଏଫ୍‌ଓଙ୍କୁ ୨୫ଶହ ଟଙ୍କା ଜରିମାନା

ଶିଖରଚଣ୍ଡୀ ପାହାଡ଼ ଜୈବ ବିବିଧତା ନଷ୍ଟ ପ୍ରସଙ୍ଗ ଶୁଣାଣିକୁ ପୁନର୍ବାର ଅକ୍ଟୋବର ୧୨ପର୍ଯ୍ୟନ୍ତ ସ୍ଥଗିତ ରଖାଯାଇଛି। ଏଥିସହ ଚନ୍ଦକା ଡିଏଫ୍‌ଓଙ୍କୁ ୨୫ଶହ ଟଙ୍କା ଜରିମାନା ଏକ ସପ୍ତାହ ମଧ୍ୟରେ ଦାଖଲ କରିବା ପାଇଁ ଜାତୀୟ ଗ୍ରୀନ୍ ଟ୍ରିବ୍ୟୁନାଲ(ଏନ୍‌ଜିଟି) ସୋମବାର ନିର୍ଦ୍ଦେଶ ଦେଇଛନ୍ତି। ଡିଏଫ୍‌ଓ ସରକାରୀ ଓକିଲଙ୍କୁ ଆବଶ୍ୟକ ତଥ୍ୟ ପ୍ରଦାନ କରିବାରେ ଅବହେଳା କରିଥିବା ଅଭିଯୋଗ ଆସିବା ପରେ ଏନ୍‌ଜିଟି ଏହି ଜରିମାନା ଦେବାକୁ କହିଛନ୍ତି।

ସୂଚନା ଯୋଗ୍ୟ, ଶିଖରଚଣ୍ଡୀ ପାହାଡ଼ର ସୁରକ୍ଷା ପାଇଁ ଏହି ସ୍ଥାନକୁ ବାୟୋ-ଡାଇଭରସିଟି ହେରିଟେଜ୍ ସାଇଟ୍ ଭାବେ ଘୋଷଣା କରିବା ନେଇ ପୂର୍ବରୁ ଚନ୍ଦକା ଗ୍ରାମପଞ୍ଚାୟତ ସରପଞ୍ଚଙ୍କ ପକ୍ଷରୁ ଏକ କପି ଏନ୍‌ଜିଟିରେ ଦାଖଲ କରାଯାଇଥିଲା। ସେହିପରି ଓଡିଶା ଜୈବବିବିଧତା ବୋର୍ଡ଼ କାମ କରୁ ନ ଥିବାରୁ ଏହାକୁ ଯାଞ୍ଚ ପରିସର ମଧ୍ୟକୁ ଅଣାଯାଉ ବୋଲି କୋର୍ଟରେ ଲିଖିତ ଭାବେ ଆବେଦନ କରାଯାଇଛି। ପ୍ରତ୍ୟେକ ପଞ୍ଚାୟତରେ ଜୈବ ବିବିଧତା ବୋର୍ଡ ଗଠନ କରାଯାଇଥିବା ନେଇ ରାଜ୍ୟ ସରକାର ପୂର୍ବରୁ ଏନ୍‌ଜିଟିରେ ଲିଖିତ ଦେଇଥିଲେ ସୁଦ୍ଧା ଏହା ବାସ୍ତବରେ ହେଉନାହିଁ ବୋଲି ମା' ଶିଖରଚଣ୍ଡୀ ଆଞ୍ଚଳିକ ସୁରକ୍ଷା ସମିତି ପକ୍ଷରୁ ଅଭିଯୋଗ କରାଯାଇଛି। ଏପରିକି ଚନ୍ଦକା ପଞ୍ଚାୟତରେ ଏପରି ବୋର୍ଡ ରହିଥିବା ନିଜେ ଚନ୍ଦକା ଦାରୁଠେଙ୍ଗ ସରପଞ୍ଚ ଜାଣି ନ ଥିବା କୁହାଯାଇଛି। ତେଣୁ ଏହାକୁ ଯାଞ୍ଚ ପରିସରଭୁକ୍ତ କରିବାକୁ ଦାବି କରାଯାଇଛି। ସେହିପରି ପାଣିଟାଙ୍କି କରିବା ପୂର୍ବରୁ ଆଲୋଚନା ନ କରି, ଏହାର ବିକଳ୍ପ ସ୍ଥାନ ନ ଦେଖି ମନଇଚ୍ଛା ଚକ୍ରାନ୍ତ କରାଯାଇଛି। ବଡ଼ବଡ଼ ପୁଞ୍ଜିପତିଙ୍କୁ ଜମି ଓ ରାସ୍ତା ଦେବା ପାଇଁ ପ୍ରାକୃତିକ ସୌନ୍ଦର୍ଯ୍ୟରେ ପରିପୂର୍ଣ୍ଣ ଶିଖରଚଣ୍ଡୀ ପାହାଡ଼କୁ ଧ୍ୱଂସ କରାଯାଉଛି। ଆଗାମୀ ଦିନରେ ରାଜ୍ୟ ସରକାର ତାଙ୍କ ଜିଦିରେ ଅଟଳ ରହି ପାହାଡ଼କୁ ପାଣି ଟାଙ୍କି ନାମରେ ଧ୍ୱଂସ କରିବା ପାଇଁ ଚେଷ୍ଟା କଲେ ସମିତି ତାର ଜବାବ ଦେବ ବୋଲି ଚେତାବନୀ ଦିଆଯାଇଛି।

# 'ଘର ଘର ସମ୍ପର୍କ' ଅଭିଯାନରେ ବୁଲିଲେ କମିଶନର, ଡାକ୍ତର

ଭୁବନେଶ୍ୱର, ୧୨।୯ (ବନ୍ଦନା ସେଠୀ)

ଡେଙ୍ଗୁ ସଚେତନତା ପାଇଁ ଘର ଘର ସମ୍ପର୍କ କାର୍ଯ୍ୟକ୍ରମକୁ ବିଏମ୍‌ସି ପକ୍ଷରୁ ଜୋରଦାର କରାଯାଇଛି । କମିଶନର ବିଜୟ ଅମୃତା କୁଲାଙ୍ଗେଙ୍କ ନିର୍ଦ୍ଦେଶ କ୍ରମେ ମଙ୍ଗଳବାର ମହାନଗର ନିଗମ ଅଞ୍ଚଳର ବିଭିନ୍ନ ସ୍ଥାନରେ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ବିଏମ୍‌ସିର ଉତ୍ତର ମଣ୍ଡଳ ଅନ୍ତର୍ଗତ କିଟ୍ ଇଣ୍ଟରନ୍ୟାଶନାଲ ସ୍କୁଲର ପ୍ରାୟ ୫ଶହ ଶିକ୍ଷାର୍ଥୀଙ୍କୁ ନେଇ ବିଦ୍ୟାଳୟ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ କମିଶନର, ଟିମ୍ ବିଏମ୍‌ସି, ବିଦ୍ୟାଳୟର ନିର୍ଦ୍ଦେଶକ ଡ. ସଞ୍ଜୟ କୁମାର ସୁଆର, ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଓ କର୍ମଚାରୀ ଉପସ୍ଥିତ ଥିଲେ। ଶିକ୍ଷାର୍ଥୀଙ୍କ ମାଧ୍ୟମରେ ଡେଙ୍ଗୁ ରୋଗର କାରଣ, ନିରାକରଣ ଏବଂ ରୋଗ ପ୍ରତିଷେଧକ ବାର୍ତ୍ତା କିପରି ସମାଜକୁ ଯାଇପାରିବ ସେ ସମ୍ପର୍କରେ ଅବଗତ କରାଇଥିଲେ। ନିଜେ ସଚେତନ ରହି ନିଜ ଘର ଏବଂ ଘର ପାଖରେ ମଶା ଲାର୍ଭା ସୃଷ୍ଟି ହେବାର କୌଣସି ଉତ୍ସ ଅଛିକି ନାହିଁ ତାହା ତନଖି ଦେଖିବାର ଗୁରୁଦାୟିତ୍ୱ ଶିକ୍ଷାର୍ଥୀଙ୍କର ରହିଛି। ଏହାହିଁ ଡେଙ୍ଗୁ ଦମନରେ ଶ୍ରେଷ୍ଠ ଅବଦାନ ବୋଲି କମିଶନର କହିଥିଲେ। ଏହାପରେ ୭ ନଂ. ୱାର୍ଡ ଅନ୍ତର୍ଗତ କାନନ ବିହାର ଅଞ୍ଚଳ ବୁଲି କାର୍ଯ୍ୟକ୍ରମ ଜାରି ରଖିଥିଲେ। ଏଥିରେ ସ୍ଥାନୀୟ କର୍ପୋରେଟର, ସ୍ୱାସ୍ଥ୍ୟ ଏବଂ ପରିମଳ ଅତିରିକ୍ତ କମିଶନର ଶୁଭେନ୍ଦୁ କୁମାର ସାହୁ, ଜୋନାଲ ଡେପୁଟି କମିଶନର ପୁରନ୍ଦର ନନ୍ଦ, ସହରାଞ୍ଚଳ ଜନସ୍ୱାସ୍ଥ୍ୟ ଅଧିକାରୀ ଦାୟିତ୍ୱରେ ଥିବା ଡା. ସୁମନ ସୁନ୍ଦରାୟ, ଶିଖରଚଣ୍ଡୀ ଅଞ୍ଚଳର ଚିକିତ୍ସା ଅଧିକାରୀ ଡା. ଦୀପକ ଯନମ ପ୍ରମୁଖ ଲୋକଙ୍କୁ ସଚେତନ କରାଇବା ସହ ମଶା ଲାର୍ଭା ଉତ୍ସଗୁଡିକରେ ଲାର୍ଭା ନାଶକ ତେଲ ସିଚନ କରିଥିଲେ।




କାନନବିହାର ଅଞ୍ଚଳରେ ଶୋଭାଯାତ୍ରା ମାଧ୍ୟମରେ ଡେଙ୍ଗୁ ସଚେତନତା କରାଯାଉଛି।

# ରାଜୀବ ଆବାସ ଯୋଜନାରେ ଯୋଗ୍ୟ ହିତାଧିକାରୀ ବାଦ୍

ଭୁବନେଶ୍ୱର, ୧୨।୯ (ବନ୍ଦନା ସେଠୀ)

## ପ୍ରତିବାଦରେ ବିଡିଏ ଅଫିସ୍ ସମ୍ମୁଖରେ ଭାଜପାର ଧାରଣା

ମଇଁଷାଖାଲ ବସ୍ତିରେ ରାଜୀବ ଆବାସ ଯୋଜନା (ରେ)ରେ ଯୋଗ୍ୟ ହିତାଧିକାରୀଙ୍କୁ ବାଦ୍‌ଦେବା ଓ ମହାଦୁର୍ନୀତି ବିରୋଧରେ ଭାଜପା ଏକାମ୍ର ନିର୍ବାଚନମଣ୍ଡଳୀ ପକ୍ଷରୁ ମଙ୍ଗଳବାର ବିଡିଏ ଅଫିସ ସମ୍ମୁଖରେ ଧାରଣା ଦିଆଯାଇଥିଲା। ଭୁବନେଶ୍ୱର ସାଂଗଠନିକ ଜିଲା ଭାଜପା ସଭାପତି ବାବୁ ସିଂଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ବିଡ଼ିଏ ସଚିବଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଏହି ଅବସରରେ ବାବୁ ସିଂ କହିଲେ, ବସ୍ତି ବାସିନ୍ଦାଙ୍କୁ ରାଜୀବ ଆବାସ ଯୋଜନାରେ ଘର ଦେବାକୁ କହି ସରକାର ପୁନର୍ବାର ଭଣ୍ଡାଇ ଦେଇଛନ୍ତି। ୱାର୍ଡ ନଂ. ୫୬ ଅନ୍ତର୍ଗତ ମଇଁଷାଖାଲରେ ବସ୍ତି ବାସିନ୍ଦାଙ୍କ ସ୍ଥାୟୀ ଥଇଥାନ ନିମନ୍ତେ ରେ' ଜରିଆରେ ଗୃହ ଆବଣ୍ଟନ କରାଯାଇଥିଲା। ଯୋଜନାରେ ଘର ଦେବା ପୂର୍ବରୁ ବିଡ଼ିଏ ପକ୍ଷରୁ ହିତାଧିକାରୀଙ୍କଠାରୁ ଟଙ୍କା ନିଆଗଲା। ହେଲେ ଆକାଉଣ୍ଟରୁ ଟଙ୍କା କଟିବା ପରେ ମଧ୍ୟ ଯୋଗ୍ୟ ହିତାଧିକାରୀଙ୍କୁ ଘର ଦିଆ ନ ଯାଇ ଅଯୋଗ୍ୟଙ୍କୁ ମିଳିବା ଦୁର୍ଭାଗ୍ୟର ବିଷୟ। ଦୀର୍ଘ କୋଡ଼ିଏ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ମଇଁଷାଖାଲ ବସ୍ତି ଅଞ୍ଚଳରେ ରହୁଥିବା ଲୋକଙ୍କ ନାମ କାଟି ଦିଆଯାଇଛି। ଏମାନେ ଦୀର୍ଘ ୭ ବର୍ଷ ଧରି ବିଡ଼ିଏ, ବିଏମସି, ସ୍ଥାନୀୟ ମନ୍ତ୍ରୀଙ୍କ ଅଫିସ, ମୁଖ୍ୟମନ୍ତ୍ରୀଙ୍କ ଅଫିସ ସବୁଠିକୁ ଦୌଡ଼ିଲା ପରେ ଏବେ ହତାଶ ହୋଇପଡିଛନ୍ତି। ଏନେଇ କେତେଜଣ ଲୋକ ହାଇକୋର୍ଟରେ କେସ୍ କରି ଡିଗ୍ରୀ ମଧ୍ୟ ପାଇ ସାରିଲେଣି। ତେଣୁ ଘଟଣା ଉପରେ ତୁରନ୍ତ ଏକ କମିଟି କରି ସତ୍ୟତାକୁ ପରଖିବା ସହ ସମସ୍ତ ଯୋଗ୍ୟ ହିତାଧିକାରୀଙ୍କୁ ଗୃହ ଦିଆଯାଉ। ଏଥିସହ ଅଯୋଗ୍ୟଙ୍କୁ ଚିହ୍ନଟକରି ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ। ନଚେତ୍ ଏହି ଆନ୍ଦୋଳନ ଆଗକୁ ଭୟଙ୍କର ହେବ ବୋଲି ସେ ଚେତାବନୀ ଦେଇଥିଲେ। ଭାଜପା ରାଜ୍ୟ ପ୍ରବକ୍ତା ଦିଲ୍ଲୀପ ମହାନ୍ତି, ଦିଲୀପ ବେହେରା, ଅମରଜ୍ୟୋତି ଜଗଦ୍ଦେବ, ମୁରଲୀଧର ନାୟକ ପ୍ରମୁଖ ଉପସ୍ଥିତ ଥିଲେ।



## ସଂକ୍ଷେପରେ

### ନଦୀରେ ବୁଡ଼ି ଯୁବତୀ ମୃତ

ସାଲେପୁର,୧୨।୯(ଅରବିନ୍ଦ ଭୂୟାଁ)

ସାଲେପୁର ଥାନା ମହଣ ପଞ୍ଚାୟତ ଅନ୍ତର୍ଗତ ପ୍ରଫୁଲ୍ଲ ଦାସଙ୍କ ଝିଅ ରଶ୍ମିତା(୨୪) ଶୁକନଦୀରେ ବୁଡ଼ିଯିବାରୁ ତାଙ୍କର ମୃତ୍ୟୁ ଘଟିଛି। ସେ ସକାଳେ ନଦୀକୁ ଗାଧୋଇବାକୁ ଯାଇଥିଲେ। ମାତ୍ର ବହୁ ସମୟ ପର୍ଯ୍ୟନ୍ତ ଘରକୁ ନ ଫେରିବାରୁ ପରିବାର ଲୋକେ ଓ ଗ୍ରାମବାସୀ ତାଙ୍କୁ ସବୁଆଡ଼େ ଖୋଜି ଥିଲେ। ଶେଷରେ ସାଲେପୁର ଦମକଳ ବାହିନୀକୁ ଖବର ଦିଆଯାଇଥିଲା। ଦମକଳ କର୍ମଚାରୀ ନଦୀରେ ଖୋଜାଖୋଜି କରି ରଶ୍ମିତାଙ୍କୁ ବାହାର କରି ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଖବରପାଇ ସାଲେପୁର ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହ ଥାନାରେ ଅପମୃତ୍ୟୁ ମାମଲା(ନଂ-୨୪/୨୦୨୩) ରୁଜୁ କରିଛି। ଏଥିସହ ମୃତଦେହ ବ୍ୟବଚ୍ଛେଦ ପାଇଁ କଟକ ବଡ଼ ଡାକ୍ତରଖାନା ପଠାଇଛି।

### କଟକକୁ ବିଶ୍ୱଦରବାରରେ ପରିଚିତ କରାଇଛନ୍ତି କବି ଜୟନ୍ତ
### ଚେତନାଚକ୍ରର ଆଲୋଚନାଚକ୍ର

କଟକ,୧୨।୯(କାର୍ତ୍ତିକ ସାହୁ):

ଚେତନାଚକ୍ର ଅନୁଷ୍ଠାନର ଏକ ମାସିକ ଆଲୋଚନାଚକ୍ର ସୋମବାର ତୁଳସୀପୁର ମଠସାହି ରୋଡ଼ସ୍ଥିତ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ପ୍ରାକ୍ତନ ସଭାପତି ଇ. ଆର୍. ପି. ଦାସଙ୍କ ଅଧ୍ୟକ୍ଷତାରେ ଯଶସ୍ୱୀ କବି ଜୟନ୍ତ ମହାପାତ୍ରଙ୍କ ସାରସ୍ୱତ କୃତି ଉପରେ ଆଲୋଚନା କରାଯାଇଥିଲା। ଜୟନ୍ତ ମହାପାତ୍ର ଓଡ଼ିଆ ଓ ଇଂଲିଶ ସାହିତ୍ୟର ଧୂରୀଣ କବି ଭାବେ ଲେଖନୀ ଚାଳନା କରିଥିଲେ ବୋଲି ସମ୍ପାଦିକା ମଞ୍ଜୁଲତା ଜେନା କହିଥିଲେ। କବି ଜୟନ୍ତ କବିତା ମାଧ୍ୟମରେ ବିଶ୍ୱ ଦରବାରରେ କଟକକୁ ପରିଚିତ କରାଇଛନ୍ତି ବୋଲି କାର୍ଯ୍ୟକାରୀ ସଭାପତି ଆଇନଜୀବୀ ତାପସ କୁମାର ଦ୍ୱିବେଦୀ କହିଥିଲେ। ଉପସଭାପତି ଆଇନଜୀବୀ ଜଗନ୍ନାଥ ଜେଠୀ କହିଲେ, ଜୟନ୍ତ ମହାପାତ୍ର କବିତା ସୃଜନ, ଅନୁବାଦକ ଓ ସମାଲୋଚକ ଭାବେ ତ୍ରିବେଣୀ ସଙ୍ଗମ ଥିଲେ। ଏହି କାର୍ଯ୍ୟକ୍ରମରେ ବିଜୟ କୁମାର ମହାନ୍ତି, ମୀରା ବେଉରା, ରବି ବେହେରା, ଅରୁଣ କୁମାର ଅଗ୍ରୱାଲ, ପଦ୍ମନାଭ ସେଠୀ ପ୍ରମୁଖ କବି ଜୟନ୍ତଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। କବି ଜୟନ୍ତ ମହାପାତ୍ର ଛାଡ଼ି ଯାଇଥିବା ବାସସ୍ଥାନ ଚନ୍ଦ୍ରଭାଗାକୁ ଐତିହ୍ୟସ୍ଥଳୀର ମାନ୍ୟତା ଦେଇ ସର୍ବସାଧାରଣଙ୍କ ନିମନ୍ତେ ଖୋଲିବା, ସହରର ପ୍ରମୁଖ ସ୍ଥାନରେ ତାଙ୍କର ପ୍ରତିମୂର୍ତ୍ତି ସ୍ଥାପନ କରିବା, ତାଙ୍କ ନାମରେ ଡାକଟିକେଟ ପ୍ରଚଳନ କରିବା ସହ ତାଙ୍କର ପାଣ୍ଡୁଲିପିଗୁଡ଼ିକୁ ଡିଜିଟାଇଜେଶନ କରାଯିବା ଉପରେ ପ୍ରସ୍ତାବ ଗୃହୀତ ହୋଇଥିଲା।

### ଶ୍ରୀମନ୍ଦିରରେ ଭକ୍ତ ଅଚେତ

ପୁରୀ,୧୨।୯(ଅଜିତ ମହାନ୍ତି):

ମହାପ୍ରଭୁଙ୍କ ଦର୍ଶନ ପାଇଁ ଆସିଥିବା ଜଣେ ଭକ୍ତ ମଙ୍ଗଳବାର ଶ୍ରୀମନ୍ଦିର ଭିତରେ ଅଚେତ ହୋଇଥିବା ସୂଚନା ମିଳିଛି। ସେ ହେଲେ ବିହାରର ନବୀନ ସିଂ। ମନ୍ଦିରରେ ଦର୍ଶନ ସମୟରେ ପ୍ରବଳ ଗହଳି ଯୋଗୁ ସେ ଅଣନିଃଶ୍ୱାସୀ ହୋଇ ଅଚେତ ହୋଇଯାଇଥିଲେ।

# ବିଭାଗ ପ୍ରତିଶ୍ରୁତିକୁ ବିଶ୍ୱାସ କଲେନି ଶିକ୍ଷକ

ଭୁବନେଶ୍ୱର, ୧୨।୯(ଅସମାପିକା ସାହୁ)

**ଆନ୍ଦୋଳନ ଜାରି, ମୁଖ୍ୟମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡ଼ିଲେ**

ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ମହାସଂଘର ବିଭିନ୍ନ ଦାବି ଉପରେ ସୋମବାର ମହାସଂଘ ସଦସ୍ୟଙ୍କ ସହ ରାଜ୍ୟ ସରକାର ଆଲୋଚନା କରିଥିଲେ। ଆନ୍ଦୋଳନ ପ୍ରତ୍ୟାହାର କରିବା ପାଇଁ ସରକାର ମହାସଂଘକୁ ଅନୁରୋଧ କରିଥିଲେ ମଧ୍ୟ ମହାସଂଘ ଏହାକୁ ମାନିନାହାନ୍ତି। ବିଭାଗର ପ୍ରତିଶ୍ରୁତିକୁ ବିଶ୍ୱାସ ନ କରି ଶିକ୍ଷକମାନେ ମୁଖ୍ୟମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡ଼ିଛନ୍ତି। ଦାବି ପୂରଣ ପାଇଁ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ପ୍ରତିଶ୍ରୁତି ମିଳିଲେ ଆମେ ଆନ୍ଦୋଳନ ପ୍ରତ୍ୟାହାର କରିବୁ ବୋଲି ମହାସଂଘ ମହାସଚିବ ଚାରୁଲତା ମହାପାତ୍ର କହିଛନ୍ତି।

ମହାସଂଘ ପକ୍ଷରୁ ଗତ ୮ତାରିଖରୁ ରାଜ୍ୟର ପ୍ରାଥମିକ ଶିକ୍ଷକମାନେ କାର୍ଯ୍ୟବନ୍ଦ ଆନ୍ଦୋଳନ କରିଛନ୍ତି। କେନ୍ଦ୍ରୀୟ ହାରରେ ଦରମା, ଜୁନିୟର ଶିକ୍ଷକଙ୍କୁ ନିୟମିତ ମାନ୍ୟତା, ଗଣଶିକ୍ଷକଙ୍କୁ ଏକ୍ସ କ୍ୟାଡରରୁ ହଟାଇବା ପରି ଦାବି ନେଇ ପ୍ରାୟ ୧ ଲକ୍ଷରୁ ଅଧିକ ଶିକ୍ଷକ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଛନ୍ତି। ଦାବି ପୂରଣ ନ ହେବା ଯାଏ ଆନ୍ଦୋଳନ ଚାଲିବ ବୋଲି ସଂଘ ପକ୍ଷରୁ ପୂର୍ବରୁ କୁହାଯାଇଥିଲା। ତେବେ ସୋମବାର ମହାସଂଘ ସହିତ ସରକାର ଆଲୋଚନା କରିଥିଲେ। ଏକ ପାଞ୍ଚଜଣିଆ ସବ୍-କମିଟି ଗଠନ କରାଯାଇ ମହାସଂଘର କର୍ମକର୍ତ୍ତାଙ୍କ ଦ୍ୱାରା ଉପସ୍ଥାପିତ ଦାବିଗୁଡ଼ିକର ପୁଙ୍ଖାନୁପୁଙ୍ଖ ତର୍ଜମା କରାଯିବ। ସବ୍ କମିଟିର ତର୍ଜମାକୁ ଆଧାର କରି ଆନ୍ତଃ ମନ୍ତ୍ରୀସ୍ତରୀୟ କମିଟିରେ ବିଧିବ୍ୟବସ୍ଥା ଅନୁଯାୟୀ ଦାବିଗୁଡ଼ିକ ଉପସ୍ଥାପନ କରାଯିବ ବୋଲି ଆଲୋଚନାରେ ନିଷ୍ପତ୍ତି ହୋଇଥିଲା। ସରକାରଙ୍କଠାରୁ ପ୍ରତିଶ୍ରୁତି ମିଳିବା ପରେ ଶିକ୍ଷକମାନେ ଆନ୍ଦୋଳନ ପ୍ରତ୍ୟାହାର କରିବେ ବୋଲି ଆଶା କରାଯାଉଥିଲା। କିନ୍ତୁ ମହାସଂଘ ପକ୍ଷରୁ ମଙ୍ଗଳବାର ଆୟୋଜିତ ଷ୍ଟିଅରିଂ କମିଟି ବୈଠକରେ ଆନ୍ଦୋଳନକୁ ଜାରି ରଖିବା ପାଇଁ ନିଷ୍ପତ୍ତି ନିଆଯାଇଛି। ମହାସଂଘର କହିବାନୁସାରେ, ପୂର୍ବରୁ ମଧ୍ୟ ବହୁବାର ଗଣଶିକ୍ଷା ମନ୍ତ୍ରୀ, ଶିକ୍ଷା ସଚିବଙ୍କ ସହ ଆଲୋଚନା କରାଯାଇଛି। କିନ୍ତୁ କୌଣସି ସୁଫଳ ମିଳିନାହିଁ। ତେଣୁ ଆମେ ଚାହୁଁଛୁ ମୁଖ୍ୟମନ୍ତ୍ରୀ ଏଥିରେ ହସ୍ତକ୍ଷେପ କରନ୍ତୁ ଏବଂ ଦାବି ପୂରଣ କରନ୍ତୁ। ନଚେତ ଏହିଭଳି ଆନ୍ଦୋଳନ ଜାରି ରହିବ ବୋଲି ମହାସଂଘ ଚେତାବନୀ ଦେଇଛି।

# ତିଗିରିଆରେ କୃଷି ରଥର ଶୁଭାରମ୍ଭ


ଅତିଥି କୃଷି ରଥର ଶୁଭାରମ୍ଭ କରୁଛନ୍ତି।

ତିଗିରିଆ, ୧୨।୯(ଜାଫର ଖାଁ)

କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ତରଫରୁ ତିଗିରିଆ ବ୍ଲକରେ ମଙ୍ଗଳବାର କୃଷି ରଥ ଶୁଭାରମ୍ଭ ହୋଇଛି। କୃଷି ସୂଚନା ଓ ପରାମର୍ଶ କେନ୍ଦ୍ର ତିଗିରିଆର ଅଧ୍ୟକ୍ଷ ହରେନ୍ଦ୍ର ଦଳେଇ ଏଥିରେ ଅଧ୍ୟକ୍ଷତା କରିଥିଲେ। ଏହି ରଥ ତିଗିରିଆ ବ୍ଲକର ୧୪ଟି ପଞ୍ଚାୟତରେ ୬ ଦିନ ବୁଲିଥିଲା। ଲୋକକଳା ଓ ଲୋକ ସଙ୍ଗୀତ ମାଧ୍ୟମରେ ସରକାରଙ୍କ ଦ୍ୱାରା ଚାଷୀଙ୍କୁ ଦିଆଯାଉଥିବା ବିଭିନ୍ନ ଯୋଜନା ସମ୍ବନ୍ଧରେ ସଚେତନତା ସୃଷ୍ଟି କରାଇବା ଏହାର ମୂଳ ଉଦ୍ଦେଶ୍ୟ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ କୃଷି ଜିଲା ଅଧିକାରୀ ସୁଦାମ ନାୟକ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥିଭାବେ କୃଷି ଅଧିକାରୀ ପର୍ଶୁରାମ ବେହେରା, ତିଗିରିଆ ବ୍ଲକ ଅଧ୍ୟକ୍ଷା ସନ୍ଧ୍ୟାରାଣୀ ନାୟକ, ବିଡିଓ ପ୍ରଣବ କୁମାର ବେହେରା ପ୍ରମୁଖ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲାପରିଷଦ ସଭ୍ୟା ସସ୍ମିତା ରାଉତ, ସଭ୍ୟ ସଞ୍ଜୟ କୁମାର ମଲ୍ଲିକ, ଗୌରହରି ପରିଡା ,ବ୍ଲକ କୃଷି ଅଧିକାରୀ ସନାତନ ବେହେରା, ସହକାରୀ କୃଷି ଅଧିକାରୀ ଦେବୀ ପ୍ରସାଦ ପୁଷ୍ଟି, କୃଷି ଅଧିଦର୍ଶକ ବିନୋଦିନୀ ବେହେରା, ଗ୍ରାମ୍ୟ କୃଷି କର୍ମଚାରୀ , ସହକାରୀ ବୈଷୟିକ ପରିଚାଳକ ଓ କୃଷକ ସାଥିମାନେ ଉପସ୍ଥିତ ଥିଲେ।

# ସ୍ୱାଧୀନତା ସଂଗ୍ରାମରେ ବାଙ୍କୀର ଅବଦାନ ଶୀର୍ଷକ ଆଲୋଚନାଚକ୍ର


ଆଲୋଚନାଚକ୍ରରେ ଯୋଗଦେଇଥିବା ଅତିଥି ଓ ଅନ୍ୟମାନେ।

ବାଙ୍କୀ,୧୨।୯(ଜ୍ଞାନେନ୍ଦ୍ର ମୋହନ ମିଶ୍ର)

ବାଙ୍କୀର କଳା, ସାହିତ୍ୟ ଓ ସଂସ୍କୃତିର ପ୍ରତିଛବି ବାଙ୍କୀ ମହୋତ୍ସବ ଆନୁକୂଲ୍ୟରେ ମହାବିଦ୍ୟାଳୟସ୍ତରୀୟ ଆଲୋଚନାଚକ୍ର ରାଣୀ ଶୁକଦେଇ ମହିଳା ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସ୍ୱାଧୀନତା ସଂଗ୍ରାମରେ ବାଙ୍କୀର ଅବଦାନ ଶୀର୍ଷକ ଆଲୋଚନାଚକ୍ରରେ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ସମସ୍ତ ମହାବିଦ୍ୟାଳୟର ଛାତ୍ରୀଛାତ୍ର ଯୋଗଦେଇଥିଲେ। ମହୋତ୍ସବ ସମ୍ପାଦକ ଡ. ଗଣେଶ୍ୱର ସ୍ୱାଇଁ ଏଥିରେ ଅଧ୍ୟକ୍ଷତା କରିଥିଲେ। ବାଙ୍କୀ ଏନ୍ଏସି ଅଧ୍ୟକ୍ଷା ମାଣିକ ସାହୁ ମୁଖ୍ୟଅତିଥି ଏବଂ ଓକିଲ ସଂଘ ସଭାପତି ଶ୍ରୀନିବାସ ମହାପାତ୍ର ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ସେହିପରି ରାଣୀଶୁକଦେଇ ମହାବିଦ୍ୟାଳୟ ଅଧ୍ୟକ୍ଷା ଜ୍ୟୋତ୍ସ୍ନାରାଣୀ ପଟ୍ଟନାୟକ, ମହୋତ୍ସବ ଉପସଭାପତି ସୌମେନ୍ଦ୍ର ମିଶ୍ର, ସମରେନ୍ଦ୍ର ମହାପାତ୍ର ପ୍ରମୁଖ ଯୋଗଦେଇ ବାଙ୍କୀ ମାଟିର ସ୍ୱାଧୀନତା ସଂଗ୍ରାମୀମାନଙ୍କ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଅଧ୍ୟାପିକା ଡ. ବନାନୀ ପଟ୍ଟନାୟକ ସ୍ୱାଗତ ଭାଷଣ ଦେଇଥିବା ବେଳେ ମହୋତ୍ସବ ସଂଯୋଜକ ଗୋବିନ୍ଦ ଚନ୍ଦ୍ର ତ୍ରିପାଠୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ଆଲୋଚନାଚକ୍ରରେ ଭାଗ ନେଇଥିବା ଛାତ୍ରୀଛାତ୍ରଙ୍କ ବିଚାରକ ଭାବେ ଐତିହାସିକ ମାଗୁଣି ସାହୁ, ଭୀମସେନ ନାୟକ, କବି ରବି ନାରାୟଣ ମଙ୍ଗରାଜ ଯୋଗଦେଇଥିଲେ। ଏଥିରେ ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟର ଶୁଭଲକ୍ଷ୍ମୀ ପଣ୍ଡା ପ୍ରଥମ, ରାଣୀଶୁକଦେଇ ମହାବିଦ୍ୟାଳୟର ମଧୁସ୍ମିତା ସ୍ୱାଇଁ ଦ୍ୱିତୀୟ, ଅଂଶୁପା ମହାବିଦ୍ୟାଳୟର ଆଦିତ୍ୟ ପଣ୍ଡା ଓ ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟର ସୁପ୍ରିୟା ସାହୁ ଯୁଗ୍ମ ଭାବେ ତୃତୀୟ ସ୍ଥାନ ଅଧିକାର କରିଥିଲେ। ସମସ୍ତ କୃତୀ ପ୍ରତିଯୋଗୀମାନଙ୍କୁ ମହୋତ୍ସବରେ ପୁରସ୍କୃତ କରାଯିବ ବୋଲି ଜଣାପଡ଼ିଛି। କାର୍ଯ୍ୟକ୍ରମକୁ ଅଧ୍ୟାପିକା ସରଳା ସ୍ୱାଇଁ, ଅଧ୍ୟାପିକା ରୀତା ରାଜେଶ୍ୱରୀ ପରିଚାଳନା କରିଥିଲେ। ଅଧ୍ୟାପିକା ସୁଧାଂଶୁବାଳା ଦେବତା ଧନ୍ୟବାଦ ପ୍ରଦାନ କରିଥିଲେ।

# ଅକ୍ଟୋବର ୧୨ରେ ଶିଖରଚଣ୍ଡୀ ଜଳ ପ୍ରକଳ୍ପ ମାମଲାର ପରବର୍ତ୍ତୀ ଶୁଣାଣି

ଭୁବନେଶ୍ୱର, ୧୨।୯ (ବନ୍ଦନା ସେଠୀ)

ଶିଖରଚଣ୍ଡୀ ପାହାଡ଼ ଜୈବ ବିବିଧତା ନଷ୍ଟ ପ୍ରସଙ୍ଗ ଶୁଣାଣିକୁ ପୁନର୍ବାର ଅକ୍ଟୋବର ୧୨ ପର୍ଯ୍ୟନ୍ତ ସ୍ଥଗିତ ରଖାଯାଇଛି। ଏଥିସହ ଚନ୍ଦକା ଡିଏଫ୍ଓଙ୍କୁ ୨୫ଶହ ଟଙ୍କା ଜରିମାନା ଦାଖଲ କରିବା ପାଇଁ ଆଦେଶ ଜାରି କରିଥିଲେ। ଡିଏଫ୍ଓ ସରକାରୀ ଓକିଲଙ୍କୁ ଆବଶ୍ୟକୀୟ ତଥ୍ୟ ପ୍ରଦାନ କରିବାରେ ଅବହେଳା କରିଥିବା ଅଭିଯୋଗ ଆସିବା ପରେ ଜାତୀୟ ଗ୍ରୀନ୍ ଟ୍ରିବ୍ୟୁନାଲ ଏହି ଜରିମାନା କରିବା ସହ ୧ସପ୍ତାହ ମଧ୍ୟରେ ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ଅପରପକ୍ଷେ ଶିଖରଚଣ୍ଡୀ ପାହାଡ଼ର ସୁରକ୍ଷା ପାଇଁ ଏହି ସ୍ଥାନକୁ ବାୟୋ-ଡାଇଭରସିଟି ହେରିଟେଜ୍ ସାଇଟ୍ ଭାବେ ଘୋଷଣ କରିବା ନେଇ ଚନ୍ଦକା ଗ୍ରାମପଞ୍ଚାୟତ ସରପଞ୍ଚଙ୍କ ପକ୍ଷରୁ ଏକ କପି ଏନ୍ଜିଟିରେ ଦାଖଲ କରାଯାଇଥିଲା। ସେହିପରି ଓଡିଶା ଜୈବବିବିଧତା ବୋର୍ଡ଼ କାମ କରୁ ନ ଥିବାରୁ ଏହାକୁ ଯାଞ୍ଚ ପରିସର ମଧ୍ୟକୁ ଅଣାଯାଉ ବୋଲି କୋର୍ଟରେ ଲିଖିତ ଭାବେ ଆବେଦନ କରାଯାଇଥିଲା। ପ୍ରତେକ ପଞ୍ଚାୟତରେ ଜୈବ ବିବିଧତା ବୋର୍ଡ ଗଠନ କରାଯାଇବା ନେଇ ରାଜ୍ୟ ସରକାର ପୂର୍ବରୁ ଏନ୍ଜିଟିରେ ଲିଖିତ ଦେଇଥିଲେ ମାତ୍ର ଏହା ବାସ୍ତବରେ ହେଉନାହିଁ ବୋଲି ମା' ଶିଖରଚଣ୍ଡୀ ଆଞ୍ଚଳିକ ସୁରକ୍ଷା ସମିତି ପକ୍ଷରୁ ଅଭିଯୋଗ କରାଯାଇଛି। ଏପରିକି ଚନ୍ଦକା ପଞ୍ଚାୟତରେ ଏପରି ବୋର୍ଡ ରହିଥିବା ନିଜେ ଚନ୍ଦକା ଦାରୁଠେଙ୍ଗ ସରପଞ୍ଚ ଜାଣି ନ ଥିବା କୁହାଯାଇଛି। ତେଣୁ ଏହାକୁ ଯାଞ୍ଚ ପରିସରଭୁକ୍ତ କରିବାକୁ ଦାବି କରାଯାଇଛି। ସେହିପରି ପାଣିଟାଙ୍କି କରିବା ପୂର୍ବରୁ ଆଲୋଚନା ନ କରି, ଏହାର ବିକଳ୍ପ ସ୍ଥାନ ନ ଦେଖି ମନଇଚ୍ଛା ଚକ୍ରାନ୍ତ କରାଯାଇଛି। ବଡ଼ବଡ଼ ପୁଞ୍ଜିପତିଙ୍କୁ ଜମି ଓ ରାସ୍ତା ଦେବା ପାଇଁ ପ୍ରାକୃତିକ ସୌନ୍ଦର୍ଯ୍ୟରେ ପରିପୂର୍ଣ୍ଣ ଶିଖରଚଣ୍ଡୀ ପାହାଡ଼କୁ ଧ୍ୱଂସ କରାଯାଉଛି। ଆଗାମୀ ଦିନରେ ରାଜ୍ୟ ସରକାର ତାଙ୍କ ଜିଦିରେ ଅଟଳ ରହି ପାହାଡ଼କୁ ପାଣି ଟାଙ୍କି ନାମରେ ଧ୍ୱଂସ କରିବା ପାଇଁ ଚେଷ୍ଟା କଲେ ସମିତି ତାର ଜବାବ ଦେବ ବୋଲି ଚେତାବନୀ ଦିଆଯାଇଛି।

# ଦୃଢ଼ ଇଚ୍ଛାଶକ୍ତି ପାଖରେ ଭିନ୍ନକ୍ଷମତା ହାର ମାନିଲା

ସାଲେପୁର,୧୨।୯(ଅରବିନ୍ଦ ଭୂୟାଁ)

ଦୃଢ଼ ଇଚ୍ଛାଶକ୍ତି ଓ ମନୋବଳ ରହିଲେ ଅସାଧ୍ୟ କାର୍ଯ୍ୟକୁ ସାଧନ କରାଯାଇ ପାରିବ। ଏଭଳି ଜଣେ ଗରିବ ତଥା ଭିନ୍ନକ୍ଷମ ମେଧାବୀ ଛାତ୍ର ପ୍ରତିକୂଳ ପରିସ୍ଥିତିରେ ସଂଗ୍ରାମ କରି ଶେଷରେ ନିଟ୍ ପରୀକ୍ଷାରେ ୨ହଜାର ର୍ୟାଙ୍କ୍ ରଖି ମେଡ଼ିକାଲ ପଢ଼ିବା ପାଇଁ ମନୋନୀତ ହୋଇଛନ୍ତି। କଟକ ଜିଲା ସାଲେପୁର ନିକଟସ୍ଥ ବାଲିସାହି ପଞ୍ଚାୟତର ରୋଧପୁର ଗ୍ରାମରେ ଭଡ଼ାରେ ରହୁଥିବା ତାଙ୍କ ବାପା ଜୟନୁଲ ଇସ୍ଲାମ୍ ଜଣେ ଗରିବ ଶ୍ରେଣୀର। ସାଲେପୁର ବଜାରରେ ଏକ ଗଦି ଦୋକାନରେ ସେ କାମ କରି ପେଟ ପୋଷନ୍ତି। ମା' ଜାହିରା ବିବି ଜଣେ ଗୃହିଣୀ। ତାଙ୍କର ଏକମାତ୍ର ପୁଅ ଜାହିର ଇସ୍ଲାମ୍ ଭିନ୍ନକ୍ଷମ ହେବା ସତ୍ତ୍ୱେ ପାଠପଢ଼ା ପ୍ରତି ଆଗ୍ରହ ଥିଲା। ଏହାଦେଖି ଉଭୟ ମା' ବାପା ତାକୁ ବହୁ କଷ୍ଟରେ ଭୋକ ଉପବାସରେ ରହି ପାଠ ପଢ଼ିବା ପାଇଁ ଅକ୍ଳାନ୍ତ ପରିଶ୍ରମ କରି ଆସୁଥିଲେ। ପିଲାଟି ଦିନରୁ ଜାହିର ନିଷ୍ଠାପର ଭାବେ ପାଠ ପଢ଼ି ଆସୁଥିଲେ। ବହୁ କଷ୍ଟରେ ନିକଟରେ ଥିବା ସାଲେପୁର ପବ୍ଲିକ୍ ସ୍କୁଲରୁ ସଫଳତାର ସହ ମାଟ୍ରିକ୍ ପାସ୍ କରି ପରେ ନାଦୋଳଗଡ଼ାଠାରେ ଥିବା ଫ୍ରିଡମ୍ ଇଣ୍ଟରନ୍ୟାଶନାଲ ସ୍କୁଲରେ ଯୁକ୍ତ ଦୁଇ ବିଜ୍ଞାନ ଶ୍ରେଣୀରେ ସଫଳତାର ସହ ଉତ୍ତୀର୍ଣ୍ଣ ହୋଇଥିଲେ। ପରେ ନିଟ୍ ପରୀକ୍ଷା ଦେଇ କୃତକାର୍ଯ୍ୟ ହୋଇଛନ୍ତି। ଆଗକୁ ମେଡ଼ିକାଲ କଲେଜରେ ନାମ ଲେଖାଇ ଡାକ୍ତରୀ ପଢ଼ିବେ ବୋଲି ଜାହିର କହିଛନ୍ତି। ସେ କହିଛନ୍ତି ମୋର ମା'ବାପା, ପରିବାର ଲୋକଙ୍କ ଅକ୍ଳାନ୍ତ ପରିଶ୍ରମ ଓ ସେମାନଙ୍କର ସ୍ନେହ ଶ୍ରଦ୍ଧା ଯୋଗୁ ପାଠ ପଢ଼ିବାକୁ ସକ୍ଷମ ହୋଇଛି। ଜଣେ ଭିନ୍ନକ୍ଷମ ହୋଇଥିଲେ ବି ମୋ ମନରେ କେବେ ହତାଶ ଭାବ ନ ଥିଲା। ଆଗକୁ ବଢ଼ିବା ଏବଂ ଭଲ ପାଠ ପଢ଼ିବା ମୋର ନିଶା। ବାଲେଶ୍ୱରସ୍ଥିତ ଫକୀରମୋହନ ମେଡ଼ିକାଲ କଲେଜରେ ନାମ ଲେଖାଇଛି। ଡାକ୍ତର ହୋଇ ଗରିବ ତଥା ନିଃସହାୟ ଲୋକଙ୍କ ମାଗଣାରେ ସେବା କରିବି ବୋଲି ସେ କହିଛନ୍ତି।


ଜାହିର ଇସ୍ଲାମ୍।

# ବ୍ଲକସ୍ତରୀୟ ଜିଜ୍ଞାସା ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

ମାଣିଆବନ୍ଧ, ୧୨।୯ (ଅଖିଳ କୁମାର ସାହୁ):

ବଡ଼ମ୍ବା ଶିକ୍ଷା ମଣ୍ଡଳ ଅନ୍ତର୍ଗତ ମାଣିଆବନ୍ଧ ନୋଡାଲ ଉଚ୍ଚ ବିଦ୍ୟାଳୟ ସମ୍ମିଳନୀ କକ୍ଷରେ ୨ ଦିନ ଧରି ଚାଲିଥିବା ବ୍ଲକସ୍ତରୀୟ ଜିଜ୍ଞାସା ପ୍ରଶିକ୍ଷଣ ଶିବିର ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ବ୍ଲକ ଶିକ୍ଷାଧିକାରୀ ପ୍ରକାଶ ଚନ୍ଦ୍ର ମତଗଜ ସିଂ ଏଥିରେ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ବଡ଼ମ୍ବା ବ୍ଲକର ବିଭିନ୍ନ ଉଚ୍ଚ ବିଦ୍ୟାଳୟର ୩୪ ଜଣ ବିଜ୍ଞାନ ଶିକ୍ଷୟିତ୍ରୀ ଶିକ୍ଷକ ଏଥିରେ ସାମିଲ ହୋଇଥିଲେ। ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ପ୍ରକାଶ ପରିଡ଼ା ଏବଂ ନରସିଂହପୁର ବ୍ଲକ ନିମସାହି ପଞ୍ଚାୟତ ବିଦ୍ୟାପୀଠର ବିଜ୍ଞାନ ଶିକ୍ଷକ ସୁଗମ ପ୍ରସାଦ ଡାଲୁଆ ପ୍ରଶିକ୍ଷଣ ଦେଇଥିଲେ। ମାଧ୍ୟମିକ ଶିକ୍ଷା ପରିଷଦ ଓଡ଼ିଶା ଓ ମୋ ସ୍କୁଲ ଅଭିଯାନ ଆନୁକୂଲ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଜ୍ଞାନ ପ୍ରକଳ୍ପ ଭିତ୍ତିକ ଅନ୍ୱେଷଣ ଶିକ୍ଷା କିଭଳି ଛାତ୍ରୀଛାତ୍ରମାନଙ୍କୁ ଦିଆଯିବ ସେ ସମ୍ପର୍କରେ ଆଲୋକପାତ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ବ୍ଲକ ସହ ଶିକ୍ଷାଧିକାରୀ ବିବେକାନନ୍ଦ ସାହୁ ଯୋଗ ଦେଇଥିଲେ। ପ୍ରଧାନଶିକ୍ଷକ ବିକ୍ରମ କେଶରୀ ରାଉତଙ୍କ ସମେତ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ ଓ କର୍ମଚାରୀ ସହଯୋଗ କରିଥିଲେ।


ଜିଜ୍ଞାସା ପ୍ରଶିକ୍ଷଣ ଶିବିରରେ ସାମିଲ ହୋଇଥିବା ଶିକ୍ଷୟିତ୍ରୀ ଶିକ୍ଷକମାନେ।

# ୪୦ ବିଦ୍ୟାଳୟରେ ପାଠପଢ଼ା ଠପ୍

ନିଶ୍ଚିନ୍ତକୋଇଲି,୧୨।୯(ଅଶୋକ ମହାପାତ୍ର)

**ପ୍ରାଥମିକ ଶିକ୍ଷକ ସଂଘର ଆନ୍ଦୋଳନ**

ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘର ଆହ୍ୱାନରେ ନିଶ୍ଚିନ୍ତକୋଇଲି ବ୍ଲକରେ କାର୍ଯ୍ୟରତ ନୂତନ ପେନସନଭୁକ୍ତ ଶିକ୍ଷକମାନେ ସୋମବାରଠାରୁ ୩ ଦଫା ଦାବିନେଇ ଆନ୍ଦୋଳନରେ ସାମିଲ ହୋଇଛନ୍ତି। ଦାବି ପୁରଣ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ଆନ୍ଦୋଳନର ନେତୃତ୍ୱ ନେଉଥିବା ବ୍ଲକ ନିଖିଳ ଉତ୍କଳ ଶିକ୍ଷକ ସଂଘର ସଭାପତି ସାରଦା ଆଚାର୍ଯ୍ୟ କହିଛନ୍ତି।

ଏଭଳିସ୍ଥିତିରେ ବ୍ଲକ ଅନ୍ତର୍ଗତ ୪୦ରୁ ଊର୍ଦ୍ଧ୍ୱ ବିଦ୍ୟାଳୟରେ ପାଠପଢ଼ା ଠପ୍ ହୋଇଯାଇଛି। ଏନେଇ ଅଭିଭାବକମାନେ ଚିନ୍ତାବ୍ୟକ୍ତ କରିଛନ୍ତି। ଏ ସମ୍ପର୍କରେ ମଣ୍ଡଳ ଶିକ୍ଷା ଅଧିକାରୀ ଲକ୍ଷ୍ମୀହୀରା ଲାବଣ୍ୟବତୀ ବେହେରା କୁହନ୍ତି, ପ୍ରାଥମିକ ଶିକ୍ଷକମାନଙ୍କ ଆନ୍ଦୋଳନଯୋଗୁ ବହୁ ସ୍କୁଲରେ ଶିକ୍ଷକ ସଙ୍କଟ ଦେଖାଦେଇଛି। କିଛି ସ୍ଥାନରେ ବିକଳ୍ପ ବ୍ୟବସ୍ଥା କରାଯାଇଛି। ତେବେ ୯ଟି ସ୍କୁଲରେ ତାଲା ଝୁଲିବା ଭଳି ପରିସ୍ଥିତି ଉପୁଜିଛି।

# 'ଶିଶୁଆକୁ ଐତିହ୍ୟ ଗ୍ରାମ ଘୋଷଣା କରାଯାଉ'

ବାଙ୍କୀ,୧୨।୯(ଜ୍ଞାନେନ୍ଦ୍ର ମୋହନ ମିଶ୍ର)


ଡା. ଯୋଗେଶ ଚନ୍ଦ୍ର ରାଉତଙ୍କ ପ୍ରତିମୂର୍ତ୍ତି ନିକଟରେ ଅତିଥି ଓ ଅନ୍ୟମାନେ।

ବାଙ୍କୀର ବରପୁତ୍ର, ସମବାୟ ସମ୍ରାଟ, ପୂର୍ବତନ ମନ୍ତ୍ରୀ ଓ ଜନସେବକ ଡା. ଯୋଗେଶ ଚନ୍ଦ୍ର ରାଉତଙ୍କ ୧୪ତମ ଶ୍ରାଦ୍ଧଦିବସ ମଙ୍ଗଳବାର ତାଙ୍କ ଜନ୍ମମାଟି ଶିଶୁଆରେ ଅନୁଷ୍ଠିତ ହୋଇଯାଇଛି। ଡାକ୍ତର ଯୋଗେଶ ରାଉତ ସ୍ମୃତିକମିଟି ଆନୁକୂଲ୍ୟରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏହି ଅବସରରେ ଡା.ରାଉତଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପରେ ଶ୍ରାଦ୍ଧ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ପ୍ରେସ କ୍ଲବ ସଭାପତି ବଳଭଦ୍ର ପଣ୍ଡା ସଭାପତିତ୍ୱ କରି ସ୍ୱର୍ଗତ ରାଉତଙ୍କ ଜୀବନୀ ସମ୍ପର୍କରେ ଆଲୋକପାତ କରିଥିଲେ। ମୁଖ୍ୟଅତିଥି ଭାବେ ବାଙ୍କୀ କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ସୁବାସ ଚନ୍ଦ୍ର ପାତ୍ରୀ ଯୋଗଦେଇ ଡା.ରାଉତଙ୍କୁ ସାରା ଓଡ଼ିଶାର ବରପୁତ୍ର ଭାବେ ବର୍ଣ୍ଣନା କରିଥିଲେ। ମୁଖ୍ୟ ବକ୍ତାଭାବେ ବାଙ୍କୀ କ୍ରେଡିଟ୍ କୋ ଅପରେଟିଭ୍ ବ୍ୟାଙ୍କ ସଭାପତି ସମରେନ୍ଦ୍ର ମହାପାତ୍ର ଯୋଗଦେଇ ଡାକ୍ତର ରାଉତଙ୍କ ଗ୍ରାମରେ ତାଙ୍କ ନାମରେ ଏକ ତୋରଣ ନିର୍ମାଣ କରିବାକୁ ବାଙ୍କୀ ନଗରପାଳିକାଙ୍କୁ ଅନୁରୋଧ କରିଥିଲେ। ସମ୍ମାନିତ ଅତିଥିଭାବେ ବାଙ୍କୀ କଲେଜ ଉପାଧ୍ୟକ୍ଷ,ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର, କାଉନସିଲର ସନାତନ ବେହେରା, ଉପନଗରପାଳ ସନ୍ତୋଷ କୁମାର ରଣା, ଡାକ୍ତର ଜଗଦିଶ ପଣ୍ଡା, ଖବରଦାତା ବିଭୁପ୍ରସାଦ ସାମଲ, ଜୟନ୍ତୀ କମିଟି ସଭାପତି ଗୋପବନ୍ଧୁ ସାହୁ, ପ୍ରକୃତି ବନ୍ଧୁ ଦୀପକ କୁମାର ସାମନ୍ତରା, ମେଘନାଦ ରାଉତ, ବିଶ୍ୱନାଥ ପିରୋଇ, କବି ଲଲାଟେନ୍ଦୁ ପଣ୍ଡା ଓ ବିପିନ ବେହେରା ପ୍ରମୁଖ ଯୋଗଦେଇ ସ୍ୱର୍ଗତ ରାଉତଙ୍କ ନାମରେ ବାଙ୍କୀ ମହାବିଦ୍ୟାଳୟକୁ ନାମିତ କରିବା, ତାଙ୍କ ଜନ୍ମମାଟି ଶିଶୁଆ ଗ୍ରାମକୁ ଐତିହ୍ୟ ଗ୍ରାମ ଭାବେ ଘୋଷଣା କରିବାକୁ ଦାବି କରିଥିଲେ। ଏହି ଶ୍ରାଦ୍ଧ ସଭାକୁ ସ୍ମୃତିକମିଟି ସମ୍ପାଦକ ଶିକ୍ଷାବିତ୍ ମନୋଜ କୁମାର ରାଉତ ପରିଚାଳନା କରିଥିଲେ। ନକୁଳ ପରିଡା, ପ୍ରଫୁଲ୍ଲ ପରିଡା, ଆଶିଷ ବେହେରା, ସତ୍ୟବ୍ରତ ବେହେରା, ବିଧାନ ବେହେରା, ଅକ୍ଷୟ କୁମାର ସାମଲ ପ୍ରମୁଖ ଏଥିରେ ଯୋଗଦେଇଥିଲେ। ଅନୁଷ୍ଠାନର ସଭାପତି ପବିତ୍ରମୋହନ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ସେହିପରି ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟ ଏବଂ ଅଂଶୁପା କନିଷ୍ଠ ମହାବିଦ୍ୟାଳୟରେ ଡ.ରାଉତଙ୍କ ଶ୍ରାଦ୍ଧଦିବସ ପାଳିତ ହୋଇଥିଲା।

# ଆବର୍ଜନାରେ ପରିପୂର୍ଣ୍ଣ ନିଶ୍ଚିନ୍ତକୋଇଲି ମଡେଲ ହାଟ

ନିଶ୍ଚିନ୍ତକୋଇଲି,୧୨।୯
(ଅଶୋକ କୁମାର ମହାପାତ୍ର)

ଏକ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟ କରାଯାଇ କଟକ ଜିଲା ନିଶ୍ଚିନ୍ତକୋଇଲି ସାପ୍ତାହିକ ହାଟକୁ ମଡେଲ ହାଟରେ ପରିଣତ କରାଯାଇଛି। କିନ୍ତୁ ଠିକ୍ ଭାବେ ରକ୍ଷଣାବେକ୍ଷଣ, ସ୍ୱଚ୍ଛତା ଏବଂ ପରିମଳ ଉପରେ ଗୁରୁତ୍ୱ ଦିଆଯାଉ ନ ଥିବାରୁ ଚାଷୀ, ବ୍ୟବସାୟୀ ଓ ଖାଉଟିମାନେ ହନ୍ତସନ୍ତ ହେଉଛନ୍ତି। ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହୋଇଛି।

ଏହି ହାଟ କଟକ ଜିଲାର ଅନ୍ୟତମ ବୃହତ ହାଟ ହୋଇଥିବାବେଳେ ଏଠାରେ ବିଭିନ୍ନ ପ୍ରକାରର ବ୍ୟବସାୟ ହୋଇଥାଏ। ବ୍ୟବସାୟ ଅନୁଯାୟୀ ହାଟକୁ ବିଭକ୍ତିକରଣ କରାଯାଇଛି। ସେଗୁଡ଼ିକ ହେଲା ହାଣ୍ଡି ହାଟ, ପରିବା ହାଟ, ଗ୍ରୋସରୀ ହାଟ ,ପାନ ହାଟ, କଦଳୀ ହାଟ ଓ ମାଛ ହାଟ। ଏହି ହାଟ ପ୍ରଥମେ କେନ୍ଦୁପାଟଣା ନିୟନ୍ତ୍ରୀତ ବଜାର କମିଟି ହାତରେ ଥିଲା। ପରେ ପଞ୍ଚାୟତ ଏହି ହାଟକୁ ନିଜସ୍ୱ ଦଖଲକୁ ନେଇ ସ୍ୱତନ୍ତ୍ର ରୂପ ରେଖ ଦେବା ସହ ମଡେଲ ହାଟରେ ପରିଣତ କରିଥିଲା। ଏହି ହାଟ ସୋମବାର ଓ ଶୁକ୍ରବାର ସପ୍ତାହକୁ ୨ଥର ବସେ। ପ୍ରତି ପାଳିରେ ଏଠାକୁ ଜିଲା ବାହାରରୁ ପରିବା ବ୍ୟବସାୟୀମାନେ ଆସି ବ୍ୟବସାୟ କରିଥାନ୍ତି। ସେହିପରି ଏଠାରୁ ପରିବା ମଧ୍ୟ ବାହାର ଜିଲାକୁ ପରିବହନ ହେଉଛି। ଆଖପାଖ ୩ ଜିଲା ଚାଷୀ ଓ ବ୍ୟବସାୟୀ ଏହି ହାଟ ଉପରେ ନିର୍ଭରଶୀଳ। ପଞ୍ଚାୟତ ଏହି ହାଟକୁ ଟେଣ୍ଡରେ ଦେଇ ତୁପ ବସିଥିବାବେଳେ ଲିଜ୍‌ଧାରୀ ହାଟର ରକ୍ଷଣାବେକ୍ଷଣ ଓ ପରିବେଶ ପରିଚ୍ଛନତା ଉପରେ ଦୃଷ୍ଟି ଦେଉ ନ ଥିବା ଅଭିଯୋଗ ହେଉଛି। ହାଟର ଉତ୍ତର ଓ ଦକ୍ଷିଣ ଦିଗରେ ଗଦା ଗଦା ଅଳିଆ ସମଗ୍ର ହାଟର ପରିସରକୁ ଦୁର୍ଗନ୍ଧମୟ କରିଦେଇଛି। ଅପରପକ୍ଷେ ହାଟ ପିଣ୍ଡିରେ ଲାଗିଥିବା ଫ୍ୟାନ ଓ ଲାଇଟ ଅକାମି ହେବାକୁ ବସିଲାଣି। ହାଟରେ ଡ୍ରେନେଜ ବ୍ୟବସ୍ଥା ନ ଥିବାରୁ ବର୍ଷାହେଲେ ହାଟର ନର୍ଦ୍ଦମା ପାଣି ପାଖରେ ଥିବା ୨ ମନ୍ଦିରକୁ ଯାଇ ସେଠାରେ ପରିବେଶ ଦୂଷିତ କରୁଛି। ଚାଷୀମାନେ ରାସ୍ତା ଉପରେ ବ୍ୟବସାୟ କରୁଥିଲେ ହେଁ


ହାଟରେ ଆବର୍ଜନା ଗଦା ହୋଇଛି।

**ଚାଷୀ, ବ୍ୟବସାୟୀ, ଖାଉଟି ହଟହଟା**

ଏନେଇ ପଞ୍ଚାୟତ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉନାହିଁ। ଫଳରେ ସ୍ଥାନୀୟ ଲୋକେ ଗମନା ଗମନରେ ବ୍ୟାପକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏସମ୍ପର୍କରେ ବ୍ୟବସାୟୀ ଶୁକଦେବ ସାହୁ କୁହନ୍ତି, ସରକାର ଅର୍ଥ ବ୍ୟୟ କରି ମଡେଲ ହାଟ କଲେ, କିନ୍ତୁ ତାକୁ ଚଳାଇବା କଥା କେହି ଦେଖୁନାହାନ୍ତି। ଚାଷୀ କବିନ୍ଦ୍ର ବାରିକ କୁହନ୍ତି, ନିଶ୍ଚିନ୍ତକୋଇଲି ସବୁଠାରୁ ପୁରୁଣା ପରିବା ହାଟ। ଏହି ହାଟକୁ ବିଭିନ୍ନ ଆଡୁ ବଡ଼ବଡ଼ ଚାଷୀ ଓ ବ୍ୟବସାୟୀ ଆସୁଛନ୍ତି। କିନ୍ତୁ ହାଟରେ ଗଦା ହୋଇଥିବା ଅଳିଆ ସଫା ହେଉନି କିମ୍ବା ଶୌଚାଳୟ ଖୋଲୁନାହିଁ। ଏପରିକି ହାଟରୁ ଜଳ ନିଷ୍କାସନର ବ୍ୟବସ୍ଥା ମଧ୍ୟ କରାଯାଇନାହିଁ। ତୁରନ୍ତ କଟକ ଜିଲାପାଳ ଏଥିପ୍ରତି ଦୃଷ୍ଟି ଦିଅନ୍ତୁ। ବିଡିଓ ଦିବ୍ୟଜ୍ୟୋତି ସ୍ମୃତି ରଞ୍ଜନ ଦେଓ କୁହନ୍ତି ହାଟର ସମସ୍ୟା ସମ୍ପର୍କରେ ଆମ ପାଖରେ କୌଣସି ଅଭିଯୋଗ ହୋଇନାହିଁ। ଅଭିଯୋଗ ମିଳିଲେ କାର୍ଯ୍ୟାନୁଷ୍ଠାନ ନିଆଯିବ।

## ସଂକ୍ଷେପରେ

### ଗାଡ଼ି ଜବତ, ୩ ଗୋରୁ ଉଦ୍ଧାର



ନିରାକାରପୁର,୧୨।୯(ମାନସ ଚନ୍ଦ୍ର ପଟ୍ଟନାୟକ )

ଜଙ୍କିଆ ଥାନା ଅଧୀନ ସରପାରି-ଅଚ୍ୟୁତପୁର ରାସ୍ତାରୁ ଏକ ଗୋରୁ ବୋଝେଇ ଡାଲାଅଟୋକୁ ସ୍ଥାନୀୟ ଯୁବ ସଙ୍ଗଠନ ଜବତ କରି ପୋଲିସ ଜିମା ଦେଇଥିଲେ। ଏ ସମ୍ପର୍କରେ ପୋଲିସ ଏକ ମାମଲା ରୁଜୁ କରିବା ସହ ଉକ୍ତ ଡାଲାଅଟୋ (ଓଡି୦୪ ଏଲ୯୧୪୦)କୁ ଜବତ କରିଛି। ଟାଙ୍ଗୀ ଥାନା ଅଞ୍ଚଳ ଉଦୟଗିରି ଗ୍ରାମର ଗାଡିଚାଳକ ଅଜୟ ପ୍ରଧାନଙ୍କୁ ନୋଟିସ ବେଲ ମାଧ୍ୟମରେ ଛଡାଯାଇଛି। ଉଦ୍ଧାର ୩ ଗୋରୁଙ୍କୁ ଚିକିତ୍ସା ପରେ ମାଲିକଙ୍କୁ ହସ୍ତାନ୍ତର କରାଯିବ ବୋଲି ଥାନା ଅଧିକାରୀ ପ୍ରଜ୍ଞା ରତ୍ନମ୍ବରା କର କହିଛନ୍ତି। ସୂଚନା ମୁତାବକ, ସ୍ଥାନୀୟ ଅଞ୍ଚଳର ଯୁବ ସଙ୍ଗଠନ ୩ଟି ଗୋରୁ ବୋଝେଇ ଡାଲାଅଟୋକୁ ଜବତ କରିଥିବା ନେଇ ପୋଲିସକୁ ସୂଚନା ମିଳିଥିଲା। ଘଟଣାସ୍ଥଳରେ ପୋଲିସ ପହଞ୍ଚି ତଦନ୍ତ ବେଳେ ନାଲସିଂ ଗ୍ରାମର ଅପସରା ନାୟକ ୨୦ରୁ ଊର୍ଦ୍ଧ୍ୱ ଗୋରୁ ରଖିଥିବା ଜାଣିବାକୁ ପାଇଥିଲା। ତେବେ ସେ ଆଉ ଗୋରୁଙ୍କ ସେବା କରିପାରୁ ନ ଥିବାରୁ ୩ଟି ଗୋରୁଙ୍କୁ ମଲିପଡ଼ା ଝିଆରୀ ଘରକୁ ପଠାଉଥିଲେ ବୋଲି ଅପ୍‌ସରା କହିଛନ୍ତି। ଏକ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଛି ବୋଲି ଥାନା ଅଧିକାରୀ କର କହିଛନ୍ତି।

### ଅବକାରୀ ଚଢ଼ାଉ, ୪ ଗିରଫ

ବାଲୁଗାଁ (ସଂଗ୍ରାମ ପାଇକରାୟ)/ ବାଣପୁର, ୧୨।୯(ଶଙ୍କର ବସ୍ତି)

ଟାଙ୍ଗୀ ରେଞ୍ଜ ଅବକାରୀ ଅଧିକାରୀ ନାରାୟଣ ଜେନାଙ୍କ ନିର୍ଦ୍ଦେଶକ୍ରମେ ବାଲୁଗାଁ ଅବକାରୀ ବିଭାଗ ବାଣପୁର ଥାନା ଅନ୍ତର୍ଗତ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ୪ ଜଣଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟଚାଲାଣ କରିଛି। ଅଭିଯୁକ୍ତମାନେ ହେଲେ ଭୀମପୁର ଗ୍ରାମର କୁମର ବେହେରା (୫୦), ମାଟିଆପୋଖରୀ ଗ୍ରାମର ଧରଣୀଧର ପ୍ରଧାନ(୪୭) ଓ କାଲୁ ପ୍ରଧାନ(୪୨) ଏବଂ ବିଧାରପୁର ଗ୍ରାମର ଇନ୍ଦ୍ରମଣି ପରିଡ଼ା(୫୫)। ଏମାନଙ୍କ ନିକଟରୁ ୧୨୪ ଲିଟର ଦେଶୀ ମଦ ଓ ୨ଟି ସ୍କୁଟି ଜବତ ହୋଇଛି ବୋଲି ବାଲୁଗାଁ ଭାରପ୍ରାପ୍ତ ଅବକାରୀ ଅଧିକାରୀ ତପନ କୁମାର ସ୍ୱାଇଁ କହିଛନ୍ତି। ପ୍ରକାଶ ଯେ, ଅଭିଯୁକ୍ତମାନେ ସ୍କୁଟିରେ ବେଆଇନଭାବେ ଦେଶୀ ମଦ ନେଇ ଯାଉଥିବା ବେଳେ ଅବକାରୀ କର୍ମଚାରୀଙ୍କ ହାତରେ ଧରାପଡ଼ିଥିଲେ।

# ସ୍ଥାୟୀ ଡାକ୍ତର ନାହାନ୍ତି, ପାଳିକରି ଆସୁଛନ୍ତି

ଖୋର୍ଦ୍ଧା,୧୨।୯(ପ୍ରଭାତ ପାଣିଗ୍ରାହୀ)



ଜିଲାପାଳଙ୍କୁ ଦାବିପତ୍ର ଦେବାକୁ ଆସିଥିବା ଗ୍ରାମବାସୀ।

■ ଜିଲାପାଳଙ୍କ ନିକଟରେ ଅଭିଯୋଗ କଲେ ଗ୍ରାମବାସୀ
■ ସିଏଚ୍‌ସିରେ ରୂପାନ୍ତର ପାଇଁ ଦାବିକଲେ

ସ୍ୱାସ୍ଥ୍ୟସେବାରେ ଉନ୍ନତି ଆଣିବା ପାଇଁ ରାଜ୍ୟ ସରକାର ଗୁରୁତ୍ୱ ଦେଉଛନ୍ତି। ଏଥିରେ ଆଉ ପାଦେ ଆଗେଇ ଯାଇ ସ୍ୱାସ୍ଥ୍ୟକେନ୍ଦ୍ରଗୁଡିକର ଭିତ୍ତିଭୂମି ବିକାଶ ପାଇଁ 'ମୋ ହସ୍ପିଟାଲ ଯୋଜନା' ଆରମ୍ଭ କରିଛନ୍ତି। ଏଥିରେ ଜିଲା ମୁଖ୍ୟ ଚିକିତ୍ସାଳୟ ସମେତ ଜିଲାର ୧୦ଟି ମେଡିକାଲକୁ ସାମିଲ କରାଯାଇଛି। ତେବେ ଗ୍ରାମାଞ୍ଚଳରେ ଥିବା ସ୍ୱାସ୍ଥ୍ୟ ଆରୋଗ୍ୟ କେନ୍ଦ୍ରର ଭିତ୍ତିଭୂମି ପ୍ରତି ଗୁରୁତ୍ୱ ଦିଆଯାଉନାହିଁ। ଫଳରେ ସ୍ଥାନୀୟ ଗ୍ରାମବାସୀ ସ୍ୱାସ୍ଥ୍ୟସେବାରୁ ବଞ୍ଚିତ ହେଉଛନ୍ତି। ଖୋର୍ଦ୍ଧା ବ୍ଲକ ହାଡ଼ପଦାସ୍ଥିତ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର ଏହାର ଏକ ଉଦାହରଣ। ଏଠାରେ ସ୍ଥାୟୀ ଡାକ୍ତର ନାହାନ୍ତି। ସପ୍ତାହକୁ ୨ରୁ ୩ଦିନ ଡାକ୍ତର ପାଳି କରି ୩ଘଣ୍ଟା ପାଇଁ ଆସି ଚାଲିଯାଉଛନ୍ତି। ଫଳରେ ଏହାଉପରେ ନିର୍ଭରଶୀଳ ଲୋକେ ହଇରାଣ ହେଉଛନ୍ତି। ଫଳରେ ଥଣ୍ଡା, କାଶ, ଜ୍ୱର ହେଲେ ଖୋର୍ଦ୍ଧାକୁ ଦୌଡୁଛନ୍ତି। ଏଭଳି ଅଭିଯୋଗ ଆଣିଛନ୍ତି ଗ୍ରାମବାସୀ। ସ୍ୱାସ୍ଥ୍ୟସେବାରେ ଉନ୍ନତି ଆଣିବା ପାଇଁ ଏହି ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର(ପିଏଚ୍‌ସି)କୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର(ସିଏଚ୍‌ସି)ରେ ରୂପାନ୍ତରଣ କରିବା ପାଇଁ ଗ୍ରାମବାସୀ ମଙ୍ଗଳବାର ଜିଲାପାଳଙ୍କ ନିକଟରେ ଲିଖିତ ଦାବି କରିଛନ୍ତି।

ଦାବିପତ୍ରରେ ଦର୍ଶାଯାଇଛି ଯେ, ଜଣେ ଡାକ୍ତର ସପ୍ତାହକୁ ପାଳି କରି ଦିନେ ଦୁଇ ଦିନ ଆସୁଛନ୍ତି। ଆୟୁଷ ଡାକ୍ତର ସପ୍ତାହକୁ ୩ଦିନ ଆସୁଛନ୍ତି। ଏଠାରେ ଡାକ୍ତର, ଫାର୍ମାସିଷ୍ଟ ରହୁନାହାନ୍ତି। ସ୍ୱାସ୍ଥ୍ୟ ସମ୍ବନ୍ଧିତ ସଚେତନତା କାର୍ଯ୍ୟକ୍ରମ ଆୟୋଜନ ଲାଗି ସମ୍ମିଳନୀ କକ୍ଷ ନାହିଁ। ରାତି ଅଧରେ ଗୁରୁତର ରୋଗୀ ଖୋର୍ଦ୍ଧା ଯିବାକୁ ବାଧ ହେଉଛନ୍ତି। ୨୦୦୭ ପଞ୍ଚାୟତ ନିର୍ବାଚନରେ ମୁଖ୍ୟମନ୍ତ୍ରୀ ଏହି ଅଞ୍ଚଳ ଗସ୍ତରେ ଆସି ଉକ୍ତ ସ୍ୱାସ୍ଥ୍ୟକେନ୍ଦ୍ରର ଉନ୍ନତି ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଉକ୍ତ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ଖୋର୍ଦ୍ଧା ବ୍ଲକ ନରଣଗଡ଼ ପଞ୍ଚାୟତ ସମେତ ପୁରୀ ଜିଲା କଣାସ ବ୍ଲକର କିଛି ଗ୍ରାମ ମଧ୍ୟ ନିର୍ଭର କରୁଛନ୍ତି। ଏହି ପଞ୍ଚାୟତଠାରୁ ଦୀର୍ଘ ୩୫ କି.ମି. ମଧ୍ୟରେ କୌଣସି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ନାହିଁ। ପ୍ରତିବର୍ଷ ହୀରାକୁଦ ଗେଟ୍ ଖୋଲିଲେ ମହାନଦୀର ଶାଖା ନଦୀର ପଛୁଆ ପାଣି ପଶି ୩ ପଞ୍ଚାୟତର ୧୦ଟି ଗ୍ରାମ ବନ୍ୟାଘେରରେ ରହେ। ଏହି ସ୍ୱାସ୍ଥ୍ୟକେନ୍ଦ୍ରକୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରୂପାନ୍ତରିତ କରାଗଲେ ଆଖପାଖ ଅଞ୍ଚଳବାସୀ ଉପକୃତ ହେବେ।

# ଧରାପଡ଼ିଲେ ୬ ଲୁଟେରା

ଝାଁଳା,୧୨।୯(ବୁଲା ବାରିକ)

**ଆକ୍ରମଣ କରି ଲୁଟ୍ ଘଟଣା**
■ କାର୍, ଭୁଜାଲି, ଲୁହାରଡ, ମୁଦି, ଟଙ୍କା ଜବତ

ଇନ୍‌ଫୋଭ୍ୟାଲି ଥାନା ଅଧୀନ ତଳଖେତା ରାସ୍ତାରେ ଜଣେ ବ୍ୟକ୍ତିଙ୍କୁ ସଂଘବଦ୍ଧ ଆକ୍ରମଣ କରି ଲୁଟ୍ କରିଥିବା ଅଭିଯୋଗରେ ପୋଲିସ ୬ଜଣ ଲୁଟେରାଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଅଭିଯୁକ୍ତମାନେ ହେଲେ ଏହି ଥାନା ଅନ୍ତର୍ଗତ ଝାଁଳା ପଞ୍ଚାୟତ ଉତ୍ତର ମୁଣ୍ଡମୁହାଣ ଗ୍ରାମର ଅମ୍ବିକା ପ୍ରସାଦ ଜଗଦେବ ଓରଫ ଫୁନୁ, ଅଜୟ କୁମାର ଶତପଥୀ ଓରଫ ଅଜୁ, ଓଗାଳପଡ଼ା ଗ୍ରାମର ସୁଶାନ୍ତ କୁମାର ସେଠୀ ଓରଫ ବୁଲୁ, ସନ୍ତୋଷ ପରିଡ଼ା, ଚନ୍ଦକା ଥାନା ଅନ୍ଧାରୁଆ ଗ୍ରାମର ନୀଳମଣି ପରିଡା ଓରଫ ନିଲୁ ଏବଂ ପୂର୍ଣ୍ଣଚନ୍ଦ୍ର ମାଟି ଓରଫ ପପୁ। ଏମାନଙ୍କ ନିକଟରୁ କାର୍, ଭୁଜାଲି, ୪ଟି ଲୁହାରଡ, ବ୍ରେସଲେଟ, ଦୁଇଟି ସୁନାମୁଦି ଏବଂ ୧୪ହଜାର ୫ଶହ ଟଙ୍କା ଜବତ ହୋଇଛି ବୋଲି ମଙ୍ଗଳବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଜୋନ-୩ ଏସିପି ପ୍ରଦୀପ କୁମାର ରାଉତ କହିଛନ୍ତି। ସୂଚନା ମୁତାବକ, ଭୁବନେଶ୍ୱର ପଳାସପଲ୍ଲୀର ପ୍ରଦୀପ୍ତ କୁମାର ଭୁଜବଳ ସୋମବାର କାରରେ କୌଣସି କାମରେ ଛତାବର ଆସିଥିଲେ। ଅପରାହ୍ନ ୩ଟା ୩୦ରେ ଛତାବର ପାର୍ଶ୍ୱରୁ ଏନଏଚ-୧୬ ପଟକୁ ତଳଖେତା ରାସ୍ତା ଦେଇ ଫେରୁଥିଲେ। ଉପରୋକ୍ତ ଅଭିଯୁକ୍ତମାନେ ତାଙ୍କୁ ଏକ କାରରେ ପିଛା କରୁଥିବା ନେଇ ସନ୍ଦେହ କରିଥିଲେ। ପରେ ଏକ ଇଟା ଫ୍ୟାକ୍ଟ୍ରି ନିକଟରେ ଅଭିଯୁକ୍ତମାନେ ତାଙ୍କ କାର୍ ପଛକୁ ଧକ୍କା ଦେଇଥିଲେ। ପ୍ରଦୀପ୍ତ କାର୍‌ର ବେଗ ଧୀର କରିବାରୁ ଅଭିଯୁକ୍ତମାନେ ସେମାନଙ୍କ କାର ଆଣି ଆଗରେ ରଖିଥିଲେ। ଅଭିଯୁକ୍ତମାନେ ଓହ୍ଲାଇ ପ୍ରଦୀପ୍ତଙ୍କୁ କାର ଭିତରୁ ଟାଣି ଆଣି ଭୁଜାଲି ଓ ଲୁହାରଡରେ ଆକ୍ରମଣ କରିଥିଲେ। ଏହା ପରେ ଅଭିଯୁକ୍ତମାନେ ପ୍ରଦୀପ୍ତଙ୍କ ବେକରେ ଭୁଜାଲି ଲଗାଇ ୨ଟି ସୁନାମୁଦି, ସୁନା ବ୍ରେସଲେଟ ଓ ୧୫ହଜାର ଟଙ୍କା ଲୁଟିନେଇ ଫେରାର ହୋଇଯାଇଥିଲେ। ଏନେଇ ପ୍ରଦୀପ୍ତ ଥାନାରେ ଅଭିଯୋଗ କରିଥିଲେ। ଗୋହିରିଆ ଛକ ନିକଟରେ କାରରେ ବସି ଅଭିଯୁକ୍ତମାନେ ଅନ୍ୟତ୍ର ଅପରାଧ ଘଟାଇବା ପାଇଁ ଯୋଜନା କରୁଥିବା ବେଳେ ପୋଲିସ ପହଞ୍ଚି କାବୁ କରିଥିଲା।



ଗିରଫ ୬ ଅଭିଯୁକ୍ତ ଏବଂ ଜବତ ହୋଇଥିବା ମୋବାଇଲ, ଭୁଜାଲି, ଟଙ୍କା ଓ ଲୁହାରଡ୍।

# ଦଧିମାଛଗାଡ଼ିଆରେ ଗୁଣିଗାରେଡ଼ି ସନ୍ଦେହ

ଖୋର୍ଦ୍ଧା,୧୨।୯(ପ୍ରଭାତ ପାଣିଗ୍ରାହୀ)

**ଗ୍ରାମବାସୀଙ୍କୁ ସଚେତନ କଲା ପ୍ରଶାସନ**



ସମ୍ପ୍ରତି ବିଜ୍ଞାନ ଯୁଗରେ ବି ଗାଁ ଗହଳିରେ ଗୁଣିଗାରେଡିକୁ ନେଇ ଲୋକଙ୍କ ମନରୁ ଭୟ ଦୂର ହୋଇପାରୁନାହିଁ। ଗତ କିଛିଦିନ ହେଲା ଗୁଣିଗାରେଡିକୁ ନେଇ ଖୋର୍ଦ୍ଧା ବ୍ଲକ ଦଧିମାଛଗାଡ଼ିଆ ଚର୍ଚ୍ଚାକୁ ଆସିଛି। ଏ ସଂକ୍ରାନ୍ତ ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଏଥିରେ ଗାଁରେ ଲୋକେ ଭୟଭୀତ ହୋଇ ରହଥିବା ଦେଖିବାକୁ ମିଳୁଛି। ଗାଁରେ ଗୁଣିଗାରେଡିକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି। ଏ ସମ୍ପର୍କିତ ଖବର ପ୍ରଚାରିତ ହେବା ପରେ ମଙ୍ଗଳବାର ସ୍ଥାନୀୟ ପ୍ରଶାସନ ଓ ପୋଲିସ ଗ୍ରାମରେ ପହଞ୍ଚି ଗ୍ରାମବାସୀଙ୍କ ସହିତ ଆଲୋଚନା କରିଛନ୍ତି। ଏଥିଲାଗି ଭୟଭୀତ ନ ହେବା ଲାଗି ସଚେତନ କରାଯାଇଛି। କାହାରି ଉପରେ ସନ୍ଦେହ ହେଲେ ତାଙ୍କୁ ନିର୍ଯାତନା ଦେବା ପରିବର୍ତ୍ତେ ପ୍ରଶାସନ ଅଥବା ପୋଲିସକୁ ଜଣାଇବା ପାଇଁ ଗ୍ରାମବାସୀଙ୍କୁ ବୁଝାଇଥିଲେ। ଖୋର୍ଦ୍ଧା ତହସିଲଦାର ବିଭାସ ପାଣିଗ୍ରାହୀ, ସଦର ଥାନାଧିକାରୀ କୈଳାସ ଚନ୍ଦ୍ର ସ୍ୱାଇଁ ଏବଂ ଅନ୍ୟ ପ୍ରଶାସନିକ ଅଧିକାରୀମାନେ ଲୋକଙ୍କ ସହ ଆଲୋଚନା କରି ଫେରିଛନ୍ତି।

ପ୍ରକାଶ ଯେ, ଦଧିମାଛଗାଡ଼ିଆରେ ଗତ କିଛି ଦିନ ହେବ ଗୁଣିଗାରେଡ଼ିକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଛନକା ପଶିଛି। ସୋସିଆଲ ମିଡିଆରେ ଜଣେ ନାବାଳକ ଖୋଲା ଦେହରେ ମାଟିରେ ଗଡ଼େଇତଡ଼େଇ ହେଉଥିବା ଦୃଶ୍ୟ ଭାଇରାଲ ହୋଇଥିଲା। ଏହାକୁ ଗୁଣିଗାରେଡ଼ି ଆଖ୍ୟା ଦିଆଯାଇଥିଲା। ଏପରିକି ଭୟରେ ଅଭିଭାବକମାନେ ପିଲାଙ୍କୁ ସ୍କୁଲ ଯିବାକୁ ବାରଣ କରିଥିବା କୁହାଯାଉଛି। ତେବେ ଏଥିରେ କେତଦୂର ସତ୍ୟତା ରହିଛି, ତାହାର ପ୍ରମାଣ ହସ୍ତଗତ ହୋଇ ନ ଥିବା ବେଳେ କୌଣସି ଗ୍ରାମବାସୀଙ୍କ ପ୍ରତିକ୍ରିୟା ମିଳିପାରିନାହିଁ। ତହସିଲଦାର ପାଣିଗ୍ରାହୀ କହିଛନ୍ତି, ଏନେଇ ଖବର ପ୍ରଚାରିତ ହେବା ପରେ ପ୍ରଶାସନ ପକ୍ଷରୁ ଗ୍ରାମରେ ଲୋକଙ୍କୁ ସଚେତନ କରାଯାଇଛି। ଏଥିରୁ ନିବୃତ୍ତ ରହିବା ସହ ଭୟଭୀତ ନ ହେବାକୁ ପରାମର୍ଶ ଦିଆଯାଇଛି। କାହାରି ଦେହ ଖରାପ ହେଲେ ଡାକ୍ତରଙ୍କ ପରାମର୍ଶ ନେବାକୁ କୁହାଯାଇଛି ବୋଲି ତହସିଲଦାର ପ୍ରକାଶ କରିଛନ୍ତି।

# ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ତାଲିମ ଶିବିର

କୃଷ୍ଣପ୍ରସାଦ,୧୨।୯(କୈଳାସ ଚନ୍ଦ୍ର ପଟ୍ଟନାୟକ)

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ନୂଆପଡ଼ା ପଞ୍ଚାୟତର ଖଟିସାହିସ୍ଥିତ ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀ ପରିସରରେ ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ ପକ୍ଷରୁ ପ୍ରାକୃତିକ ବିପର୍ଯ୍ୟୟ ତାଲିମ ଶିବିର ମଙ୍ଗଳବାରଠାରୁ ଆରମ୍ଭ ହୋଇଛି। ୭ଦିନ ଧରି ଚାଲିବାକୁ ଥିବା ଏହି ଶିବିରରେ ପରିଚାଳନା କମିଟି ସଦସ୍ୟ, ସନ୍ଧାନ ଉଦ୍ଧାରକାରୀ ଦଳ ଓ ପ୍ରାଥମିକ ସେବାର ସଦସ୍ୟଙ୍କୁ ତାଲିମ ଦିଆଯିବ। ନୋଡାଲ ଏନ୍‌ଜିଓ ସମ୍ପାଦକ ପ୍ରବୀର ନାୟକଙ୍କ ନେତୃତ୍ୱରେ ଆୟୋଜିତ ଏହି ଶିବିରରେ ଏନ୍. ସମୀର କୁମାର, ଶିବବ୍ରତ ଶତପଥୀ, ଅମୂଲ୍ୟ ସମର୍ଥା, ବିମଳ ପାଣି ପ୍ରମୁଖ ତାଲିମ ପ୍ରଦାନ କରିଥିଲେ। ଏହି ଶିବିରରେ ମୁଖ୍ୟ ଅତିଥିଭାବେ ନୂଆପଡ଼ା ସରପଞ୍ଚ କବିତା ଜେନା ଯୋଗଦେଇ କାର୍ଯ୍ୟକ୍ରମର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କୃଷ୍ଣପ୍ରସାଦ ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ ତୀର୍ଥ ତଥାଗତ ଆଇଚ, ଖଟିସାହି ଗ୍ରାମ୍ୟ କମିଟି ସମ୍ପାଦକ ନିରଞ୍ଜନ ଜେନା, ବାତ୍ୟା ଆଶ୍ରୟସ୍ଥଳୀ ସମ୍ପାଦକ ରବୀନ୍ଦ୍ର ସାମଲ, ପରିଚାଳନା କମିଟିର ସଭ୍ୟ ନଳିନୀକାନ୍ତ ଜେନା, ଖଟିସାହି ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଦ୍ୱାରିକା ନାଥ ମାଝୀ, ପୂର୍ଣ୍ଣଚନ୍ଦ୍ର ଜେନା, ମା'ବ୍ରହ୍ମ ଦେବକୀ ସ୍ୱୟଂ ସହାୟକ ଗୋଷ୍ଠୀର ସଭାନେତ୍ରୀ ସାଗରିକା ଜାଲି, ସମ୍ପାଦିକା ମୀନାକ୍ଷୀ ସାମଲ ପ୍ରମୁଖ ଉପସ୍ଥିତ ଥିଲେ।

# 'ଏକାଠି କାର୍ଯ୍ୟ କରିବାକୁ ସଙ୍କଳ୍ପ ନେଲେ'

ଜଟଣୀ,୧୨।୯(ରବୀନ୍ଦ୍ରନାଥ ମହାକୁଡ଼)

ଜଟଣୀର ମୋ ପରିବାର ଅନୁଷ୍ଠାନ ଏବଂ ମହାବୀର ସେନା ମଙ୍ଗଳବାର ଏକାଠି ହୋଇଥିଲେ। ଏହି ମିଶ୍ରଣ ପରିପ୍ରେକ୍ଷୀରେ ରାମଚନ୍ଦ୍ରପୁରସ୍ଥିତ ମା'ଉତ୍ତରାୟଣୀଙ୍କ ପୀଠରୁ ମୋ ପରିବାରର ସଦସ୍ୟମାନେ ବାଇକ ଶୋଭାଯାତ୍ରାରେ ବାହାରି ପୁରୀ ଜିଲା ପିପିଲି ଅଭିମୁଖେ ଯାଇଥିଲେ। ପିପିଲି ନିକଟ ପଦାପଡ଼ିଆସ୍ଥିତ ମହାଦେବ ମନ୍ଦିର ପରିସରରେ ଅନୁଷ୍ଠିତ ବୈଠକରେ ଯୋଗଦେଇଥିଲେ। ମହାବୀର ସେନାର ସଭାପତି ଶୁଭ୍ରାଂଶୁ କୁମାର ଏବଂ ସଦସ୍ୟଙ୍କ ଦ୍ୱାରା ଆୟୋଜିତ ଏହି ବୈଠକରେ ମୋ ପରିବାରର ପ୍ରତିଷ୍ଠାତା ତଥା ଖବରଦାତା ଶୁଭେନ୍ଦ୍ର ଶତପଥୀ ସଭାପତିତ୍ୱ କରିଥିଲେ। ମୋ ପରିବାର ନୀତି ଏବଂ ନିୟମ ବିଷୟରେ ଶତପଥୀ ପ୍ରଥମେ ଅବଗତ କରାଇଥିଲେ। ମହାବୀର ସେନା ଓ ମୋ ପରିବାର ଦୁଇଟି ଶରୀର, କିନ୍ତୁ ଗୋଟିଏ ପରିବାର ହୋଇ କାର୍ଯ୍ୟ କରିବାକୁ ସଙ୍କଳ୍ପ ନେଇଥିଲେ। ମହାବୀର ସେନାର ପିପିଲି ବ୍ଲକ ସଭାନେତ୍ରୀ ମିନତୀ ପ୍ରଧାନ, ସମ୍ପାଦକ ରୋଶନ ନାୟକ, ସହସମ୍ପାଦକ ସିପୁନ ଜେନା, ମୋ ପରିବାରର ଶରତ ପାଇକରାୟ, ମୁନ୍ନା ନାୟକ, ସୁଶାନ୍ତ ପଟ୍ଟନାୟକ, ମୁନ୍ନା ମଙ୍ଗରାଜ, ନିରଞ୍ଜନ ପାତ୍ର, ଭାଗ୍ୟଧର ମହାପାତ୍ର, ମନୋଜ ଜେନା, ବିଜୟ ଶର୍ମା, ସତ୍ୟଶ୍ରୀ ମହାନ୍ତି, ଭାରତ ମୋହନ ଦାଶ, ସ୍ୱର୍ଣ୍ଣରେଖା ଦାଶ ପ୍ରମୁଖ ଯୋଗଦେଇଥିଲେ।

# ରୟାଲ ବ୍ରଦର ବିଜୟୀ

ଜଟଣୀ,୧୨।୯(ରବୀନ୍ଦ୍ରନାଥ ମହାକୁଡ଼)

**ବେଣାପଞ୍ଜରୀ ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ନାମେଣ୍ଟ**

ଜଟଣୀ ବ୍ଲକ ଅଧୀନ ବେଣାପଞ୍ଜରୀ ପଞ୍ଚାୟତରେ ଚାଲିଥିବା ଦ୍ୱିତୀୟ ବେଣାପଞ୍ଜରୀ ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ନାମେଣ୍ଟର ଦ୍ୱିତୀୟ ଦିବସ ତଥା ମଙ୍ଗଳବାର ମୁକ୍ତାର ସକିର କନ୍‌ଷ୍ଟ୍ରକ୍ସନ ଫାଇଟର ଏବଂ ରୟାଲ ବ୍ରଦର ଟିମ୍ ମଧ୍ୟରେ ମ୍ୟାଚ୍ ହୋଇଥିଲା। ପ୍ରଥମେ ବ୍ୟାଟିଂ କରି ମୁକ୍ତାର ସକିର କନଷ୍ଟ୍ରକ୍ସନ ଫାଇଟର ଟିମ୍ ୧୫ ଓଭରରେ ୬ ଉଇକେଟ ବିନିମୟରେ ୭୯ ରନ ସଂଗ୍ରହ କରିଥିଲା। ଜବାବରେ ରୟାଲ ବ୍ରଦର ଟିମ୍ ୧୦.୪ ଓଭରରେ ୮୦ ରନ ସଂଗ୍ରହ କରି ବିଜୟୀ ହୋଇଥିଲା। ରୟାଲ ବ୍ରଦର ଟିମର ବିଟୁ ୩୨ ରନ ସଂଗ୍ରହ କରି ମ୍ୟାନ ଅଫ ଦ ମ୍ୟାଚ୍ ହୋଇଥିଲା। ସାହା ଇସାକ ଅଲି ଏବଂ ଶିରାଜ ଖାନ ମ୍ୟାଚ୍ ପରିଚାଳନା କରିଥିଲେ। ଏହି ଦ୍ୱିତୀୟ ଦିବସ ମ୍ୟାଚରେ ଅତିଥିଭାବେ ମୁମତାଜ ଖାନ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିବା ସହିତ ଖେଳଦ୍ୱାରା ମାନସିକ ଏବଂ ଶାରୀରିକ ବିକାଶ ହୋଇଥାଏ ବୋଲି କହିଥିଲେ। ଟୁର୍ନାମେଣ୍ଟର ଆୟୋଜନ ପାଇଁ ଆୟୋଜକ ସଦସ୍ୟଙ୍କୁ କୃତଜ୍ଞତା ଜଣାଇଥିଲେ।

# ଅଗ୍ନିଶମ ବିଭାଗ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ

ଟାଙ୍ଗୀ,୧୨।୯(ରଘୁନାଥ ସାହୁ)

ଗଙ୍ଗାଧରପୁରସ୍ଥିତ ଅଗ୍ନିଶମ କେନ୍ଦ୍ର ପକ୍ଷରୁ ବାଣପୁର ବ୍ଲକ ଅନ୍ତର୍ଗତ କହ୍ନେଇପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଏକ ସଚେତନତା କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ବାସୁଦେବ ବାରିକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସାଧାରଣ ସଭାରେ ଅଗ୍ନିଶମ ଅଧିକାରୀ ମୋହନ କୁମାର ଦଳେଇ, ଅଗ୍ନିକ ଫଣୀନ୍ଦ୍ର ନାୟକ, ଅନ୍ତର୍ଯ୍ୟାମୀ ନାୟକ, ଦୁର୍ଯ୍ୟୋଧନ ବେହେରା, ସୀତାରାମ ଶର୍ମା, ତ୍ରିଲୋଚନ ଦାଶ ପ୍ରମୁଖ ପ୍ରଶିକ୍ଷକଭାବେ ଯୋଗଦେଇ ଅଗ୍ନିକାଣ୍ଡରୁ କିପରି ଧନଜୀବନ ରକ୍ଷା କରାଯାଇପାରିବ ସେ ସମ୍ପର୍କରେ ବିଭିନ୍ନ କୌଶଳ ପ୍ରଦର୍ଶନ କରିବା ସହ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଅଗ୍ନି ବିପନ୍ନ ଓ ଦୁର୍ଘଟଣାଗ୍ରସ୍ତ ବ୍ୟକ୍ତିଙ୍କୁ କିପରି ଉଦ୍ଧାର କରାଯିବା ସହ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇପାରିବ, ବିଜୁଳିଜନିତ ଏବଂ ରନ୍ଧନ ଗ୍ୟାସ ଜନିତ ଅଗ୍ନିକାଣ୍ଡକୁ କିଭଳି ମୁକାବିଲା କରିବା ସହ ଲିଭାଇ ହେବ ଆଦି ସମ୍ପର୍କରେ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା। ଆଲୋକ କୁମାର ବରାଳ, ଦୁର୍ଗା ପ୍ରସନ୍ନ ମହାପାତ୍ର, ଦୁର୍ଯ୍ୟୋଧନ ମୁଦୁଲି, ଟିକିନା ଭାରିମଲ୍ଲ, ସୁନିତା ମହାପାତ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ସଜେଇ ହେଲାଣି ପୂଜାମଣ୍ଡପ



ଜଟଣୀ,୧୨।୯(ରବୀନ୍ଦ୍ରନାଥ ମହାକୁଡ଼)

**କୁଦିଆରୀ ବଜାର ବ୍ୟବସାୟୀ ସଂଘ ପୂଜା କମିଟି**
■ ଶୋଭାପାଇବ ଦୁଇ ଏଲ୍‌ଇଡି ଗେଟ୍
■ ମୀନାବଜାର ମୁଖ୍ୟ ଆକର୍ଷଣ

ଗଣେଶ ପୂଜା ପାଇଁ ଚଳଚଞ୍ଚଳ ହୋଇଉଠିଛି ଜଟଣୀ ସହର। ଏଥିପାଇଁ ବିଭିନ୍ନ ବ୍ୟବସାୟୀ ସଂଘ, ସାହିବସ୍ତି ଓ କ୍ଲବ ପକ୍ଷରୁ ଧୁମ୍‌ଧାମରେ ଗଣେଶ ପୂଜା ପାଳନ ପାଇଁ ଆରମ୍ଭ ହୋଇଯାଇଛି ପ୍ରସ୍ତୁତି। ସମସ୍ତେ ନିଜ ନିଜ ତୋରଣକୁ ଅନ୍ୟଠୁ ଭିନ୍ନ ଓ ଆକର୍ଷଣୀୟ ଢଙ୍ଗରେ ପ୍ରସ୍ତୁତ କରୁଛନ୍ତି। ଏହି ପରିପ୍ରେକ୍ଷୀରେ କୁଦିଆରୀ ବଜାର ବ୍ୟବସାୟୀ ସଂଘ ପୂଜା କମିଟି ମଧ୍ୟ ଜୋର୍‌ଦାର ପ୍ରସ୍ତୁତି ଚଳାଇଛି। ଏଥର ପୂଜାରେ ୧୫ଲକ୍ଷ ଟଙ୍କା ଖର୍ଚ୍ଚ ହେବା ନେଇ ସଂଘ ପକ୍ଷରୁ ଆକଳନ କରାଯାଇଛି। ଆକର୍ଷଣୀୟ ମୃଣ୍ମୟୀ ତ୍ରିମୂର୍ତ୍ତି ସହିତ ଯାତ୍ରା ଏବଂ ମୀନାବଜାର ପାଇଁ ପ୍ରବଳ ଜନସାମାଗମ ହେବ ବୋଲି କମିଟି କର୍ମକର୍ତ୍ତା ଆଶା କରିଛନ୍ତି।

ପ୍ରକାଶ ଯେ, ଏହି ଅଞ୍ଚଳର ବାଜ ସାହୁ ନାମକ ବ୍ୟକ୍ତିଙ୍କ କୌଣସି ସନ୍ତାନ ନ ଥିଲା। ମାନସିକ ସହିତ ଠାକୁରଙ୍କୁ ପୂଜାର୍ଚ୍ଚନା କରିବା ପରେ ତାଙ୍କର ଏକ ପୁଅ ହୋଇଥିଲା। ଏହାପରେ ସେ ଘରେ ଗଣେଶ ପୂଜା ଆରମ୍ଭ କରିଥିଲେ। ପରବର୍ତ୍ତୀ ସମୟରେ ସ୍ଥାନୀୟ ବ୍ୟବସାୟୀ ଦୈତାରୀ ସାହୁ, ଅପର୍ତ୍ତି ସାହୁ, କ୍ଷେତ୍ରବାସୀ ସାହୁ, ପୂର୍ଣ୍ଣ ବରାଳ, ବାବାଜି ସାହୁ, ଫଗୁଆ ସାହୁ, ବୈକୁଣ୍ଠ ସାହୁ, ଉଚ୍ଛବ ସାହୁ, ବଳରାମ ସାହୁ, ନଟବର ସାହୁ, ମୋହନ ସାହୁ ପ୍ରମୁଖ ମିଳିତଭାବେ ସାର୍ବଜନୀନ ପୂଜା ଆରମ୍ଭ କରିଥିଲେ। ୧୯୮୩ ମସିହାରେ ଉକ୍ତ ବ୍ୟବସାୟୀ ସଂଘ ପକ୍ଷରୁ ସ୍ଥାୟୀ ପଣ୍ଡପ କରାଯାଇ ପ୍ରଭୁ ଗଣେଶ, ମା' ସରସ୍ୱତୀ ଏବଂ ଲକ୍ଷ୍ମୀଙ୍କୁ ପୂଜା କରାଯାଇଥିଲା। ୯୦ ଦଶକରେ ପୂଜାକୁ ଲୋକାଭିମୁଖୀ ଏବଂ ଆକର୍ଷଣୀୟ କରିବା ପାଇଁ ସୁଦର୍ଶନ ସୁନ୍ଦରାୟ, ମନା ରାଓ, ଚନ୍ଦ୍ରଶେଖର ମହାନ୍ତି, ରାମଚନ୍ଦ୍ର ବଳିୟାରସିଂଙ୍କ ସମେତ କେତେଜଣ ପ୍ରମୁଖ ବ୍ୟବସାୟୀ ପୂଜାର ଦାୟିତ୍ୱ ନେଇ କୁଦିଆରୀ ବଜାର ପୂଜା କମିଟିକୁ ଜଟଣୀ ଗଣେଶ ପୂଜାରେ ଏକ ସ୍ୱତନ୍ତ୍ର ସ୍ଥାନରେ ପହଞ୍ଚାଇ ପାରିଛନ୍ତି। ପୂଜା ସମୟରେ ୧୧ଦିନ ବ୍ୟାପୀ ଠାକୁରଙ୍କ ନିକଟରେ ପୂଜା କମିଟି ପକ୍ଷରୁ ବିଭିନ୍ନ ପ୍ରକାର ଭୋଗ ଲାଗି ହେଉଥିବା ବେଳେ ନୂଆଧାନରେ ପ୍ରସ୍ତୁତ ଚୁଡ଼ାରେ ଚୁଡ଼ାଘଷା ଭୋଗ ଲାଗି କରିବା ପରମ୍ପରା ରହିଆସିଛି ବୋଲି କମିଟି ସମ୍ପାଦକ ପ୍ରଦୀପ ବଳିୟାରସିଂ କହିଛନ୍ତି। ଏଥର ଦୁଇଟି ୨୦ ଫୁଟ ଉଚ୍ଚର ଡିଜିଟାଲ ଏଲ୍‌ଇଡି ଗେଟ୍ ଏବଂ ବହୁ ମେକାନିକାଲ ଲାଇଟ ଶୋଭାପାଇବ। ମୀନାବଜାର ଏବଂ ଯାତ୍ରା ଦର୍ଶକଙ୍କୁ ଆକୃଷ୍ଟ କରିବା ସହିତ ପ୍ରତି ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବା ନେଇ କମିଟି ପକ୍ଷରୁ ନିଷ୍ପତ୍ତି ହୋଇଛି। ଟ୍ରାଫିକ୍ ନିୟନ୍ତ୍ରଣ ଓ ଶାନ୍ତିଶୃଙ୍ଖଳା ପାଇଁ କମିଶନ୍‌ରେଟ ପୋଲିସ ସହ ସଂଘ ପକ୍ଷରୁ ୨୦ଜଣ ଭଲ୍ୟୁଣ୍ଟିୟର ନିୟୋଜିତ ହେବେ।

**ଏମାନେ ଯାହା କୁହନ୍ତି...**



"ପୂଜାକୁ ଏକ ସ୍ୱତନ୍ତ୍ର ପରିଚୟ ଦେବା ପାଇଁ ଚେଷ୍ଟା କରିଥାଏ। ପ୍ରତିବର୍ଷ ଦର୍ଶକଙ୍କୁ ଆକୃଷ୍ଟ କରିବା ଲାଗି କିଛି ନୂଆ କରିଥାଉ। ପୂଜା ସମୟରେ ଅନ୍ୟ ସ୍ଥାନରେ ମୀନାବଜାର ପଡୁଥିଲେ ମଧ ଏଠାରେ ପ୍ରବଳ ଲୋକଙ୍କ ସମାଗମ ହୋଇଥାଏ। ଶାନ୍ତିଶୃଙ୍ଖଳା ବଜାୟ ରଖିବା ସହ ଏବଂ ଆନନ୍ଦରେ ସମସ୍ତେ ପୂଜା ପାଳନ କରିବା ପାଇଁ ଅନୁରୋଧ କରୁଛି।

**- ସୁଦର୍ଶନ ସୁନ୍ଦରାୟ, ସଭାପତି, କୁଦିଆରୀ ବଜାର ବ୍ୟବସାୟୀ ସଂଘ**



"ଗଣେଶ ପୂଜାକୁ ଆକର୍ଷଣୀୟ କରିବା ପାଇଁ ସମସ୍ତ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ଏଲ୍‌ଇଡି ଗେଟ୍ ସହିତ ଯାତ୍ରା, ମୀନାବଜାର ପଡ଼ିବ। ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ହେବା ନେଇ ସ୍ଥିର ହୋଇଛି। ବ୍ରିଜ୍ ନିର୍ମାଣରେ ବ୍ୟବହୃତ କଂକ୍ରିଟ୍ ଢଳେଇ ଖଣ୍ଡ ରାସ୍ତାରେ ପଡ଼ିରହିଛି। ଫଳରେ ସମସ୍ୟା ହେଉଛି। ସ୍ଥାନୀୟ ଛକରେ ଦୀର୍ଘବର୍ଷ ଧରି ରାସ୍ତା ଖାଲଖମା ରହିଛି, ଯାହା ପୂଜାବେଳେ ସମସ୍ୟା ସୃଷ୍ଟି କରିବ। ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବା ଜରୁରୀ ହୋଇପଡ଼ିଛି।

**- ପ୍ରଦୀପ୍ତ ବଳିୟାରସିଂ, ସମ୍ପାଦକ, କୁଦିଆରୀ ବଜାର ବ୍ୟବସାୟୀ ସଂଘ**

**ଶ୍ରୀମନ୍ଦିର ହୁଣ୍ଡିରୁ ଆୟ**



୧୨।୯।୨୦୨୩

| | |
|---|---|
| ୨,୭୭,୨୦୪ ଟଙ୍କା | |
| ସୁନା | ୧୧.୪୫୦ ଗ୍ରାମ୍ |
| ରୁପା | ୨୧ ଗ୍ରାମ୍ |

# ଶ୍ରୀମନ୍ଦିରରେ ଶ୍ରୀବିଗ୍ରହଙ୍କ କୃଷ୍ଣ ବଳରାମ ବେଶ

**ପୁରୀ, ୧୨।୯(ଅଜିତ ମହାନ୍ତି):**



ଭାଦ୍ରବ କୃଷ୍ଣ ତ୍ରୟୋଦଶୀ ତିଥି ମଙ୍ଗଳବାର ଅବସରରେ ଶ୍ରୀମନ୍ଦିରରେ ଶ୍ରୀବିଗ୍ରହଙ୍କ କୃଷ୍ଣ ବଳରାମ ବେଶ ସମ୍ପନ୍ନ ହୋଇଛି। ମଧ୍ୟାହ୍ନ ଧୂପ ପରେ ରତ୍ନସିଂହାସନରେ ଏହି ବେଶ ଅନୁଷ୍ଠିତ ହୋଇଥିଲା। ଶ୍ରୀକୃଷ୍ଣ ରୂପରେ ମହାପ୍ରଭୁ ଶ୍ରୀଜଗନ୍ନାଥ ଏବଂ ବଳରାମ ରୂପରେ ବଡ଼ଠାକୁର ପ୍ରଭୁ ବଳଭଦ୍ର ଭକ୍ତଙ୍କୁ ଦର୍ଶନ ଦେଇଥିବାବେଳେ ଦେବୀ ସୁଭଦ୍ରା ଭଗିନୀ ରୂପରେ ଦର୍ଶନ ଦେଇଛନ୍ତି। ଉକ୍ତ ବେଶରେ ଶ୍ରୀଜଗନ୍ନାଥ ଦକ୍ଷିଣ ଭୁଜରେ ବଂଶୀ ଓ ବାମ ହସ୍ତରେ ସୋଲ ନିର୍ମିତ ପଦ୍ମ ଧାରଣ କରିଥିଲେ। ସେହିପରି ବଳଭଦ୍ର ଡାହାଣ ଭୁଜରେ ଶିଙ୍ଗା ଓ ବାମ ଭୁଜରେ ସୋଲ ନିର୍ମିତ ପଦ୍ମ ଧାରଣ କରିଥିଲେ। ଶ୍ରୀଜଗନ୍ନାଥ ଓ ବଳରାମ ପାଦକୁ ପାଦ ଛନ୍ଦି ଦଣ୍ଡାୟମାନ ଭଙ୍ଗୀରେ ରହିଥିଲେ। ଦେବୀ ସୁଭଦ୍ରା ଏକ ଛୋଟ ଖଟୁଲି ଉପରେ ପଦ୍ମାସନରେ ଚତୁର୍ଭୁଜ ହୋଇ ଉପବେଶନ ରହିଥିଲେ। ବର୍ଷର ଏହି ଗୋଟିଏ ଦିନ ଦେବୀ ସୁଭଦ୍ରା ଚାରି ଭୁଜ ଧାରଣ କରନ୍ତି। ତଳ ଦୁଇ ଭୁଜରେ ଅଭୟ ଓ ବରଦାନ ମୁଦ୍ରା ରହିଥିବାବେଳେ ଉପର ଦୁଇ ଭୁଜରେ ପାସ ଓ ଅଙ୍କୁଶ ଧାରଣ କରିଥିଲେ। ଏହି ବେଶରେ ଶ୍ରୀଜଗନ୍ନାଥ ଓ ବଳଭଦ୍ର ଚୂଳ ଧାରଣ କରିଥିଲେ। ସୋଲ ନିର୍ମିତ କଦମ୍ବଫୁଲ, ମଲ୍ଲିକଢ଼ି ପ୍ରଭୃତି ଖଞ୍ଜାଯାଇଥିଲା। ତିନିଠାକୁର ସୋଲ ନିର୍ମିତ କିରୀଟ ପରିଧାନ କରିଥିଲେ। ଶ୍ରୀବିଗ୍ରହଙ୍କ ସମ୍ମୁଖ ଭାଗରେ କାଠ ନିର୍ମିତ ଚାରୋଟି ଗାଈବାଛୁରୀ ସମେତ ନନ୍ଦ, ଉପନନ୍ଦ, ବସୁଦେବ, ଚତୁର୍ମୁଖ ବ୍ରହ୍ମା, ସହସ୍ରଚକ୍ଷୁ ଇନ୍ଦ୍ର, ନାରଦ, ଦେବକୀ, ଯଶୋଦା, ରୋହିଣୀ, ଗୋପୀ, ଗୋପାଳ ପ୍ରମୁଖ ରହିଥିଲେ। ଏହି ବେଶ ଦେଖିଲେ ଗୋପୀ ଗୋପାଳଙ୍କ ସହିତ କୃଷ୍ଣ ବଳରାମ ବୃନ୍ଦାବନରେ ଲୀଳା କରୁଥିଲା ଭଳି ପ୍ରତୀୟମାନ ହୁଏ। ଏହି ବେଶ ସମୟରେ ମହାପ୍ରଭୁଙ୍କୁ ଖିରି ଓ ଅମାଲୁ ଭୋଗ ଅର୍ପଣ କରାଯାଇଥିଲା। ବିଂଶ ଶତାବ୍ଦୀର ମଧ୍ୟଭାଗରେ ଖଣ୍ଡସାହିର ଜମିଦାରଙ୍କ ଦ୍ୱାରା ଏହି ବେଶ ଆରମ୍ଭ ହୋଇଥିବା ଶ୍ରୀମନ୍ଦିର ସତ୍ତ୍ୱଲିପିରୁ ଜଣାଯାଏ। ବେଶ ପୂର୍ବରୁ ସମ୍ପୃକ୍ତ ସାମଗ୍ରୀଗୁଡ଼ିକ ଶ୍ରୀମନ୍ଦିର ପରିସରରେ କୁଶଳୀ କାରିଗରଙ୍କ ଦ୍ୱାରା ମରାମତି କରାଯାଏ। ରତ୍ନସିଂହାସନରେ ଶ୍ରୀବିଗ୍ରହମାନଙ୍କ କୃଷ୍ଣ ବଳରାମ ବେଶ ଆକର୍ଷଣୀୟ ଲାଗେ। ଉକ୍ତ ବେଶରେ ଜଗନ୍ନାଥ ଓ ବଳଭଦ୍ରଙ୍କର ୨ ହସ୍ତ ଲେଖାଏ ଓ ସୁଭଦ୍ରାଙ୍କର ୪ ହସ୍ତ କରାଯାଇଥାଏ। ପୂର୍ବରୁ ଭାଦ୍ରବ କୃଷ୍ଣ ତ୍ରୟୋଦଶୀ ତିଥିରେ ଶ୍ରୀଜଗନ୍ନାଥଙ୍କର ଗିରିଗୋବର୍ଦ୍ଧନ ବେଶ ହେଉଥିଲା। ତେବେ ୧୯୪୭ ମସିହା ପରଠୁ ଗିରିଗୋବର୍ଦ୍ଧନ ବେଶ ପରିବର୍ତ୍ତେ କୃଷ୍ଣ ବଳରାମ ବେଶ ହେଉଥିବା ସୂଚନା ମିଳେ।

## ସଂକ୍ଷେପରେ

### ଗୋପ- ବେଣୀପୁର ନଦୀବନ୍ଧ ରାସ୍ତା ମରଣଯନ୍ତା

**କୁଶଭଦ୍ରା ନଦୀ ବ୍ରିଜ୍ ଉପରେ ଭାଜପାର ଧାରଣା**

**ଗୋପ,୧୨।୯(ଭାରତୀ ଭୂଷଣ ଉପାଧ୍ୟାୟ)**

ଗୋପ- ବେଣୀପୁର ନଦୀବନ୍ଧ ରାସ୍ତା ମରଣଯନ୍ତା ପାଲଟିଛି। ଦୀର୍ଘଦିନ ଧରି ରାସ୍ତା ମରାମତି ପାଇଁ ଦାବି ହେଉଥିଲେ ମଧ୍ୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯିବାରୁ ମଙ୍ଗଳବାର ଭାଜପାର ଶତାଧିକ କର୍ମୀ ଗୋପ କୁଶଭଦ୍ରା ନଦୀ ବ୍ରିଜ୍ ଉପରେ ରାସ୍ତା ଅବରୋଧ କରିଥିଲେ। ଏହି ରାସ୍ତାରୋକ ୧ ଘଣ୍ଟା ଧରି ଚାଲିବା ଫଳରେ ଶତାଧିକ ଗାଡ଼ି ଏପରିକି ଆମ୍ବୁଲାନ୍ସ ମଧ୍ୟ କିଛି ସମୟ ଅଟକି ଥିବା ଦେଖିବାକୁ ମିଳିଥିଲା। ପରେ ପୋଲିସ ଅବରୋଧକାରୀଙ୍କୁ ବୁଝାଶୁଝା କରିବାରୁ ଧାରଣା ହଟିଥିଲା।

### ଗାଡ଼ି ଜବତ, ୩ ଗୋରୁ ଉଦ୍ଧାର

**ନିରାକାରପୁର,୧୨।୯(ମାନସ ଚନ୍ଦ୍ର ପଟ୍ଟନାୟକ)**

ଜଙ୍କିଆ ଥାନା ଅଧୀନ ସରପାରି-ଅଚ୍ୟୁତପୁର ରାସ୍ତାରୁ ଏକ ଗୋରୁ ବୋଝେଇ ଡାଲାଅଟୋକୁ ସ୍ଥାନୀୟ ଯୁବ ସଙ୍ଗଠନ ଜବତ କରି ପୋଲିସ ଜିମା ଦେଇଥିଲେ। ଏ ସମ୍ପର୍କରେ ପୋଲିସ ଏକ ମାମଲା ରୁଜୁ କରିବା ସହ ଉକ୍ତ ଡାଲାଅଟୋ (ଓଡି୦୪ ଏଲ୯୧୪୦)କୁ ଜବତ କରିଛି। ଟାଙ୍ଗୀ ଥାନା ଅଞ୍ଚଳ ଉଦୟଗିରି ଗ୍ରାମର ଚାଳକ ଅଜୟ ପ୍ରଧାନଙ୍କୁ ନୋଟିସ ବେଲ୍ ମାଧ୍ୟମରେ ଛଡ଼ାଯାଇଛି। ଉଦ୍ଧାର ୩ ଗୋରୁଙ୍କୁ ଚିକିତ୍ସା ପରେ ମାଲିକଙ୍କୁ ହସ୍ତାନ୍ତର କରାଯିବ ବୋଲି ଥାନା ଅଧିକାରୀ ପ୍ରଜ୍ଞା ରତ୍ନପ୍ରଭା କର କହିଛନ୍ତି। ସୂଚନା ମୁତାବକ, ସ୍ଥାନୀୟ ଅଞ୍ଚଳର ଯୁବ ସଙ୍ଗଠନ ୩ଟି ଗୋରୁ ବୋଝେଇ ଡାଲାଅଟୋକୁ ଜବତ କରିଥିବା ନେଇ ପୋଲିସକୁ ସୂଚନା ମିଳିଥିଲା। ଘଟଣାସ୍ଥଳରେ ପୋଲିସ ପହଞ୍ଚି ତଦନ୍ତ ବେଳେ ନାଲସିଂ ଗ୍ରାମର ଅପ୍ସରା ନାୟକ ୨୦ରୁ ଉର୍ଦ୍ଧ୍ୱ ଗୋରୁ ରଖିଥିବା ଜାଣିବାକୁ ପାଇଥିଲା। ତେବେ ସେ ଆଉ ଗୋରୁଙ୍କ ସେବା କରିପାରୁ ନ ଥିବାରୁ ୩ଟି ଗୋରୁଙ୍କୁ ମଳିପଡ଼ା ଝିଆରୀ ଘରକୁ ପଠାଉଥିଲେ ବୋଲି ଅପ୍ସରା କହିଛନ୍ତି। ଏକ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଛି ବୋଲି ଥାନା ଅଧିକାରୀ କର କହିଛନ୍ତି।



ଗୋପ- ବେଣୀପୁର ନଦୀବନ୍ଧ ରାସ୍ତା ମରାମତି ଦାବିରେ ମଙ୍ଗଳବାର ଭାଜପା ପକ୍ଷରୁ କୁଶଭଦ୍ରା ନଦୀ ବ୍ରିଜ୍ ଉପରେ ରାସ୍ତା ଅବରୋଧ କରାଯାଇଛି ।

# ରାସ୍ତା ମଝିରେ ଜଳିଗଲା ବ୍ୟାଟେରିଚାଳିତ ସ୍କୁଟି

**ଗୋପ,୧୨।୯(ଦୁର୍ଗାମାଧବ ସାହୁ)**

ପୁରୀ- ଭୁବନେଶ୍ୱର ଜାତୀୟ ରାଜପଥ ଉପରେ ମଙ୍ଗଳବାର ରାତି ୧୦ଟା ସମୟରେ ଏକ ବ୍ୟାଟେରିଚାଳିତ ସ୍କୁଟି ରାସ୍ତା ମଝିରେ ଜଳିଯାଇଛି। ଏଥିରୁ ସ୍କୁଟି ଚାଳକ ଅଳ୍ପକେ ବର୍ତ୍ତି ଯାଇଛନ୍ତି।

ପିପିଲି ନିକଟବର୍ତ୍ତୀ ରାଜତଇ ଗ୍ରାମର ତପନ ରଥ ବ୍ୟାଟେରି ଚାଳିତ ସ୍କୁଟି ଯୋଗେ ପିପିଲିରୁ ନିଜ ଗ୍ରାମକୁ ଯାଉଥିଲେ। ତେଇଶ ମାଇଲ ଛକଠାରେ ହଠାତ୍ ଗାଡ଼ିରୁ ଧୂଆଁ ବାହାରିବାରୁ ଚାଳକ ରଥ ଗାଡ଼ିରୁ ଓହ୍ଲାଇ ଆସିଥିଲେ। ଏହାପରେ ସ୍କୁଟିଟି ସମ୍ପୂର୍ଣ୍ଣ ଜଳିଯାଇଥିଲା। ଖବରପାଇ ପିପିଲି ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ତେବେ କେଉଁ କାରଣରୁ ଗାଡ଼ିରେ ନିଆଁ ଲାଗିଲା ତାହା ଜଣାପଡିନି।

# ଆକ୍ରମଣ କରି ଲୁଟ୍ ଘଟଣା: ୬ ଗିରଫ

**ଯାଁଳା,୧୨।୯(ବୁଲା ବାରିକ):**

**କାର୍, ଭୁଜାଲି, ଲୁହାରଡ, ମୁଦି, ଟଙ୍କା ଜବତ**

ଇନ୍‌ଫୋଭ୍ୟାଲି ଥାନା ଅଧୀନ ତଳଖେତା ରାସ୍ତାରେ ଜଣେ ବ୍ୟକ୍ତିଙ୍କୁ ସଂଘବଦ୍ଧ ଆକ୍ରମଣ କରି ଲୁଟ୍ କରିଥିବା ଅଭିଯୋଗରେ ପୋଲିସ ୬ଜଣ ଲୁଟେରାଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଅଭିଯୁକ୍ତମାନେ ହେଲେ ଏହି ଥାନା ଅନ୍ତର୍ଗତ ଯାଁଳା ପଞ୍ଚାୟତ ଉତ୍ତର ମୁଣ୍ଡମୁହାଣ ଗ୍ରାମର ଅମ୍ବିକା ପ୍ରସାଦ ଜଗଦ୍ଦେବ ଓରଫ ଫୁନୁ, ଅଜୟ କୁମାର ଶତପଥୀ ଓରଫ ଅଜ୍ଜୁ, ଓଗାଳପଡ଼ା ଗ୍ରାମର ସୁଶାନ୍ତ କୁମାର ସେଠୀ ଓରଫ ବୁଲୁ, ସନ୍ତୋଷ ପରିଡ଼ା, ଚନ୍ଦକା ଥାନା ଅନ୍ଧାରୁଆ ଗ୍ରାମର ନୀଳମଣି ପରିଡା ଓରଫ ନିଲୁ ଏବଂ ପୂର୍ଣ୍ଣଚନ୍ଦ୍ର ମାଟି ଓରଫ ପପୁ। ଏମାନଙ୍କ ନିକଟରୁ କାର୍, ଭୁଜାଲି, ୪ଟି ଲୁହାରଡ୍, ବ୍ରେସ୍‌ଲେଟ, ଦୁଇଟି ସୁନାମୁଦି ଏବଂ ୧୪ହଜାର ୫ଶହ ଟଙ୍କା ଜବତ ହୋଇଛି ବୋଲି ମଙ୍ଗଳବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଜୋନ୍-୩ ଏସିପି ପ୍ରଦୀପ କୁମାର ରାଉତ କହିଛନ୍ତି। ସୂଚନା ମୁତାବକ, ଭୁବନେଶ୍ୱର ପଳାସପଲ୍ଲୀର ପ୍ରଦୀପ୍ତ କୁମାର ଭୁଜବଳ ସୋମବାର କାରରେ କୌଣସି କାମରେ ଛତାବର ଆସିଥିଲେ। ଅପରାହ୍ନ ୩ଟା ୩୦ରେ ଛତାବର ପାର୍ଶ୍ୱରୁ ଏନ୍‌ଏଚ୍-୧୬ ପଟକୁ ତଳଖେତା ରାସ୍ତା ଦେଇ ଫେରୁଥିଲେ। ଉପରୋକ୍ତ ଅଭିଯୁକ୍ତମାନେ ତାଙ୍କୁ ଏକ କାରରେ ପିଛା କରୁଥିବା ନେଇ ସନ୍ଦେହ କରିଥିଲେ। ପରେ ଏକ ଇଟା ଫ୍ୟାକ୍ଟ୍ରି ନିକଟରେ ଅଭିଯୁକ୍ତମାନେ ତାଙ୍କ କାର୍ ପଛକୁ ଧକ୍କା ଦେଇଥିଲେ। ପ୍ରଦୀପ୍ତ କାର୍‌ର ବେଗ ଧୀର କରିବାରୁ ଅଭିଯୁକ୍ତମାନେ ସେମାନଙ୍କ କାର ଆଣି ଆଗରେ ରଖିଥିଲେ। ଅଭିଯୁକ୍ତମାନେ ଓହ୍ଲାଇ ପ୍ରଦୀପ୍ତଙ୍କୁ କାର ଭିତରୁ ଟାଣିଆଣି ଭୁଜାଲି ଓ ଲୁହାରଡ୍‌ରେ ଆକ୍ରମଣ କରିଥିଲେ। ଏହାପରେ ଅଭିଯୁକ୍ତମାନେ ପ୍ରଦୀପ୍ତଙ୍କ ବେକରେ ଭୁଜାଲି ଲଗାଇ ୨ଟି ସୁନାମୁଦି, ସୁନା ବ୍ରେସ୍‌ଲେଟ ଓ ୧୫ହଜାର ଟଙ୍କା ଲୁଟିନେଇ ଫେରାର ହୋଇଯାଇଥିଲେ। ଏନେଇ ପ୍ରଦୀପ୍ତ ଥାନାରେ ଅଭିଯୋଗ କରିଥିଲେ। ଗୋହିରିଆ ଛକ ନିକଟରେ କାରରେ ବସି ଅଭିଯୁକ୍ତମାନେ ଅନ୍ୟତ୍ର ଅପରାଧ ଘଟାଇବା ପାଇଁ ଯୋଜନା କରୁଥିବା ବେଳେ ପୋଲିସ ପହଞ୍ଚି କାବୁ କରିଥିଲା।

# ରକ୍ତ ଦେଇ ଜୀବନ ବଞ୍ଚାଉଛନ୍ତି ଆଦିତ୍ୟ

**ଅସ୍ତରଙ୍ଗ,୧୨।୯(ମମତା ଜେନା)**

ରକ୍ତଦାନ ହେଉଛି ଜୀବନ ଦାନ। ଏହି ବ୍ରତ ଧରି ପୁରୀ ଜିଲା ଅସ୍ତରଙ୍ଗ ବ୍ଲକ ଅଧୀନ ଜିଉଁନ୍ତି ଗ୍ରାମର ଯୁବ ସମାଜସେବୀ ତଥା ଖବରଦାତା ଆଦିତ୍ୟ ରାଉତ ଲୋକଙ୍କୁ ସବୁବେଳେ ରକ୍ତଦାନ କରିଆସୁଛନ୍ତି। ସେ ତାଙ୍କ କଲେଜ ପାଠପଢା ସମୟରୁ ଏପରି କାର୍ଯ୍ୟ କରି ଆସୁଛନ୍ତି। ଯଦି କାହାର ରକ୍ତ ଆବଶ୍ୟକତା ପଡେ ତେବେ ସେ ରକ୍ତ ଯୋଗାଡ଼ କରିବାରେ ଲାଗି ପଡନ୍ତି। ରବିବାର ମୋ ପରିବାର ଜୀବନବିନ୍ଦୁ ଆନୁକୂଲ୍ୟରେ ଅସ୍ତରଙ୍ଗ ବ୍ଲକ ଯୁବ ବିଜେଡି ପକ୍ଷରୁ ଆୟୋଜିତ ଏକ ମେଗା ରକ୍ତଦାନ ଶିବିରରେ ଆଦିତ୍ୟ ତାଙ୍କ ୫୦ତମ ରକ୍ତଦାନ ସେବା ପୂର୍ଣ୍ଣ କରିଛନ୍ତି। କ୍ରୀଡ଼ା, ଯୁବବ୍ୟାପାର ଓ ଗୃହ ରାଷ୍ଟ୍ରମନ୍ତ୍ରୀ ତୁଷାରକାନ୍ତି ବେହେରା, ପୁରୀ ଜିଲା ପରିଷଦ ଉପାଧ୍ୟକ୍ଷ ସ୍ୱାଧୀନ ନାୟକ, ପୁରୀ ଜିଲା ଜୀବନବିନ୍ଦୁର ସଂଯୋଜକ ଶୁଭାଶିଷ ଖୁଣ୍ଟିଆଙ୍କଠାରୁ ମାନପତ୍ର ଓ ଉତ୍ତରୀୟ ଗ୍ରହଣ କରିଛନ୍ତି। ଉକ୍ତ ଶିବିରରେ ମୋଟ ୧୪୫ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା।




କାର୍ଯ୍ୟକ୍ରମରେ ରକ୍ତଦାତା ଆଦିତ୍ୟ ରାଉତଙ୍କୁ ସମ୍ବର୍ଦ୍ଧିତ କରାଯାଉଛି ।

# ରତ୍ନଭଣ୍ଡାର ସମ୍ପର୍କିତ ମାମଲାର ଶୁଣାଣି ଘୁଞ୍ଚିଲା

**ପୁରୀ,୧୨।୯(ଅଜିତ ମହାନ୍ତି)**

**ରାଜ୍ୟ ସୂଚନା ଆୟୋଗଙ୍କ ନିକଟରେ ତଦନ୍ତ ରିପୋର୍ଟ ଦାଖଲ ହୋଇନି**

ଶ୍ରୀମନ୍ଦିର ରତ୍ନଭଣ୍ଡାର ଖୋଲାଯିବା ମାମଲାରେ ରାଜ୍ୟ ସରକାର କୋର୍ଟରେ ସତ୍ୟପାଠ ଦାଖଲ କରିବା ପରିବର୍ତ୍ତେ ରତ୍ନଭଣ୍ଡାର ସ୍ଥିତି ସମ୍ପର୍କରେ ସୂଚନା ଦେବାରୁ ଦୂରେଇ ରହିଥିଲେ। ଏ ନେଇ ସାମାଜିକ କର୍ମୀ ଦିଲୀପ କୁମାର ବରାଳ ବିଭିନ୍ନ ତଥ୍ୟ ପାଇବାକୁ ପୂର୍ବରୁ ରାଜ୍ୟ ସୂଚନା ଆୟୋଗଙ୍କ ଦ୍ୱାରସ୍ଥ ହେବା ସହ ୪ଟି ମାମଲା ରୁଜୁ କରିଥିଲେ। ପୂର୍ବରୁ ୩ଟି ମାମଲାର ଶୁଣାଣି ହୋଇଥିଲା। ଚତୁର୍ଥ ଶୁଣାଣିରେ ରାଜ୍ୟ ସୂଚନା ଆୟୋଗ ଏସ୍.କେ. ସ୍ୱାଇଁ ଶ୍ରୀମନ୍ଦିର ଜନସୂଚନା ଅଧିକାରୀଙ୍କ ପକ୍ଷରୁ ଦିଆଯାଇଥିବା ସତ୍ୟପାଠର ସତ୍ୟତା ଯାଞ୍ଚ ଲାଗି ନିର୍ଦ୍ଦେଶ ଦେଇଥିଲେ। ଯାଞ୍ଚ ରିପୋର୍ଟ ଦାଖଲ ପାଇଁ କମିଶନଙ୍କ ପକ୍ଷରୁ ରାଜ୍ୟ ସରକାରଙ୍କ ଆଇନ ବିଭାଗର ଅତିରିକ୍ତ ସଚିବ ବିଷ୍ଣୁ ପ୍ରସାଦ ପଣ୍ଡାଙ୍କୁ ଦାୟିତ୍ୱ ଦିଆଯାଇଥିଲା। ତେବେ ସେ ନିର୍ଦ୍ଧାରିତ ସମୟ ମଧ୍ୟରେ କମିଶନଙ୍କ ନିକଟରେ ତଦନ୍ତ ରିପୋର୍ଟ ଦାଖଲ କରିପାରି ନ ଥିଲେ। ତେଣୁ ୧୧ ତାରିଖରେ ଶୁଣାଣି ହୋଇପାରି ନାହିଁ। ଏହି ଶୁଣାଣି ତାରିଖକୁ ଘୁଞ୍ଚାଇ ଦିଆଯାଇଛି। ପରବର୍ତ୍ତୀ ଶୁଣାଣି ଆସନ୍ତା ୨୦୨୪ ଫେବୃୟାରୀ ୧୩ରେ ହେବାକୁ ସ୍ଥିର କରାଯାଇଥିବା ବରାଳ ସୂଚନା ଦେଇଛନ୍ତି।

ସୂଚନା ଅନୁଯାୟୀ, ରତ୍ନଭଣ୍ଡାର ଚାବି ହଜିବା ପ୍ରସଙ୍ଗ ନେଇ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଜଷ୍ଟିସ୍ ରଘୁବୀର ଦାସ କମିଶନଙ୍କୁ ଯେଉଁସବୁ କାଗଜପତ୍ର ପ୍ରଦାନ କରାଯାଇଥିଲା, ସେ ସଂକ୍ରାନ୍ତରେ ବରାଳ ତଥ୍ୟ ମାଗିଥିଲେ। ମାତ୍ର ଶ୍ରୀମନ୍ଦିର ପ୍ରଶାସନ କୌଣସି ତଥ୍ୟ ଦେଇ ନ ଥିଲା। ବରାଳ ତଥ୍ୟ ପାଇବା ପାଇଁ ଶ୍ରୀମନ୍ଦିର ଉନ୍ନୟନ ପ୍ରଶାସକ ତଥା ପ୍ରଥମ କର୍ତ୍ତୃପକ୍ଷଙ୍କ ନିକଟରେ ଆବେଦନ କରିଥିଲେ। ଉନ୍ନୟନ ପ୍ରଶାସକ ଲିଖିତ ଭାବରେ ଜଣାଇଥିଲେ ଯେ, ରଘୁବୀର ଦାସ କମିଶନଙ୍କ ରିପୋର୍ଟ ସରକାର ସାର୍ବଜନୀନ କରିନାହାନ୍ତି। ତେଣୁ ଏ ନେଇ କୌଣସି ତଥ୍ୟ ପ୍ରଦାନ କରାଯିବ ନାହିଁ। ଫଳରେ ବରାଳ ରାଜ୍ୟ ସୂଚନା ଆୟୋଗଙ୍କ ନିକଟରେ ଦ୍ୱିତୀୟ ଅପିଲ କରିଥିଲେ। ବରାଳ ଏ ସଂକ୍ରାନ୍ତରେ ୪୨୪/୨୨ରେ ମାମଲା ରୁଜୁ କରିବା ସହ ରତ୍ନଭଣ୍ଡାର ଅନ୍ୟାନ୍ୟ ପ୍ରସଙ୍ଗ ନେଇ ପୃଥକ ତିନୋଟି ମାମଲା (ନଂ. ୭୦୨/୨୨, ୭୨୯/୨୨ ଏବଂ ୭୩୦/୨୨) ରୁଜୁ କରିଥିଲେ।

# ବେଆଇନ ଭାବେ ଦେଶୀ ମଦ ବିକ୍ରି କରି ଜଣେ ଗିରଫ

**ପୁରୀ, ୧୨।୯(ଅଜିତ ମହାନ୍ତି):**

ବେଆଇନ ଭାବେ ଦେଶୀ ମଦ ଓ ଆସ୍କା ଫର୍ଟି ବିକ୍ରି କରିବା ଅଭିଯୋଗରେ ବଳିଆପଣ୍ଡା ଥାନା ପୋଲିସ ଜଣେ ଅଭିଯୁକ୍ତକୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ଉକ୍ତ ଥାନା ଅନ୍ତର୍ଗତ ଶିବଶକ୍ତି ସାହି ନାଲିପଡିଆ ଅଞ୍ଚଳର ଚକ୍ରଧର ବେହେରା। ପୋଲିସ ତାଙ୍କ ନିକଟରୁ ବିପୁଳ ପରିମାଣର ଦେଶୀ ମଦ ଓ ଆସ୍କା ଫର୍ଟି ଜବତ କରିଛି। ଏ ନେଇ ଏକ କେସ୍ (ନଂ. ୧୪୧/୨୩) ରୁଜୁ କରାଯାଇଛି। ସୂଚନା ଅନୁଯାୟୀ, ଅଭିଯୁକ୍ତ ଜଣଙ୍କ ବେଆଇନ ଭାବେ ଦେଶୀ ମଦ ବିକ୍ରି କରୁଥିବା ସୂଚନା ପାଇ ପୋଲିସ ଉକ୍ତ ସ୍ଥାନରେ ଚଢାଉ କରି ତାଙ୍କୁ ଗିରଫ କରିବା ସହ ବିପୁଳ ପରିମାଣର ଦେଶୀ ମଦ ଓ ଆସ୍କା ଫର୍ଟି ଜବତ କରିଥିଲା।

# ସମାଜ ସଂସ୍କାର ଥିଲା ଭୂଦାନ ଆନ୍ଦୋଳନର ଲକ୍ଷ୍ୟ




ଆଲୋଚନାଚକ୍ରରେ ସମ୍ବର୍ଦ୍ଧିତ ବ୍ୟକ୍ତିଙ୍କ ସହ ମଞ୍ଚାସୀନ ଅତିଥି ।

**ପୁରୀ, ୧୨।୯(ଅଜିତ ମହାନ୍ତି):**

ଆଚାର୍ଯ୍ୟ ବିନୋବା ଭାବେ ସ୍ମୃତି ପରିଷଦ ପକ୍ଷରୁ ଜିଲା ସଂସ୍କୃତି ଭବନରେ ସୋମବାର ଆଚାର୍ଯ୍ୟ ବିନୋବା ଭାବେଙ୍କ ୧୨୮ତମ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ଭୂଦାନ ଆନ୍ଦୋଳନରେ ଆଚାର୍ଯ୍ୟ ବିନୋବାଙ୍କ ଅବଦାନ ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ସ୍ମୃତି ପରିଷଦର ସଭାପତି ଡ. ବଳରାମ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆଲୋଚନା ଚକ୍ରରେ ମୁଖ୍ୟ ଅତିଥିଭାବେ ଉପଜିଲାପାଳ ଭବତାରଣ ସାହୁ ଯୋଗଦେଇ ସମାଜ ସଂସ୍କାର ଓ ଆର୍ଥିକ ଅନଗ୍ରସରଙ୍କ ଉନ୍ନତି ହିଁ ଭୂଦାନ ଆନ୍ଦୋଳନର ଲକ୍ଷ୍ୟ ଥିଲା ବୋଲି କହିଥିଲେ। ସନ୍ଥ ବିନୋବା ଭାବେଙ୍କ ପ୍ରଥମ ଗୁରୁ ଥିଲେ ତାଙ୍କର ମାତା। ମାତାଙ୍କ ପ୍ରେରଣାରେ ଗୀତାୟୀ ବା ଗୀତା ମାତା ଓ ବୁଦ୍ଧଦେବଙ୍କ ବାଣୀ ତାଙ୍କ ଜୀବନର ଗତିପଥ ବଦଳାଇଥିଲା ବୋଲି ଉପଜିଲାପାଳ ମତବ୍ୟକ୍ତ କରିଥିଲେ। ଅନ୍ୟତମ ଅତିଥିଭାବେ ଗାନ୍ଧୀବାଦୀ ଗୌରାଙ୍ଗ ପରିଡା, ଆଇନଜୀବୀ ପୁଷ୍କର ମହାପାତ୍ର, ଡ. କାର୍ତ୍ତିକ କୁମାର ଦାସ, ଶିକ୍ଷାବିତ ବିଜୟଲକ୍ଷ୍ମୀ ଦାଶ, ସ୍ତମ୍ଭକାର ଗୁରୁଚରଣ ଦାସ, ସାମାଜିକ କର୍ମୀ ପ୍ରତିଭା ତ୍ରିପାଠୀ, ଶିକ୍ଷାବିତ ଶିବସୁନ୍ଦର ମିଶ୍ର, ଇଂ. ଗିରିଜା ଶଙ୍କର ପାଢ଼ୀ ଏବଂ ସ୍ମୃତି ପରିଷଦର କାର୍ଯ୍ୟକାରୀ ସଭାପତି ଶାନ୍ତିଲତା ପ୍ରଧାନ ପ୍ରମୁଖ ମଞ୍ଚସୀନ ଥିଲେ। ସମ୍ପାଦକ ଲକ୍ଷ୍ମୀନାରାୟଣ ପଟ୍ଟନାୟକ ସ୍ୱାଗତ ଭାଷଣ ଦେଇଥିଲେ। ସଙ୍ଗୀତ ପରିଷଦର ଛାତ୍ରୀମାନେ ବିନୋବା ଭାବେଙ୍କ ଜୀବନୀ ଉପରେ ରଚିତ ସଙ୍ଗୀତ ପରିବେଷଣ କରିଥିଲେ। ଐତିହାସିକ ମଦନ ମୋହନ ମହାପାତ୍ର, ଡାକ୍ତର ଗୋପାଳକୃଷ୍ଣ କର, ଅନ୍ନପୂର୍ଣ୍ଣା କର, କଣ୍ଠଶିଳ୍ପୀ ଅଭିଲିପ୍ସା ଦାସ, ଅଧ୍ୟାପକ ଶଙ୍କର୍ଷଣ ପ୍ରଧାନ, ଉର୍ମିଳା ସାମନ୍ତରା, ସୁଦୀପ୍ତା ମିଶ୍ର, ସନ୍ଦୀପ କର୍ମକାର, ଇଂ. ଗିରିଜା ଶଙ୍କର ପାଢ଼ୀ ଏବଂ ଗୀତାଞ୍ଜଳି ଦୁବେ ପ୍ରମୁଖଙ୍କୁ ସମ୍ମାନିତ କରାଯାଇଥିଲା। ଆଲୋଚନା ଚକ୍ରରେ ଜିଲା ସୂଚନା ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, ସୁରେଶ କୁମାର ପଟ୍ଟନାୟକ, କ୍ରିଷ୍ଣା ଦେବୀ, ମଦନ ମୋହନ ମହାପାତ୍ର, ଆଶାଲତା ଦେବୀ, ଅଧ୍ୟାପକ ଭାରତୀ ଭୂଷଣ ଦାସ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଭବାନୀ ପ୍ରସାଦ ବଳିୟାର ସିଂ ଧନ୍ୟବାଦ ଦେଇଥିଲେ। ପରିଷଦ ପକ୍ଷରୁ ପୂର୍ବାହ୍ନରେ ସର୍ବୋଦୟ ନଗରସ୍ଥିତ ବିନୋବା ଭାବେଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା।

# ସୂର୍ଯ୍ୟମନ୍ଦିର ପ୍ରବେଶ ଟିକେଟ୍ ବିକ୍ରିରେ ଅନିୟମିତତା

**ବ୍ୟବସାୟୀ ମହାସଂଘର ବିକ୍ଷୋଭ**

**କୋଣାର୍କ,୧୨।୯(ଜ୍ୟୋତିରାଜ ମହାନ୍ତି)**

ବିଶ୍ୱଐତିହ୍ୟ କୋଣାର୍କ ସୂର୍ଯ୍ୟ ମନ୍ଦିର ପ୍ରବେଶର ନିର୍ଦ୍ଧାରିତ ପ୍ରବେଶ ଶୁଳ୍କ ଅନ୍‌ଲାଇନ ଓ ଅଫ୍‌ଲାଇନ ଟିକେଟ ବିକ୍ରି ବ୍ୟବସ୍ଥା ଏଏସ୍‌ଆଇ ପକ୍ଷରୁ ରହିଥିଲାବେଳେ ଏହି ଟିକେଟକୁ ନେଇ ଦୁର୍ନୀତି ହେଉଥିବା ଅଭିଯୋଗ ହେଉଛି। ସୂର୍ଯ୍ୟମନ୍ଦିର ପ୍ରବେଶ ଦ୍ୱାରରେ ଟିକେଟ୍ କଳାବଜାରକୁ ନେଇ ଚେକିଂ କରାଯାଉଥିବା ମୁଖ୍ୟ ଦ୍ୱାରରେ ମଙ୍ଗଳବାର ପୂର୍ବାହ୍ନରେ ଏହାର ଅନିୟମିତତାକୁ ନେଇ ବ୍ୟବସାୟୀ ମହାସଂଘ ବିକ୍ଷୋଭ କରିଥିଲା।

ପୂର୍ବରୁ ଅଫ୍‌ଲାଇନ ଟିକେଟ ଦ୍ୱାରା ଲକ୍ଷ ଲକ୍ଷ ଟଙ୍କାର ରୋଜଗାର ହେଉଥିଲା। ହେଲେ ଏବେ ଅନ୍‌ଲାଇନ ଓ ଅଫ୍‌ଲାଇନ ଟିକେଟ୍ ବ୍ୟବସ୍ଥା କରାଯାଇଛି। ଏଏସ୍‌ଆଇ ଦ୍ୱାରା ନିଯୁକ୍ତ ସିକ୍ୟୁରିଟି ଗାର୍ଡ, ପୁରୀରୁ ପ୍ରତ୍ୟେକ ଦିନ ଆସୁଥିବା ବସ୍‌ର ଗାଇଡଙ୍କ ଦ୍ୱାରା ଏହି ଟିକେଟ କଳାବଜାର ଯୋଜନାବଦ୍ଧ ଭାବେ କରାଯାଇ ଲକ୍ଷାଧିକ ଟଙ୍କା ହଡ଼ପ କରାଯାଉଥିବା ଅଭିଯୋଗ ଆସୁଥିବା ଦେଖାଯାଇଛି। ଏନେଇ ବାରମ୍ବାର ବିଭାଗୀୟ ଅଧିକାରୀଙ୍କୁ ଅଭିଯୋଗ ପରେ ବି ଟିକେଟ୍ କଳାବଜାର ଚାଲୁ ରହିଛି। ଫଳରେ ମଙ୍ଗଳବାର ଶତାଧିକ କୋଣାର୍କ ବାସିନ୍ଦା କୋଣାର୍କ ଅଞ୍ଚଳର ଯୁବନେତା ସୁବାସ ନାୟକଙ୍କ ନେତୃତ୍ୱରେ ସୂର୍ଯ୍ୟମନ୍ଦିର ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଖବରପାଇ କୋଣାର୍କ ପୋଲିସ ଘଟଣାସ୍ଥଳରେ ପହଞ୍ଚି ସ୍ଥାନୀୟ ଲୋକଙ୍କୁ ବୁଝାଶୁଝା କରିବା ପରେ ବିକ୍ଷୋଭ ସ୍ଥଗିତ ହୋଇଥିଲା। ସୂର୍ଯ୍ୟମନ୍ଦିର ଟିକେଟ କଳାବଜାର ହେବା ନେଇ କୋଣାର୍କ ଥାନାରେ ଯୁବନେତା ନାୟକ ଲିଖିତ ଅଭିଯୋଗ କରିଛନ୍ତି।



ବ୍ୟବସାୟୀ ମହାସଂଘର ଆନ୍ଦୋଳନ ଯୋଗୁ ପର୍ଯ୍ୟଟକମାନେ ସୂର୍ଯ୍ୟମନ୍ଦିର ଫାଟକ ସମ୍ମୁଖରେ ଅଟକି ରହିଛନ୍ତି ।

## ଆଜି କ'ଣ କେଉଁଠି

ଭୁବନେଶ୍ୱର
- ମୋ ମାଟି ମୋ ଦେଶ କାର୍ଯ୍ୟକ୍ରମ, ଚିନ୍ତାମଣିଶ୍ୱର ମନ୍ଦିର, ସକାଳ ୯ଟା।
- ଦି ଇଣ୍ଡିଆନ୍ ଇକୋନମି: ଦି ପାଥ ଟୁ ୨୦୪୭ ସମ୍ପର୍କିତ ଲେକ୍ଚର, ପିଜି କାଉନସିଲ ହଲ୍, ବାଣୀବିହାର, ପୂର୍ବାହ୍ନ ୧୦ଟା।
- ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର ମେଘ ଉତ୍ସବ, ସଂସ୍କୃତି ବିହାର, ମଦନପୁର, ପୂର୍ବାହ୍ନ ୧୧ଟା।
- ଗୋଧୂଳି ସାହିତ୍ୟ ସଂସଦର ସମ୍ବର୍ଦ୍ଧନା ପର୍ବ, କବିତା ପାଠ ଓ ଆଲୋଚନାଚକ୍ର, ଗୀତଗୋବିନ୍ଦ ସଦନ, ଅପରାହ୍ନ ୪ଟା।
- ଚିନ୍ମୟୀ କ୍ଲାସିକ୍ସ ପକ୍ଷରୁ ନୃତ୍ୟ ମହୋତ୍ସବ 'ସ୍ତବକ', ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା।

## ବଜ୍ରପାତରେ ଯୁବକ ମୃତ

**ବଡ଼ମ୍ବା,୧୨।୯(ମାୟାଧର ମଲ୍ଲିକ):** ବଡ଼ମ୍ବା ଥାନା ଅଞ୍ଚଳରେ ମଙ୍ଗଳବାର ବଜ୍ରପାତରେ ଜଣଙ୍କ ମୃତ୍ୟୁ ଘଟିଛି। ସେ ହେଲେ ମାଳତୀ ପଞ୍ଚାୟତ ଅନ୍ତର୍ଗତ ଦୁଧିଆବେରେଣୀ ଗ୍ରାମର ସୁରେଶ ନାଏକ (୩୮)। ସେ ଘର ନିକଟସ୍ଥ ହାଡୁଆ ନାଳରୁ ଅପରାହ୍ନରେ ଗାଧୋଇସାରି ଫେରୁଥିବା ବେଳେ ବଜ୍ରପାତର ସମ୍ମୁଖୀନ ହୋଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ବଡ଼ମ୍ବା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ଲାଗି ଭର୍ତ୍ତି କରାଯାଇଥିଲା। ସେଠାରେ ସୁରେଶଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ସେ ଜଣେ ଗରିବ ଶ୍ରେଣୀର ହୋଇଥିବାରୁ ତୁରନ୍ତ ପରିବାର ସଦସ୍ୟଙ୍କୁ ସରକାରୀ ସହାୟତା ଯୋଗାଇ ଦେବା ପାଇଁ ଦାବି ହୋଇଛି।

## ବୁଣାକାର, ହସ୍ତଶିଳ୍ପୀଙ୍କ ସମସ୍ୟା ନେଇ ଆଲୋଚନା

**ଭୁବନେଶ୍ୱର,୧୨।୯(ଶର୍ମିଷ୍ଠା ପାଣିଗ୍ରାହୀ):** ଓଡ଼ିଶା ହସ୍ତତନ୍ତ ଓ ହସ୍ତଶିଳ୍ପ ଉନ୍ନୟନ ଓ ବିକାଶ ପରିଷଦର ତୃତୀୟ ବୈଠକ ଅଧକ୍ଷ ଡ. ସୁଦର୍ଶନ ସାହୁଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ପ୍ରମୁଖ ଶାସନ ସଚିବ ଡ. ଅରବିନ୍ଦ କୁମାର ପାଢ଼ୀ ଏହି ବୈଠକରେ ଅତିଥି ଭାବେ ଯୋଗଦେଇଥିଲେ। ବୈଠକରେ ରାଜ୍ୟର ବୁଣାକାର ଓ ହସ୍ତଶିଳ୍ପୀ କାରିଗରମାନଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋଚନା ହୋଇଥିଲା। ଏହି ଅବସରରେ ବୁଣାକାର ଓ ହସ୍ତଶିଳ୍ପ କାରିଗରମାନଙ୍କ ସର୍ଭେ, ସେମାନଙ୍କୁ କଞ୍ଚାମାଲ ଯୋଗାଣ, ଅନୁମୋଦିତ ହସ୍ତଶିଳ୍ପର ସମୀକ୍ଷା, ଦକ୍ଷତା ବୃଦ୍ଧି ତାଲିମ କାର୍ଯ୍ୟକ୍ରମ, ନିର୍ଦ୍ଦେଶାବଳୀରେ ସଂଶୋଧନ ଆଦି ବିଷୟ ସହ ରାଜ୍ୟର ବୁଣାକାର ଓ ହସ୍ତଶିଳ୍ପ କାରିଗରମାନଙ୍କ ପାଇଁ ସରକାରଙ୍କ ଦ୍ୱାରା ପ୍ରାୟୋଜିତ ଏକ ଜୀବନ ବୀମା ଯୋଜନା ପ୍ରଣୟନ ସମ୍ପର୍କରେ ଆଲୋଚନା ହୋଇଥିଲା। ସବିଶେଷ ଆଲୋଚନା ପରେ ପରିଷଦ ଦ୍ୱାରା ଦିଆଯାଇଥିବା ବିଭିନ୍ନ ପରାମର୍ଶଗୁଡ଼ିକୁ ସରକାରଙ୍କ ନିକଟରେ ଉପସ୍ଥାପନ କରାଯିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ପରିଷଦର ସମସ୍ତ ସଦସ୍ୟଙ୍କ ସହ ହସ୍ତତନ୍ତ ଓ ବୟନ ଶିଳ୍ପ ନିର୍ଦ୍ଦେଶକ ସରୋଜ କୁମାର ପଟେଲ, ହସ୍ତଶିଳ୍ପ ନିର୍ଦ୍ଦେଶିକା ପ୍ରଣତି ଛୋଟରାୟ ପ୍ରମୁଖ ବୈଠକରେ ଯୋଗଦେଇଥିଲେ। ପରିଷଦର ସଦସ୍ୟ ସଚିବ ବିକ୍ରମାଦିତ୍ୟ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ।

# ଚିକିତ୍ସା ଆଳରେ ଡାକ୍ତରଙ୍କୁ ଅପହରଣ କରି ଲୁଟ୍

- ଗୃହବନ୍ଦୀ ରଖି ୨୫ଲକ୍ଷ ଦାବି କରିଥିଲେ
- ଦମ୍ପତିଙ୍କ ସମେତ ୪ ଗିରଫ

**ଭୁବନେଶ୍ୱର,୧୨।୯(ସତ୍ୟଜିତ୍ ରାଉତ)**

ଦମ୍ପତିଙ୍କ ସହ ୨ ସହଯୋଗୀ ମିଶି ରଚିଥିଲେ ଆପରାଧିକ ଷଡ଼ଯନ୍ତ୍ର। ଜଣେ ଡାକ୍ତରଙ୍କୁ ଚିକିତ୍ସା ଆଳରେ ଘରକୁ ଡାକି ମାଡ଼ ମାରିବା ସହ ଗୃହବନ୍ଦୀ କରି ୨୫ ଲକ୍ଷ ଟଙ୍କା ଦାବି କରିଥିଲେ। ହେଲେ ଲକ୍ଷେ ଟଙ୍କା ସହ ୯ଲକ୍ଷ ଟଙ୍କାର ଚେକ୍ ପାଇବା ପରେ ଅଭିଯୁକ୍ତମାନେ ଡାକ୍ତରଙ୍କୁ ତାଙ୍କ ଘରେ ଛାଡ଼ିଥିଲେ। ଏହି ଅପରହଣ ମାମଲାରେ ମଙ୍ଗଳବାର ତମାଣ୍ଡୋ ଥାନା ପୋଲିସ ଉକ୍ତ ଦମ୍ପତିଙ୍କ ସମେତ ୪ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ତମାଣ୍ଡୋ ଥାନା ଅନ୍ତର୍ଗତ ଏକ ଆପାର୍ଟମେଣ୍ଟରେ ରହୁଥିବା ଇରାନି ପାତ୍ର (୨୭), ସ୍ୱାମୀ ନିଶିକାନ୍ତ ପାତ୍ର ଓରଫ ବାପି (୩୩), ସିଜିପୁଟ ଗ୍ରାମର ସହଯୋଗୀ ମନୋରଞ୍ଜନ ପ୍ରଧାନ ଓରଫ ଗଣେଷ (୩୦) ଓ ଶକ୍ତିକାନ୍ତ ହରିଚନ୍ଦନ ଓରଫ ଗିରିଜା (୩୬)। ଅଭିଯୁକ୍ତଙ୍କଠାରୁ ୩୦ ହଜାର ଟଙ୍କା, ଅପରାଧରେ ବ୍ୟବହୃତ ଛୁରୀ, ୨ଟି ମୋବାଇଲ ଓ ୯ ଲକ୍ଷ ଟଙ୍କାର ଚେକ୍‌କୁ ଜବତ କରିଛି ପୋଲିସ। ଅଭିଯୁକ୍ତମାନଙ୍କୁ କୋର୍ଟଚାଲାଣ କରାଯିବା ପରେ ଜାମିନ ନାମଞ୍ଜୁର ହେବାରୁ ସମସ୍ତଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ସୂଚନା ଅନୁଯାୟୀ, ଡାକ୍ତର ଜଣକ ଯାଜପୁର ମଧୁବନ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ କାର୍ଯ୍ୟରତ ଥିବାବେଳେ ଅଭିଯୁକ୍ତ ତଥା ସ୍ଥାନୀୟ ଅଞ୍ଚଳର ଇରାନିଙ୍କ ପରିଚୟ ହୋଇଥିଲା। ପରେ ଡାକ୍ତର ଜଣକ ଭୁବନେଶ୍ୱର ଟ୍ରାନ୍ସଫର୍ ହୋଇ ଇନ୍‌ଫୋସିଟି ଥାନା ଅଞ୍ଚଳରେ ଏକ ସରକାରୀ ଡାକ୍ତରଖାନାରେ କାର୍ଯ୍ୟ କରୁଛନ୍ତି। ଏପଟେ ଭୁବନେଶ୍ୱରରେ ରହୁଥିବା ଇରାନି ଓ ତାଙ୍କ ସ୍ୱାମୀ ବାପି ଅନ୍ୟ ଦୁଇ ସହଯୋଗୀଙ୍କ ସହ ମିଶି ତାଙ୍କଠାରୁ ବିପୁଳ ଟଙ୍କା ଲୁଟିବା ପାଇଁ ଷଡ଼ଯନ୍ତ୍ର କରିଥିଲେ। ସେପ୍ଟେମ୍ବର ୮ ରାତିରେ ଡାକ୍ତରଙ୍କୁ ଇରାନି ଚିକିତ୍ସା ପାଇଁ ଘରକୁ ଡାକିଥିଲେ। ସେ ନିଜ କାର୍ ଯୋଗେ ଇରାନିଙ୍କ ଘରକୁ ଆସିବା ପରେ ପୂର୍ବପ୍ରସ୍ତୁତି ଅନୁଯାୟୀ ଅଭିଯୁକ୍ତମାନେ ତାଙ୍କୁ ଗୃହବନ୍ଦୀ କରି କାର୍ ଚାବି, ସୁନା ବ୍ରେସ୍‌ଲେଟ୍ ଓ ମୋବାଇଲ ଫୋନ୍ ଛଡ଼ାଇ ନେଇଥିଲେ। ଏହାପରେ ଡାକ୍ତରଙ୍କୁ ମାଡ଼ ମାରିବା ସହ ଛୁରି ଦେଖାଇ ଭୟଭୀତ କରି ୨୫ ଲକ୍ଷ ଟଙ୍କା ମାଗିଥିଲେ। ଟଙ୍କା ନ ଦେଲେ ମିଛ ମାମଲା କରିଦେବାକୁ ଇରାନି ଧମକ ଦେବାରୁ ଡାକ୍ତର ଜଣକ ୧୦ଲକ୍ଷ ଟଙ୍କା ଦେବାକୁ ରାଜି ହୋଇଥିଲେ। ଏହାପରେ ବଳପୂର୍ବକ ଡାକ୍ତରଙ୍କ ଫୋନ୍‌ପେ'ରୁ ଅଭିଯୁକ୍ତମାନେ ୧ଲକ୍ଷ ଟଙ୍କା ନେଇଯାଇଥିଲେ। ପରେ ଅଭିଯୁକ୍ତମାନେ ଡାକ୍ତରଙ୍କ କାର୍‌ରେ ତାଙ୍କ ଘରକୁ ଯାଇ ୯ଲକ୍ଷ ଟଙ୍କାର ଚେକ୍ ଧରି ନିଜ ଘରକୁ ପଳାଇଥିଲେ। ଦୁଇଦିନ ପରେ ଡାକ୍ତର ଜଣଙ୍କ ଥାନାରେ ଏତଲା ଦେଇଥିଲେ। ପୋଲିସ ଆଇପିସି ଦଫା ୩୪୨, ୩୬୫, ୩୮୫, ୩୮୬, ୩୮୭ ଓ ୩୮୯ରେ ଏକ ମାମଲା (ନଂ.୨୩୩/୨୦୨୩) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଅଭିଯୁକ୍ତ ଗିରିଜାଙ୍କ ନାଁରେ ଜଙ୍କିଆ ଥାନାରେ ଏକ ହତ୍ୟା ମାମଲା ରହିଥିବାବେଳେ ଅନ୍ୟ ଅଭିଯୁକ୍ତଙ୍କ ଆପରାଧିକ ଇତିହାସ ବିଷୟରେ ପୋଲିସ ଅଧିକ ଖୋଳତାଡ଼ କରୁଛି। ଏହି ଗ୍ୟାଙ୍ଗ ପୂର୍ବରୁ ଏଭଳି ଦୁଇଜଣଙ୍କଠାରୁ ଟଙ୍କା ଲୁଟିଥିବାବେଳେ ଏନେଇ ଥାନାରେ ରିପୋର୍ଟ ହୋଇ ନ ଥିବା ପୋଲିସ କୁହାଯାଇଛି।


ମହିଳାଙ୍କ ସମେତ ଗିରଫ ୪ ଅଭିଯୁକ୍ତ।



ଏସିଆ କପ୍‌ରେ ଭାରତର ସଫଳତା କାମନା କରି ମଙ୍ଗଳବାର ପୁରୀ ବେଳାଭୂମିରେ ବାଲୁକା ଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକଙ୍କ ବାଲୁକା କଳା।

## ୨୨ରେ ରାସ୍ତାକୁ ଓହ୍ଲାଇବେ ଆଦର୍ଶ ବିଦ୍ୟାଳୟ ଶିକ୍ଷକ

**ଭୁବନେଶ୍ୱର, ୧୨।୯(ଅସମାପିକା ସାହୁ)**

ଆଦର୍ଶ ବିଦ୍ୟାଳୟ ଶିକ୍ଷକଙ୍କୁ ରାଜ୍ୟ ସରକାର ଅଣଦେଖା କରୁଛନ୍ତି। ବିଗତ ବର୍ଷଗୁଡ଼ିକରେ ସର୍ବଭାରତୀୟସ୍ତରରେ ସରକାରୀ ଇଂଲିଶ ମିଡ଼ିୟମ ସ୍କୁଲ ଭାବେ ଦେଶରେ ଶ୍ରେଷ୍ଠ ୧୪ନଂ. ତାଲିକାରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ରହିଆସୁଛି। ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଛାତ୍ରୀଛାତ୍ର ଏନ୍‌ଇଇଟି, ଜେଇଇ ପରୀକ୍ଷାରେ ସଫଳତାର ସହ କୃତକାର୍ଯ୍ୟ ହେଉଛନ୍ତି। ମାତ୍ର ଶିକ୍ଷକମାନଙ୍କୁ କୌଣସି ପ୍ରକାର ସୁବିଧା ସୁଯୋଗ ମିଳିପାରିନାହିଁ ବୋଲି ଆଦର୍ଶ ବିଦ୍ୟାଳୟ ଶିକ୍ଷକ ମହାସଂଘ ଅଭିଯୋଗ ଆଣିଛି। ଗତ ତିନିଦିନ ହେବ ସେମାନେ ସ୍କୁଲରେ କଳାବ୍ୟାଜ୍ ପିନ୍ଧି ଶାନ୍ତିପୂର୍ଣ୍ଣ ଭାବେ ଆନ୍ଦୋଳନ କରୁଛନ୍ତି। ଯଦି ତୁରନ୍ତ ଦାବି ସମ୍ପର୍କରେ ପଦକ୍ଷେପ ନିଆ ନ ଯାଏ ତେବେ ଆସନ୍ତା ୨୨ ତାରିଖରେ ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ଆଦର୍ଶ ବିଦ୍ୟାଳୟ ଶିକ୍ଷକମାନେ ଆନ୍ଦୋଳନ କରିବେ ବୋଲି ମହାସଂଘ ପକ୍ଷରୁ କୁହାଯାଇଛି। ମହାସଂଘର କହିବାନୁସାରେ, ୨୦୧୬ରୁ ଆଦର୍ଶ ବିଦ୍ୟାଳୟ ସଂଗଠନ ଆରମ୍ଭ ହୋଇଛି। ଦୀର୍ଘ ୭ ବର୍ଷ ମଧ୍ୟରେ ୪,୦୦୦ରୁ ଉର୍ଦ୍ଧ୍ୱ ଶିକ୍ଷକ ନିଯୁକ୍ତି ହୋଇଛନ୍ତି। ଷଷ୍ଠରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ପ୍ରତ୍ୟେକ ବିଦ୍ୟାଳୟରେ ପାଖାପାଖି ୫୦୦ରୁ ୬୦୦ ଛାତ୍ରୀଛାତ୍ର ପଢୁଛନ୍ତି। ଆଦର୍ଶ ବିଦ୍ୟାଳୟ ଶିକ୍ଷକ ନିଯୁକ୍ତି ନିୟମରେ ସମସ୍ତ ସରକାରୀ ସୁବିଧା ସୁଯୋଗ ମିଳିବାର ବ୍ୟବସ୍ଥା ରହିଥିଲେ ମଧ୍ୟ ତାହା ଲାଗୁ ହୋଇପାରିନାହିଁ। ୨୦ଦଫା ଦାବି ନେଇ ପୂର୍ବରୁ ସରକାରଙ୍କୁ ଜଣାଇଥିଲେ ସୁଦ୍ଧା କୌଣସି ଫଳ ମିଳିନାହିଁ। ଫଳରେ ଶିକ୍ଷକମାନେ ଆନ୍ଦୋଳନକୁ ଓହ୍ଲାଇବାକୁ ବାଧ ହେଉଥିବା କୁହାଯାଇଛି।

# ପିଅନଙ୍କଠାରୁ ଲାଞ୍ଚ ନେଇ ଏଏସ୍‌ଓ ଗିରଫ

**ଭୁବନେଶ୍ୱର,୧୨।୯ (ସତ୍ୟଜିତ୍ ରାଉତ)**

ନିଜ ବିଭାଗର ଜଣେ ପିଅନଙ୍କଠାରୁ ୫ ହଜାର ଲାଞ୍ଚ ନେଇ ଆସିଷ୍ଟାଣ୍ଟ ସେକ୍ସନ୍ ଅଫିସର (ଏଏସ୍‌ଓ) ମଙ୍ଗଳବାର ଭିଜିଲାନ୍ସ ଦ୍ୱାରା ଗିରଫ ହୋଇଛନ୍ତି। ଅଭିଯୁକ୍ତ ହେଲେ ଜଳ ସମ୍ପଦ ବିଭାଗର ଭୁବନେଶ୍ୱର ଡ୍ରେନେଜ୍ ସର୍କଲ ଅତିରିକ୍ତ ସର୍ବୋଚ୍ଚ ଯନ୍ତ୍ରୀଙ୍କ କାର୍ଯ୍ୟାଳୟର ଏଏସ୍‌ଓ ସୌମ୍ୟରଞ୍ଜନ ଦାସ। ତାଙ୍କଠାରୁ ସମସ୍ତ ଲାଞ୍ଚ ଟଙ୍କା ଜବତ କରିଛି ଭିଜିଲାନ୍ସ। ଏନେଇ ଭୁବନେଶ୍ୱର ଭିଜିଲାନ୍ସ ଥାନାରେ ସୌମ୍ୟରଞ୍ଜନଙ୍କ ବିରୋଧରେ ଏକ ମାମଲା (ନଂ.୨୩/୨୦୨୩) ରୁଜୁ କରାଯାଇଛି। ବୁଧବାର ତାଙ୍କୁ ଭୁବନେଶ୍ୱର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟକୁ ଚାଲାଣ କରାଯିବ ବୋଲି ସୂଚନା ଦିଆଯାଇଛି।

ସୂଚନା ଅନୁଯାୟୀ, ଜଳ ସମ୍ପଦ ବିଭାଗର ଭୁବନେଶ୍ୱର ଡ୍ରେନେଜ୍ ସର୍କଲ ଅତିରିକ୍ତ ସର୍ବୋଚ୍ଚ ଯନ୍ତ୍ରୀଙ୍କ କାର୍ଯ୍ୟାଳୟର ପିଅନ କୌସ୍ତୁବ କୁମାର ସେନାପତି ବିଭାଗ ମାଧ୍ୟମରେ ଏକ ଗୃହ ଋଣ ପାଇବାକୁ ଆବେଦନ କରିଥିଲେ। ଏହି ଲୋନ୍ ଫାଇଲ୍‌ର ପ୍ରକ୍ରିୟାକରଣ ପାଇଁ ଏଏସ୍‌ଓ ସୌମ୍ୟରଞ୍ଜନ ତାଙ୍କୁ ୫ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ଏ ନେଇ କୌସ୍ତୁବ ଭିଜିଲାନ୍ସ ନିକଟରେ ଅଭିଯୋଗ କରିଥିଲେ। ପୂର୍ବପ୍ରସ୍ତୁତି ଅନୁଯାୟୀ କୌସ୍ତୁବଙ୍କଠାରୁ ନିଜ ଅଫିସ୍ କୋଠରିରେ ସୌମ୍ୟରଞ୍ଜନ ଲାଞ୍ଚ ଟଙ୍କା ଗ୍ରହଣ କରିବାବେଳେ ଭିଜିଲାନ୍ସ ତାଙ୍କୁ କାବୁ କରିଥିଲା। ଏହାପରେ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଦିଗକୁ ନେଇ ସୌମ୍ୟ ରଞ୍ଜନଙ୍କ ୟୁନିଟ-୯ସ୍ଥିତ ସରକାରୀ ବାସଭବନ ଓ କେନ୍ଦ୍ରାପଡ଼ା ଜିଲା ଆଳି ଥାନା ଅନ୍ତର୍ଗତ ଡେମାଳସ୍ଥିତ ପୈତୃକ ଘରେ ଭିଜିଲାନ୍ସ ପକ୍ଷରୁ ଚଢ଼ାଉ ହୋଇଛି। ଏହି ମାମଲା ସଂକ୍ରାନ୍ତରେ ସୌମ୍ୟ ରଞ୍ଜନଙ୍କୁ ଅଧିକ ପଚରାଉଚରା କରାଯାଉଥିବା ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଛି।


ସୌମ୍ୟରଞ୍ଜନ ଦାସ

# କଂଗ୍ରେସ କର୍ମୀ- ପୋଲିସ ଧସ୍ତାଧସ୍ତି

**ଦକ୍ଷିଣ ଦ୍ୱାର ଦେଇ ଧସେଇ ପଶିବାକୁ ଉଦ୍ୟମ**

## ଶ୍ରୀମନ୍ଦିର ୪ ଦ୍ୱାର ଖୋଲାଯିବାକୁ ଦାବି

**ପୁରୀ, ୧୨।୯(ଅଜିତ ମହାନ୍ତି)**

ଶ୍ରୀମନ୍ଦିର ୪ ଦ୍ୱାର ଦେଇ ଭକ୍ତଙ୍କୁ ପ୍ରବେଶ ଅନୁମତି ସମେତ ଅନ୍ୟାନ୍ୟ ଦାବି ନେଇ ପୁରୀ ଜିଲା କଂଗ୍ରେସ କମିଟି ପକ୍ଷରୁ ମଙ୍ଗଳବାର ଶ୍ରୀମନ୍ଦିର ଦକ୍ଷିଣଦ୍ୱାର ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏହି ସମୟରେ ସୁଜିତ ମହାପାତ୍ରଙ୍କ ନେତୃତ୍ୱରେ ଶତାଧିକ କଂଗ୍ରେସ କର୍ମୀ ଦକ୍ଷିଣଦ୍ୱାର ଦେଇ ଶ୍ରୀମନ୍ଦିରରେ ଧସେଇ ପଶିବାକୁ ଉଦ୍ୟମ କରିଥିଲେ। ତେବେ ପୋଲିସ ସେମାନଙ୍କୁ ରୋକିଥିଲା। ଫଳରେ କଂଗ୍ରେସ କର୍ମୀ ଓ ପୋଲିସ ମଧ୍ୟରେ ଧସ୍ତାଧସ୍ତି ହୋଇଥିଲା।

ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସମ୍ପାଦକ ବିଶ୍ୱନାଥ ଦାଶ କହିଛନ୍ତି, ପ୍ରଶାସନର ଅଜବ ନିଷ୍ପତ୍ତି ପାଇଁ ଭକ୍ତମାନେ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ପ୍ରଶାସନର ନିଷ୍ପତ୍ତି ଅନୁଯାୟୀ, ପୁରୀ ବାସିନ୍ଦା ସେମାନଙ୍କ ପରିଚୟପତ୍ର ଦେଖାଇ ପଶ୍ଚିମ ଦ୍ୱାର ଦେଇ ଶ୍ରୀମନ୍ଦିରକୁ ଯାଉଛନ୍ତି। ସେହିପରି ସିଂହଦ୍ୱାର ଦେଇ ଗୋଟିଏ ଧାଡ଼ିରେ ଭକ୍ତଙ୍କୁ ଛଡ଼ାଯାଉଛି। ଏଥିଯୋଗୁ ଭକ୍ତମାନେ ଘଣ୍ଟା ଘଣ୍ଟା ଧରି ଖରାବର୍ଷାରେ ବ୍ୟାରିକେଡ୍ ମଧ୍ୟରେ ଠିଆହୋଇ ରହୁଛନ୍ତି। ଅନେକ ସମୟରେ ଭକ୍ତମାନେ ଆହତ ହେବା ସହ ଅଚେତ ହୋଇପଡୁଛନ୍ତି। ପ୍ରଶାସନର ଦୂରଦୃଷ୍ଟି ଅଭାବରୁ ଶ୍ରୀମନ୍ଦିର ବାହାରେ ଗହଳି ହେଉଛି। ଭକ୍ତ ଓ ଭଗବାନଙ୍କ ମଧ୍ୟରେ ବାଡ଼ ସୃଷ୍ଟି କରୁଛି ପ୍ରଶାସନ। ତୁରନ୍ତ ଭକ୍ତଙ୍କ ପାଇଁ ୪ ଦ୍ୱାର ଖୋଲାଯାଉ। ସେହିପରି କଂଗ୍ରେସ ନେତା ସୁଜିତ୍ ମହାପାତ୍ର କହିଛନ୍ତି, ମହାପ୍ରଭୁଙ୍କ ସହ ପ୍ରତ୍ୟେକ ଓଡ଼ିଆ ଅଙ୍ଗାଙ୍ଗୀ ଭାବେ ଜଡ଼ିତ। ପୁରୀବାସୀଙ୍କ ଜୀବନ ଜୀବିକା ଓ ଚଳଣି ସହ ଶ୍ରୀମନ୍ଦିର ଜଡ଼ିତ। ମହାପ୍ରଭୁଙ୍କୁ ଘରଲୋକ ବୋଲି ପୁରୀବାସୀ ଭାବିଥାନ୍ତି। ପିତୃପୁରୁଷଙ୍କୁ ବାଇଶି ପାହାଚରେ ଶ୍ରାଦ୍ଧ ଦେବା ସହ ବିବାହ ବ୍ରତ ଆଦିରେ ମହାପ୍ରଭୁଙ୍କୁ ପ୍ରଥମେ ନିମନ୍ତ୍ରଣ କରାଯାଇଥାଏ। ମହାପ୍ରସାଦ ପାଇଁ ଶ୍ରୀମନ୍ଦିରକୁ ପୁରୀବାସୀ ଯାଇଥାନ୍ତି। ମାତ୍ର ସରକାରଙ୍କ ଧାଡ଼ିଦର୍ଶନ ବ୍ୟବସ୍ଥା ଯୋଗୁ ପୁରୀବାସୀ ଓ ଦୂରଦୂରାନ୍ତ ଭକ୍ତ ସମସ୍ୟା ଭୋଗୁଛନ୍ତି। ପୁରୀବାସୀଙ୍କ ପାଇଁ ପଶ୍ଚିମ ଦ୍ୱାର ଖୋଲାଯାଇଛି। ପରିଚୟପତ୍ର ଦେଖାଇ ସେମାନଙ୍କୁ ଛଡାଯାଉଛି, ମାତ୍ର ସେଠାରେ ନିୟୋଜିତ ଥିବା ପୋଲିସ କର୍ମଚାରୀମାନେ ଅନେକ ସମୟରେ ଦୁର୍ବ୍ୟବହାର ପ୍ରଦର୍ଶନ କରୁଛନ୍ତି। ଶ୍ରୀମନ୍ଦିର ୪ଦ୍ୱାର ଦେଇ ଯିବାରେ କୌଣସି ସମସ୍ୟା ନାହିଁ। ପ୍ରଶାସନ କାହିଁକି ୪ ଦ୍ୱାର ଖୋଲୁନାହିଁ ତାହା ବୁଝାପଡୁନାହିଁ। ଶ୍ରୀମନ୍ଦିର ଚାରିପଟେ ପରିକ୍ରମା କାର୍ଯ୍ୟ ଜାରି ରହିଥିବା ପ୍ରଶାସନ କହୁଛି। କେବେ କାର୍ଯ୍ୟ ସରିବ ସେନେଇ ତଥ୍ୟ ଦିଆଯାଉନାହିଁ। ତେଣୁ ଭକ୍ତଙ୍କ ମନରେ ଦ୍ୱନ୍ଦ୍ୱ ସୃଷ୍ଟି ହେଉଛି। ଭିଆଇପିମାନେ ଗଳାବାଟ ଦେଇ ମହାପ୍ରଭୁଙ୍କୁ ଦର୍ଶନ କରିବାକୁ ଯାଉଛନ୍ତି, ମାତ୍ର ପୁରୀବାସୀ ସମସ୍ୟା ଭୋଗୁଛନ୍ତି। ସରକାର ଭକ୍ତଙ୍କ ଭାବାବେଗ ସହ ଖେଳୁଛନ୍ତି, ଏହା ଆଗାମୀ ଦିନରେ ସରକାରଙ୍କୁ ମହଙ୍ଗା ପଡ଼ିବ। ଭକ୍ତଙ୍କ ପାଇଁ ଚାରିଦ୍ୱାର ଖୋଲାଯାଉ। ସୁରକ୍ଷା କର୍ମୀଙ୍କୁ ଆଚରଣ ବିଧି ଶିକ୍ଷା ଦିଆଯାଉ। ମହିଳାଙ୍କ ପାଇଁ ଚାରିଦ୍ୱାର ନିକଟରେ ସୁବିଧା କରାଯାଉ। ଶ୍ରୀମନ୍ଦିର ଅବ୍ୟବସ୍ଥା ସୁଧାରି ନ ପାରିଲେ ରାଜ୍ୟ ସରକାର ଇସ୍ତଫା ଦିଅନ୍ତୁ ବୋଲି କଂଗ୍ରେସ ଦାବି କରିଛି। ବିକ୍ଷୋଭରେ ପିସିସି ସମ୍ପାଦକ ବିଶ୍ୱନାଥ ଦାଶ, ଅମରେନ୍ଦ୍ର ପାଇକରାୟ, ରଜତ କୁମାର ସାହୁ, ସ୍ୱାଧୀନ କୁମାର ପଣ୍ଡା, ଉମାକାନ୍ତ ବେହେରା, ପୁରୀ ଜିଲା ଯୁବ କଂଗ୍ରେସ ଉପସଭାପତି ଚେତନ ମିଶ୍ର, ପୁରୀ ସଦର ଯୁବ କଂଗ୍ରେସ ଉପସଭାପତି ମନୋଜ କୁମାର ବେହେରା, ଗୋପାଳକୃଷ୍ଣ ମହାପାତ୍ର, ସତ୍ୟବାଦୀ ଛାତ୍ର କଂଗ୍ରେସ ସଭାପତି ଆଦର୍ଶ ମିଶ୍ର, ପୁରୀ ସଦର ଛାତ୍ର କଂଗ୍ରେସ ସଭାପତି ସୂର୍ଯ୍ୟକାନ୍ତ ପଣ୍ଡା ପ୍ରମୁଖ ସାମିଲ ଥିଲେ।



ଶ୍ରୀମନ୍ଦିର ଦକ୍ଷିଣଦ୍ୱାର ସମ୍ମୁଖରେ କଂଗ୍ରେସ କର୍ମୀମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ପ୍ରିୟଙ୍କା


@ ମନୋଜ


@ ରୋହନ


@ ରଜତ


@ ସଞ୍ଜୟ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

## ନନ୍ଦନକାନନକୁ ବୁଲିବାକୁ ଆସି ବୃଦ୍ଧ ନିଖୋଜ

**ବାରଙ୍ଗ,୧୨।୯(ଲିଙ୍ଗରାଜ ରାଉତ)**

ନନ୍ଦନକାନନ ପ୍ରାଣୀଉଦ୍ୟାନକୁ ବୁଲିବାକୁ ଆସି ଝାଡଖଣ୍ଡର ଜଣେ ୮୦ ବର୍ଷୀୟ ବୃଦ୍ଧ ମଙ୍ଗଳବାର ନିଖୋଜ ହୋଇଯାଇଛନ୍ତି। ପୁରୀରୁ ଏକ ଟୁରିଷ୍ଟ ବସ୍ ୪୦ଜଣ ଯାତ୍ରୀଙ୍କୁ ନେଇ ନନ୍ଦନକାନନ ଆସିଥିଲା। ସେଥିରେ ନିଖୋଜ ବୃଦ୍ଧଙ୍କ ପରିବାର ମଧ୍ୟ ଆସିଥିଲେ। ବସ୍‌ଟି ଯାତ୍ରୀଙ୍କୁ କୋଣାର୍କ, ଧଉଳି, ଲିଙ୍ଗରାଜ ମନ୍ଦିର, ଖଣ୍ଡଗିରି ବୁଲାଇବା ପରେ ମଙ୍ଗଳବାର ସାଢେ ୪ଟା ପାଖାପାଖି ନନ୍ଦନକାନନକୁ ଆସିଥିଲା। ବସ୍‌ରେ ଥିବା ଗାଇଡ୍ ସହାୟତାରେ ଯାତ୍ରୀ ନନ୍ଦନକାନନକୁ ବୁଲିବାକୁ ଆସିଥିଲେ। ନନ୍ଦନକାନନ ବୁଲି ସାରି ସନ୍ଧ୍ୟା ସମୟରେ ବାହାରକୁ ବାହାରିବା ପରେ ବୃଦ୍ଧ ଜଣକ ସେମାନଙ୍କ ସାଙ୍ଗରେ ନ ଥିବା ତାଙ୍କ ପରିବାର ଲୋକ ଜାଣିବାକୁ ପାଇଥିଲେ। ଏହାପରେ ବୃଦ୍ଧଙ୍କୁ ପରିବାର ଲୋକ ଖୋଜାଖୋଜି କରିଥିଲେ ମଧ୍ୟ ପାଇ ନ ଥିଲେ। ବୃଦ୍ଧଙ୍କ ପାଖରେ ଥିବା ଫୋନ ମଧ୍ୟ ସୁଇଚ ଅଫ୍ ହୋଇଯାଇଥିଲା। ନନ୍ଦନକାନନର ପ୍ରବେଶ ପଥରେ ଲାଗିଥିବା କ୍ୟାମେରାରେ ବୃଦ୍ଧ ଜଣକ ବାହାରିଥିବା ଜଣାପଡ଼ିବା ପରେ ପରିବାର ଲୋକଙ୍କ ଚିନ୍ତା ବଢିଯାଇଥିଲା। ଏହାପରେ ତାଙ୍କ ପରିବାର ନିରୁପାୟ ହୋଇ ନନ୍ଦନକାନନ ଥାନାରେ ଜଣାଇବା ପରେ ପୋଲିସ ଖୋଜାଖୋଜି ଆରମ୍ଭ କରିଥିଲା। ହେଲେ ମଧ୍ୟ ବୃଦ୍ଧଙ୍କ ପତ୍ତା ମିଳିପାରି ନାହିଁ। ଅନ୍ୟପଟେ ନନ୍ଦନକାନନ ବସ୍‌ଷ୍ଟାଣ୍ଡରେ ଏହି ପରିବାର ସମେତ ବସ୍‌ରେ ଥିବା ଅନ୍ୟଯାତ୍ରୀ ବୃଦ୍ଧଙ୍କୁ ଅପେକ୍ଷା କରି ରହିଥିବା ଦେଖିବାକୁ ମିଳିଛି।

# ଅଗଷ୍ଟରେ ଖୁଚୁରା ମୁଦ୍ରାସ୍ଫୀତି ୬.୮୩%

■ଖାଦ୍ୟ ମୁଦ୍ରାସ୍ଫୀତି ୯.୯୪%
■ଗ୍ରାମାଞ୍ଚଳରେ ଦରବୃଦ୍ଧି ହାର ୭.୦୨%

ଭୁବନେଶ୍ୱର,୧୨।୯ (ଅଭୟ ଦାଶ)



ଚଳିତ ବର୍ଷ ଅଗଷ୍ଟ ମାସରେ ଦେଶର ଖୁଚୁରା ମୁଦ୍ରାସ୍ଫୀତି ହାର ୬.୮୩%କୁ ଖସି ଆସିଛି ବୋଲି ମଙ୍ଗଳବାର ପରିସଂଖ୍ୟାନ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ଏପରିକି ୨୦୨୩ ଜୁଲାଇରେ ଦେଶର ଖୁଚୁରା ମୁଦ୍ରାସ୍ଫୀତି ହାର ୭.୪୪%ରେ ରହିଥିଲା। ବିଶେଷକରି ଘରୋଇ ବଜାରରେ ଗତ କିଛି ସପ୍ତାହ ହେଲା ଖାଦ୍ୟ ସାମଗ୍ରୀ ଓ ପନିପରିବା ଦର ହ୍ରାସ ପାଇବାରୁ ଖୁଚୁରା ମୁଦ୍ରାସ୍ଫୀତି ହାର ଚଳିତ ବର୍ଷ ଅଗଷ୍ଟରେ ସାମାନ୍ୟ ହ୍ରାସ ଘଟିଛି ବୋଲି କୁହାଯାଉଛି। ସେହିଭଳି ଚଳିତ ବର୍ଷ ଅଗଷ୍ଟରେ ଦେଶର ଖାଦ୍ୟ ମୁଦ୍ରାସ୍ଫୀତି ହାର ହ୍ରାସ ପାଇ ୯.୯୪% ରହିଥିଲାବେଳେ ୨୦୨୩ ଜୁଲାଇରେ ତାହା ୧୧.୫୧% ଥିଲା। ଅପରପକ୍ଷରେ ଗ୍ରାମାଞ୍ଚଳରେ ଦରବୃଦ୍ଧି ହାର ୭.୬୩% ରୁ ଖସି ୭.୦୨% ଏବଂ ସହରାଞ୍ଚଳରେ ଦରବୃଦ୍ଧି ୭.୨୦% ରୁ ଖସି ୬.୫୯% ରେ ରହିଛି। ସେହିପରି ସିପିଆଇ କୋର୍ ମୁଦ୍ରାସ୍ଫୀତି ୨୦୨୩ ଅଗଷ୍ଟରେ ୪.୦୮%ରେ ରହିଥିବେଳେ ୨୦୨୩ ଜୁଲାଇରେ ଏହାର ପରିମାଣ ୪.୦୯%ରେ ରହିଥିଲା। ଉଲ୍ଲେଖଯୋଗ୍ୟ, ବିଗତ ୧୫ ମାସର ମୁଦ୍ରାସ୍ଫୀତି ସର୍ବୋଚ୍ଚ ସ୍ତରରେ ରହିଥିବା ବେଳେ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ଦର ବୃଦ୍ଧିକୁ ଘଟଣାକୁ ଗୁରୁତର ସହ ବିଚାର କରୁଛି। ଏପରିକି ଆରବିଆଇ ଦର ବୃଦ୍ଧିକୁ ୪% କୁ ଆଣିବା ପାଇଁ ବ୍ୟାପକ ଯୋଜନା କରୁଛି। ନିକଟରେ ଆର୍‌ବିଆଇ ଗଭର୍ନର ଶକ୍ତିକାନ୍ତ ଦାସ କହିଥିଲେ,ଦେଶର ପନିପରିବା ଦର ହ୍ରାସ ପାଉଥିବାରୁ ମୁଦ୍ରାସ୍ଫୀତି କମ୍ କରିବାରେ ଏହା ବେଶ୍ ସହାୟକ ହେବ। ସୂଚନାଯୋଗ୍ୟ, ଆର୍‌ବିଆଇ ୨୦୨୩-୨୪ ଆର୍ଥିକ ବର୍ଷ ପାଇଁ ଖୁଚୁରା ମୁଦ୍ରାସ୍ଫୀତି ହାର ୫.୪ % ରହିବା ନେଇ ପୂର୍ବାନୁମାନ କରିଛି।

## ନିବେଶକ ନିରୁତ୍ସାହିତ

ଭୁବନେଶ୍ୱର,୧୨।୯

ଗତ ୧ ସପ୍ତାହ ପରେ ଘରୋଇ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟିଛି। ଏପରିକି ଚଳିତ ସପ୍ତାହର ୨ୟ କାର୍ଯ୍ୟ ଦିବସ (ଷ୍ଟକ୍‌ବଜାର)ର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ନିରୁତ୍ସାହିତ ହୋଇପଡିଛନ୍ତି। କାରଣ କ୍ରମାଗତ ୭ ଦିନ ହେଲା ବଜାର କାରବାର ବୃଦ୍ଧି ଘଟିଥିବାବେଳେ ମଙ୍ଗଳବାର ଶେୟାର ବଜାରର କାରବାର ଫଳାଫଳ ଭିନ୍ନ ହୋଇଛି। ଫଳରେ ଷ୍ଟକ୍ ମାର୍କେଟର କାରବାର ଶେଷ ସୁଦ୍ଧା ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ) ର ସେନ୍‌ସେକ୍ସ ୯୪.୦୫ ପଏଣ୍ଟ ବୃଦ୍ଧି ଘଟି ୬୭,୨୨୧.୧୩ ଅଙ୍କରେ କାରବାର ବନ୍ଦ କରିଥିଲା ବେଳେ ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ) ର ନିଫ୍ଟି-୫୦ରେ ୩.୧୫ ପଏଣ୍ଟ ହ୍ରାସ ଘଟି ୧୯,୯୯୩.୨୦ ଅଙ୍କରେ କାରବାର ବନ୍ଦ କରିଥିଲା।

## ସ୍ପ୍ରିଣ୍ଟୋନିକ୍ ନବାଗତଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା




ଭୁବନେଶ୍ୱର,୧୨।୯

ସ୍ପ୍ରିଣ୍ଟୋନିକ୍ ଟେକ୍ନୋଲୋଜି ଆଣ୍ଡ ଆଡଭାନ୍ସ ରିସର୍ଚ୍ଚ ବା ଷ୍ଟାର ଯାନ୍ତ୍ରିକ ଓ ବୈଷୟିକ ମହାବିଦ୍ୟାଳୟର ୧୫ତମ ପ୍ରତିଷ୍ଠା ଦିବସ ନିକଟରେ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ସ୍ପ୍ରିଣ୍ଟୋନିକ୍‌ର ନବାଗତ ଛାତ୍ରୀଛାତ୍ରମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଥିଲା। ଖୋର୍ଦ୍ଧା ନିକଟସ୍ଥ ଷ୍ଟାର ଯାନ୍ତ୍ରିକ ମହାବିଦ୍ୟାଳୟ ପରିସରରେ ୧୫ ତମ ପ୍ରତିଷ୍ଠା ଦିବସ ଏବଂ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏପରିକି ଚଳିତ ବର୍ଷର ଡିପ୍ଲୋମା ଓ ବିଟେକ୍ ଛାତ୍ରୀଛାତ୍ରମାନଙ୍କୁ କଲେଜ ପକ୍ଷରୁ ସ୍ୱାଗତ କରାଯାଇଛି। ଏହି ଅବସରରେ କଲେଜର ଚେୟାରମ୍ୟାନ୍ ତ୍ରିନୟନ ରଥ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବାବେଳେ କଲେଜର ସମ୍ପାଦକ ତଥା ବିଶିଷ୍ଟ ଶିକ୍ଷାବିତ୍ ଇଂ ସଞ୍ଜୀବ ସାହୁ ମୁଖ୍ୟ ବକ୍ତା ଭାବେ ଯୋଗଦେଇ ନବାଗତ ଛାତ୍ରୀଛାତ୍ରମାନଙ୍କୁ ବୈଷୟିକ ଶିକ୍ଷାର ସୁନ୍ଦର ବିନିଯୋଗ ଓ ଆଜିର ସମାଜରେ ଏହାର ଗୁରୁତ୍ୱ ଉପରେ ବିସ୍ତୃତ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କଲେଜର ଟ୍ରଷ୍ଟି ବୃନ୍ଦାବନ ସାହୁ, ବିଶ୍ୱରଞ୍ଜନ ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସେହିଭଳି କଲେଜର ଅଧ୍ୟକ୍ଷ ଡ. ପୁରୋହିତ ମିଶ୍ରଙ୍କ ସଭାପତିତ୍ୱରେ ସଭାକାର୍ଯ୍ୟ ଓ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ପରିଚାଳିତ ହୋଇଥିଲାବେଳେ କଲେଜର ନିର୍ଦ୍ଦେଶକ ଇଂ ବିକାଶ ଦାଶ ନବାଗତ ଛାତ୍ରୀଛାତ୍ରମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ପରିଶେଷରେ କଲେଜର ବାର୍ଷିକ ପତ୍ରିକା 'ସ୍ପ୍ରିଣ୍ଟୋନିକା' ଉନ୍ମୋଚନ ହୋଇଥିଲା।

## ମେଟ୍ରା ସହ ହିଣ୍ଡାଲ୍‌କୋର ବୁଝାମଣା

ଭୁବନେଶ୍ୱର,୧୨।୯

ଦେଶର ପ୍ରମୁଖ ଘରୋଇ କମ୍ପାନୀ ହିଣ୍ଡାଲକୋ ଇଣ୍ଡଷ୍ଟ୍ରିଜ ଲିମିଟେଡ ଏବଂ ଇଟାଲୀର ମେଟ୍ରା ଏସ୍‌ପିଏ ମଧ୍ୟରେ ଏକ ଦ୍ୱିପାକ୍ଷିକ ବୁଝାମଣା ନିକଟରେ ହୋଇଯାଇଛି। ବିଶେଷକରି ଉଭୟ କମ୍ପାନୀ ମଧ୍ୟରେ ଏକ ପ୍ରଯୁକ୍ତିଗତ ସହଭାଗିତା ହୋଇଛି। ଏପରିକି ଭାରତରେ ହାଇସ୍ପିଡ୍ ରେଳ କୋଚ୍ ନିର୍ମାଣ ନିମନ୍ତେ ବୃହତ୍ ଆକାରର ଆଲୁମିନିୟମ ଏକ୍ସଟ୍ରସନ ଏବଂ ଫାବ୍ରିକେଶନ ପ୍ରଯୁକ୍ତି ପ୍ରସ୍ତୁତି ଆଦି ପାଇଁ ଏହି ବୁଝାମଣା ହୋଇଥିବା ଉଭୟ ପକ୍ଷରୁ କୁହାଯାଇଛି। ସେହିଭଳି ଆଲୁମିନିୟମ ନିର୍ମାଣ କ୍ଷେତ୍ରରେ ହିଣ୍ଡାଲ୍‌କୋର ବିପୁଳ ଅଭିଜ୍ଞତା ଏବଂ ଆଲୁମିନିୟମ ଏକ୍ସଟ୍ରସନ, ମେଶିନିଂ ଏବଂ ୱେଲ୍‌ଡିଂ କ୍ଷେତ୍ରରେ ମେଟ୍ରାର ସର୍ବାଧୁନିକ ଜ୍ଞାନକୌଶଳକୁ ମିଳିତ ଉପଯୋଗ କରି ଏକ ବିଶ୍ୱଶ୍ରେଣୀୟ ପ୍ରଯୁକ୍ତି ଭାରତକୁ ଆଣିବା ଦିଗରେ ଉଲ୍ଲେଖନୀୟ ପ୍ରୟାସ ହୋଇଛି। ଏହି ବୁଝାମଣା ବିଶ୍ୱର ସର୍ବବୃହତ୍ ରେଳ ନେଟ୍‌ୱର୍କ ପରିଚାଳନା କରୁଥିବା ଭାରତୀୟ ରେଳବାଇର ଆକାଂକ୍ଷିତ ଉନ୍ନତୀକରଣ କାର୍ଯ୍ୟକ୍ରମକୁ ଆଗେଇନେବା ଦିଗରେ ବେଶ୍ ସହାୟକ ହେବ। ଏ ସମ୍ପର୍କରେ ହିଣ୍ଡାଲ୍‌କୋ ଇଣ୍ଡଷ୍ଟ୍ରିଜର ଏମ୍‌ଡି ସତୀଶ ପାଇ କହିଛନ୍ତି, ଭାରତରେ ଯାତ୍ରୀବାହୀ ଟ୍ରେନ୍‌ଗୁଡିକ ନିମନ୍ତେ ନୂତନ ଯୁଗର ଆଲୁମିନିୟମ ଏକ୍ସଟ୍ରସନସ ପ୍ରଚଳନ କରିବା ପାଇଁ ଆମେ ମେଟ୍ରା ସହ ହାତ ମିଳାଇ ବେଶ୍ ଉତ୍ସାହିତ ଅଛୁ। ସେହିଭଳି ମେଟ୍ରା ଏସ୍‌ପିଏର ସିଇଓ ଏନ୍‌ରିକୋ ଜାମ ପେଡ୍ରି କହିଛନ୍ତି, ହିଣ୍ଡାଲ୍‌କୋ ସହ ସହଭାଗିତା କରି ଆମେ ଆମର ଆଲୁମିନିୟମ ଏକ୍ସଟ୍ରସନ ପ୍ରଯୁକ୍ତିର ସାମର୍ଥ୍ୟକୁ ବୈଶ୍ୱିକ ମଞ୍ଚରେ ପ୍ରଦର୍ଶନ କରିବାର ସୁଯୋଗ ପାଇଛୁ। ବନ୍ଦେ ଭାରତ ଟ୍ରେନ୍‌ଗୁଡିକ ପାଇଁ ଯାତ୍ରୀବାହୀ କୋଚ ତିଆରିରେ ସହାୟତା କରିବାକୁ ହିଣ୍ଡାଲ୍‌କୋ ଏହି ପ୍ରକଳ୍ପ ନିମନ୍ତେ ୨୦୦୦କୋଟି ଟଙ୍କା ନିବେଶ କରିବା ଯୋଜନା ରଖିଛି ଏବଂ ପ୍ରଯୁକ୍ତି ମେଣ୍ଟ ଏହି ପ୍ରୟାସ ସକାଶେ ସର୍ବାଧୁନିକ ସମୟର ପ୍ରଯୁକ୍ତି ଯୋଗାଇଦେବ।




ଟୟୋଟା କିର୍ଲୋସ୍କର ମୋଟର୍ସ ପ୍ରାଇଭେଟ୍ ଲିମିଟେଡ୍‌ର ସ୍ୱୀକୃତିପ୍ରାପ୍ତ ଡିଲର ଇସପିରିଟ ଟୟୋଟା (ଫିଲ୍‌ଡ ମୋଟର ପ୍ରାଇଭେଟ୍ ଲିମିଟେଡ୍) ପଟିଆ ଭୁବନେଶ୍ୱର ପକ୍ଷରୁ ମଙ୍ଗଳବାର ଏକ ସ୍ୱତନ୍ତ୍ର ଅନାବରଣ ଉତ୍ସବର ଆୟୋଜନ କରାଯାଇଥିଲା। ଉକ୍ତ ଉତ୍ସବରେ ଫିଲ୍‌ଡ ମୋଟର ପ୍ରାଇଭେଟ୍ ଲିମିଟେଡ୍ (ଇସପିରିଟ ଟୟୋଟା)ର ଏମ୍‌ଡି ସୁନୀଲ ତାନେଜା ସମ୍ମାନିତ ଅତିଥି ଭାବେ ଯୋଗଦେଇ 'ଟୟୋଟା ରୁମିଅନ୍'ର ଅନାବରଣ ସହ ବଜାର ପ୍ରବେଶ ସମ୍ପର୍କରେ ଘୋଷଣା କରିଛନ୍ତି। ଏହି ପରିପ୍ରେକ୍ଷୀରେ ବିଓଆଇର ଜେଡଏମ୍ ଏସ୍.ମଳୟ ଦାସ, ୟୁବିଆଇର ଆଞ୍ଚଳିକ ମୁଖ୍ୟ ନିରଞ୍ଜନ ବାରିକ ଏବଂ ଇସପିରିଟ ଟୟୋଟାର ସିଇଓ ରାଜେଶ ଗଣ୍ଡୋତ୍ରା ପ୍ରମୁଖ ଉପସ୍ଥିତ ଅଛନ୍ତି।

## ଟାଟା ଷ୍ଟିଲ୍ ପକ୍ଷରୁ ସ୍ୱେଚ୍ଛାସେବୀ ସପ୍ତାହ

ଭୁବନେଶ୍ୱର,୧୨।୯

ଟାଟା ଷ୍ଟିଲ୍ ପକ୍ଷରୁ ସ୍ୱେଚ୍ଛାସେବୀ ସପ୍ତାହ ନିକଟରେ ପାଳିତ ହୋଇଯାଇଛି। ବିଶେଷକରି ସପ୍ତାହବ୍ୟାପୀ ପାଳନ କରାଯାଇଥିବା ଉକ୍ତ ସପ୍ତାହରେ କମ୍ପାନୀର କର୍ମଚାରୀ ଓ ସେମାନଙ୍କ ପରିବାର ସଦସ୍ୟମାନେ ବିଭିନ୍ନ ସ୍ୱେଚ୍ଛାକୃତ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ଏପରିକି ଏହି ସପ୍ତାହକୁ ଟାଟା ଷ୍ଟିଲ୍‌ର ବିଭିନ୍ନ କାର୍ଯ୍ୟକ୍ଷେତ୍ର ଯଥା ଟାଟା ଷ୍ଟିଲ୍ ଭୁବନେଶ୍ୱର, ଟାଟା ଷ୍ଟିଲ୍ ମେରାମଣ୍ଡଳୀ (ଟିଏସ୍‌ଏମ୍), ଟାଟା ଷ୍ଟିଲ୍ କଳିଙ୍ଗନଗର (ଟିଏସ୍‌କେ) ଓ ଅନ୍ୟାନ୍ୟ ସ୍ଥାନରେ ପାଳନ କରାଯାଇଥିଲା। ସେହିଭଳି ସମାଜରେ ସକାରାତ୍ମକ ପ୍ରଭାବ ସୃଷ୍ଟି କରିବା ଲକ୍ଷ୍ୟ ନେଇ ଆୟୋଜିତ ଏହି ସପ୍ତାହରେ ବିଭିନ୍ନ ସ୍ୱେଚ୍ଛାକୃତ କାର୍ଯ୍ୟକ୍ରମ ରହିଥିଲା। ଭୁବନେଶ୍ୱରରେ ଟାଟା ଷ୍ଟିଲ୍‌ର କର୍ମଚାରୀମାନେ ଏହି ସପ୍ତାହର ବଡ଼ ଉତ୍ସାହ ସହ ସମୁଦାୟର କଲ୍ୟାଣ ପାଇଁ ସମର୍ପିତ ଭାବ ପ୍ରଦର୍ଶନ କରିଥିଲେ। ଭୁବନେଶ୍ୱରରେ ଥିବା ପ୍ରତିଭା ଆଶ୍ରମର ପାଖାପାଖି ୩୦ ଅନ୍ତେବାସୀଙ୍କୁ ରାଶନ ସାମଗ୍ରୀ ଓ ଔଷଧ ସହାୟତା ପ୍ରଦାନ କରାଯାଇଥିଲା। ଦଶମ ପାଠପଢ଼ା ଶେଷ ହେବା ପରେ ଶିକ୍ଷାକୁ ବ୍ୟାପକ କରିବା ପାଇଁ ମୂଲ୍ୟବାନ କ୍ୟାରିୟର ସୁଯୋଗ ବିଷୟରେ ସୂଚନା ପ୍ରଦାନକରି କ୍ୟାରିୟର କାଉନ୍‌ସେଲିଂ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଟାଟା ଷ୍ଟିଲ୍ ମେରାମଣ୍ଡଳୀରେ କମ୍ପାନୀର କର୍ପୋରେଟ୍ ସେବା ମୁଖ୍ୟ ମୋହିତ ଦାସଙ୍କ ନେତୃତ୍ୱରେ କର୍ମଚାରୀମାନେ ଟାଟା ଷ୍ଟିଲ୍ ସ୍ୱେଚ୍ଛାସେବୀ ସପ୍ତାହର ଶୁଭାରମ୍ଭକରି ଏକ ଉତ୍ସର୍ଗୀକୃତ ମୌସୁମୀ ସଡ଼କ ସୁରକ୍ଷା ସଚେତନତା ଅଭିଯାନ ଆୟୋଜନ କରିଥିଲେ।

ଫୁରସତ୍

# ରାସ୍ତାରେ ମଦର ସୁଅ

ଲିସ୍‌ବନ



ବେଳେବେଳେ ଏମିତି କିଛି ଜିନିଷ ଦେଖିବାକୁ ମିଳେ, ଯାହାର କେବେ କଳ୍ପନା କରିହୁଏନି। ସେପରି କିଛି ଘଟଣା ଦେଖିବାକୁ ମିଳିଛି ପର୍ତ୍ତୁଗାଲରେ। ଏଠାରେ ଏକ ଛୋଟ ସହରର ରାସ୍ତାରେ ପାଣି ଭଳି ମଦ ବୋହୁଥିବା ଦେଖିବାକୁ ମିଳିଛି। ଏହାର ଏକ ଭିଡିଓ ସୋସିଆଲ ମିଡିଆରେ ବେଶ୍ ଭାଇରାଲ ହେବାରେ ଲାଗିଛି। ରିପୋର୍ଟ ମୁତାବକ, ପର୍ତ୍ତୁଗାଲର ସାଓ ଲୋରେନ୍‌କୋ ଡି ବୈରୋ ନାମକ ଏକ ଛୋଟ ସହରର ରାସ୍ତାରେ ଲକ୍ଷାଧିକ ଲିଟର ମଦର ଏକ ସ୍ରୋତ ପାହାଡ଼ିଆ ଅଞ୍ଚଳରେ ତଳକୁ ବୋହୁଥିଲା। ଯେପରି ଏକ ମଦର ନଦୀ ଭଳି ଦୃଶ୍ୟମାନ ହେଉଥିଲା। ସହରର ଗଳିରେ ଏହା ବୋହୁଥିବା ଦେଖି ଲୋକେ ଆଶ୍ଚର୍ଯ୍ୟ ହୋଇଯାଇଥିଲେ। ତେବେ ଏପରି ଘଟଣା ପାହାଡ଼ ଉପରେ ଥିବା ଏକ ମଦ କାରଖାନା ଲେଭିରା ଡିସ୍‌ଲେରିରେ ଦୁର୍ଘଟଣା ଫଳରେ ହୋଇଥିଲା। କାରଖାନାରେ ହୋଇଥିବା ଦୁର୍ଘଟଣା ଫଳରେ ସେଠାରେ ଥିବା ନାଲିରଙ୍ଗର ମଦର ଟାଙ୍କି ଫାଟିଯାଇଥିଲା। ସେହି ଟାଙ୍କିରେ ୨ ମିଲିୟନ୍ ଲିଟର ଅର୍ଥାତ୍ ୨୨ ଲକ୍ଷ ଲିଟର ମଦ ଥିଲା। ଏହି ମଦର ସ୍ରୋତ ସହରସ୍ଥିତ ସର୍ଟିମା ନଦୀକୁ ଯାଉଥିଲା। ହେଲେ ଅଗ୍ନିଶମ ବାହିନୀ ଆସି ଏହାର ସ୍ରୋତକୁ କ୍ଷେତ ଆଡ଼କୁ ବଦଳାଇଦେଲେ। ପରେ ଅବସ୍ଥାରେ ସୁଧାର ଆସିଲା। ଏପରି ଦୁର୍ଘଟଣା ପାଇଁ ଲେଭିରା ଡିସ୍‌ଲେରି କ୍ଷମା ମାଗିବା ସହ ଏବେ ସେଠାରେ ମରାମତି କାମ ଚାଲୁ ରହିଛି।

## କପୁର ମହିଳାଙ୍କୁ ଫିଲ୍ମ ପାଇଁ ଅନୁମତି ନ ଥିଲା



କରୀନା କପୁର ଖାନ୍

**ମୁମ୍ବାଇ:** ବଲିଉଡ୍ ଅଭିନେତ୍ରୀ କରୀନା କପୁର ଖାନ୍ ବଲିଉଡ୍‌ର କପୁର ପରିବାରରୁ ଆସିଛନ୍ତି। ତାଙ୍କ ଜେଜେ ରାଜ କପୁର, ତାଙ୍କ ବାପା ପୃଥ୍ୱୀରାଜ କପୁର ବଲିଉଡ୍‌ରେ ଭଲ ନାମ କମାଇଛନ୍ତି। ହେଲେ ମଧ୍ୟ ତାଙ୍କ କପୁର ପରିବାରରେ ଏକ ଅଜବ ନିୟମ ଥିଲା। ପରିବାରର ଝିଅ ହେଉ ବା ବୋହୂ କାହାରିକୁ ବି ଫିଲ୍ମରେ କାମ କରିବାକୁ ଅନୁମତି ନ ଥିଲା। ଏନେଇ କରୀନା ନିକଟରେ ଏକ ସାକ୍ଷାତ୍‌କାରରେ କହିଛନ୍ତି। ତେବେ ଏହି ନିୟମରେ ପରିବର୍ତ୍ତନର ଶ୍ରେୟ ସେ ତାଙ୍କ ବାପା ରଣଧୀର କପୁରଙ୍କୁ ଦେଇଛନ୍ତି। ରଣଧୀର କପୁର ଦୁନିଆର ସବୁଠୁ ଭଲ ବାପା ବୋଲି ସେ କହିଛନ୍ତି। ସେ ସମୟ ସହିତ ନିଜକୁ ମଧ୍ୟ ବଦଳାଇ ପାରିଛନ୍ତି। ତାଙ୍କ ଭଉଣୀ କରିସ୍ମା କପୁର ତାଙ୍କୁ ଫିଲ୍ମରେ କ୍ୟାରିୟର କରିବାକୁ ନ ଅଟକାଇ ସେଥିରେ ଆଗେଇବାକୁ ପରାମର୍ଶ ଦେଇଥିଲେ। କପୁର ପରିବାରର ପ୍ରଥମ ଝିଅ ଭାବେ କରିସ୍ମାଙ୍କ ପାଇଁ ଏହା କଠିନ ଥିଲା। ଏଥିପାଇଁ ତାଙ୍କ ବାପା ସବୁବେଳେ ସାଥ୍ ଦେଇଛନ୍ତି। ରଣଧୀର କପୁର ଜଣେ ଉଚ୍ଚ ବିଚାରୀୟ ବ୍ୟକ୍ତି ଥିବା କରୀନା କହିଛନ୍ତି। ତେବେ କରୀନା ୨୦୦୦ରୁ ତାଙ୍କ ଫିଲ୍ମ କ୍ୟାରିୟର ଆରମ୍ଭ କରିଛନ୍ତି। ସେ ଅନେକ ସିନେମାରେ କାମ କରି ଲୋକପ୍ରିୟ ହୋଇପାରିଛନ୍ତି। ଶେଷଥର ପାଇଁ ସେ ଚଳଚ୍ଚିତ୍ର 'ଲାଲ ସିଂ ଚଢ୍ଢା'ରେ ନଜରକୁ ଆସିଥିଲେ। ଏବେ ତାଙ୍କ ହାତରେ ୨/୩ଟି ଫିଲ୍ମ ରହିଛି। ଯେଉଁଥିରେ ସେ ଏବେ ବ୍ୟସ୍ତ ଅଛନ୍ତି। ଏଥିସହ ସେ କିଛି ଡକ୍ୟୁମେଣ୍ଟାରି ସିନେମା ଏବଂ ଟେଲିଭିଜନରେ ମଧ୍ୟ ନଜରକୁ ଆସିଛନ୍ତି।

## ବ୍ୟାନର ଧରି ଜୀବନସାଥୀ ଖୋଜୁଛନ୍ତି




ନ୍ୟୁୟର୍କ

ଏକ ନିର୍ଦ୍ଦିଷ୍ଟ ବୟସ ପରେ ଏକାକୀ ଜୀବନ ବିତାଇବା କଷ୍ଟକର ହୋଇପଡ଼େ। ବିରକ୍ତ ହୋଇ ନିଜ ପାଇଁ ଏକ ଭଲ ଜୀବନସାଥୀ ଖୋଜେ। ଅନେକେ ଏଥିରେ ଶୀଘ୍ର ସଫଳତା ପାଇଯାଉଥିବାବେଳେ କେତେଜଣ ଡେରିରେ ସଫଳତା ପାଇଥାନ୍ତି। ରିପୋର୍ଟ ମୁତାବକ, କରୋଲିନା ଗିଟ୍‌ସ ନାମକ ଜଣେ ଯୁବତୀ ନିଜ ପାଇଁ ଜୀବନସାଥୀ ଖୋଜୁଛନ୍ତି। ନ୍ୟୁୟର୍କ ମାନହଟ୍ଟନର ବାସିନ୍ଦା ୨୯ ବର୍ଷୀୟା କରୋଲିନା ୨ ବର୍ଷ ହେବ ଏକା ରହିବା ପରେ ଏବେ ଜୀବନସାଥୀ ତଲାସରେ ଅଛନ୍ତି। ହେଲେ ସେ ସେଥିପାଇଁ କୌଣସି ଡେଟିଂ ଆପ୍ ଜରିଆରେ ତାଙ୍କ ଜୀବନସାଥୀଙ୍କୁ ଖୋଜୁନାହାନ୍ତି। ସେ ଏଥିପାଇଁ ନିଜ ହାତରେ ଏକ ବ୍ୟାନର ପ୍ରସ୍ତୁତ କରିଛନ୍ତି। ସେଥିରେ ଲେଖା ହୋଇଛି 'ଲୁକିଂ ଫର ଏ ହଜ୍‌ବ୍ୟାଣ୍ଡ'। ସେହି ବ୍ୟାନରକୁ ହାତରେ ଧରି ସେ ରାସ୍ତାରେ ବୁଲୁଛନ୍ତି। ହେଲେ ତାଙ୍କୁ ଏ ପର୍ଯ୍ୟନ୍ତ କେହି ସେପରି ଜୀବନସାଥୀ ମିଳିପାରିନାହାନ୍ତି। ଏହାର ଫଟୋ ଏବେ ସୋସିଆଲ ମିଡିଆରେ ବେଶ୍ ଭାଇରାଲ ହେବାରେ ଲାଗିଛି। ଏଥିରେ ଲୋକଙ୍କ ଭିନ୍ନ ଭିନ୍ନ କମେଣ୍ଟ ମଧ୍ୟ ଦେଖିବାକୁ ମିଳିଛି। ଏହା ପୂର୍ବରୁ ମଧ୍ୟ ଲସ୍‌ଏଞ୍ଜେଲସର ଜଣେ ୩୫ ବର୍ଷୀୟା ଯୁବତୀ ଏପରି କାମ କରିଥିବା ନଜରକୁ ଆସିଛନ୍ତି। ଯିଏ ତାଙ୍କ ପାଇଁ ଜୀବନସାଥୀ ଖୋଜିଦେବେ, ତାଙ୍କୁ ୫୦୦୦ ଡଲାର ଉପହାର ସ୍ୱରୂପ ମିଳିବ ବୋଲି ମଧ୍ୟ ସର୍ତ୍ତ ରଖିଥିଲେ।

## ୫୦ ରାଜ୍ୟରେ ୧୦୦ ଗର୍ଲଫ୍ରେଣ୍ଡ

ୱାଶିଂଟନ୍




ସମସ୍ତେ ଚାହାନ୍ତି ତାଙ୍କ ଜୀବନରେ କେହି ଜଣେ ଭଲ ଜୀବନସାଥୀ ରହୁ। ହେଲେ ସମସ୍ତଙ୍କ କ୍ଷେତ୍ରରେ ଏହା ହୋଇ ନ ଥାଏ। ହେଲେ ଜଣେ ଯୁବକଙ୍କ କହିବା ମୁତାବକ, ସେ ଏପର୍ଯ୍ୟନ୍ତ ୫୦ ରାଜ୍ୟର ୧୦୦ ଝିଅଙ୍କୁ ଡେଟ୍ କରିସାରିଲେଣି, କିନ୍ତୁ ତାଙ୍କୁ ତାଙ୍କ ସ୍ୱପ୍ନର ରାଜକୁମାରୀ ମିଳିପାରିନାହିଁ। ରିପୋର୍ଟ ମୁତାବକ ଆମେରିକାର ମୋଣ୍ଟାନାର ବାସିନ୍ଦା ୨୬ ବର୍ଷୀୟ ମୈଥ୍ୟୁ ଓର୍ନି ୨୦୨୦ କରୋନା ମହାମାରୀ ସମୟରେ ସେ ଘରେ ବସି ବସି ବିରକ୍ତ ହେଉଥିଲେ। ସେଥିପାଇଁ ସେ ମୋବାଇଲରେ ଡେଟିଂ ଆପ୍ ଜରିଆରେ ଅନ୍‌ଲାଇନ ଡେଟିଂ ଆରମ୍ଭ କରିଥିଲେ। ତାଙ୍କୁ ଯେତେବେଳେ ଜଣାପଡ଼ିଲା କି ସେଥିରେ ନିଜର ଠିକଣା ବଦଳେଇହେବ, ଏହାପରଠାରୁ ସେ ନିଜର ଠିକଣା ବଦଳାଇ ବିଭିନ୍ନ ସ୍ଥାନରୁ ଝିଅଙ୍କ ସହ ଡେଟିଂ ଆରମ୍ଭ କଲେ। ମୈଥ୍ୟୁ ନିଜ ଦେଶର ୫୦ ରାଜ୍ୟରୁ ମୋଟ ୧୦୦ ଜଣଙ୍କୁ ଡେଟ୍ କରିସାରିଛନ୍ତି। ହେଲେ ତାଙ୍କୁ ଏପର୍ଯ୍ୟନ୍ତ ତାଙ୍କ ଜୀନବସାଥୀ ମିଳିପାରି ନାହିଁ। ସେ ସମସ୍ତ ରାଜ୍ୟରେ ନିଜ ପାଇଁ ଜୀବନସାଥୀର ତଲାସରେ ଅଛନ୍ତି। ଏହି ମିଶନର ଆରମ୍ଭ ମିଚିଗାନ୍‌ରୁ ଆରମ୍ଭ କରି ଆଲାସ୍କା ପର୍ଯ୍ୟନ୍ତ ଯାଇଛି। ସେସବୁ ରାଜ୍ୟର ସମସ୍ତ ଡେଟିଂ ଝିଅଙ୍କ ପାଖକୁ ଗାଡ଼ି ଚଳାଇ ଯାଇଛନ୍ତି। ହେଲେ ତାଙ୍କୁ ଆଲାସ୍କା ଏବଂ ହୱାଇରୁ ବିମାନ ଜରିଆରେ ଯିବାକୁ ପଡ଼ିଥିଲା। ଏହି ମିଶନରେ ସେ ତାଙ୍କ ଡେଟିଂ ପାର୍ଟନରଙ୍କ ସହିତ ପାରାସେଲିଂ, ଜିପ୍ ଲିନିଂ, ହେଲିକପ୍ଟର ରାଇଡ୍, ହର୍ସ ରାଇଡ୍, ଏୟାର ବୋଟିଂ ଆଦିର ମଜା ଉଠାଇଛନ୍ତି। ମୈଥ୍ୟୁଙ୍କୁ ଏହା ମଧ୍ୟରୁ କିଛି ଝିଅ ପସନ୍ଦ ଆସିଥିବାବେଳେ ତାଙ୍କ ଘର ଦୂର ହୋଇଯିବାରୁ ସେ ସେମାନଙ୍କ ପ୍ରତି ଆଗ୍ରହୀ ନାହାନ୍ତି। ତାଙ୍କ କହିବା ମୁତାବକ, ଜୀବନସାଥୀ ସହିତ ଦେଖା ହେବା ଜରୁରୀ।

## ଜନ୍ମଦିନର ଶୁଭେଚ୍ଛା

ନାମ: ................................
ବୟସ:................................
ଜନ୍ମ ତାରିଖ: ............................


ବାସୁଦେବ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ହାଲେପ୍ ୪ ବର୍ଷ ବାସନ୍ଦ

**ଲଣ୍ଡନ, ୧୨।୯ (ଏପି)**

ଡୋପିଙ୍ଗ ନିୟମ ଉଲ୍ଲଂଘନ ଅଭିଯୋଗରେ ପୂର୍ବତନ ନମ୍ବର ୱାନ ଟେନିସ ଖେଳାଳି ତଥା ୨ଥର ଗ୍ରାଣ୍ଡସ୍ଲାମ ଚାମ୍ପିୟନ ସିମୋନା ହାଲେପ ପ୍ରଫେସନାଲ ଟେନିସରୁ ୪ ବର୍ଷ ବାସନ୍ଦ ହୋଇଥିବା ଟେନିସ ଇଣ୍ଟିଗ୍ରିଟି ଏଜେନ୍ସୀ (ଆଇଟିଆଇଏ) ମଙ୍ଗଳବାର ପ୍ରକାଶ କରିଛି। ରୋମାନିଆର ଏହି ୩୧ ବର୍ଷୀୟା ଖେଳାଳି ଦୁଇଥର ଡୋପିଙ୍ଗ ଅପରାଧ କରିଛନ୍ତି। ୨୦୨୨ ୟୁଏସ୍ ଓପନ ବେଳେ ଏକ ଡ୍ରଗ୍ ଟେଷ୍ଟରେ ସେ ବିଫଳ ହୋଇଥିଲେ। ପୁନଶ୍ଚ ତାଙ୍କ ଆଥଲେଟ୍ ବାୟୋଲୋଜିକାଲ ପାସ୍‌ପୋର୍ଟରେ ଅନିୟମିତତା ଦେଖିବାକୁ ମିଳିଥିଲା ବୋଲି ଆଇଟିଆଇଏ କହିଛି। ହାଲେପ୍ ଜ୍ଞାତସାରରେ ଆଣ୍ଟି ଡୋପିଙ୍ଗ ନିୟମ ଉଲ୍ଲଂଘନ କରିଥିବା ଏକ ପ୍ୟାନେଲର ହୃଦ୍‌ବୋଧ ହୋଇଥିଲା। ହାଲେପ୍ ୨୦୨୨ ଅକ୍ଟୋବରରୁ ସାମୟିକ ସସ୍‌ପେଣ୍ଡ ହୋଇଥିଲେ। ୪ ବର୍ଷ ବାସନ୍ଦ ଦଣ୍ଡ ୨୦୨୬ ଅକ୍ଟୋବର ୬ରେ ଶେଷ ହେବ। ବାସନ୍ଦ ଦଣ୍ଡ ବିରୋଧରେ ହାଲେପ୍ କୋର୍ଟ ଅଫ୍ ଆର୍ବିଟ୍ରେଶନ ଫର ସ୍ପୋର୍ଟ୍ସ (କାସ୍)ର ଦ୍ୱାରସ୍ଥ ହେବା ଲାଗି ଯୋଜନା ରଖିଛନ୍ତି।

# ସୁବ୍ରତ କପ୍ ଫୁଟ୍‌ବଲ ୧୯ରୁ

**ନୂଆଦିଲ୍ଲୀ, ୧୨।୯ (ପି.ଟି.)**

ସୁବ୍ରତ କପ୍ ଇଣ୍ଟରନ୍ୟାଶନାଲ ଫୁଟ୍‌ବଲ ଟୁର୍ନାମେଣ୍ଟର ଆସନ୍ତା ସଂସ୍କରଣ ପାଇଁ ଆୟୋଜକ ସହର ତାଲିକାରେ ବେଙ୍ଗାଲୁରୁକୁ ସାମିଲ କରାଯାଇଛି। ସର୍ବପୁରାତନ ଜାତୀୟ ଆନ୍ତଃ-ସ୍କୁଲ ଫୁଟ୍‌ବଲ ଟୁର୍ନାମେଣ୍ଟ ସେପ୍ଟେମ୍ବର ୧୯ରୁ ଅକ୍ଟୋବର ୨୩ ପର୍ଯ୍ୟନ୍ତ ତିନୋଟି ଭେନ୍ୟୁରେ ଅନୁଷ୍ଠିତ ହେବ। ପୂର୍ବରୁ ଏହା ଦିଲ୍ଲୀ ଓ ଗୁରୁଗ୍ରାମରେ ଖେଳାଯାଉଥିଲା। ଅନ୍ୟପକ୍ଷରେ ୧୭ରୁ ବର୍ଷରୁ କମ୍ ଜୁନିୟର ବାଳକ ଓ ବାଳିକା ଟୁର୍ନାମେଣ୍ଟ ଦିଲ୍ଲୀ ଏନ୍‌ସିଆରରେ ହେବ। ୧୪ବର୍ଷରୁ କମ୍ ସବ୍‌ଜୁନିୟର ବାଳକ ପ୍ରତିଯୋଗିତାରେ ଏଏସ୍‌ସି ସେଣ୍ଟର, ଏୟାରଫୋର୍ସ ସେଣ୍ଟର, ଜାଲାହାଲି ଏବଂ ବେଙ୍ଗାଲୁରୁର ୟେହାଲାଙ୍କାସ୍ଥିତ ଏୟାର ଫୋର୍ସ ସ୍କୁଲରେ ଖେଳାଯିବ। ଦିଲ୍ଲୀ-ଏନ୍‌ସିଆରରେ ମ୍ୟାଚଗୁଡ଼ିକ ଆମ୍ବେଦକର ଷ୍ଟାଡିୟମ, ତେଜସ ଫୁଟ୍‌ବଲ ଗ୍ରାଉଣ୍ଡ (ଦିଲ୍‌ଲୀ), ସୁବ୍ରତ ଫୁଟ୍‌ବଲ ଗ୍ରାଉଣ୍ଡ (ଦିଲ୍ଲୀ) ଓ ଜିଡି ଗୋଏଙ୍କା ସ୍କୁଲ(ଗୁରୁଗ୍ରାମ୍)ଠାରେ ଖେଳାଯିବ। ୨୭ଟି ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳରୁ ତିନୋଟି କାଟେଗୋରିରେ ମୋଟ ୧୦୯ଟି ଦଳ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ। ବାଂଲାଦେଶ ଓ ନେପାଳର ମଧ୍ୟ କେତୋଟି ଦଳ ଏଥିରେ ଭାଗ ନେବେ। ଏଥିରେ ୧୮୦ରୁ ଅଧିକ ମ୍ୟାଚ ଖେଳାଯିବ।



ସୁବ୍ରତ କପ୍ ଟ୍ରଫି ସହ ଅତିଥି ଓ କର୍ମକର୍ତ୍ତା।

# ଆୟୋଜନ ଅଧିକାର ହରାଇଲା ପାକିସ୍ତାନ

**କରାଚୀ, ୧୨।୯ (ପି.ଟି.)**

## ଅଲିମ୍ପିକ କ୍ୱାଲିଫାୟର୍ସ

ଅନ୍ତର୍ଜାତୀୟ ହକି ମହାସଂଘ (ଏଫ୍‌ଆଇଏଚ୍) ମଙ୍ଗଳବାର ପାକିସ୍ତାନଠାରୁ ଅଲିମ୍ପିକ କ୍ୱାଲିଫାୟର୍ସ ଆୟୋଜନ ଅଧିକାର ପ୍ରତ୍ୟାହାର କରିନେଇଛି। ଏହି ଟୁର୍ନାମେଣ୍ଟ ଆସନ୍ତା ଜାନୁୟାରୀରେ ହେବାର କାର୍ଯ୍ୟକ୍ରମ ରହିଥିଲା। ସରକାରଙ୍କ ଦ୍ୱାରା ପରିଚାଳିତ ପାକିସ୍ତାନ ସ୍ପୋର୍ଟ୍ସ ବୋର୍ଡ (ପିଏସ୍‌ବି) ଓ ପାକିସ୍ତାନ ହକି ମହାସଂଘ ମଧ୍ୟରେ ଅନ୍ତଃ କନ୍ଦଳ ଯୋଗୁ ଏଫ୍‌ଆଇଏଚ୍ ଏହି ନିଷ୍ପତ୍ତି ନେଇଛି। ସ୍ପୋର୍ଟ୍ସ ବୋର୍ଡ କିମ୍ବା ସରକାର ପିଏଚ୍‌ଏଫ୍‌କୁ ସହଯୋଗ କରିବାକୁ ଆଗ୍ରହୀ ନ ଥିବା ହୃଦୟଙ୍ଗମ କରିବା ପରେ ଏଫ୍‌ଆଇଏଚ୍ ପକ୍ଷରୁ ଏହି ନିଷ୍ପତ୍ତି ନିଆଯାଇଥିବା କୁହାଯାଉଛି। ଦଶନ୍ଧି ପରେ ଏକ ଅନ୍ତର୍ଜାତୀୟ ଇଭେଣ୍ଟର ଆୟୋଜନ ଅଧିକାର ପାଇଥିଲା ତେବେ ଏଫଆଇଏଚ୍‌ର ଏହି ନିଷ୍ପତ୍ତି ପାକିସ୍ତାନ ହକିକୁ ଶକ୍ତ ଧକ୍କା ପହଞ୍ଚାଇଛି। ପିଏଚ୍‌ଏଫ୍ ଲାହୋରରେ ଇଭେଣ୍ଟର ଆୟୋଜନ କରିବ ବୋଲି ସ୍ଥିର କରିଥିଲା। ହେଲେ ଏଇ କିଛି ଦିନ ହେଲା ପିଏସ୍‌ବି ପାକିସ୍ତାନ ହକି ମହାସଂଘ ବ୍ୟାପାରରେ ହସ୍ତକ୍ଷେପ କରିବାକୁ ଚେଷ୍ଟା କରିଛି। ମହାସଂଘରେ ନିଜ ପସନ୍ଦ ଅଫିସିଆଲଙ୍କୁ ଭର୍ତ୍ତି କରିବା ଲାଗି ଚାହିବାରୁ ବିବାଦ ସୃଷ୍ଟିହୋଇଥିଲା।

# ଆଜିଠୁ ଆଶିଷ ପଣ୍ଡା ମେମୋରିଆଲ ଅଲ୍ ଓଡ଼ିଶା ସ୍ନୁକର

**ଭୁବନେଶ୍ୱର, ୧୨।୯ (ସରୋଜ ଜେନା):** ଆଶିଷ ପଣ୍ଡା ମେମୋରିଆଲ ଅଲ୍ ଓଡ଼ିଶା ସ୍ନୁକରର ଦ୍ୱିତୀୟ ସଂସ୍କରଣ ବୁଧବାରରୁ ଅନୁଷ୍ଠିତ ହେବ। ଭୁବନେଶ୍ୱର ସ୍ଥିତ ଭିକ୍ଟେଜ୍ କ୍ଲବରେ ୧୩ରୁ ୧୭ ସେପ୍ଟେମ୍ବର ପର୍ଯ୍ୟନ୍ତ ଏହି ଟୁର୍ନାମେଣ୍ଟ ଅନୁଷ୍ଠିତ ହେବ। ସମଗ୍ର ରାଜ୍ୟରୁ ୫୩ ଜଣ ପ୍ରତିଯୋଗୀ ଏହି ଟୁର୍ନାମେଣ୍ଟରେ ଅଂଶଗ୍ରହଣ କରିବେ। ଟୁର୍ନାମେଣ୍ଟରେ ଚାମ୍ପିୟନଙ୍କ ପାଇଁ ୨୫ ହଜାର ଟଙ୍କାର ପୁରସ୍କାର ରହିଥିବା ବେଳେ ରନର ଅପ୍‌ଙ୍କୁ ମିଳିବ ୧୩ ହଜାର ଟଙ୍କା। ସେମି ଫାଇନାଲରେ ପରାଜିତ ଦୁଇ ପ୍ରାର୍ଥୀଙ୍କ ପାଇଁ ୬ ହଜାର ଓ କ୍ୱାର୍ଟର ଫାଇନାଲର ପରାଜିତ ପ୍ରାର୍ଥୀଙ୍କ ପାଇଁ ୩ ହଜାର ଟଙ୍କାର ପୁରସ୍କାର ରହିଛି। ୬୦ରୁ ଅଧିକ ପଏଣ୍ଟ ବ୍ରେକ୍ କରିଥିବା ପ୍ରତିଯୋଗୀଙ୍କ ପାଇଁ ୫ ହଜାର ଟଙ୍କାର ପୁରସ୍କାର ବ୍ୟବସ୍ଥା ରହିଛି। ଜାତୀୟ ସ୍ତରର କ୍ରୀଡା ବ୍ୟବସ୍ଥା ମଧ୍ୟରେ ପ୍ରଦର୍ଶନ କରିବା ଦ୍ୱାରା ରାଜ୍ୟର ଅନେକ ପ୍ରତିଭାବାନ ଖେଳାଳି ସମ୍ମୁଖକୁ ଆସିବାର ସମ୍ଭାବନା ରହିଛି।

# ଭାରତର ଅଭିଯାନ ଶେଷ

**ଦାଲିଆନ୍, ୧୨।୯ (ପି.ଟି.):** ସ୍ଥାନୀୟ ଦାଲିଆନ ସୁଓୟୁଓ୍ୱାନ ଷ୍ଟାଡିୟମରେ ୨୩ବର୍ଷରୁ କମ୍ ଏସିଆନ କପ୍ ୨୦୨୪ କ୍ୱାଲିଫିକେଶନରେ କ୍ରମାଗତ ଦ୍ୱିତୀୟ ପରାଜୟ ସହ ଭାରତର ଅଭିଯାନ ଶେଷ ହୋଇଛି। ମଙ୍ଗଳବାର ଦଳ ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ)ଠାରୁ ୦-୩ ଗୋଲ୍‌ରେ ପରାସ୍ତ ହୋଇଛି। ଏହି ପରାଜୟ ଦ୍ୱାରା ଭାରତ ଗ୍ରୁପ୍ 'ଜି'ରେ ସର୍ବନିମ୍ନ ସ୍ଥାନରେ ରହିଛି। ଦଳ ପୂର୍ବରୁ ଚାଇନାଠାରୁ ୧-୨ରେ ପରାଜିତ ହୋଇଥିଲା। ୟୁଏଇ ୪ ପଏଣ୍ଟ ସହ ଉନ୍ନତ ଗୋଲ୍ ବ୍ୟବଧାନ ଦୃଷ୍ଟିରୁ ଗ୍ରୁପ୍ ପଏଣ୍ଟ ଟେବୁଲର ଶୀର୍ଷରେ ରହିଛି। ଚାଇନା ମଧ୍ୟ ୪ ପଏଣ୍ଟ ଅର୍ଜନ କରିଛି।


# Classified Everyday
**0674-2580101, 2549949**


MATRIMONIAL

## BRIDE WANTED

Handsome SETHI boy, DOB-23/10/1990, Height-6'1",Caste- Dhoba. PhD, Working as Lecturer in Government Ayurvedic College, Balangir, seeks an educated and intelligent girl. 9938050286/ 9556523720, Home town- Bhubaneswar. D-1265

## GROOM WANTED

ବୟସ 32, କୌଣସି ଚାକିରି କରୁନଥିବା କରଣ ଝିଅଙ୍କ ପାଇଁ ଯେକୌଣସି ଜାତିର ବରପାତ୍ର ଆବଶ୍ୟକ। 8984072499. D-83400

62 ବୟସ୍କା Govt. ଚାକିରିଆ ବ୍ରାହ୍ମଣ ଜାତିର ବିଧବା ମହିଳାଙ୍କୁ anycasteର ବରପାତ୍ର ଆବଶ୍ୟକ। ଇଚ୍ଛୁକ ବ୍ୟକ୍ତି ଯୋଗାଯୋଗ କରନ୍ତୁ। 9040735429. D-1261

Age-62, Pension Holder ଏକାକୀ ରହୁଥିବା Bengali ଯୁବତୀଙ୍କୁ ବାହା ହୋଇ ଘରେ ରହି ପାରୁଥିବା ପୁଅ ଦରକାର। 7749076723. D-1291

Age-39, Divorce Govt. Nurse ଅନାଥ ମାରୱାଡ଼ି ଝିଅଙ୍କ ପାଇଁ ଯେକୌଣସି ଜାତିର ବରପାତ୍ର ଆବଶ୍ୟକ। 6371296020. D-1290


REAL ESTATE

## SALE

Duplex sale at Bhubaneswar @ 57lakhs only. Contact- 9777433701. D-75213

ଭୁବନେଶ୍ୱର କଟକ **NH-16** ମଧ୍ୟରେ ଧାକୁଲେଇ ପୀଠ ନିକଟରେ ଘର ଉପଯୋଗୀ ପ୍ଲଟ୍ **30**ଫୁଟ୍ ରୋଡ୍, ଇଲେକ୍ଟ୍ରି ଥାଇ ସୁଲଭ ମୂଲ୍ୟରେ ମିଳୁଅଛି। ଯୋଗାଯୋଗ- **7978729819, 7008756026.** D-1244

**Residential gharabari plot with boundary wall inside 7 Family Complex, Safety, Secured, Brahmin Culture Family Stayed, 6 K.M. from Nakhara, Cuttack. 7809525452.** D-75036

Bhubaneswar ଜଟଣୀ- ପିପିଲି ରୋଡ୍‌ରେ 7,20,000/- ପ୍ଲଟ୍ କିଣି ଘର କରନ୍ତୁ। 9938016295. D-75214

ନଖରା ତ୍ରିନାଥବଜାର ମହୀଧରପଡ଼ା ପାଖରେ SC plot 7400sqft 11,00,000/-(outright) 7978663279. D-75208

**Patia (KIIT) ବାରୁଠେଙ୍ଗ ODM Global School** ପାଚେରିକୁ ଲାଗି ବାସୋପଯୋଗୀ ପ୍ଲଟ୍ କିଣନ୍ତୁ। **9337830407.** D-75212

Plot No.-SCR-25, Unit-3, Kharvel Nagar back side of BDA Office. 7008679303. D-1249




Newly open SPA positively health benefits with expert therapist. 9938843929. D-75147

Peacock Spa, Rejuvenate your body through professional massage. Chandrasekharpur, BBSR, Contact: 9938880113. D-1233

**Relax, Refresh your body, Mind at Saikrupa Spa with best therapies. 8984068077.** D-1190

All types of professional body massage by professional therapy. Contact: 7077933109/ 9556924059/ 8658803018. D-1239

Bodyrelax/Mindfresh massage @800/- by trend therapist. 7008773793. D-75148

Asribada Panchakarma herbal SPA Kesharimall, Bhubaneswar. Contact: 8926173473. D-75035

**Body massage by experience, good looking therapist @ 999/-. (Bhubaneswar) 9078484455.** D-1215




AlltypeofGemstones, Astrology, Crystal, Vastu, Rudraksh, Yantra, Kavach at Wholesale-Retail @8093050401. D-1248

## AFFIDAVIT

I, Kutura Behera, alias Jamuna Behera (54yrs), W/o- Chagulu Behera, Vill- Nachhipur, P.S- Sabrang, Dist.- Bhadrak, I have an LIC Policy bearing No.-599047221. I declare that from now I have known as Jamuna Behera for all purposes. Kutura Behera and Jamuna Behera as same and one person. D-1296

By virtue of affidavit made before Executive Magistrate, Bhubaneswar vide C.F No 20 dated on12.09.2023 my name has changed from Asha Lenka to ASHA PARIDA Dob 27.06.2000 for all purposes. D-1297

I, Ajaya Singh, S/o- Late Raghunath Singh, resident of Ward No.-09, At- Jayapur Killa (Near Sishu Mandir), Pipili, NAC, PO/ PS- Pipili, Dist.- Puri, PIN-752104, Odisha, declare by this affidavit No.- 8432, dt. 01.09.2023 that now onwards I shall be known as Ajaya Kumar Singh, S/o- Raghunatha Singh, for all future purposes. D-1287

I, Nandita Mandal, aged about 36 years, D/o- Nani Gopal Mandal, residence- MV-79 Lachipeta, P.S- NV-79, Malkangiri- 764087 declare by this affidavit No- 14AA022969, Date- 11.9.2023 that now onwards I shall be known as Nandita Mandal for all future purposes. D-1293

I, Sri Nani Gopal Mandal, S/o- Nalini Ranjan Mandal resident of MV-79, Lachipeta, P.S- NV-79, Dist.- Malkangiri-764087 declare by this affidavit No- 14AA022969, Date.- 11.9.2023 that now onwards I shall be known as Nani Gopal Mandal for all future purposes. D-1294

I, Smt. Ramarani Mandal, D/o- Banamali Ray, residence- MV- 79 Lachipeta, P.S- NV-79, Malkangiri-764087 declare by this affidavit No- 14AA022969 Date- 11.9.2023 that now onwards I shall be known as Ramarani Mandal for all future purposes. D-1295

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

By virtue of an Affidavit before the Notary Public, Purushottampur, Ganjam, I Alicemayee Panda, D/o Rabindra Kumar Panda of Lanjipalli, Berhampur, Ganjam. I have married to one Satyanaryan Padhi, S/o Subash Chandra Padhi of Ratha Sahi, Purushottampur, Ganjam. That after my marriage the surname has been changed from Panda to Padhi. I shall be known as Alicemayee Padhi, W/o Satyanaryan Padhi for all purpose. D-1289

By virtue of an affidavit Sl. No. 28395/ Dt. 12.09.2023 sworn before the Notary Public, Sambalpur, I, Dipak Kumar Murjani, S/o. Late Ramesh Kumar Murjani, R/o. Gujrati Colony, Ps. Town,Dist.- Sambalpur, Orissa have changed my name from Deepak Kumar Murjani to Dipak Kumar Murjani for all future purposes. D-1288

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

## LEGAL NOTICE

Letter No. – 2222, dt. 28/08/23
ମାନ୍ୟବର ଶ୍ରୀଯୁକ୍ତ ଅତିରିକ୍ତ ଆୟୁକ୍ତ, ଅତିରିକ୍ତ ରିଭିଜନ କୋର୍ଟ ନଂ- ୪ ଭୁବନେଶ୍ୱର, ୪ର୍ଥ ମହଲା, ହେଡ୍ସ ଅଫ୍ ଡିପାର୍ଟମେଣ୍ଟ ବିଲ୍ଡିଂ, ଭୁବନେଶ୍ୱର, ଜି-ଖୋର୍ଦ୍ଧା, ଓଡ଼ିଶା
ଓ.ଏସ୍. ଏସ୍. କେସ୍ ନଂ. ୭୦୨/୨୦୨୨

ଉର୍ମିଳା ସାହୁ, ବୟସ- ୪୧ବର୍ଷ, ସ୍ୱାମୀ-ସଞ୍ଜୀବ କୁମାର ସାହୁ, ସା- ଆଚାର୍ଯ୍ୟ ବିହାର, ପୋ-ଆର୍ ଆର୍ ଏଲ୍, ଥାନା- ସହିଦନଗର, ଭୁବନେଶ୍ୱର, ଜି-ଖୋର୍ଦ୍ଧା, ପିନ୍- ୭୫୧୦୧୩
..... ବାଦୀ
ବନାମ
ଶ୍ରୀଯୁକ୍ତ ଜିତେନ୍ଦ୍ର କୁମାର ସାହୁ ଓ ଅନ୍ୟମାନେ
......ପ୍ରତିବାଦୀମାନେ
ନୋଟିସ-୫ ରୁଲ୍ - ୨୦ ସି.ପି.ସି. ମୁତାବକ

ପ୍ରାପ୍ତେଷୁ,
ପ୍ରତିବାଦୀ ନଂ(୧) ଶ୍ରୀଯୁକ୍ତ ଜିତେନ୍ଦ୍ର କୁମାର ସାହୁ, ପିତା-ନିରଞ୍ଜନ ସାହୁ, ସା- ଫ୍ଲାଟ୍ ନଂ.୦୦୨, ୟୁନିଟ୍ ନଂ -୯, ଭୋଇନଗର, ଭୁବନେଶ୍ୱର, ପିନ୍ - ୭୫୧୦୨୨, ଜି - ଖୋର୍ଦ୍ଧା, ଓଡ଼ିଶା।
ଜମିର ବିବରଣୀ
ସାବକ
ଜି- ଖୋର୍ଦ୍ଧା, ତହସିଲ - ଭୁବନେଶ୍ୱର, ଥାନା - ଚନ୍ଦକା, ମୌଜା- ସୁନ୍ଦରପୁର
ସାବକ ଖାତା ନଂ -୩୯, ସାବକ ପ୍ଲଟ୍ ନଂ-୪୮୫, ରକବା- ଏ୦.୦୫୫ଡି., ସ୍ୱତ୍ୱ - ସ୍ଥିତିବାନ୍, କିସମ - ଶାରଦ ତିନି
ହାଲ୍
ଜି - ଖୋର୍ଦ୍ଧା, ତହସିଲ - ଭୁବନେଶ୍ୱର, ଥାନା - ଚନ୍ଦକା, ମୌଜା- ସୁନ୍ଦରପୁର।
ହାଲ୍ ଖାତା ନଂ-୮୯୦/୧୭୪୨, ହାଲ୍ ପ୍ଲଟ୍ ନଂ-୧୯୪୬, ରକବା - ଏ୦.୨୨୦ଡି, ସ୍ୱତ୍ୱ - ସ୍ଥିତିବାନ୍, କିସମ - ପତିତ

ଏତଦ୍ୱାରା ଉପରୋକ୍ତ ପ୍ରତିବାଦୀଙ୍କ ଅବଗତି ନିମନ୍ତେ ସମ୍ବାଦପତ୍ର ବିଜ୍ଞାପନ ଦ୍ୱାରା ଜଣାଇ ଦିଆଯାଉଅଛି ଯେ, ଉପର ଲିଖିତ ଓ.ଏସ୍.ଏସ୍. କେସ୍‌ର ଶୁଣାଣି ଉପରୋକ୍ତ କାର୍ଯ୍ୟାଳୟରେ ଆସନ୍ତା ତା. ୧୩.୧୦.୨୦୨୩ ରିଖ ଦିବା ଘ. ୧୧.୩୦ମି. ସମୟରେ ଶୁଣାଣୀ କରାଯିବା ନିମନ୍ତେ ସ୍ଥିର କରାଯାଇଛି।

ଏଣୁ ଉପରୋକ୍ତ ମାମଲାର ପ୍ରତିବାଦୀ କିମ୍ବା ତାଙ୍କ ଉତ୍ତରାଧିକାରୀ କିମ୍ବା ତାଙ୍କ କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ଜରିଆରେ ଏହି ନିର୍ଦ୍ଧାରିତ ତାରିଖ ଏବଂ ସମୟରେ ଉକ୍ତ ଇଜିଲାସରେ ଉପସ୍ଥିତ ରହି ମୋକଦ୍ଦମାର ଶୁଣାଣିରେ ଅଂଶ ଗ୍ରହଣ କରିବେ, ଅନ୍ୟଥା ଆଇନ ଅନୁଯାୟୀ ଉକ୍ତ ମୋକଦ୍ଦମା ଫଇସଲା କରାଯିବ।
ତା:
ଭୁବନେଶ୍ୱର
ଅତିରିକ୍ତ ଆୟୁକ୍ତଙ୍କ ଆଦେଶ ଅନୁଯାୟୀ
ସ୍ୱା./- କୋର୍ଟ ଅଫିସର
ଧ-୭୧୬୯୧

# ମନେ ପଡ଼ନ୍ତି

**ଅଷ୍ଟମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**√ଅକ୍ଷୟ କୁମାର ମହାକୁଡ**
ଆବିର୍ଭାବ: ତା ୧୫।୦୫।୧୯୬୪
ତିରୋଧାନ: ତା ୧୩।୦୯।୨୦୧୫
ତୁମେ ଥିଲ ଜଣେ ବିଶିଷ୍ଟ କର୍ମଚାରୀ ନେତା, ଡି.ଏ.ଭି. ଆନ୍ଦୋଳନର କର୍ଣ୍ଣଧାର, ଦକ୍ଷ ତଥା ଉଚ୍ଚାଦର୍ଶବାଦୀ ସଚିବାଳୟ ଅଧିକାରୀ, ପରୋପକାରୀ ଓ ସମାଜସେବୀ। ଠିକ୍ ଆଜିର ଦିନରେ ଆମକୁ ଛାଡ଼ି ଚାଲିଗଲ। ତଥାପି ଆମ ପାଖେପାଖେ ଥିଲା ଭଳି ଲାଗୁଛ।
ଈଶ୍ୱରଙ୍କ କୋଳରେ ଶାନ୍ତିରେ ଥାଇ ଆମ୍ଭମାନଙ୍କୁ ଆଶୀର୍ବାଦ କରୁଥାଅ।
ଶୋକସନ୍ତପ୍ତ: ହତଭାଗ୍ୟ ପିତା, ମାତା, ଭ୍ରାତା, ଭଗ୍ନୀ, ପତ୍ନୀ, କନ୍ୟାଗଣ, ପୁତ୍ର, ପରିବାର ଓ ବନ୍ଧୁପରିଜନ।
ଧ-୧୨୯୮

**ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**√ହିମାଂଶୁ ମୋହନ ତ୍ରିପାଠୀ**
ପଲ୍ଲୀକଣ୍ଠା, ଏରସମା, ଜିଲ୍ଲା: ଜଗତ୍‌ସିଂହପୁର
ଆବିର୍ଭାବ: ୨୦।୦୪।୧୯୩୮
ତିରୋଧାନ: ୨୫।୦୮।୨୦୨୨
ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି ନୈନଂ ଦହତି ପାବକଃ।
ନ ଚୈନଂ କ୍ଳେଦୟନ୍ତ୍ୟାପୋ ନ ଶୋଷୟତି ମାରୁତଃ ।।
ତୁମ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣ କମଳରେ ପ୍ରାର୍ଥନା।
-ଶୋକସନ୍ତପ୍ତ-
ବନ୍ଧୁ, ଆତ୍ମୀୟସ୍ୱଜନ ଓ ପରିବାରବର୍ଗ।
ଧ-୧୨୬୦

**ଚତୁର୍ଥ ବାର୍ଷିକୀ ଶ୍ରାଦ୍ଧ**



**ସ୍ୱର୍ଗତ ବିଶ୍ୱନାଥ ତ୍ରିପାଠୀ**
ପ୍ରଥମଖଣ୍ଡି, ବୀରରାମଚନ୍ଦ୍ରପୁର, ସତ୍ୟବାଦୀ
ଏହି ପୁଣ୍ୟତିଥିରେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛୁ। ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।
ଶୋକସନ୍ତପ୍ତ ପତ୍ନୀ ନିରୁପମା ତ୍ରିପାଠୀ, ପୁତ୍ର, ପୁତ୍ରବଧୂ, କନ୍ୟା, ଜାମାତା, ନାତି, ନାତୁଣୀ।
ବନ୍ଧୁ ଓ ପରିବାରବର୍ଗ
ଧ-୧୨୮୬

**CLASSIFIED DISPLAY**
MORE SPACE ' SAME PRICE
TARIFF | GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 3,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

**ମୁଦ୍ରା ଫାଇନାନ୍ସ**
**PM ମୁଦ୍ରା ଯୋଜନା ଅଧୀନରେ**
1 ରୁ 90 ଲକ୍ଷ ପର୍ଯ୍ୟନ୍ତ ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ସମସ୍ତ ଋଣ।
**2% ସୁଧ, 40% ରିହାତି**
**ମହିଳାଙ୍କ ପାଇଁ ବିଶେଷ ରିହାତି**
ଅନ୍‌ଲାଇନ୍ ସୁବିଧା।
**ମୁଦ୍ରା ଫାଇନାନ୍ସ**
**Mob. 7382841797**

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ଫୁଲଚାଷରେସାରପ୍ରୟୋଗ

ଫୁଲ ଚାଷ ପାଇଁ ତରଳ ଖତ ପ୍ରସ୍ତୁତ କରିବା ସମୟରେ ହାଣ୍ଡିରେ ବା ଡ୍ରମ୍‌ରେ ୧୦ ଲିଟର ପାଣିରେ ପ୍ରାୟ ୧ କି.ଗ୍ରା. କଞ୍ଚାଗୋବର, ୫୦୦ ଗ୍ରାମ୍ ନିମ୍ବ ବା ସୋରିଷ ପିଡ଼ିଆ ଏବଂ ୫୦୦ ଗ୍ରାମ୍ ସିଙ୍ଗିଲ୍ ସୁପର ଫସ୍‌ଫେଟ୍ ମିଶାଇ ମଝିରେ ମଝିରେ ଘାଟନ୍ତୁ । ଏହାର ୧୦ ଦିନ ପରେ ଏହି ତରଳ ଖତରୁ ଏକ ମଗ ନେଇ ୯ ମଗ ପାଣି ମିଶାଇ ଗଛପ୍ରତି ୫୦୦ ମି.ଲି.ରୁ ୧ ଲିଟର ମାଟି ଓଦା ଥିବାବେଳେ ପ୍ରୟୋଗ କରନ୍ତୁ । ଗେଣ୍ଡୁଫୁଲ ଓ ଅନ୍ୟାନ୍ୟ ଶୀତଦିନିଆ ଫୁଲମଞ୍ଜିର ଚାରା ଅକ୍ଟୋବର ପ୍ରଥମ ସପ୍ତାହ ମଧ୍ୟରେ ପକାନ୍ତୁ । ଉନ୍ନତ ଗେଣ୍ଡୁଫୁଲ କିସମଗୁଡ଼ିକ ହେଲା – ଜ୍ୟାଣ୍ଟ ଡବଲ୍ ଆଫ୍ରିକାନ୍ ଏଲୋ, ଜ୍ୟାଣ୍ଟବଲ୍ ଆଫ୍ରିକାନ୍ ଅରେଞ୍ଜ୍, ଅର୍ଲି ଏଲୋ, ଅର୍ଲି ଅରେଞ୍ଜ୍, ସେରାକୋଲା ଇତ୍ୟାଦି । ସେବତୀ ଫୁଲ ଗଛ ସେପ୍ଟେମ୍ବରରେ ଲଗାଇଥିଲେ ୪ ସପ୍ତାହରେ ଓ ୭ ସପ୍ତାହରେ ଅଗ୍ରମୁକୁଳ ଛିଣ୍ଡାଇ ଦିଅନ୍ତୁ (ବିଶେଷ କରି ଛୋଟ କିସମରେ) । ବଡ଼ କିସମରେ ଗୋଟିଏ ଗଛରେ ୨–୩ଟି ଡାଳ ରଖି ଅନ୍ୟ ପାର୍ଶ୍ୱଡାଳଗୁଡ଼ିକ ଛୋଟ ଅବସ୍ଥାରେ ଭାଙ୍ଗି ଦିଅନ୍ତୁ। ଗ୍ଲାଡିଓଲସ୍‌ର କନ୍ଦା ବାଭିଷ୍ଟିନ୍ ଦ୍ରବଣରେ ୨ ଗ୍ରାମ୍ ୧ ଲିଟର ପାଣି ପ୍ରତି ବିଶୋଧନ କରି ପ୍ରସ୍ତୁତ ଜମିରେ ଗଜା କରି ଲଗାନ୍ତୁ ।





# ଡାଲିଜାତୀୟ ଫସଲର ଉନ୍ନତ କିସମ

ମୁଗର ଉନ୍ନତ କିସମଗୁଡିକ ମଧ୍ୟରେ ରହିଛି ଟାର୍ମ–୧, ଟାର୍ମ–୨, ପୁଷା–୯୦୭୨, ଓବିଜିଜି–୫୨, ଓ.ୟୁ.ଏମ୍.୧୧–୫ (କାମଦେବ), ସୁଜାତା ଓ ଧଉଳି, ଆଇ.ପି.ଏମ୍.–୦୨–୧୪, ଆଇ.ପି.ଏମ୍.–୦୨–୦୩ । ବିରିର ଉନ୍ନତ କିସମ ହେଉଛି ଟି–୯, ପନ୍ତ୍ ୟୁ–୩୦, ପନ୍ତ୍ ୟୁ–୩୫, ପ୍ରସାଦ, ଉଜ୍ୱଳା, ଶେଖର–୨, ସାରଳା, ମାହୁରି, ଶଶି । ମୁଗ, ବିରି, ମଟର, ବିଲଚଣା ଆଦିକୁ ଧାନ କାଟିବାର ୭ ଦିନ ପୂର୍ବରୁ ଅନୁମୋଦିତ ବିହନର ଦେଢ଼ଗୁଣ ପାଇରା ଫସଲ ପାଇଁ ଛଟାବୁଣା କରନ୍ତୁ । ଜମି କିସମ ଦେଖି ପ୍ରାକ୍‌ରବି ଫସଲ ଭାବେ ମୁଗ କିସମ ଟାର୍ମ–୧ ଓ ୨, ପି.ଡି.ଏମ୍.୧୧ ଓ ୫୪, ବିରି କିସମ ସାରଳା, ପି.ୟୁ.–୩୦ ଓ ୩୫ ଅକ୍ଟୋବର ଦ୍ୱିତୀୟ ସପ୍ତାହ ସୁଦ୍ଧା ବୁଣାବୁଣି କରନ୍ତୁ । ବିହନ ବୁଣିବା ପୂର୍ବରୁ ରାଇଜୋବିୟମ୍ ଜୀବାଣୁ କଲ୍‌ଚର କେ.ଜି. ପ୍ରତି ୨୦ ଗ୍ରାମ୍ ଦ୍ୱାରା ବିଶୋଧନ କରନ୍ତୁ । ହେକ୍ଟର ପ୍ରତି ୨୦ କେ.ଜି. ଯବକ୍ଷାରଜାନ ୪୦ କେ.ଜି. ଫସ୍‌ଫରସ୍ ଓ ୪୦ କି.ଗ୍ରା. ପଟାସ୍ ଖାଦ୍ୟସାର ବ୍ୟବହାର କରନ୍ତୁ । ହରଡ଼ ଫସଲରେ ଛୁଇଁବିନ୍ଧା ଓ ପତ୍ରକଟା ପୋକ ଦେଖାଦେଲେ ଏକ ଲିଟର ପାଣିରେ ୨ ମି.ଲି. ପ୍ରୋଫେନୋଫସ୍ କିମ୍ବା ୫ ମି.ଲି. ସ୍ପିନୋସାଡ୍ ପ୍ରତି ୧୫ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।

# ପ୍ରାଣୀଙ୍କ ଉପରେ ଜଳବାୟୁ ପରିବର୍ତ୍ତନର ପ୍ରଭାବ



ଡା. ବୀର କିଶୋର ପରିଡ଼ା

ଜଳବାୟୁ ପରିବର୍ତ୍ତନ ସହିତ ବିଶ୍ୱର ଉତ୍ତାପ ବୃଦ୍ଧି ଆଜି ସର୍ବସମ୍ମତ ଭାବେ ବାସ୍ତବତାରେ ପରିଣତ ହୋଇଅଛି। ବିଗତ କେତେବର୍ଷ ଧରି ବିକାଶର ଧାରା ବଜାୟ ରଖିବା ନେଇ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ବୈଜ୍ଞାନିକ, ନୀତି ପ୍ରସ୍ତୁତକାରୀ, ଶିକ୍ଷାବିତ୍ ଏବଂ ଅନ୍ୟାନ୍ୟ ବ୍ୟବହାରକାରୀଙ୍କ ମଧ୍ୟରେ ଏକ ଆହ୍ୱାନ ସୃଷ୍ଟି କରିଅଛି। ସାଧାରଣତଃ ପ୍ରାଣୀଙ୍କ ଉତ୍ପାଦନ ପ୍ରଣାଳୀରେ ଦୁଇ ପ୍ରକାର ପ୍ରଭାବ ଜଳବାୟୁର ପରିବର୍ତ୍ତନ ବା ବାହ୍ୟ ଉତ୍ତାପ ବୃଦ୍ଧି ଯୋଗୁ ସୃଷ୍ଟି ହୋଇଥାଏ। ପ୍ରଥମଟି ହେଲା– ଏହା ସିଧାସଳଖ ଭାବେ ପ୍ରାଣୀଙ୍କ ସ୍ୱାସ୍ଥ୍ୟ, ବୃଦ୍ଧି ହେବା ପ୍ରକ୍ରିୟା, ପ୍ରଜନନ ଓ ପୁଷ୍ଟି ଉପରେ ପ୍ରଭାବ ଯୋଗୁ ଦୁର୍ବଳ କାର୍ଯ୍ୟଦକ୍ଷତା, ନୂଆ ନୂଆ ରୋଗର ପ୍ରାଦୁର୍ଭାବ, ପ୍ରାଣୀଙ୍କ ରୋଗ ବିସ୍ତାରରେ ପରିବର୍ତ୍ତନ ଓ କୀଟ ପତଙ୍ଗଙ୍କ ସଂଖ୍ୟା ବୃଦ୍ଧି ଆଦି ଦେଖା ଦେଇଥାଏ। ଅନ୍ୟ ପକ୍ଷରେ ଉତ୍ତାପ ବୃଦ୍ଧି ପରୋକ୍ଷ ଭାବରେ ପ୍ରାଣୀଙ୍କ ଖାଦ୍ୟ ଶସ୍ୟର ଉପଲବ୍ଧତା, ତନ୍ତୁବହୁଳ ଘାସ ଓ ସବୁଜ ଘାସର ଅଭାବ, ଚାରଣ ଭୂମି ଉପରେ ପ୍ରଭାବ, ଶସ୍ୟ ଜାତୀୟ ଖାଦ୍ୟ ଉତ୍ପାଦନ, ଏହାର ଗୁଣାତ୍ମକ ମାନ ଓ ମୂଲ୍ୟ ଇତ୍ୟାଦି ଉପରେ ପ୍ରଭାବ ପକାଇଥାଏ। ଉତ୍ପାଦିତ ଗୋଖାଦ୍ୟର ପରିମାଣ ଓ ଗୁଣାତ୍ମକ ମାନ ଉପରେ ଜଳବାୟୁ ପରିବର୍ତ୍ତନର ପ୍ରଭାବ ମଧ୍ୟ ପଡିଥାଏ। ଉତ୍ତାପରେ ଏକାନ୍ତର ପରିବର୍ତ୍ତନ ଏବଂ ଅଧଃକ୍ଷେପଣ ପ୍ରଚଳିତ ବ୍ୟବସ୍ଥା ପ୍ରାଣୀଙ୍କ ରୋଗ ବ୍ୟାପିବାରେ ବିଶେଷ ସହାୟକ ହୋଇଥାଏ। ଏଥିସହିତ ପରଜୀବୀମାନେ ନୂତନ ଅଞ୍ଚଳକୁ ସ୍ଥାନାନ୍ତରିତ ହେବା ସଙ୍ଗେ ସଙ୍ଗେ ଅନେକ ରୋଗ ବୃଦ୍ଧିରେ ସହାୟକ ହୋଇଥାନ୍ତି। ଯାହାଫଳରେ ପ୍ରାଣୀଙ୍କ ଉତ୍ପାଦନ ଦକ୍ଷତା ହ୍ରାସ ସହିତ ମୃତ୍ୟୁ ହାର ବୃଦ୍ଧି ଘଟେ। ଜଳବାୟୁରେ ଉତ୍ତାପ ବିକିରଣ, ଉତ୍ତାପ, ଆର୍ଦ୍ରତା ଓ ପବନର ବେଗ ଆଦି ଉଭୟ ପ୍ରାଣୀ ଓ ପରିବେଷ୍ଟିତ ଜଳବାୟୁ ମଧ୍ୟରେ ଉତ୍ତାପ ବିନିମୟର ସିଧାସଳଖ ପ୍ରଭାବ ପ୍ରାଣୀଙ୍କ ସ୍ୱାସ୍ଥ୍ୟ ଉପରେ ହିଁ ପଡିଥାଏ।

ଯେତେବେଳେ ପାରିପାର୍ଶ୍ୱିକ ଉତ୍ତାପ ବୃଦ୍ଧି ଘଟେ, ସେତେବେଳେ ଗୋରୁ ଶାରୀରିକ ଉତ୍ତାପ ନିୟନ୍ତ୍ରଣାଧୀନ ରଖିବା ପାଇଁ ଶାରୀରିକ କ୍ରିୟା ଓ ବିପାକ ପ୍ରକ୍ରିୟାରେ ଏକାନ୍ତର ପରିବର୍ତ୍ତନ ଘଟାଇଥାନ୍ତି। ଉପରୋକ୍ତ ପ୍ରକ୍ରିୟା ଦ୍ୱୟରେ ପରିବର୍ତ୍ତନ ଘଟିବା ଯୋଗୁ ପ୍ରାଣୀଙ୍କ ବ୍ୟବହାରିକତା, ସ୍ୱାସ୍ଥ୍ୟ ଓ କାର୍ଯ୍ୟ ସମ୍ପାଦନରେ ତାରତମ୍ୟ ବା ବିଚଳନ ଦେଖା ଦେଇଥାଏ। ଉତ୍ତାପ ବୃଦ୍ଧି ପ୍ରାଣୀଙ୍କ ସ୍ୱାସ୍ଥ୍ୟ, ପ୍ରଜନନ, ପୁଷ୍ଟି ଆଦି ଉପରେ ପ୍ରଭାବ ଯୋଗୁ ଉତ୍ପାଦନ ପ୍ରଣାଳୀରେ ବାଧକ ସୃଷ୍ଟି କରିଥାଏ। ଯାହାକି ଦୁର୍ବଳ କାର୍ଯ୍ୟଦକ୍ଷତା, ନିମ୍ନମାନର ପ୍ରାଣୀଜ ଦ୍ରବ୍ୟ, ନୂତନ ରୋଗର ଆବିର୍ଭାବ ଓ ପ୍ରାଦୁର୍ଭାବର ପରିସ୍ଥିତି ସୃଷ୍ଟି କରିଥାଏ। ଅଧିକ ଉତ୍ପାଦନକ୍ଷମ ଗାଈଙ୍କଠାରେ ଉଚ୍ଚ ବିପାକ ପ୍ରକ୍ରିୟା ହାର ଓ ଅଧିକ ଉତ୍ତାପ ସୃଷ୍ଟି ସହିତ ବୃକ୍କ, ପାକସ୍ଥଳୀ, ଆନ୍ତ୍ରିକ ଅଂଶରେ ଜଳଧାରଣ ରହିତ କ୍ଷମତା କମ୍ ଥିବା ହେତୁ ଅନ୍ୟାନ୍ୟ ରୋମାନ୍ଥନ ପ୍ରାଣୀଙ୍କ ଅପେକ୍ଷା ଉତ୍ତାପ ସହନଶୀଳ ଶକ୍ତି କମ୍ ଦେଖାଯାଏ। ସେହିପରି ଗର୍ଭିଣୀ ଗାଈ, ପ୍ରସବିତ ଗାଈ ଓ ଦୁଗ୍ଧ ଦେଉଥିବା ଗାଈଙ୍କ ଉପରେ ବାହ୍ୟ ଉତ୍ତାପର ପ୍ରଭାବ ବିଶେଷ ଦେଖା ଦେଇଥାଏ। ପ୍ରାଣୀଜ ବିଭିନ୍ନ ପଦାର୍ଥ ଉତ୍ପାଦନ ତଥା ବିଭିନ୍ନ ପ୍ରଜାତିର ଉତ୍ପାଦନ ଦକ୍ଷତା, ପୂର୍ବ ଅଭିଜ୍ଞତା ଅନୁଯାୟୀ ଶରୀର ଉପରେ ଉତ୍ତାପ ବୃଦ୍ଧିର ପ୍ରଭାବ ଫରକ୍ ବା କମ୍ ବେଶି ହୋଇଥାଏ। ଆମ ଦେଶ ତଥା ରାଜ୍ୟରେ ଦେଶୀ ବା ଜେବୁ ପ୍ରଜାତି (ବସ୍ ଇଣ୍ଡିକସ୍)ର ଗାଈଙ୍କ ଉତ୍ତାପ ସହନଶୀଳ ଗୁଣସୂତ୍ର ଶକ୍ତି ଅଧିକ ନିହିତ ଥିବା ଯୋଗୁ ସଙ୍କର ଗାଈ (ବସ୍ ଟରସ୍) ପ୍ରଜାତି ଅପେକ୍ଷା ଏମାନେ ଜଳବାୟୁ ପରିବର୍ତ୍ତନ ଓ ବାହ୍ୟ ଉତ୍ତାପ ବୃଦ୍ଧି ହେଲେ ମଧ୍ୟ ପରିବେଶ ସହିତ ଖାପଖୁଆଇ ବେଶ୍ ଚଳିପାରନ୍ତି।



ଗୋରୁଙ୍କ ସ୍ୱାସ୍ଥ୍ୟ ଉପରେ ଜଳବାୟୁ ପରିବର୍ତ୍ତନର ପ୍ରଭାବ: ଉତ୍ତାପ ଚାପର ପ୍ରଭାବ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ପ୍ରାଣୀଙ୍କ ସ୍ୱାସ୍ଥ୍ୟ ଉପରେ ପଡିଥାଏ। ପ୍ରାଣୀଙ୍କ ଶରୀରରେ ପ୍ରତ୍ୟକ୍ଷ ଭାବେ ଏହି ପ୍ରଭାବ ପଡିଲେ, ସାଧାରଣ ଶରୀର କ୍ରିୟାତତ୍ତ୍ୱରେ ପରିବର୍ତ୍ତନ ଘଟିବା ଦ୍ୱାରା ପ୍ରାଣୀଙ୍କ ଅଙ୍ଗପ୍ରତ୍ୟଙ୍ଗ ସ୍ୱାଭାବିକ ଭାବରେ କାର୍ଯ୍ୟ କରିବାରେ ବିଫଳତା ଆଣି ଦେଇଥାଏ। ପ୍ରାଣୀଙ୍କ କ୍ଷୁଧାଶକ୍ତି ବା ରୁଚି କମିଯିବା ସହିତ ସାଧାରଣ ଶରୀରର କାର୍ଯ୍ୟ ସମ୍ପାଦନ ପାଇଁ ଅଧିକ ଶକ୍ତିର ଆବଶ୍ୟକ ହେବା ଯୋଗୁ ନିଷେଧାତ୍ମକ ଶକ୍ତିର ସନ୍ତୁଳନ ପରିସ୍ଥିତି ସୃଷ୍ଟି ହୋଇଥାଏ। ଯାହାଫଳରେ ଶରୀରର ସହନଶୀଳତା ସହିତ ସାଧାରଣ ସ୍ୱାସ୍ଥ୍ୟାବସ୍ଥା ଖରାପ ଆଡକୁ ଗତି କରିଥାଏ। ପ୍ରାଣୀଙ୍କ ଶରୀର ପୁଷ୍ଟିହୀନତା ଯୋଗୁ ଦୁର୍ବଳ ହେବା ସହିତ ରୋଗ ପ୍ରତିରୋଧକ ଶକ୍ତି ହ୍ରାସ ପାଇବା ଯୋଗୁ ବିଭିନ୍ନ ରୋଗଦ୍ୱାରା ସଂକ୍ରମିତ ହୋଇଥାଏ। ଗ୍ରୀଷ୍ମ ଦିନେ ଚତୁଃପାର୍ଶ୍ୱ ଜଳବାୟୁର ଉତ୍ତାପ ଅତ୍ୟଧିକ ବୃଦ୍ଧି ପାଇବା ସହିତ ଶରୀରର ରୋଗ ପ୍ରତିରୋଧକ ଶକ୍ତି ହ୍ରାସ ଯୋଗୁ ଜୀବାଣୁଙ୍କର ବଂଶବୃଦ୍ଧି ଘଟି ପହ୍ମା ପ୍ରଦାହ ବା ଥନହରା ରୋଗ ହେବାର ସମ୍ଭାବନା ଅଧିକ ଦେଖା ଦେଇଥାଏ। ଏତଦ୍‌ବ୍ୟତୀତ, ପରିବେଷ୍ଟିତ ଉତ୍ତାପ ବୃଦ୍ଧି ସହିତ ବାୟୁମଣ୍ଡଳର ଧୂଳିକଣାରେ ଜଳୀୟବାଷ୍ପ ସ୍ତର ଅଧିକ ହେବା ଯୋଗୁ ପ୍ରାଣୀଙ୍କ ଖାଦ୍ୟରେ ଫିମ୍ପି ମାରିବା ବା କବକ ରୋଗ ହେବା ପାଇଁଏକ ଅନୁକୂଳ ପରିବେଶ ସୃଷ୍ଟି କରିଥାଏ। ପ୍ରାଣୀଙ୍କ ଖାଦ୍ୟରେ ଏହି କବକ ସୃଷ୍ଟି ହେବା ସହିତ ମାଇକୋଟକ୍ସିନ୍ ନାମକ ବିଷାକ୍ତ ପଦାର୍ଥ ନିର୍ଗତ ହେବା ଯୋଗୁ ପ୍ରାଣୀଙ୍କ ଜୀବନ ପ୍ରତି ବିପଦ ଦେଖା ଦେଇଥାଏ। ତେଣୁ ପ୍ରକୃତରେ କହିବାକୁ ଗଲେ ପ୍ରାଣୀଙ୍କ ମୃତ୍ୟୁ ହାର ପ୍ରତ୍ୟକ୍ଷ ଭାବେ ଉତ୍ତାପ–ଆର୍ଦ୍ରତାର ସୂଚନାଙ୍କ ବା ଅନୁକ୍ରମଣିକା ଉପରେ ହିଁ ନିର୍ଭର କରିଥାଏ।

ପ୍ରଜନନ ଉପରେ ଜଳବାୟୁ ପରିବର୍ତ୍ତନର ପ୍ରଭାବ: ବାହ୍ୟ ଉତ୍ତାପ ବୃଦ୍ଧି ପ୍ରାଣୀଙ୍କ ପ୍ରଜନନ ସମ୍ବନ୍ଧୀୟ ହରମୋନ୍ ନିଃସୃତ ବା କ୍ଷରଣରେ ତାରତମ୍ୟ ସୃଷ୍ଟିକରେ। ପ୍ରାଣୀଙ୍କ ଡିମ୍ବାଶୟରେ ସିଷ୍ଟ ଦେଖାଦିଏ। ବାହ୍ୟ ଉତ୍ତାପ ବୃଦ୍ଧି ହେତୁ, ପ୍ରାଣୀଙ୍କ ରକ୍ତରେ ପ୍ଲାଜ୍‌ମା–ପ୍ରୋଜେଷ୍ଟିରୋନ୍ ହରମୋନ ହ୍ରାସ ପାଏ। ଗବେଷଣାରୁ ମଧ୍ୟ ଦେଖାଯାଇଛି ଯେ– ବାହ୍ୟ ଉତ୍ତାପ ଚାପ ଯୋଗୁ ପ୍ରାଣୀଙ୍କ ଡିମ୍ବାଶୟରେ ନିକୃଷ୍ଟ ମାନର ଫଲିକୁଲ୍ ସୃଷ୍ଟି ହେବା ଯୋଗୁ ଗାଈଙ୍କର ଦୁର୍ବଳ ପ୍ରଜନନ କାର୍ଯ୍ୟଦକ୍ଷତା ଦେଖାଦେଇଥାଏ। ପ୍ରାଣୀଙ୍କର ଇଷ୍ଟ୍ରୋଜେନ୍ ହରମୋନ୍ ଓ ଲିଉଟିଲାଇଜିଙ୍ଗ୍ ହରମୋନ୍ ବା ଏଲ୍.ଏଚ୍. ହରମୋନ୍ ଏ ସମୟରେ କମ୍ କ୍ଷରଣ ହେବା ହେତୁ ଗାଈ ବା ଛଡ଼ାଙ୍କଠାରେ ଚୋରା ଗରମ ଦେଖାଯିବା ସହିତ ଗରମ ଆସିବାର ବ୍ୟବଧାନ ବୃଦ୍ଧି ପାଇବା ଯୋଗୁ ଅସ୍ଥାୟୀ ବନ୍ଧ୍ୟା ଦୋଷ ଦେଖାଦେଇଥାଏ। ପ୍ରାଣୀଙ୍କର କାମ ପ୍ରବୃତ୍ତି କମିଯିବା ସହିତ ଗରମ ଲକ୍ଷଣର ତୀବ୍ରତା ବା ପ୍ରଗାଢ଼ତା ଓ ଗରମର ସମୟ ମଧ୍ୟ ହ୍ରାସ ପାଏ। ଜରାୟୁରେ ଭ୍ରୂଣ ଗଠନର ପ୍ରାରମ୍ଭିକ ଅବସ୍ଥାରେ ମୃତ୍ୟୁହାର ଅଧିକ ଦେଖାଯାଏ। ଉତ୍ତାପ ବୃଦ୍ଧି ଚାପର ପ୍ରଭାବରେ ଗାଈ ବା ଛଡ଼ାଙ୍କ ଗର୍ଭଧାରଣ କ୍ଷମତାର ହାର ମଧ୍ୟ ହ୍ରାସ ପାଇଥାଏ। ଗାଈଙ୍କର କଷ୍ଟ ପ୍ରସବ ହୁଏ । ଫୁଲ ଠିକ୍ ସମୟରେ ପଡ଼େ ନାହିଁ । (କ୍ରମଶଃ...)

–ଅତିରିକ୍ତ ନିର୍ଦ୍ଦେଶକ (ପ୍ରାଣୀ ସମ୍ପଦ ବିକାଶ),
ପ୍ରାଣୀ ପାଳନ ଓ ପ୍ରାଣୀ ଚିକିତ୍ସା ନିର୍ଦ୍ଦେଶାଳୟ,
କଟକ, ମୋ: ୯୪୩୭୬୦୭୩୧୨

## ଅଳ୍ପରେ...

**କପା:** ଜଉ ପୋକ, ପତ୍ରଡିଆଁ ପୋକ ଓ ଉଡ୍‌ଙ୍କୁଣିଆ ପୋକ ଦେଖାଦେଲେ ୧୫ ଲିଟର ପାଣିରେ କିମ୍ବା ୫ ଗ୍ରାମ୍ ଥାୟୋମେଥୋକ୍ସାମ୍ ମିଶାଇ ସିଞ୍ଚନ କରନ୍ତୁ। ଏହାଛଡ଼ା ୧୦ ଲିଟର ପାଣିରେ ୩ ଗ୍ରାମ୍ ଆସିଟାମିପ୍ରିଡ୍ ମିଶାଇ ପତ୍ର ସିଞ୍ଚନ କରାଯାଇପାରେ।

**ମକା:** ମକାର ଚୋପା ହଳଦିଆ ପଡ଼ି ଦାନା ପାକଳ ହେଲେ ଅମଳ କରନ୍ତୁ। ମକାର ଚୋପା ଛଡ଼ାଇ ୭–୮ ଦିନ ଖରାରେ ଶୁଖାଇ ମଞ୍ଜି ବାହାର କରନ୍ତୁ । ଏଥିପାଇଁ ହସ୍ତଚାଳିତ ବା ଶକ୍ତିଚାଳିତ ମକାଛଡ଼ା ଯନ୍ତ୍ର ବ୍ୟବହାର କରନ୍ତୁ ।

**ମାଣ୍ଡିଆ :** ମାଣ୍ଡିଆ କେଣ୍ଡାଗୁଡ଼ିକ ଧୂଷର ବର୍ଣ୍ଣ ହୋଇଗଲେ ୨ରୁ ୩ ଥରରେ କେଣ୍ଡାକାଟି ଅମଳ କରନ୍ତୁ ଓ ମୂଳରୁ ଗଛ କାଟି ଗୋଖାଦ୍ୟ ରୂପେ ବ୍ୟବହାର କରନ୍ତୁ। କେଣ୍ଡାଗୁଡ଼ିକ ୩–୪ ଦିନ ଖରାରେ ଶୁଖାଇ ଅମଳ କରନ୍ତୁ।

## ଫଳଚାଷ

ଅମୃତଭଣ୍ଡା ଗଛର ମୂଳଶଢ଼ାରୋଗ ପ୍ରତିକାର ପାଇଁ ଗଛମୂଳକୁ ମାଟି ଟେକନ୍ତୁ ଓ ପାଣି ଜମିବାକୁ ଦିଅନ୍ତୁ ନାହିଁ। ରୋଗଣା ଗଛକୁ ବାହାର କରିଦିଅନ୍ତୁ । ମେଟାଲାକ୍ସିଲ୍ ଓ ମାଙ୍କୋଜେବ୍ (ରିଡୋମିଲ୍ ଏମ୍.ଜେଡ୍) ଏକ ଲିଟର ପାଣିରେ ୨ ଗ୍ରାମ୍ ମିଶାଇ ଗଛ ମୂଳରେ ମାଟି ଭିଜା କରନ୍ତୁ। ବର୍ଷାଦିନେ ଲେମ୍ବୁରେ ଫାଇଟୋଫ୍‌ଥୋରା ଶଢ଼ା ରୋଗ ପ୍ରାଦୁର୍ଭାବ ବେଶି ହୁଏ । ଗଛ ଗଣ୍ଡିର ନିମ୍ନ ଭାଗରୁ ଅଠା ବାହାରେ। ଏହାର ଦମନ ପାଇଁ ଆକ୍ରାନ୍ତ ହୋଇଥିବା ଡାଳପତ୍ରକୁ ଗଛରୁ କାଟି ଦିଅନ୍ତୁ। ବୋର୍ଡୋ ମିକ୍ସଚର ବା ଦ୍ରବଣ ସିଞ୍ଚନ କରନ୍ତୁ ଓ କଟା ଜାଗାରେ ପ୍ରଲେପ ଦିଅନ୍ତୁ। ଏକ ମାସ ଅନ୍ତରରେ କପର୍ ଅକ୍ସିକ୍ଲୋରାଇଡ୍ ଏକ ଲିଟର ପାଣିରେ ୩ ଗ୍ରାମ୍ ମିଶାଇ ସିଞ୍ଚନ କରନ୍ତୁ। ୦.୫% ବୋର୍ଡୋକ୍ସ ମିକ୍ସଚରକୁ ୧୫ ଦିନ ଅନ୍ତରରେ ସିଞ୍ଚନ କରାଯାଇ ପାରିବ। ପିଜୁଳି ଓ ଲେମ୍ବୁର ପାଣି କୁଆଁସବୁ କାଟି ଦିଅନ୍ତୁ।




# ଧାନ ଚାଷରେ ରୋଗ ପୋକ ପରିଚାଳନା



(ଶେଷ ଭାଗ)

ପତ୍ରମୋଡ଼ା ପୋକ ଆକ୍ରମଣ କଲେ ପତ୍ରର ଉପର ତଳକୁ କିମ୍ବା ଦୁଇଟି ପତ୍ରକୁ ମୋଡି ଦେଇ ତହିଁରେ ରହି ସବୁଜ ଅଂଶ କୋରି ଖାଇଥାଏ। ପତ୍ରରେ ଲମ୍ବା ଧଳା ଧଳା ପଟି ଦେଖାଯାଏ। ନଳୀ ପୋକ ହେଲେ ପୋକ ଅଗକୁ କାଟି ଖୋଳ ବା ନଳୀ ତିଆରି କରି ତହିଁରେ ଲୁଚି ରହିଥାଏ। ଏହି ନଳୀ ପତ୍ର ଧାରରୁ ଓହଳି ଥାଏ ଅଥବା ପାଣିରେ ଭାସେ। ଏଥିରେ ମଧ୍ୟ ଲମ୍ବା ଧଳା ପଟି ଦେଖାଯାଏ। ବିରିହା ପୋକର ଶରୀର କଳା ଓ କଣ୍ଟା କଣ୍ଟା ଦିଶେ। ଏହା ଅଧିକ ପତ୍ର ଖାଇବା ଦ୍ୱାରା କ୍ଷେତ 'ହପର ପୋଡା' ପରି ଦିଶିଥାଏ। ଉପରୋକ୍ତ ତିନୋଟି ପୋକର ନିୟନ୍ତ୍ରଣ ନିମନ୍ତେ କାର୍ଟାପ୍ ହାଇଡ୍ରୋକ୍ଲୋରାଇଡ୍ ୫୦ ପ୍ରତିଶତ ଏସ.ପି. ୨୦ ଗ୍ରାମ/ କ୍ଲୋରୋପାଇରିଫସ୍ ୨୦ ପ୍ରତିଶତ ଇ.ସି. ଅଥବା ପୋଫେନ୍‌ଫସ୍ ୫୦ ପ୍ରତିଶତ ଇ.ସି.ର ୨୦ ମିଲି ୧୦ ଲିଟର ପ୍ରତି ମିଶାଇ ଫସଲରେ ଭଲ ଭାବରେ ସିଞ୍ଚନ କରାଯାଏ।

ଗନ୍ଧି ପୋକ ଧାନର କ୍ଷୀର ଢ଼ୋକିବା ସମୟରେ ରସ ଶୋଷି ନେବା ଫଳରେ ଧାନ ଲୋଚା କୋଚା ହୋଇ ଅଗାଡି ହୋଇଯାଏ। ପଚା ଗେଣ୍ଡାକୁ କିଆରିର ବିଭିନ୍ନ ସ୍ଥାନରେ ଟଙ୍ଗାଇ ଦେଲେ ତାହାର ରସକୁ ଶୋଷି ପୋକ ମରିଯାଆନ୍ତି। ନଚେତ୍ ମାଲାଥିୟନ ୫୦ ପ୍ରତିଶତ ଇ.ସି.ର ୨୦ ମିଲି ୧୦ ଲିଟର ପ୍ରତି ସିଞ୍ଚନ କରାଯାଏ। ଦହିଆ ପୋକ ଶୁଖିଲା ପୋକ ପାଗ ମରୁଡି ଭଳି ଅନୁଭୂତ ସମୟରେ ରସ ଶୋଷି ନିଅନ୍ତି। ଗଛ ହଳଦିଆ ପଡିଯାଏ। ପତ୍ର ମୋଡି ହୋଇ ଆଦୌ କେଣ୍ଡା ବାହାରି ନ ଥାଏ ଓ ଅଗାଡିଆ କେଣ୍ଡା ବାହାରେ। ଦହିଆ ପୋକର ନିୟନ୍ତ୍ରଣ ନିମନ୍ତେ ପ୍ରୋଫନ୍‌ଫସ୍ ୫୦ ଇ.ସି.ର ୨୦ ମିଲି/ ଥାୟୋମେକଥୋକାମ୍ ୨୫ ପ୍ରତିଶତ ଡବ୍ଲ୍ୟୁ.ଜି. ୨ ଗ୍ରାମ ୧୦ଲିଟର ପ୍ରତି ମିଶାଇ ସିଞ୍ଚନ କରାଯାଏ।

–ଡ. ପରେଶ କୁମାର ପଣ୍ଡା
ମୋ : ୯୪୩୭୧୧୨୭୦୪

# କୁକୁଡ଼ାଙ୍କୁ ବୁଷ୍ଟର ଟିକା

କୁକୁଡ଼ାଙ୍କ ରାଣୀକ୍ଷେତ ରୋଗର ପ୍ରତିଷେଧକ ପାଇଁ ୫ ଦିନରୁ ୭ ଦିନର ଚିଆଁଙ୍କୁ ଲାସୋଟା ଟିକା ଦିଅନ୍ତୁ। ୨୧ ଦିନର କୁକୁଡ଼ାଙ୍କୁ ଲାସୋଟା (ବୁଷ୍ଟର) ଟିକା ଦିଅନ୍ତୁ । ୫୬ ଦିନର କୁକୁଡ଼ାଙ୍କୁ ଆର୍.ଟୁ.ବି. ଟିକା ଦିଅନ୍ତୁ । ୧୧୨ଦିନର କୁକୁଡ଼ାଙ୍କୁ ଆର୍.ଟୁ.ବି. ବୁଷ୍ଟର ଟିକା ଦିଅନ୍ତୁ । ଘର ଅଗଣାରେ ପାଳନ କରୁଥିବା ସବୁ କୁକୁଡ଼ାଙ୍କୁ ୨ ମାସ ବେଳକୁ ଓ ତା' ପରେ ୬ ମାସ ଅନ୍ତରରେ ଆର୍.ଟୁ.ବି. ଟିକା ଦିଅନ୍ତୁ ଯାହା ଫଳରେ ରାଣୀକ୍ଷେତ ରୋଗ ହେବ ନାହିଁ ।



# ଆଖୁ କିଆରିର ଯତ୍ନ

ଆଖୁ କିଆରିରେ ପାଣି ଜମିବାକୁ ଦିଅନ୍ତୁ ନାହିଁ । ଅଗବିନ୍ଧା ପୋକର ଦମନ ପାଇଁ ଟ୍ରାଇକୋଗ୍ରାମା ଜାପୋନିକମ୍ ନାମକ ପରାଶ୍ରୟୀ କୀଟ ହେକ୍ଟର ପ୍ରତି ୫୦ ହଜାର ହିସାବରେ ୧୦ ଦିନ ବ୍ୟବଧାନରେ ୩–୪ ଥର ଛାଡନ୍ତୁ । ଏହା ବ୍ୟତୀତ ଆଲୋକ ଯନ୍ତା ବସାଇ ପୂର୍ଣ୍ଣାଙ୍ଗ କୀଟଗୁଡ଼ିକୁ ଧରି ମାରି ଦିଅନ୍ତୁ। ପ୍ରତି ଲିଟର ପାଣିରେ ୨ ମି.ଲି. ହିସାବରେ କୁଇନାଲ୍‌ଫସ୍ କିମ୍ବା ୨ ଗ୍ରାମ୍ କାର୍ଟାପ୍ ହାଇଡ୍ରୋକ୍ଲୋରାଇଡ୍ ୫୦ ଏସ୍‌ପି ସିଞ୍ଚନ କରନ୍ତୁ । ପତ୍ରକନ୍ଦାରେ ଦାନାଦାର ଔଷଧ ପକାଇ ଏହି ପୋକକୁ ନିୟନ୍ତ୍ରଣ କରାଯାଇପାରେ। ଜାହାଜ ପୋକ ଦେଖାଗଲେ ହେକ୍ଟର ପ୍ରତି ଇପିରିକାନିଆ ମେଲାନୋଲିଉକା ପରଜୀବୀର ୫୦୦୦ କୋଷା କିମ୍ବା ୪ରୁ ୫ ଲକ୍ଷ ଅଣ୍ଡା ଅନ୍ୟ ଚାଷୀଭାଇଙ୍କ କ୍ଷେତରୁ ସଂଗ୍ରହ କରି ଜମିରେ ଛାଡ଼ନ୍ତୁ । ଏହାଛଡ଼ା ସନ୍ଧ୍ୟାରେ ଜମିରେ ଧୂଆଁ ଦେବାର ବ୍ୟବସ୍ଥା କରନ୍ତୁ। ଦହିଆ ପୋକର ଦମନ ପାଇଁ ପ୍ରତି ଲିଟର ପାଣିରେ ୦.୨୫ ଗ୍ରାମ୍ ହିସାବରେ ଥାଇଓମିଥୋକ୍‌ଜାମ୍ ୨୫% ଡବ୍ଲ୍ୟୁ.ପି. କିମ୍ବା ୨ ମି.ଲି. ପ୍ରୋଫେନୋଫସ୍ ୫୦ ଇ.ସି. ମିଶାଇ ସିଞ୍ଚନ କରନ୍ତୁ । ନାଲିଶଢ଼ା ରୋଗ ଦମନ ପାଇଁ ପ୍ରତି ଲିଟର ପାଣିରେ ୨ ଗ୍ରାମ୍ କାର୍ବେଣ୍ଡାଜିମ୍ କିମ୍ବା ୧.୫ ଗ୍ରାମ୍ ଥାୟୋଫେନେଟ୍ ମିଥାଇଲ୍ ମିଶାଇ ମାଟିଭିଜା କରନ୍ତୁ । ଆକ୍ରାନ୍ତ ହୋଇଥିବା ବୁଦା ଉପାଡ଼ି ଦେଇ ନଷ୍ଟ କରିଦିଅନ୍ତୁ ।



ଧରିତ୍ରୀ
DHARITRI



# ଏସିଆ କପ୍ ଫାଇନାଲ୍‌ରେ ଭାରତ

## ୪୧ ରନ୍‌ରେ ହାରିଲା ଶ୍ରୀଲଙ୍କା

**କଲମ୍ବୋ,୧୨।୯**

ଦୁନିଥ୍ ୱେଲାଲାଗେଙ୍କ ଅଲରାଉଣ୍ଡ ପ୍ରଦର୍ଶନ (୪୨*ରନ୍ ଓ ୫ ଉଇକେଟ) ସଫଳତା ସତ୍ତ୍ୱେ ଶ୍ରୀଲଙ୍କାକୁ ୪୧ ରନରେ ପରାସ୍ତ କରି ଏସିଆ କପ୍ ଫାଇନାଲରେ ପ୍ରବେଶ କରିଛି ଭାରତ। ଶ୍ରୀଲଙ୍କାର ୩ ସ୍ପିନର ମିଳିତ ଭାବରେ ୧୦ ଉଇକେଟ ଅକ୍ତିଆର କରିବାରୁ ଭାରତ ୪୯.୧ ଓଭରରେ ୨୧୩ ରନ୍‌ରେ ସମସ୍ତ ଉଇକେଟ ହରାଇଥିଲା। ଜବାବରେ ୪୧.୩ ଓଭରରେ ଶ୍ରୀଲଙ୍କା ୧୭୨ ରନ୍ କରି ଅଲଆଉଟ ହୋଇଥିଲା।

ମଙ୍ଗଳବାର ଭାରତୀୟ ଅଧିନାୟକ ରୋହିତ ଶର୍ମା ଟସ୍ ଜିତି ପ୍ରଥମେ ବ୍ୟାଟିଂ ନେଇଥିଲେ। ଶୁବମାନ୍ ଗିଲ୍(୧୯)ଙ୍କୁ ସାଥୀ କରି ରୋହିତ ପ୍ରଥମ ଉଇକେଟରେ ୮୦ ରନ୍ ଯୋଡି ଭାରତକୁ ଏକ ଭଲ ଆରମ୍ଭ ପ୍ରଦାନ କରିଥିଲେ। ରୋହିତ କ୍ରମାଗତ ତୃତୀୟ ମ୍ୟାଚ୍‌ରେ ଅର୍ଦ୍ଧଶତକ ହାସଲ କରିଥିଲେ। ଏହା ପୂର୍ବରୁ ସେ ନେପାଳ ଓ ପାକିସ୍ତାନ ବିପକ୍ଷରେ ଅର୍ଦ୍ଧଶତକ ହାସଲ କରିଥିଲେ। ୪୮ ବଲ୍ ଖେଳି ୫୩ ରନ୍ ସ୍କୋର କରିଥିବା ରୋହିତଙ୍କ ଇନିଂସରେ ସାମିଲ ଥିଲା ୭ ଚୌକା ଓ ୨ ଛକା। ଏହି ଇନିଂସ ସହିତ ଷଷ୍ଠ ଭାରତୀୟ ଭାବରେ ସେ ଦିନିକିଆରେ ୧୦ ହଜାର ରନ୍ ମଧ୍ୟ ସମ୍ପୂର୍ଣ୍ଣ କରିଥିଲେ। ତେବେ ସ୍ପିନରଙ୍କୁ ଆକ୍ରମଣକୁ ଆସିବା ପରେ ଭାରତ ନିୟମିତ ବ୍ୟବଧାନରେ ଉଇକେଟ ହରାଇଥିଲା। ଦୁନିଥ ୱେଲାଲାଗେ ଲଗାତାର ୩ ଓଭରରେ ଗିଲ୍, ରୋହିତ ଶର୍ମା ଓ ପୂର୍ବ ମ୍ୟାଚ୍‌ର ଶତକ ହାସଲକାରୀ ବିରାଟ କୋହଲିଙ୍କୁ ଆଉଟ କରିଥିଲେ। ୯୧ ରନ୍‌ରେ ୩ ଉଇକେଟ ହରାଇବା ପରେ ଲୋକେଶ ରାହୁଲ(୩୯) ଓ ଇଶାନ କିଶନ(୩୩) ଚତୁର୍ଥ ଉଇକେଟରେ ୬୩ ରନ୍ ଯୋଡିଥିଲେ। ରାହୁଲ ୪୪ ବଲ୍ ଖେଳି ୨ ଚୌକା ମାରିଥିଲେ। ଅନ୍ୟ ପକ୍ଷରେ କିଶନ ୬୧ ବଲ୍ ଖେଳି ୧ଚୌକା ଓ ୧ ଛକା ମାରିଥିଲେ।

ଶ୍ରୀଲଙ୍କାର ସ୍ପିନର ୧୦ ଉଇକେଟ ଅକ୍ତିଆର କରିଥିଲେ। ଦୁନିଥ ୱେଲାଲାଗେ ନିଜ କ୍ୟାରିୟରର ପ୍ରଥମ ୫ ଉଇକେଟ ହାସଲ କରିଥିଲେ। ପାର୍ଟଟାଇମର ଚରିଥ୍ ଅସଲଙ୍କା ୪ ଉଇକେଟ ନେଇଥିଲେ। ଏକଦା ୧୭୦ ରନ୍‌ରେ ୪ ଉଇକେଟ ହରାଇଥିବା ଭାରତ ଅନ୍ତିମ ୬ ଉଇକେଟ ମାତ୍ର ୪୩ ରନରେ ହରାଇଥିଲା। ଅକ୍ଷର ପଟେଲ ୨୬ ରନ୍ କରିବା ସହିତ ୧୦ମ ଉଇକେଟରେ ମହମ୍ମଦ ସିରାଜ(୫*)ଙ୍କ ସହ ୨୭ ରନ୍ ଯୋଡିଥିଲେ।

୨୧୪ ରନର ପିଛା କରୁଥିବା ଶ୍ରୀଲଙ୍କା ପ୍ରାରମ୍ଭିକ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଯଶପ୍ରୀତ୍ ବୁମରା ଓ ମହମ୍ମଦ ସିରାଜ ଘାତକ ବୋଲିଂ କରିବାରୁ ଶ୍ରୀଲଙ୍କା ୨୫ ରନ୍‌ରେ ୩ ଉଇକେଟ ହରାଇଥିଲା। ଚତୁର୍ଥ ଉଇକେଟରେ ୪୩ ରନ୍ ଯୋଡି ଇନିଂସ ସଜାଡିବାକୁ ପ୍ରୟାସ କରିଥିଲେ ସାଦିରା ସମରବିକ୍ରମା(୧୭) ଓ ଚରିଥ ଅସଲଙ୍କା(୨୨)। ଉଭୟ ଖେଳାଳିଙ୍କୁ ଦୁଇ ଓଭର ମଧ୍ୟରେ ଆଉଟ କରିଥିଲେ କୁଲଦୀପ୍ ଯାଦବ। ତେବେ ଧନଞ୍ଜୟ ଡି ସିଲ୍‌ଭା ୪୧ ଓ ଦୁନିଥ ୱେଲାଲାଗେ ୪୨* ରନ୍ କରି ଭାରତ ହାତରୁ ମ୍ୟାଚ ଛଡାଇ ନେବାକୁ ଚେଷ୍ଟା କରିଥିଲେ। ଧନଞ୍ଜୟ ୬୬ ବଲ୍ ଖେଳି ୫ ଚୌକା ସହିତ ୪୧ ରନ୍ କରିଥିଲେ। ଜାଡେଜାଙ୍କୁ ବଡ ଶଟ୍ ଖେଳିବାକୁ ଯାଇ ସେ ଆଉଟ ହେବା ପରେ ଶ୍ରୀଲଙ୍କାର ବିଜୟ ଆଶା ମଉଳି ଯାଇଥିଲା। ଶେଷ ଯାଏ ଅପରାଜିତ ଥିବା ଦୁନିଥ ୪୬ ବଲ୍ ଖେଳି ୩ ଚୌକା ଓ ୧ ଛକା ମାରିଥିଲେ। ଉଭୟ ସପ୍ତମ ଉଇକେଟରେ ୬୩ ରନ୍ ଯୋଡି ଘରୋଇ ଦଳ ପାଇଁ ବିଜୟ ସୁଯୋଗ ସୃଷ୍ଟି କରିଥିଲେ। ଭାରତ ପକ୍ଷରୁ କୁଲଦୀପ ଯାଦବ ସର୍ବାଧିକ ୪ ଉଇକେଟ ନେଇଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଯଶପ୍ରୀତ ଓ ରବୀନ୍ଦ୍ର ଜାଡେଜା ଦୁଇଟି ଲେଖାଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଭାରତ ୪୯.୧ ଓଭର ୨୧୩/୧୦ (ରୋହିତ ଶର୍ମା-୫୩, ଲୋକେଶ ରାହୁଲ-୩୯,ଇଶାନ କିଶନ-୩୩, ଦୁନିଥ ୱେଲାଲାଗେ-୫/୪୦, ଚରିଥ୍ ଅସଲଙ୍କା-୪/୧୮, ମହୀଷ ଥିକ୍‌ସାନା-୧/୪୧)। ଶ୍ରୀଲଙ୍କା ୪୧.୩ଓଭରରେ ୧୭୨/୧୦ (ଦୁନିଥ ୱେଲାଲାଗେ- ୪୨*, ଧନଞ୍ଜୟ ଡି ସିଲ୍‌ଭା-୪୧, ଚରିଥ୍ ଅସଲଙ୍କା-୨୨, ଯଶପ୍ରୀତ୍ ବୁମରା-୨/୩୦, କୁଲଦୀପ ଯାଦବ-୪/୪୩, ରବୀନ୍ଦ୍ର ଜାଡେଜା- ୨/୩୩, ମହମ୍ମଦ ସିରାଜ-୧/୧୭)।



ଏକ ଶଟ୍ ଖେଳିବା ଅବସରରେ ରୋହିତ ଶର୍ମା।

### ୧୦ ହଜାର ରନ୍ କ୍ଲବ୍‌ରେ ରୋହିତ

ଭାରତୀୟ କ୍ରିକେଟ ଦଳର ଅଧିନାୟକ ରୋହିତ ଶର୍ମା ମଙ୍ଗଳବାର ଦିନିକିଆ ଅନ୍ତର୍ଜାତୀୟ କ୍ରିକେଟରେ ପୂରଣ କରିଛନ୍ତି ୧୦ ହଜାର ରନ୍। ଭାରତର ଷଷ୍ଠ ତଥା ବିଶ୍ୱର ୧୫ ତମ ଖେଳାଳି ଭାବରେ ସେ ଏହି ସଫଳତା ହାସଲ କରିଛନ୍ତି। ଶ୍ରୀଲଙ୍କା ବିପକ୍ଷ ସୁପର୍- ୪ ମ୍ୟାଚ୍‌ର ସପ୍ତମ ଓଭରରେ ପେସ୍ ବୋଲର କସୁନ୍ ରଜିଥାଙ୍କୁ ଛକା ମାରି ସେ ଏହି ମାଇଲଖୁଣ୍ଟ ହାସଲ କରିଥିଲେ। ଏହା ସହିତ ବିଶ୍ୱର ଦ୍ୱିତୀୟ ଦ୍ରୁତତମ ଖେଳାଳି ଭାବରେ ସେ ୧୦ ହଜାର ରନ୍ କ୍ଲବରେ ସାମିଲ ହୋଇଛନ୍ତି। ବିରାଟ କୋହଲି ବିଶ୍ୱର ଦ୍ରୁତତମ ଖେଳାଳି ଭାବରେ ୨୦୫ ଇନିଂସରୁ ଏହି ସଫଳତା ପାଇଥିଲେ। ଅନ୍ୟ ପକ୍ଷରେ ରୋହିତ ୨୪୧ ଇନିଂସରେ ୧୦ ହଜାର ରନ୍ ପୂରଣ କରିଛନ୍ତି।

# ଆସାମରେ ଓଡ଼ିଶାର ପ୍ରସ୍ତୁତି ଶିବିର



ପ୍ରସ୍ତୁତି ଶିବିରରେ ଓଡ଼ିଶା ଲନ୍ ବୋଲ୍ ଦଳ।

**ଭୁବନେଶ୍ୱର,୧୨।୯(ସରୋଜ ଜେନା)**

ଜାତୀୟ ଲନ୍ ବୋଲ୍ ଚାମ୍ପିୟନଶିପ୍ ପାଇଁ ଆସାମରେ ପ୍ରସ୍ତୁତି କ୍ୟାମ୍ପ ଆରମ୍ଭ କରିଛି ୧୪ ଜଣିଆ ଓଡ଼ିଶା ଦଳ। ଗୁଆହାଟୀରେ ଆସନ୍ତା ୨୩ ତାରିଖରୁ ଅଷ୍ଟମ ସିନିୟର ଓ ୪ର୍ଥ ୨୫ ବର୍ଷରୁ କମ୍ ଜାତୀୟ ଚାମ୍ପିୟନଶିପ୍ ଆୟୋଜିତ ହେବ। ଓଡ଼ିଶା ଦଳର ଏହି ଶିବିର ସେପ୍ଟେମ୍ବର ୨୨ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ରାଜ୍ୟ ସରକାରଙ୍କ କ୍ରୀଡା ଓ ଯୁବବ୍ୟାପାର ବିଭାଗର ସହଯୋଗରେ ଏହି ପ୍ରସ୍ତୁତି ଶିବିର ଆୟୋଜିତ ହୋଇଥିବା ନେଇ ଓଡ଼ିଶା ବୋଲିଂ ଆସୋସିଏଶନ ସମ୍ପାଦକ ସୁମିତ ରଞ୍ଜନ ପୁରୋହିତ ସୂଚନା ଦେଇଛନ୍ତି। ଏହା ସହିତ ଟପ୍-୭ ଦଳ ମଧ୍ୟରେ ରହି ଆସନ୍ତା ମାସରେ ଗୋଆରେ ହେବାକୁ ଥିବା ଜାତୀୟ କ୍ରୀଡା ପାଇଁ ଯୋଗ୍ୟତା ହାସଲ କରିବା ପ୍ରଥମ ଲକ୍ଷ୍ୟ ବୋଲି ସୁମିତ କହିଛନ୍ତି। ୧୪ ଜଣିଆ ଦଳରେ ୭ ଜଣ ଲେଖାଏ ପୁରୁଷ ଓ ମହିଳା ଖେଳାଳି ରହିଥିବା ବେଳେ ଜଣେ କୋଚ୍ ଓ ଦୁଇ ଜଣ ମ୍ୟାନେଜର ଦଳ ସହିତ ଯାତ୍ରା କରିଛନ୍ତି। **ପୁରୁଷ ଦଳ:** କୈଳାସ ମାଝି, ନରସିଂହ ରଣା, ଲଳିତ ଶର୍ମା, ସୌରଭ ରଞ୍ଜନ ମହାରଣା, ଦୀନେଶ କୁମାର ମହାନନ୍ଦ, ତାରିଣୀ ପ୍ରସାଦ ନାୟକ, ଏସ୍. କେ. ଅବୁଜଲାଲ। **ମହିଳା ଦଳ:** ଶ୍ୱେତଲାନା ବକ୍ସି, ପଦ୍ମାସିନୀ ପୁଟେଲ, ରାଜେଶ୍ୱରୀ ସେଠ୍, ରୋଶନୀ ସାହୁ, ବିଷ୍ଣୁପ୍ରିୟା ବହିଦାର, ରୋହିଣୀ ନାୟକ ଓ ପ୍ରତିମା ସେଠ୍।

# ଅଲ୍ ଇଣ୍ଡିଆ ସୁପର ସିରିଜ ର୍‍ୟାଙ୍କିଙ୍ଗ ଟେନିସ




ଟ୍ରଫି ସହ କୃତୀ ପ୍ରତିଯୋଗୀ ଓ ଅନ୍ୟମାନେ।

**ଭୁବନେଶ୍ୱର, ୧୨।୯ (ବିଜୟ ରଣା)**

ତୃତୀୟ ଗଣେଶ୍ୱର ମେମୋରିଆଲ ଆଇଟା ଓଟା ଅଲ୍ ଇଣ୍ଡିଆ ସୁପର ସିରିଜ ୧୨ବର୍ଷରୁ କମ୍ ଓ ୧୪ ବର୍ଷରୁ କମ୍ ର୍‍ୟାଙ୍କିଙ୍ଗ ଟେନିସ ଟୁର୍ନାମେଣ୍ଟ ୨୦୨୩ ଉଦ୍‌ଯାପିତ ହୋଇଯାଇଛି। ଓଡ଼ିଶା ଟେନିସ ଆସୋସିଏଶନ(ଓଟା) ଓ ଅଲ୍ ଇଣ୍ଡିଆ ଟେନିସ ଆସୋସିଏଶନ(ଆଇଟା) ଅଧୀନରେ ଭୁବନେଶ୍ୱର ଟେନିସ ଆସୋସିଏଶନ (ଟାବ୍) ପକ୍ଷରୁ କଳିଙ୍ଗ ଷ୍ଟାଡିୟମ ଟେନିସ କମ୍ପ୍ଲେକ୍ସରେ ଅନୁଷ୍ଠିତ ଏହି ପ୍ରତିଯୋଗିତାର ୧୪ ବର୍ଷରୁ କମ୍ ବାଳକ ସିଙ୍ଗଲ୍ସ ବିଭାଗରେ ମହାରାଷ୍ଟ୍ରର ଆୟୁଷ ଯଜ୍ଞେଶ ପୂଜାରୀ ଫାଇନାଲରେ ନିଜ ରାଜ୍ୟର ରାଘବ ସାରୋଡ୍‌ଙ୍କୁ ୬-୧, ୨-୬, ୬-୦ରେ ହରାଇ ଦେଇଛନ୍ତି। ଏହି ଉଚ୍ଚକୋଟୀର ମ୍ୟାଚ ଅଢେଇ ଘଣ୍ଟା ଧରି ଚାଲିଥିଲା। ୧୪ ବର୍ଷରୁ କମ୍ ବାଳକ ଡବଲ୍ସ ଫାଇନାଲରେ ଆଦିତ୍ୟ ବିକ୍ରମ ଆଚାର୍ଯ୍ୟ (ଓଡ଼ିଶା) ଓ ଆୟୁଷ ଯଜ୍ଞେସ ପୂଜାରୀ (ମହାରାଷ୍ଟ୍ର) ୬-୪, ୬-୪ ସେଟ୍‌ରେ ଆହାନ ମିଶ୍ର (ଓଡ଼ିଶା) ଓ ସଂକଳ୍ପ କୁମାର ସାହାଣୀ (ପଶ୍ଚିମବଙ୍ଗ)ଙ୍କୁ ହରାଇ ଦେଇଛନ୍ତି।

ସେହିପରି ୧୪ ବର୍ଷରୁ କମ୍ ବାଳିକା ବିଭାଗରେ ଓଡ଼ିଶାର ଆହାନ ୩ ଘଣ୍ଟା ଧରି ଅନୁଷ୍ଠିତ ଏକ ମାରାଥନ ମ୍ୟାଚରେ ନିଜ ରାଜ୍ୟର ଅଭିପ୍ସା ଦେହୁରୀଙ୍କୁ ୪-୬, ୬-୨, ୬-୩ ସେଟ୍‌ରେ ହରାଇ ଦେଇଛନ୍ତି। ୧୪ ବର୍ଷରୁ କମ୍ ବାଳିକା ଡବଲ୍ସରେ ଆହାନ ଓ ଅଭିପ୍ସା ଦେହୁରି (ଉଭୟେ ଓଡ଼ିଶା) ୬-୧, ୬-୧ରେ ଇନ୍ଦ୍ରାକ୍ଷୀ ଭଟ୍ଟାଚାର୍ଯ୍ୟ ଓ ରିୟା ରୟ(ଉଭୟେ ପଶ୍ଚିମବଙ୍ଗ)ଙ୍କୁ ହରାଇ ଚାମ୍ପିୟନ ହୋଇଛନ୍ତି। ୧୨ ବର୍ଷରୁ କମ୍ ବାଳକ ସିଙ୍ଗଲ୍ସ ଫାଇନାଲରେ ରୋନି ବିଜୟ କୁମାର (ତାମିଲନାଡୁ) ୪-୨, ୪-୨ରେ ନିବାସ ହୁସେନ (ଆସାମ)ଙ୍କୁ ହରାଇ ଦେଇଛନ୍ତି। ୧୨ ବର୍ଷରୁ କମ୍ ବାଳକ ଡବଲ୍ସରେ ମୋନୋଦୀପ୍ ଦେ (ପଶ୍ଚିମବଙ୍ଗ) ଓ ନର୍ବାଣ ମର୍ଗଣା (ତେଲଙ୍ଗାନା) ୬-୧, ୬-୧ରେ ବୀର ଚତୁର (ମହାରାଷ୍ଟ୍ର) ଓ ରୋନି ବିଜୟ କୁମାର(ତାମିଲନାଡୁ)ଙ୍କୁ ପରାସ୍ତ କରି ଚାମ୍ପିୟନ ହୋଇଛନ୍ତି। ସେହିପରି ୧୨ବର୍ଷରୁ କମ୍ ବାଳିକା ସିଙ୍ଗଲ୍ସ ଫାଇନାଲରେ ତମନ୍ନା ନାୟାର (ମହାରାଷ୍ଟ୍ର) ୬-୩, ୧-୬ (୧୦-୫)ରେ ପ୍ରଦତ୍ତ ଦାସ (ପଶ୍ଚିମବଙ୍ଗ)ଙ୍କୁ ହରାଇ ଟାଇଟଲ ହାସଲ କରିଛନ୍ତି। ବାଳିକା ଡବଲ୍ସ ଫାଇନାଲରେ ତମନ୍ନା ନାୟାର (ମହାରାଷ୍ଟ୍ର) ଓ ପରିଣିତା ଭାଟାପ୍ରାମ୍ପିଲ (ଆନ୍ଧ୍ର ପ୍ରଦେଶ) ୬-୦, ୬-୦ରେ ସାନରଚନା ଦାସ ଓ ରିଦ୍ଧିମା ମଲିକ (ଉଭୟେ ପଶ୍ଚିମବଙ୍ଗ)ଙ୍କୁ ହରାଇ ଦେଇଛନ୍ତି। ଏହି ଉପଲକ୍ଷେ ଉଦ୍‌ଯାପନୀ ଉତ୍ସବରେ ଶିବ ଶଙ୍କର ପରିଡ଼ା ଓ ଆଇଟା ସୁପରଭାଇଜର ପ୍ରବୀଣ ନାୟକଙ୍କ ଉପସ୍ଥିତିରେ ଭୁବନେଶ୍ୱର ଟେବୁଲ ଟେନିସ ଆସୋସିଏଶନ ଚେୟାରମ୍ୟାନ ଚିତ୍ତରଞ୍ଜନ ମହାନ୍ତି ପୁରସ୍କାର ବିତରଣ କରିଥିଲେ। ଟୁର୍ନାମେଣ୍ଟର ବିଜେତା ଓ ରନରଅପ୍ ଯଥାକ୍ରମେ ୫୦ ଓ ୪୦ ର୍‍ୟାଙ୍କିଙ୍ଗ ପଏଣ୍ଟ ହାସଲ କରିଛନ୍ତି।

# ରାଜ୍ୟ କ୍ୟାଡେଟ୍ ଓ ଜୁନିୟର କରାଟେ ଉଦ୍‌ଯାପିତ




ଅତିଥିଙ୍କ ସହ କୃତୀ ପ୍ରତିଯୋଗୀ।

**ଭୁବନେଶ୍ୱର,୧୨।୯(ବିଜୟ ରଣା)**

ଓଡ଼ିଶା ରାଜ୍ୟ କରାଟେ ଆସୋସିଏଶନ (ଓସ୍କା) ଆନୁକୂଲ୍ୟରେ ୩୪ତମ ରାଜ୍ୟ ଜୁନିୟର ଓ କ୍ୟାଡେଟ୍ କରାଟେ ଚାମ୍ପିୟନଶିପ୍ ସ୍ଥାନୀୟ ଉତ୍କଳ କାରାଟେ ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟର ୧୭ଟି ଜିଲା କରାଟେ ଆସୋସିଏଶନରୁ ୧୩୦ ଜଣ କରାଟେକା ଅଂଶଗ୍ରହଣ କରିଥିଲେ। ପ୍ରତିଯୋଗିତାର ବିଭିନ୍ନ ବର୍ଗରେ ଚାମ୍ପିୟନ କରାଟେକାମାନେ ଚଳିତ ମାସ ୨୧ରୁ ୨୪ ପର୍ଯ୍ୟନ୍ତ ଡେରାଡୁନ୍‌ଠାରେ ହେବାକୁଥିବା କ୍ୟାଡେଟ୍ ଓ ଜାତୀୟ ଜୁନିୟର କରାଟେ ଚାମ୍ପିୟନଶିପ୍‌ରେ ଓଡ଼ିଶାରୁ ପ୍ରତିନିଧିତ୍ୱ କରିବେ। ଏହି ପ୍ରତିଯୋଗିତାକୁ ରାଜ୍ୟ ସଂଘର ସିନିୟର ଅଫିସିଆଲ ରାଜୀବ କୁମାର ସିଂ, ଦୀପକ ସାମନ୍ତରା, ମହେଶ ଚନ୍ଦ୍ର ବରାଳ, ଦୁର୍ଗାପ୍ରସାଦ ରଥ, ସନକ ଦେଓ, କେ.ଜି.କେ. ପ୍ରତିହାରୀ, ସୁରେଶ ଜାଲ୍, ଭବାନୀ ପଣ୍ଡା, ଏନ୍.ବି. ପଟ୍ଟନାୟକ, ଗୋପାଳ ଦାସ, ଉମାକାନ୍ତ ବେହେରା, ଗୋପାଳ ଦୀପ୍, କ୍ରିଷ୍ଣା ଶିକାରୀ ପ୍ରମୁଖ ପରିଚାଳନ କରିଥିଲେ। ଓସ୍କାର ସମ୍ପାଦକ ଡ. ହରି ପ୍ରସାଦ ପଟ୍ଟନାୟକ ଓ ସମ୍ପାଦିକା ଡ. ଗୌରୀ ମହାନ୍ତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଚାମ୍ପିୟନଶିପ୍‌ର ଶେଷରେ ଏସ୍. ଆର୍. ସାସ୍‌ମଲ, ସଞ୍ଜୟ ଦାସ, ସନତ୍ ନାୟକ ଓ କାଳି ପ୍ରସାଦ ନନ୍ଦ ପ୍ରମୁଖ ପଦକ ଓ ସାର୍ଟିଫିକେଟ ପ୍ରଦାନ କରିଥିଲେ।

# ଭାରତୀୟ ରଗ୍‌ବୀ ଦଳରେ ୪ ଓଡ଼ିଆ



ମନୋନୀତ ୪ ଓଡ଼ିଆ ଖେଳାଳି।

**ଭୁବନେଶ୍ୱର,୧୨।୯(ସରୋଜ ଜେନା)**

ଚାଇନାର ହାଙ୍ଗଝୋରେ ହେବାକୁ ଥିବା ଏସିଆନ୍ ଗେମ୍ସ ପାଇଁ ଭାରତୀୟ ମହିଳା ରଗ୍‌ବୀ ଦଳ ମଙ୍ଗଳବାର ଘୋଷଣା କରାଯାଇଛି। ଓଡ଼ିଶାରୁ ୪ ଜଣ ଖେଳାଳି ଏହି ଦଳରେ ସ୍ଥାନ ପାଇଛନ୍ତି। ଚଳିତ ମାସ ୧୯ ତାରିଖରୁ ଏହି ଟୁର୍ନାମେଣ୍ଟ ଆରମ୍ଭ ହେବାକୁ ଯାଉଛି। ଓଡ଼ିଶାରୁ ଡୁମୁଣୀ ମାର୍ଣ୍ଡି, ତରୁଲତା ନାଏକ, ମାମା ନାଏକ ଓ ହୁପି ମାଝି ଭାରତୀୟ ଦଳରେ ସ୍ଥାନ ପାଇଛନ୍ତି। ସେହିପରି ଦିଲ୍ଲୀରୁ ୩, ବେଙ୍ଗଲ ଓ ମହାରାଷ୍ଟ୍ରରୁ ୨ ଜଣ ଲେଖାଏ ଖେଳାଳି ଏହି ଦଳରେ ସ୍ଥାନ ପାଇଛନ୍ତି।

**ଭାରତୀୟ ଦଳ:** ଲଚ୍ଛମୀ ଓରାମ, ଶିଖା ଯାଦବ, ବୈଷ୍ଣବୀ ଦତ୍ତାତ୍ରେୟ ପାଟିଲ୍, ଡୁମୁଣୀ ମାର୍ଣ୍ଡି, ତରୁଲତା ନାଏକ, ମାମା ନାଏକ, ହୁପି ମାଝି, ସନ୍ଧ୍ୟା ରାୟ, ଶ୍ୱେତା ଶାହି, ଶୀତଲ ଶର୍ମା, ପ୍ରିୟା ବଂଶଲ ଓ କଲ୍ୟାଣୀ କ୍ରିଷ୍ଣାତ ପାଟିଲ।

# କିସ୍ ସ୍କୁଲ ଫାଇନାଲରେ

**ଭୁବନେଶ୍ୱର,୧୨।୯(ବିଜୟ ରଣା):** ସ୍ଥାନୀୟ ୟୁନିଟ୍-୬ ଆଥ୍‌ଲେଟିକ ଆସୋସିଏଶନ ଆନୁକୂଲ୍ୟରେ ଚାଲିଥିବା ଜୟନ୍ତ ମହାପାତ୍ର ସ୍ମାରକୀ ୩୨ତମ ଭୁବନେଶ୍ୱର ଆନ୍ତଃ ସ୍କୁଲ ଫୁଟ୍‌ବଲ ପ୍ରତିଯୋଗିତାର ପ୍ରଥମ ସେମିଫାଇନାଲରେ କିସ୍ ସ୍କୁଲ ୩-୦ ଗୋଲ୍‌ରେ ୟୁନିଟ୍-୧ ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟକୁ ହରାଇ ଫାଇନାଲରେ ପ୍ରବେଶ କରିଛି। ବିଜୟୀ ଦଳ ପକ୍ଷରୁ ରାଜେଶ ସୋରେନ (୨୫ତମ ମିନିଟ), ଅମର ସମନ୍ତ(୩୯ତମ) ଓ ରାଜୁ ମାରାଣ୍ଡି (୪୭ତମ) ଗୋଲ୍‌ସ୍କୋର କରିଥିଲେ।

# 'ଜାତୀୟ ଦଳକୁ ଅଗ୍ରାଧିକାର ଦେବି'

**ଦୀର୍ଘ ୧୩ ବର୍ଷ ଧରି ପ୍ରଫେଶନାଲ ଫୁଟ୍‌ବଲର ଭାବେ ରହି ଆସିଛନ୍ତି ଭାରତୀୟ ଫୁଟବଲ ଦଳର ଗୋଲକିପର ଅମରିନ୍ଦର ସିଂ। ଚଳିତ ସିଜନରେ ପ୍ରଥମ ଥର ଓଡ଼ିଶା ଏଫ୍‌ସି (ଓଏଫ୍‌ସି)ର ଅଧିନାୟକ ଭୂମିକାରେ ତାଙ୍କୁ ଦେଖିବାକୁ ମିଳିବ। ଏସିଆନ୍ ଗେମ୍ସ ଓ ଆଇଏସ୍‌ଏଲ୍ ପ୍ରସ୍ତୁତିକୁ ନେଇ ତାଙ୍କ ସହିତ ଏକ ସାକ୍ଷାତକାର.....**

**● ପଞ୍ଜାବର ଏକ ଛୋଟିଆ ଗ୍ରାମରୁ ଖେଳିବା ଆରମ୍ଭ କରି ଜାତୀୟ ଦଳରେ ପାଦ ଥାପିବା ପର୍ଯ୍ୟନ୍ତ ଯାତ୍ରା କିପରି ରହିଛି?**

▶▶ମୋ ପାଇଁ ଏହା ଏକ ଅବିଶ୍ୱସନୀୟ ଯାତ୍ରା। ଫୁଟ୍‌ବଲ ଖେଳିବା ଓ ଭାରତରୁ ପ୍ରତିନିଧିତ୍ୱ କରିବା ସର୍ବଦା ଏକ ସ୍ୱପ୍ନ ରହିଥିଲା। ଏହା ପୂରଣ ହୋଇପାରିଥିବାରୁ ଖୁସି ଲାଗୁଛି। ବିନା ଜୋତାରେ ପୁଣି ଗାଁର ଗଳିରୁ ଆରମ୍ଭ ହୋଇଥିବା ଯାତ୍ରା ଭାରତୀୟ ଦଳରେ ପହଞ୍ଚିଥିବାରୁ ମୁଁ ଅତ୍ୟନ୍ତ ଖୁସି।

**● ଆଇଏସ୍‌ଏଲରେ କେଉଁ ଦଳ ଆପଣଙ୍କ ପସନ୍ଦ?**

▶▶୧୩ ବର୍ଷର ପ୍ରଫେସନାଲ କ୍ୟାରିୟରରେ ୪ଟି ଦଳ ପାଇଁ ମୁଁ ଖେଳିସାରିଛି। ଏଟିକେରୁ ଆରମ୍ଭ କରି ମୁମ୍ବାଇ ସିଟି ଏଫ୍‌ସି ପାଇଁ ୫ଟି ସିଜନ ଖେଳିଛି। ପରେ ଏଟିକେ ମୋହନ ବାଗାନ ଏବଂ ବର୍ତ୍ତମାନ ଓଏଫ୍‌ସି ପକ୍ଷରୁ ଖେଳୁଛି। ବିଭିନ୍ନ ଦଳରେ ଭିନ୍ନ ଭିନ୍ନ କୋଚ୍‌ଙ୍କ ଅଧୀନରେ ମୁଁ ଖେଳିଛି ଓ ଅନେକ ନୂଆ ନୂଆ କଥା ଶିଖିଛି। ଆଗକୁ ଏହା ଜାରି ରହିବ ଓ ସମସ୍ତ କ୍ଲବ୍ ମୋର ପସନ୍ଦ।

**● ଓଏଫ୍‌ସି ଓ ଅନ୍ୟ କ୍ଲବ୍ ମଧ୍ୟରେ ଫୁଟ୍‌ବଲର କଲ୍‌ଚରକୁ ନେଇ ଆପଣଙ୍କ ମତ କ'ଣ?**

▶▶ଅନ୍ୟ ଦଳଗୁଡିକ ଦୀର୍ଘଦିନ ଧରି ଖେଳି ଆସୁଥିବା ବେଳେ ଓଏଫ୍‌ସି ୪ ବର୍ଷ ହେବ ଟୁର୍ନାମେଣ୍ଟରେ ରହିଛି। ଦଳର ପ୍ରଦର୍ଶନ ଦିନକୁ ଦିନ ଭଲ ହେବାରେ ଲାଗିଛି। ଓଡ଼ିଶା ସରକାରଙ୍କ ପକ୍ଷରୁ ଯେଉଁଭଳି ଆବଶ୍ୟକ ସହାୟତା ପ୍ରଦାନ କରାଯାଉଛି ତାହା ଅତ୍ୟନ୍ତ ଚମତ୍କାର।

**● ଏସିଆନ୍ ଗେମ୍ସ ନା ଓଏଫ୍‌ସି? ଆପଣ କାହାକୁ ଚୟନ କରିବେ?**

▶▶ଜାତୀୟ ଦଳର ପ୍ରତିନିଧିତ୍ୱ କରିବା ସମସ୍ତ ଖେଳାଳିଙ୍କ ପାଇଁ ସ୍ୱପ୍ନ। ତେଣୁ କ୍ଲବ୍ ଫୁଟ୍‌ବଲ ଅପେକ୍ଷା ମୁଁ ଜାତୀୟ ଦଳକୁ ଅଗ୍ରାଧିକାର ଦେବା ସ୍ୱାଭାବିକ। ସମସ୍ତ ଫୁଟ୍‌ବଲର ନିଶ୍ଚିତ ଭାବରେ କ୍ଲବ ଛାଡି ଜାତୀୟ ଦଳକୁ ସମୟ ଦେବେ ବୋଲି ମୋର ଆଶା। ଏହାଛଡ଼ା ଚଳିତ ସିଜନରେ ଓଏଫ୍‌ସି ପାଇଁ ବଳିଷ୍ଠ ପ୍ରଦର୍ଶନ ମୋର ଲକ୍ଷ୍ୟ ରହିବ।

**● ବିଗତ ଦଶନ୍ଧିରେ ଭାରତୀୟ ଫୁଟ୍‌ବଲରେ କ'ଣ ପରିବର୍ତ୍ତନ ଲକ୍ଷ୍ୟ କରିଛନ୍ତି?**

▶▶ମୁଁ ୧୩ ବର୍ଷ ହେଲାଣି ଫୁଟ୍‌ବଲ ସହିତ ଜଡିତ ରହିଛି। ଭାରତୀୟ ଫୁଟବଲ ବର୍ତ୍ତମାନ ଏହାର ସ୍ୱର୍ଣ୍ଣିମ ସମୟ ଦେଇ ଗତି କରୁଛି। ଆଇଏସ୍‌ଏଲ୍ ଆସିବା ପରେ ଅନେକ ଯୁବ ଖେଳାଳିଙ୍କ ପାଇଁ ସୁଯୋଗ ସୃଷ୍ଟି ହୋଇଛି। ବିଦେଶୀ ଖେଳାଳିଙ୍କ ଅଂଶଗ୍ରହଣ ଦ୍ୱାରା ଆମ ଖେଳରେ ବହୁ ଉନ୍ନତି ଆସିଛି।

**● ମ୍ୟାଚରେ ଚାପର ସମ୍ମୁଖୀନ ବେଳେ ଆପଣ କ'ଣ କରିଥାନ୍ତି?**

▶▶କ୍ୟାରିୟରରେ କମ୍ ଥର ମୋତେ ପେନାଲ୍ଟି ଶୁଟ୍ ଆଉଟର ସାମ୍ନା କରିବାକୁ ପଡିଛି। ତେବେ ଗୋଲକିପର ଭାବରେ ଚାପର ମୁକାବିଲା କରିବା ପାଇଁ ଶୃଙ୍ଖଳା ନିତାନ୍ତ ଆବଶ୍ୟକ। ମ୍ୟାଚ୍ ସମୟରେ ସର୍ବଦା ଶାନ୍ତ ରହିବାକୁ ପ୍ରୟାସ କରିଥାଏ। ଏହାଦ୍ୱାରା ପ୍ରତିପକ୍ଷ ଖେଳାଳିଙ୍କ ମାନସିକତାକୁ ଜାଣିବା ସହଜ ହୋଇ ଯାଇଥାଏ।

**● ସ୍ଥାନୀୟ ଖେଳାଳିଙ୍କ ମଧ୍ୟରୁ ଆପଣ କାହା ଖେଳକୁ ପସନ୍ଦ କରିଥାନ୍ତି?**

▶▶ସମୟ ଅଭାବରୁ ମୁଁ ଯୁବ ଦଳର କ୍ୟାମ୍ପରେ ଯୋଗଦେଇ ପାରିନାହିଁ। ତେବେ ଓଏଫ୍‌ସିର କ୍ଲବ୍ ସେଟ୍ ଅପ୍‌କୁ ଦେଖିଲେ ଆଗାମୀ ଦିନରେ ଅନେକ ଖେଳାଳି ସାମ୍ନାକୁ ଆସିବାର ସମ୍ଭାବନା ରହିଛି।

**● ଚଳିତ ସିଜନରେ କିଏ ରହିବ ଓଏଫ୍‌ସିର ଟ୍ରମ୍ପକାର୍ଡ?**

▶▶ଚଳିତ ସିଜନରେ ଆମେ କୌଣସି ଜଣେ ଖେଳାଳିଙ୍କୁ ଟ୍ରମ୍ପକାର୍ଡ ବୋଲି କହିବା ଠିକ୍ ହେବ ନାହିଁ। ଆମ ନିକଟରେ ବହୁ ଅଭିଜ୍ଞ ଖେଳାଳି ଓ ସର୍ଗିଓ ଲୋବେରାଙ୍କ ପରି ଅନୁଭବୀ କୋଚ୍ ରହିଛନ୍ତି, ସେମାନେ ସମସ୍ତେ ଆମ ପାଇଁ ଟ୍ରମ୍ପକାର୍ଡ ସାବ୍ୟସ୍ତ ହେବେ।

**● ଅଧିନାୟକ ଭାବରେ ଅତିରିକ୍ତ ଚାପ ରହିବ କି?**

▶▶ଅଧିନାୟକ ପୂର୍ବରୁ ମୁଁ ଜଣେ ଟିମ୍ ପ୍ଲେୟର। ପୂର୍ବରୁ ଟିମ୍ ଯେମିତି ଚାଲୁଥିଲା ଏବେ ବି ସେମିତି ହିଁ ଚାଲିବ। କ୍ୟାପ୍‌ଟେନ୍ କେବଳ ଆର୍ମବ୍ୟାଣ୍ଡ ପିନ୍ଧିଥାନ୍ତି। ମାତ୍ର ଓଏଫ୍‌ସିରେ ଏକାଧିକ ଅଧିନାୟକ ରହିଛନ୍ତି। ପ୍ରତ୍ୟେକ ସିନିୟର ଖେଳାଳି ନିଜେ ଜଣେ ଜଣେ ଅଧିନାୟକ। ଏହା ମୋତେ ଚାପମୁକ୍ତ ରଖିବାରେ ସହାୟକ ହେବ।

**● ଓଡ଼ିଶାରେ କ୍ରୀଡା ଭିତ୍ତିଭୂମି ସମ୍ପର୍କରେ ଆପଣଙ୍କ ମତ?**

▶▶ଓଡ଼ିଶାରେ ସମସ୍ତ କ୍ରୀଡ଼ା ଯେଉଁଭଳି ଭାବରେ ଆଗକୁ ବଢୁଛି ତାହା ଅନ୍ୟ କୌଣସି ରାଜ୍ୟରେ ଦେଖିବା ବିରଳ। ରାଜ୍ୟ ସରକାର ଫୁଟ୍‌ବଲକୁ ପ୍ରୋତ୍ସାହନ ଦେଉଛନ୍ତି। ଏଥିସହିତ ଆମକୁ ଉତ୍ସାହିତ ମଧ୍ୟ କରୁଛନ୍ତି। ଅଭ୍ୟାସଠାରୁ ଆରମ୍ଭ କରି ପ୍ରତ୍ୟେକ କ୍ଷେତ୍ରରେ ଓଡ଼ିଶା ସରକାରଙ୍କ ପକ୍ଷରୁ ଅଯାଚିତ ସାହାଯ୍ୟ ପ୍ରଦାନ କରାଯାଉଛି।

**-ସାକ୍ଷାତକାର: ସରୋଜ ଜେନା**



ଅମରିନ୍ଦର ସିଂ

4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ